# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ (୧୪ ପୃଷ୍ଠା) | Bhubaneswar, Thursday, March 26/2026 | Page 14 | ₹ 7.00 | BERHAMPUR

୫୨ଶ ଭାଗ ୧୨୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 120 | ମୂଲ୍ୟ ₹୭/-





**ଭାରତୀୟ କୋଚିଂ କ୍ୟାମ୍ପରେ ଅବନୀତ**

ଭାରତୀୟ ସିନିୟର ପୁରୁଷ ଫୁଟବଲ ଦଳର ଏକ କୋଚିଂ କ୍ୟାମ୍ପରେ ଯୋଗ ଦେଇଛନ୍ତି ନେପାଳ ଡିଫେଣ୍ଡର ଅବନୀତ ଭାରତୀ। **୧୪**

**୧୩** **ମଡେଲିଂରୁ ଅଭିନୟ**

ଅଭିନେତ୍ରୀ ୟାମି ଗୌତମ ପ୍ରଥମେ ମଡେଲିଂ ଏବଂ ପରେ ଅଭିନୟ ଜଗତରେ ପାଦ ଥାପିଥିଲେ। ୨୦୧୨ରେ ତାଙ୍କୁ ହିନ୍ଦୀ ଫିଲ୍ମ 'ଭିକି ଡୋନର'ରେ ପ୍ରଥମେ ବ୍ରେକ୍ ମିଳିଥିଲା।




# ନାଲ୍କୋ ଡ୍ରାଫ୍ଟ ପଲିସି ଜାଳି ପ୍ରତିବାଦ



ନାଲ୍କୋ ପକ୍ଷରୁ କରାଯାଇଥିବା ଡ୍ରାଫ୍ଟ ପଲିସିକୁ କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ପୋଡ଼ି ପ୍ରତିବାଦ କରୁଛନ୍ତି।

## ପୁନର୍ବାସ ଓ ଥଇଥାନ ବୈଠକ ପୂର୍ବରୁ ତାତିଲେ ଲୋକେ

ଅନୁଗୋଳ,୨୫।୩ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ନାଲ୍କୋର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ପ୍ରକଳ୍ପ ନେଇ ପୁନର୍ବାସ ଓ ଥଇଥାନ ବୈଠକ ଗୁରୁବାର ୨୬ ତାରିଖରେ ସ୍ମେଲଟର ପ୍ଲାଣ୍ଟ ଟ୍ରେନିଂ ସେଣ୍ଟରଠାରେ ଅନୁଷ୍ଠିତ ହେବ। ହେଲେ ଏହା ପୂର୍ବରୁ ଉକ୍ତ ପ୍ରକଳ୍ପ ପାଇଁ ଜମି ହରାଇବାକୁ ଥିବା କାଙ୍ଗୁଲା, ଗୋପୀନାଥପୁର ଓ କୁଲାଡ଼ ମୌଜାର ସମସ୍ତ ପ୍ରଜା ଏକଜୁଟ ହୋଇ ବୁଧବାର ପ୍ରତିବାଦ କରିଛନ୍ତି। ନାଲ୍କୋ ଡ୍ରାଫ୍ଟ ପଲିସିକୁ ସେମାନେ ବିରୋଧ କରିବା ସହ ତାହାକୁ ନିଆଁ ଲଗାଇ ପୋଡ଼ି ବିରୋଧ ପ୍ରଦର୍ଶନ କରିଛନ୍ତି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଅଭିଯୋଗ କରିଛନ୍ତି, ନାଲ୍କୋ ଓ ଜିଲା ପ୍ରଶାସନ ପକ୍ଷରୁ ଏହି ଡ୍ରାଫ୍ଟ ପଲିସି ପ୍ରସ୍ତୁତ କରାଯାଇଥିବାବେଳେ ଏଥିରେ ଜଣେ ହେଲେ ଜମିହରା ପ୍ରଜା ସ୍ଥାୟୀ ନିଯୁକ୍ତି ପାଇବାକୁ ଯୋଗ୍ୟ ହେଉନାହାନ୍ତି। ଗ୍ରାମବାସୀ, ନାଲ୍କୋ ଓ ଜିଲା ପ୍ରଶାସନ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକରେ ପ୍ରତ୍ୟେକ ଜମିହରା ପ୍ରଜାଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ନେଇ ନାଲ୍କୋ ପ୍ରତିଶ୍ରୁତି ଦେଇଥିଲା। ଏହାପରେ ଉପରୋକ୍ତ ୩ ଗ୍ରାମର ପ୍ରଜାମାନେ ପ୍ରାଥମିକ ସର୍ଭେ କାର୍ଯ୍ୟରେ ସହଯୋଗ କରିଥିଲେ। ଏହା ପରଠାରୁ ଏଯାବତ ପ୍ରଶାସନ ଅନେକ ସର୍ଭେ କରି ସାରିଥିବାବେଳେ ଲୋକଙ୍କ ହିତରେ କୌଣସି ପଲିସି ପ୍ରଣୟନ କରାଯାଇ ନାହିଁ। ପୁନର୍ବାସ ଓ ଥଇଥାନ ବୈଠକର କିଛି ଘଣ୍ଟା ପୂର୍ବରୁ ଡ୍ରାଫ୍ଟ ପଲିସି ଲୋକମାନଙ୍କୁ ଦିଆଯାଇଛି। କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଏହାକୁ ଯେପରି ବିରୋଧ କରିବାକୁ ସମୟ ନ ପାଇବେ ସେଥିପାଇଁ ଏପରି କରାଯାଇଛି। ତେବେ ଗୁରୁବାର ହେବାକୁ ଥିବା ପୁନର୍ବାସ ଓ ଥଇଥାନ ବୈଠକକୁ ସାମୂହିକ ଭାବେ ବର୍ଜନ କରାଯିବ ବୋଲି କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ନିଷ୍ପତ୍ତି କରିଥିବା କହିଛନ୍ତି। ଏଥିସହ ସେମାନେ ଜିଲାପାଳ, ଅତିରିକ୍ତ ଜିଲାପାଳ ଓ ନାଲ୍କୋ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର କହିଛନ୍ତି, କ୍ଷତିଗ୍ରସ୍ତ ହେବାକୁ ଥିବା ପ୍ରଜାମାନେ ଉକ୍ତ ବୈଠକରେ ଯୋଗଦେଇ ସମସ୍ୟା ସମ୍ପର୍କରେ ମତ ରଖନ୍ତୁ।

# ରାଜ୍ୟରେ ଦୈନିକ ୪ ହତ୍ୟା, ୮ ବଳାତ୍କାର

## ଶ୍ୱେତପତ୍ର -୨୦୨୫

**ବିଧାନସଭାରେ ବୁଧବାର ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଗୃହ ବିଭାଗ ପକ୍ଷରୁ ୨୦୨୫ ବର୍ଷ ପାଇଁ ଶ୍ୱେତପତ୍ର ଜାରି କରାଯାଇଛି। ୨୦୨୫ରେ ରାଜ୍ୟରେ ୨,୨୯,୮୮୧ଟି ଧର୍ତ୍ତବ୍ୟ ଆପରାଧିକ ମାମଲା ପଞ୍ଜୀକରଣ ହୋଇଛି। ସେଥିମଧ୍ୟରୁ ବର୍ଷ ଶେଷ ସୁଦ୍ଧା ୧ଲକ୍ଷ ୫୫ ହଜାର ୨୨୩ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ବା ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ଧର୍ତ୍ତବ୍ୟ ଅପରାଧ ତାଲିକାରେ ମୋଟ ୧,୩୦୪ଟି ହତ୍ୟା ମାମଲା ପଞ୍ଜୀକୃତ ହୋଇଛି। ସେଥିମଧ୍ୟରୁ ୧,୨୧୮ ହତ୍ୟା ମାମଲା ସତ୍ୟ ଘଟଣା ଥିଲା ବୋଲି ଜଣାପଡ଼ିଛି। ୨୦୨୫ ଶ୍ୱେତପତ୍ର ରିପୋର୍ଟରେ ଯେଉଁ ତଥ୍ୟ ଦିଆଯାଇଛି ସେଥିରୁ ଜଣାପଡ଼ିଛି ପ୍ରତିଦିନ ରାଜ୍ୟରେ ପ୍ରାୟ ୪ଜଣ ହତ୍ୟାର ଶିକାର ହେଉଛନ୍ତି। ସେହିପରି ଏହି ବର୍ଷ ରାଜ୍ୟରେ ମୋଟ ୨,୯୯୪ଟି ବଳାତ୍କାର ମାମଲା ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୨,୯୨୯ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଅର୍ଥାତ୍ ଦୈନିକ ୮ଜଣ ରାଜ୍ୟରେ ବଳାତ୍କାରର ଶିକାର ହେଉଥିବା ଗୃହ ବିଭାଗର ତଥ୍ୟ ସୂଚାଉଛି। ସଦ୍ୟ ପ୍ରକାଶିତ ଶ୍ୱେତପତ୍ରର ଆପରାଧିକ ତଥ୍ୟ ୨୦୨୪ ଅପେକ୍ଷା ଅଧିକ ବୋଲି ଜଣାପଡ଼ିଛି। ୨୦୨୪ରେ ୧୨୫୮ଟି ହତ୍ୟା ଓ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିଲା। ୨୦୨୪ରେ ୨,୧୪,୧୧୩ଟି ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ପ୍ରାୟ ୧୫ହଜାରରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରୁଜୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି।**

ଭୁବନେଶ୍ୱର, ୨୫ ।୩(ସୁନୀତ ମିଶ୍ର)


୨୦୨୪ ଶ୍ୱେତପତ୍ରକୁ ୨୦୨୫ ସହିତ ତୁଳନା କଲେ ପୂର୍ବବର୍ଷ ଅପେକ୍ଷା ମୋଟ ଆପରାଧିକ ମାମଲା ପଞ୍ଜୀକରଣ ସଂଖ୍ୟାରେ ବୃଦ୍ଧି ପାଇଛି। ୨୦୨୪ରେ ୧୨୫୮ଟି ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ୨୦୨୫ରେ ଏହା ବୃଦ୍ଧି ପାଇ ୧୩୦୪ରେ ପହଞ୍ଚିଛି। ତେବେ ବଳାତ୍କାର ମାମଲା ପୂର୍ବ ବର୍ଷ ଅପେକ୍ଷା କମ୍ ହୋଇଥିବା ଜଣାପଡ଼ିଛି। ପୂର୍ବ ବର୍ଷରେ ୩୦୫୪ ବଳାତ୍କାର ମାମଲାର ରୁଜୁ ହୋଇଥିବାବେଳେ ଏବେ ଏହା ୨୯୯୪କୁ ହ୍ରାସ ପାଇଛି। ସେହିପରି ୨୦୨୫ ବର୍ଷରେ ମୋଟ ୩୫୩ଟି ଡକାୟତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୩୩୪ଟି ମାମଲା ସତ୍ୟ ବୋଲି ଦର୍ଶାଯାଇଥିବାବେଳେ ସେଥିରୁ ୯୧ଟି ମାମଲାରେ ଚାର୍ଜଶିଟ୍ ଦାଖଲ ହୋଇଛି। ୨୪୫ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୧୩୩ଟି ମାମଲାରେ ଚାର୍ଜଶିଟ ଦାଖଲ ହେବା ସମ୍ଭାବନା ରହିଛି। ସେହିପରି ୧୮୦୨ ଲୁଣ୍ଠନ ମାମଲା ରୁଜୁ କରାଯାଇଛି। ସେଥିରୁ ୧,୭୨୧ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ଏହି ଲୁଣ୍ଠନ ଘଟଣା ମଧ୍ୟରୁ ୧୭୩ଟି ବାସସ୍ଥାନରେ, ୨୭୧ଟି ରାସ୍ତାଘାଟରେ, ୧୧ଟି ଟ୍ରେନ୍‌ରେ ୧୬୫ଟି ବାଣିଜ୍ୟ ପ୍ରତିଷ୍ଠାନରେ ଏବଂ ୧୧୩୦ଟି ଅନ୍ୟାନ୍ୟ ସ୍ଥାନରେ ସଙ୍ଗଠିତ ହୋଇଥିଲା। ଅବଶିଷ୍ଟ ୨୧ଟି ଘଟଣାରେ ଅପରାଧ ଘଟିବା ପୂର୍ବରୁ ଅଭିଯୁକ୍ତ ଧରାପଡ଼ିଛନ୍ତି। ଏହି ମାମଲାଗୁଡ଼ିକରେ ୭୭ଜଣ ଆନ୍ତଃରାଜ୍ୟ ଲୁଟେରା ସହ ମୋଟ ୧୭୬୪ଜଣ ଗିରଫ ହୋଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ, ଏମାନଙ୍କ ଦ୍ୱାରା ଲୁଟ୍ କରାଯାଇଥିବା ୧୮କୋଟି ୧୪ଲକ୍ଷ ୫୧ହଜାର ୫୨୫ ଟଙ୍କାର ସମ୍ପତ୍ତି ମଧ୍ୟରୁ ମାତ୍ର ୪କୋଟି ୧୨ଲକ୍ଷ ୯୦ହଜାର ୭୭୫ଟଙ୍କାର ସମ୍ପତ୍ତି ଉଦ୍ଧାର ହୋଇପାରିଛି। ରାଜ୍ୟରେ ୨୦୨୫ ବର୍ଷରେ ମୋଟ ୬୨୮୨ଟି ସିନ୍ଧିଚୋରି ମାମଲା ରୁଜୁ ହୋଇଛି। ଏହି ମାମଲା ମଧ୍ୟରୁ ୬,୨୨୦ଟି ଘଟଣା ସତ୍ୟଭିତ୍ତିକ ଥିଲା। ରିପୋର୍ଟ ମୁତାବକ ୧,୪୧୭ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ କରାଯାଇଛି। ସେଥିରୁ ୨୭୪୪ଟି ତଦନ୍ତାଧୀନ ଥିବା ମାମଲା ମଧ୍ୟରୁ ୬୨୧ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ମାମଲାଗୁଡ଼ିକରେ ୨୬୬୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ଦ୍ୱାରା ଚୋରି କରାଯାଇଥିବା ୧୧୮ କୋଟି ଟଙ୍କାର ସମ୍ପତ୍ତି ମଧ୍ୟରୁ ପ୍ରାୟ ସାଢ଼େ ୧୦ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର ହୋଇଛି। ସେହିପରି ୨୦୨୫ରେ ସମୁଦାୟ ୨୧ହଜାର୧୯୨ଟି ଚୋରି ମାମଲା ପଞ୍ଜୀକରଣ କରାଯାଇଛି। ସେଥିରୁ ୨୦,୪୭୦ଟି ମାମଲା ସତ୍ୟ ଘଟଣା ଉପରେ ଆଧାରିତ ବୋଲି ଦର୍ଶାଯାଇଛି। ରିପୋର୍ଟ ମୁତାବକ ବର୍ଷ ଶେଷ ସୁଦ୍ଧା ୮୨୦୭ଟି ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହୋଇଛି। ୬,୪୨୭ଟି ତଦନ୍ତାଧୀନ ମାମଲା ମଧ୍ୟରୁ ୨,୪୩୫ ମାମଲାରେ ଦୋଷାରୋପ ଫର୍ଦ୍ଦ ଦାଖଲ ହେବା ସମ୍ଭାବନା ରହିଛି। ଏହି ଚୋରି ମାମଲାଗୁଡ଼ିକରେ ୭,୮୦୭ ଜଣ ଅଭିଯୁକ୍ତ ଗିରଫ ହୋଇଛନ୍ତି। ସେହିପରି ରାଜ୍ୟରେ ମୋଟ ୬୦୫୩ ପ୍ରତାରଣା ମାମଲା ରୁଜୁ ହୋଇଛି। ୨୦୨୫ରେ ସମୁଦାୟ ୧,୦୨୫ ଦଙ୍ଗା ମାମଲା ରାଜ୍ୟରେ ପଞ୍ଜୀକରଣ ହୋଇଥିଲା, ଯେଉଁଥିରୁ ୧୦୮୦ ସତ୍ୟ ଘଟଣା ଭିତ୍ତିକ ଥିଲା ବୋଲି କୁହାଯିବା ସହ ସେଥିରୁ ବର୍ଷ ଶେଷ ସୁଦ୍ଧା ୪୯୮ ମାମଲାରେ ଚାର୍ଜଶିଟ ଦାଖଲ କରାଯାଇଛି। ସେହିବର୍ଷ ରାଜ୍ୟରେ ୧୨,୭୮୨ ମୋଟର ଯାନ ଦୁର୍ଘଟଣା ମାମଲା ☞ପୃଷ୍ଠା-୪

# ୧ ଡଲାର= ୯୩.୯୬ ଟଙ୍କା

ମୁମ୍ବାଇ,୨୫।୩(ପି.ଟି.)

ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ବୁଧବାର ୨୦ ପଇସା ହ୍ରାସ ପାଇ ୯୩.୯୬ରେ ପହଞ୍ଚିଛି। ଅର୍ଥାତ୍ ୧ ଡଲାର ମୂଲ୍ୟ ୯୩ ଟଙ୍କା ୯୬ ପଇସା ହୋଇଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍ଆଇଆଇ)ମାନେ ପ୍ରଚୁର ପରିମାଣରେ ଅଂଶଧନ ବିକ୍ରି କରିଦେବା ଏବଂ ପଶ୍ଚିମ ଏସିଆ ଉତ୍ତେଜନା ଲାଗିରହିଥିବାରୁ ନିବେଶକମାନେ ଚିନ୍ତିତ ଅଛନ୍ତି। ଏପରିକି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ହ୍ରାସ, ଡଲାର ଦୁର୍ବଳ ହେବା ଏବଂ ଘରୋଇ ପୁଞ୍ଜିବଜାରରେ ସକାରାତ୍ମକ ଭାବାବେଗ ସତ୍ତ୍ୱେ ସ୍ଥାନୀୟ ଷ୍ଟକ୍ ମାର୍କେଟକୁ କୌଣସି ନିସ୍ତାର ମିଳିପାରୁ ନାହଁ ବୋଲି ଫରେକ୍ସ ଟ୍ରେଡରମାନେ କହିଛନ୍ତି।

ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଆରମ୍ଭରେ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୯୪ ରହିଥିବାବେଳେ ପରେ ଏହା ୯୩.୮୬ରୁ ୯୪.୧୩ ମଧ୍ୟରେ ଅସ୍ଥିର ରହି କାରବାର ଶେଷ ସୁଦ୍ଧା ସର୍ବକାଳୀନ ନିମ୍ନସ୍ତର ୯୩.୯୬ରେ ପହଞ୍ଚିଥିଲା, ଯାହାକି ପୂର୍ବ ଦିନର କାରବାର ଶେଷ ସୁଦ୍ଧା ମୂଲ୍ୟଠାରୁ ୨୦ ପଇସା କମ୍। ମଙ୍ଗଳବାର ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ୨୩ ପଇସା ହ୍ରାସ ପାଇ ୯୩.୭୬ ରହିଥିଲା।



କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସରେ ବୁଧବାର ଅନୁଷ୍ଠିତ ମହିଳା ହାଇଜମ୍ପ ଇଭେଣ୍ଟରେ ଭାଗ ନେଇଥିବା ଜଣେ ପ୍ରତିଯୋଗୀ। **(ଫଟୋ: ବିକାଶ ନାୟକ)**

# 'ନାଭିକ୍' ସଙ୍କଟ: ଭାରତର ସୁରକ୍ଷା ବ୍ୟବସ୍ଥା ପ୍ରଭାବିତ

**ଭାରତର ନିଜସ୍ୱ ସାଟେଲାଇଟ୍ ନାଭିଗେଶନ ସିଷ୍ଟମ୍ ବା ଦେଶୀ ଜିପିଏସ୍ 'ନାଭିକ୍' (ନାଭିଗେଶନ ୱିଥ୍ ଇଣ୍ଡିଆନ୍ କନ୍‌ଷ୍ଟେଲେଶନ) ଡାଉନ୍ ହୋଇଯାଇଛି। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବାରୁ ଦେଶର ସାମରିକ ଓ ରଣନୈତିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ସଙ୍କଟ ସୃଷ୍ଟି ହୋଇଛି। ବିଶେଷଜ୍ଞଙ୍କ ଅନୁଯାୟୀ, ବୈଷୟିକ ତ୍ରୁଟି କାରଣରୁ ଭାରତ ବର୍ତ୍ତମାନ ଏହି ସିଷ୍ଟମ୍‌କୁ ସୁରକ୍ଷା କାର୍ଯ୍ୟରେ ବ୍ୟବହାର କରିବାକୁ ଅସମର୍ଥ। ସାଧାରଣ ଲୋକଙ୍କ ପାଇଁ ଥିବା ସିଗ୍‌ନାଲ ତୁଳନାରେ ସେନା ପାଇଁ ଥିବା ସିଗ୍‌ନାଲ ୧୦ ଗୁଣ ଅଧିକ ଠିକ୍ ହୋଇଥାଏ, ଯାହା ଏବେ ବାଧାପ୍ରାପ୍ତ ହୋଇଛି।**



ନୂଆଦିଲ୍ଲୀ, ୨୫।୩ (ପି.ଟି.)

'ନାଭିକ୍'ର ୪ଟି ସାଟେଲାଇଟ୍ ମଧ୍ୟରୁ ଗତ ମାର୍ଚ୍ଚ ୧୦ ତାରିଖରେ 'ଇଣ୍ଡିଆନ୍ ରିଜିଓନାଲ ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ (ଆଇଆର୍‌ଏନ୍‌ଏସ୍‌ଏସ୍)-୧ଏଫ୍'ର ପରମାଣୁ ଘଣ୍ଟା (ଆଟମିକ୍ କ୍ଲକ୍) ଅଚଳ ହୋଇଯାଇଛି। କୌଣସି ବି ନାଭିଗେଶନ ସିଷ୍ଟମ୍ ଠିକ୍ ଭାବେ କାମ କରିବା ପାଇଁ ଅତିକମ୍‌ରେ ୪ଟି ସକ୍ରିୟ ସାଟେଲାଇଟ୍ ଆବଶ୍ୟକ ହେଉଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୩କୁ ଖସି ଆସିଛି। ଫଳରେ 'ପୋଜିସନ, ନାଭିଗେଶନ ଏବଂ ଟାଇମିଂ' (ପିଏନ୍‌ଟି) ସେବା ବାଧାପ୍ରାପ୍ତ ହୋଇଛି। ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ'ର ପୂର୍ବତନ ବୈଜ୍ଞାନିକ ଅନନ୍ୟା ରାୟ କହିଛନ୍ତି, ଯୁଦ୍ଧ ସମୟରେ ଅନ୍ୟ ଦେଶର ନାଭିଗେଶନ ସିଷ୍ଟମ (ଯେପରିକି ଆମେରିକାର ଜିପିଏସ୍) ଉପରେ ନିର୍ଭର କରିବା ଭୟଙ୍କର ହୋଇପାରେ। ଯଦି ଯୁଦ୍ଧ ସମୟରେ ଅନ୍ୟର ସିଷ୍ଟମ୍ ବ୍ୟବହାର କରାଯାଏ, ତେବେ ସେମାନେ ସିଗ୍‌ନାଲରେ ତ୍ରୁଟି ସୃଷ୍ଟି କରିପାରନ୍ତି କିମ୍ବା ଭୁଲ୍ ସ୍ଥାନର ସୂଚନା ଦେଇ ବିଭ୍ରାନ୍ତ କରିପାରନ୍ତି। ୧୯୯୯ କାର୍ଗିଲ ଯୁଦ୍ଧ ସମୟରେ ଆମେରିକା ଜିପିଏସ୍ ଡାଟା ଦେବାକୁ ମନା କରିବା ପରେ ହିଁ ଭାରତ 'ନାଭିକ୍'ର ବିକାଶ ଆରମ୍ଭ କରିଥିଲା ବୋଲି ରାୟ କହିଛନ୍ତି।

ସୂଚନାନୁଯାୟୀ, ଭାରତ ୨୦୧୩ରୁ ୨୦୧୮ ମଧ୍ୟରେ ପ୍ରଥମ ପିଢ଼ିର (ଆଇଆର୍‌ଏନ୍‌ଏସ୍‌ଏସ୍) ସାଟେଲାଇଟ୍ ଲଞ୍ଚ୍ କରିଥିଲା। କିନ୍ତୁ ଏହାର ଆଟମିକ୍ କ୍ଲକ୍‌ଗୁଡ଼ିକ ବାରମ୍ବାର ଖରାପ ହେବା ଫଳରେ ସମସ୍ୟା ବଢ଼ିଲା। ୨୦୧୭ 'ଆଇଆର୍‌ଏନ୍‌ଏସ୍‌ଏସ୍ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

**ଅହିଂସା ଓ ଅସ୍ପୃଶ୍ୟତା**


# ସରିଲା ଚଳନ୍ତି ରତ୍ନଭଣ୍ଡାର ଗଣତି

## ୪୮ ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ଆରମ୍ଭ

ପୁରୀ,୨୫।୩ (ଅଜିତ୍ କୁମାର ମହାନ୍ତି)

ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିଛି। ୪୮ବର୍ଷ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ଅଳଙ୍କାରର ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚଳନ୍ତି ରତ୍ନଭଣ୍ଡାରର ଗଣତି ଶେଷ ହୋଇଥିବା ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ବୁଧବାର ଅମୃତବେଳା ସମୟରେ ରତ୍ନଭଣ୍ଡାର ଗଣତି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା। ଏନେଇ ସରକାରଙ୍କଠାରୁ ଆରମ୍ଭ କରି ଶ୍ରୀମନ୍ଦିର, ପୋଲିସ ଓ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଆରମ୍ଭ ହେବା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ପରିସରରେ



> 'ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ।'
>
> **- ଡ. ଅରବିନ୍ଦ ପାଢ଼ୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ**

ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଅଧିକୃତ ଅଧିକାରୀ, ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ବୈଠକ ପରେ ସମସ୍ତ ସଦସ୍ୟ ପୂର୍ବାହ୍ନ ୧୧ଟାରେ ଶ୍ରୀମନ୍ଦିରରେ ପ୍ରବେଶ କରିଥିଲେ। ପ୍ରବେଶ ପୂର୍ବରୁ ସିଂହଦ୍ୱାରଠାରେ ଜଷ୍ଟିସ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲାପାଳ ଏବଂ ଅଧିକାରୀଙ୍କ ସହ ସୁପରଭାଇଜର୍ ଟିମ୍ ଓ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ମୁଣ୍ଡିଆ ମାରିଥିଲେ। ଶ୍ରୀମନ୍ଦିର ପରିସରକୁ ଯାଇ ପାରମ୍ପରିକ ପୋଷାକ ପିନ୍ଧି ପୂର୍ବ ନିର୍ଦ୍ଧାରିତ ଅମୃତବେଳା ମଧ୍ୟାହ୍ନ ୧୨ଟା ୯ରେ ରତ୍ନଭଣ୍ଡାର ଭିତରକୁ ପ୍ରବେଶ କରି କାର୍ଯ୍ୟ ☞ପୃଷ୍ଠା-୪



ସୀମା ସଡ଼କ ସଂଗଠନ ସମ୍ପର୍କିତ ପ୍ରସଙ୍ଗ ଉପରେ ବୁଧବାର ଅନୁଷ୍ଠିତ ସଂସଦୀୟ ପରାମର୍ଶଦାତା କମିଟି ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଅଧ୍ୟକ୍ଷତା କରୁଛନ୍ତି।

# ଦେଶରେ ପର୍ଯ୍ୟାପ୍ତ ଇନ୍ଧନ ରହିଛି

**■ଆମେ ପାକିସ୍ତାନ ଭଳି ଦଲାଲ ରାଷ୍ଟ୍ର ନୋହୁଁ**

**■ସର୍ବଦଳୀୟ ବୈଠକରେ କହିଲେ ସରକାର**

ନୂଆଦିଲ୍ଲୀ,୨୫।୩(ପି.ଟି.)

ଭାରତରେ ଶକ୍ତି ନିରାପତ୍ତା ବଜାୟ ରହିଛି ଓ ଅଧିକ ସଂଖ୍ୟାରେ ଜାହାଜରେ ଇନ୍ଧନ ଆସୁଥିବା କେନ୍ଦ୍ର ସରକାର ବୁଧବାର ସବୁ ଦଳର ନେତାଙ୍କୁ ଅବଗତ କରାଇଛନ୍ତି। ପଶ୍ଚିମ ଏସିଆ ସ୍ଥିତିକୁ ନେଇ ବୁଧବାର ପାର୍ଲାମେଣ୍ଟ କମ୍ପ୍ଲେକ୍ସରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ସବୁ ଦଳର ନେତା ଯୋଗ ଦେଇଥିବାବେଳେ ସେମାନେ ମଧ୍ୟପ୍ରାଚ୍ୟ ଯୁଦ୍ଧ ଏବଂ ଭାରତ ଉପରେ ଏହାର ସମ୍ଭାବ୍ୟ ପ୍ରଭାବକୁ ନେଇ ଚିନ୍ତାବ୍ୟକ୍ତ କରିଥିଲେ। ସ୍ଥିତିର ମୁକାବିଲା ପାଇଁ ସରକାରଙ୍କୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବିରୋଧୀ ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଭଳି ସଙ୍କଟ ସମୟରେ ସରକାର ଯାହା ନିଷ୍ପତ୍ତି ନେବେ, ସମସ୍ତେ ମିଳିତ ଭାବେ ତାହାକୁ ସମର୍ଥନ କରିବେ ବୋଲି କହିଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ ସୂଚନା ଦେଇଛନ୍ତି।

ପଶ୍ଚିମ ଏସିଆ ଯୁଦ୍ଧକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଆମେରିକା ରାଷ୍ଟ୍ରପତିଙ୍କ ସହ କଥା ହୋଇଥିଲେ। ଏହି ଯୁଦ୍ଧ ପ୍ରତ୍ୟେକଙ୍କୁ କ୍ଷତି ପହଞ୍ଚାଉଥିବାରୁ ଏହାର ତୁରନ୍ତ ଅବସାନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ଆମେରିକା ରାଷ୍ଟ୍ରପତିଙ୍କୁ ଜଣାଇଥିଲେ। ଯୁଦ୍ଧବିରତି ଲାଗି ମଧ୍ୟସ୍ଥତା କରିବାକୁ ପାକିସ୍ତାନ ଉଦ୍ୟମ ଚଳାଇବାରେ କିଛି ନୂତନତ୍ୱ ନାହିଁ। ୧୯୮୧ରୁ ଏହି ଦେଶ ଆମେରିକା ଦ୍ୱାରା ବ୍ୟବହୃତ ହୋଇଆସୁଛି। ଆମେ ଦଲାଲ ରାଷ୍ଟ୍ର ନୋହୁଁ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସର୍ବଦଳୀୟ ବୈଠକରେ କହିଛନ୍ତି। ପଶ୍ଚିମ ଏସିଆ ସ୍ଥିତି ଉପରେ ଭାରତ ନୀରବ ରହିଥିବା ବିରୋଧୀ ଅଭିଯୋଗ କରିବାରୁ ସରକାର ଏହାକୁ ଖଣ୍ଡନ କରିଥିଲେ। ଆମେ ମନ୍ତବ୍ୟ ଓ ଜବାବ ଦେଉଛୁ। ଇରାନ ଦୂତାବାସ ଖୋଲିବା ମାତ୍ରେ ବହିର୍ବ୍ୟାପାର ସଚିବ ତୁରନ୍ତ ସେଠାକୁ ଯାଇ ସମବେଦନା ପୁସ୍ତକରେ ସ୍ୱାକ୍ଷର କରିଥିଲେ ବୋଲି ସରକାର ବୈଠକରେ କହିଛନ୍ତି। ଭାରତ ଅସୁବିଧାଜନକ ସ୍ଥିତିରେ ନୁହେଁ, ଭୂରାଜନୀତିରେ ଶୀର୍ଷସ୍ଥାନରେ ରହିଛି। ତେଣୁ ବିବ୍ରତ କିମ୍ବା ଭୟଭୀତ ହେବା ଆବଶ୍ୟକ ନାହିଁ। ବିରୋଧୀଙ୍କ ସହ ସବୁ ସମୟରେ ଆଲୋଚନା ପାଇଁ ଦ୍ୱାର ଖୋଲା ରହିଥିବା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଯୁଦ୍ଧ ବନ୍ଦ ଆଶା କ୍ଷୀଣ

## କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନାହାନ୍ତି

**ଇରାନ୍– ଆମେରିକା ଯୁଦ୍ଧ ବୁଧବାର ସୁଦ୍ଧା ୨୬ ଦିନ ଅତିକ୍ରମ କରିଛି। ଏହି ଯୁଦ୍ଧ ଯୋଗୁ ସମଗ୍ର ପଶ୍ଚିମ ଏସିଆ ଅଶାନ୍ତ ହୋଇପଡ଼ିଥିଲାବେଳେ ଇନ୍ଧନ ସମସ୍ୟାକୁ ନେଇ ସାରା ବିଶ୍ୱ ଏକ ବଡ଼ ବିପଦ ଆଡକୁ ମୁହାଁଇଛି। ଯୁଦ୍ଧ ବନ୍ଦକରି ସ୍ଥିତି ସ୍ୱାଭାବିକ କରିବାକୁ ତୁର୍କୀ, ଇଜିପ୍ଟ ଏବଂ ପାକିସ୍ତାନ ଭଳି କେତେକ ରାଷ୍ଟ୍ର ଉଦ୍ୟମ କରୁଥିଲେ ହେଁ ଆମେରିକା ଓ ଇରାନ୍ ନିଜ ଜିଦ୍‌ରେ ଅଟଳ ରହିଥିବାରୁ ଯୁଦ୍ଧ ବନ୍ଦ ହେବା ଆଶା କ୍ଷୀଣ ହେବାରେ ଲାଗିଛି। ଏବେ କେହି କାହାର ସର୍ତ୍ତ ମାନିବାକୁ ପ୍ରସ୍ତୁତ ନ ଥିବାରୁ ଯୁଦ୍ଧ ବନ୍ଦ ହେବା ସମ୍ଭାବନା ଆହୁରି ସନ୍ଦେହ ଘେରକୁ ଠେଲି ହୋଇଯାଇଛି।**

ୱାଶିଂଟନ/ତେହରାନ୍ ,୨୫।୩

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨ ଦିନ ତଳେ ଇରାନ୍ ସହ ବୁଝାମଣା କରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ଏହାର କୌଣସି ସୁଫଳ ମିଳିପାରି ନାହିଁ। କାରଣ ଟ୍ରମ୍ପଙ୍କ ୫ ଦିନିଆ ଯୁଦ୍ଧ ବିରତି ସତ୍ତ୍ୱେ ଆକ୍ରମଣ–ପ୍ରତ୍ୟାକ୍ରମଣ କମି ନାହିଁ। ଇରାନ୍ ଉପରେ


ଇସ୍‌ଲାମାବାଦଠାରେ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ୍‌ଙ୍କ ସହ ଇରାନର ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଆଲୋଚନା କରୁଛନ୍ତି।

ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ଜାରି ରହିଥିଲାବେଳେ ଇସ୍ରାଏଲ ଏବଂ ଉପସାଗରୀୟ ଦେଶଗୁଡିକ ଉପରେ ଇରାନ୍‌ର ଆକ୍ରମଣ ମଧ୍ୟ ଚାଲୁ ରହିଛି। ଏହାମଧ୍ୟରେ ଇସ୍‌ଲାମାବାଦରେ ଇରାନ୍ ଓ ଆମେରିକା ମଧ୍ୟରେ ଆଲୋଚନା କରିବାକୁ ଉଦ୍ୟମ କରାଯାଇ ଆମେରିକା ପାକିସ୍ତାନ ମାଧ୍ୟମରେ ଇରାନ୍‌କୁ ୧୫ ଦଫା ସମ୍ବଳିତ ଯୁଦ୍ଧ ବିରତି ପ୍ରସ୍ତାବ ଦେଇଛି। ଏହାକୁ ନେଇ ଇରାନ୍ ତୁରନ୍ତ କୌଣସି ପ୍ରତିକ୍ରିୟା ଦେଇ ନ ଥିଲାବେଳେ ପରୋକ୍ଷରେ ଏହାକୁ ଅଗ୍ରାହ୍ୟ କରି ଦେଇଛି। ନିଜ ପୂର୍ବ ସ୍ଥିତିକୁ ଜାହିର କରି ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ କୌଣସି ଆଲୋଚନା ହୋଇନାହିଁ ବୋଲି ଇରାନ୍ ସ୍ପଷ୍ଟ କରିଛି। ପାକିସ୍ତାନରେ ଅବସ୍ଥାପିତ ଇରାନ୍ ରାଷ୍ଟ୍ରଦୂତ ରେଜା ଅମିରି ମୋଘାଦମ୍ ଏହି ଟିପ୍ପଣୀ ଦେବା ସହ ପାକିସ୍ତାନ ଉଦ୍ଦେଶ୍ୟରେ କହିଛନ୍ତି, କେତେକ ବନ୍ଧୁ ରାଷ୍ଟ୍ର ଯୁଦ୍ଧ ବିରତି ପାଇଁ ଆମେରିକା ଓ ଇରାନ୍ ମଧ୍ୟରେ ଆଲୋଚନା କରାଇବାକୁ ଉଦ୍ୟମ କରୁଛନ୍ତି ସତ। ହେଲେ ଆମେରିକା ଯେଉଁ ସ୍ଥିତିରେ ଇରାନ୍ ଉପରେ ଆକ୍ରମଣ କଲା ତାହାକୁ ବୁଝିବା ଦରକାର। ଦୁଇ ଦେଶ ମଧ୍ୟରେ ଆଲୋଚନା ଚାଲିଥିଲାବେଳେ ଆମେରିକା ଇରାନ୍ ଉପରେ ଆକ୍ରମଣ କଲା। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯେଭଳି ସ୍ଥିତି ଉପୁଜିଛି ତାହା କେବଳ ଆମେରିକାର ବିଶ୍ୱାସଘାତକୁ ସୂଚାଉଛି ବୋଲି ରେଜା ଅମିରି କହିଛନ୍ତି। ସବୁଠୁ ବଡ଼ କଥା ହେଲା, ଆମେରିକା ପକ୍ଷରୁ ଇରାନ୍‌କୁ ୧୫ ଦଫା ଦାବିପତ୍ର ଦିଆଯିବା ପରେ ଇରାନ୍ ମଧ୍ୟ ନିଜର କିଛି ସର୍ତ୍ତ ଆମେରିକା ନିକଟରେ ରଖିଛି। ଯାହାକି ଏକଦମ୍ ବିପରୀତମୁଖୀ ଏବଂ ସେଗୁଡିକୁ ଆମେରିକା କଦାପି ମାନିବାକୁ ପ୍ରସ୍ତୁତ ହେବ ନାହିଁ। କେବଳ ଆମେରିକା ନୁହେଁ, ଇରାନ୍‌ର ଦାବିକୁ ଇସ୍ରାଏଲ ମଧ୍ୟ ସ୍ୱୀକୃତି ଦେବ ନାହିଁ ବୋଲି କୁହାଯାଉଛି। ତେଣୁ ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ଥମିବା ନେଇ ସନ୍ଦେହ ବଢିବାରେ ଲାଗିଛି।

## କ’ଣ ରହିଛି ଆମେରିକାର ସର୍ତ୍ତ

ତୁରନ୍ତ ବୁଝାମଣା କରି ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ ମାଧ୍ୟମରେ ଆମେରିକା ବୁଧବାର ଇରାନ୍‌କୁ ଦେଇଥିବା ୧୫ ଦଫା ସର୍ତ୍ତାବଳୀ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ମିଳିପାରି ନାହିଁ। ତେବେ ନ୍ୟୁୟର୍କ ଟାଇମ୍ସ ରିପୋର୍ଟ ଅନୁସାରେ ଇରାନ୍ ନିଜର ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ଉପରେ ଆମେରିକା ଗୁରୁତ୍ୱାରୋପ କରିଛି। ଇରାନ୍ ୟୁରାନିୟମ୍ ଏନ୍‌ରିଚ୍‌ମେଣ୍ଟ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ବାଲିଷ୍ଟିକ୍ ମିଶାଇଲ ଉତ୍ପାଦନ ମଧ୍ୟ ବନ୍ଦ କରି ଏହାର ଉତ୍ପାଦନ ସୀମିତ ରଖିବାକୁ ଆମେରିକା ସର୍ତ୍ତ ରଖିଛି। ଏଥିସହ ଏନର୍ଜି କରିଡର୍ ଭାବେ ପରିଚିତ ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରି ସ୍ୱାଭାବିକ କରିବା ଏବଂ ଆଞ୍ଚଳିକ ସ୍ତରରେ କଠୋରବାଦୀ ସଂଗଠନଗୁଡିକୁ ଇରାନ୍ ସହାୟତା ବନ୍ଦ କରିବାକୁ ଆମେରିକା ସର୍ତ୍ତ ରଖିଛି।

### ଇରାନ୍‌ର ସର୍ତ୍ତ

ପରୋକ୍ଷରେ ଇରାନ୍ ପକ୍ଷରୁ ଯେଉଁ ଦାବି କରାଯାଇଛି ସେଗୁଡିକ ମଧ୍ୟରେ ଉପସାଗରୀୟ ଅଞ୍ଚଳରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟିକୁ ବନ୍ଦ କରିବା, ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଦେବା, ଇରାନ୍ ଉପରୁ ସମସ୍ତ ଆର୍ଥିକ କଟକଣା ଉଠାଇବା ସହ ପୁଣି ଆକ୍ରମଣ ନ ହେବାକୁ ନିଶ୍ଚିତ କରିବା, ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ନିୟମ ଆଣି ଟ୍ରାଞ୍ଜିଟ୍ ଫି ଲାଗୁ କରିବା , କୌଣସି ସୀମା ଏବଂ ବୁଝାମଣା ବିନା ଇରାନ୍‌ର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଜାରି ପାଇଁ ଅନୁମତି ଦେବା, ହିଜ୍‌ବୁଲ୍ଲା ସମେତ ଇରାନ୍‌ର ଅନ୍ୟ ସହଯୋଗୀ କଠୋରବାଦୀ ସଂଗଠନ ଉପରେ ଇସ୍ରାଏଲ ଆକ୍ରମଣ ବନ୍ଦ କରିବା ଆଦି ସର୍ତ୍ତ ରହିଛି।

# ଗୁଜରାଟ ବିଧାନସଭାରେ ସମାନ ନାଗରିକ ସଂହିତା ବିଲ୍ ଗୃହୀତ

ନୂଆଦିଲ୍ଲୀ,୨୫।୩

ଗୁଜରାଟ ବିଧାନସଭାରେ ବୁଧବାର ସମାନ ନାଗରିକ ସଂହିତା (ୟୁସିସି) ବିଲ୍, ୨୦୨୬ ଗୃହୀତ ହୋଇଛି। ଏହି ବିଲ୍ ଗୃହୀତ କରାଇବାରେ ଉତ୍ତରାଖଣ୍ଡ ପରେ ଗୁଜରାଟ ଭାରତର ଦ୍ୱିତୀୟ ରାଜ୍ୟ। ବିଲ୍ ଗୃହୀତ ହୋଇଥିବାରୁ ରାଜ୍ୟରେ ସବୁ ସମ୍ପ୍ରଦାୟ ପାଇଁ ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ଏବଂ ପୋଷ୍ୟଗ୍ରହଣ ସମ୍ପର୍କିତ ସମାନ ଆଇନ ଲାଗୁ ହେବ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୁଜରାଟ ସରକାରଙ୍କ ପଦକ୍ଷେପକୁ ଐତିହାସିକ କହି ସ୍ୱାଗତ କରିଛନ୍ତି। ଭାଜପା ଆରମ୍ଭରୁ ଦେଶର ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ପ୍ରଚଳନ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ରହିଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାଜପା ରାଜ୍ୟ ସରକାରମାନେ ଏଦିଗରେ ପଦକ୍ଷେପ ନେଉଥିବା ଶାହା କହିଛନ୍ତି।

# ଅଗ୍ନିବୀରଙ୍କ ପାଇଁ ୨୦% ନିଯୁକ୍ତି ସଂରକ୍ଷିତ ରଖ

## ରାଜ୍ୟଗୁଡ଼ିକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ପତ୍ର

ହମିରପୁର,୨୫।୩

ଆସନ୍ତା ବର୍ଷ ୪ ବର୍ଷିଆ ନିଯୁକ୍ତି ଅବଧି ଶେଷ କରିବାକୁ ଯାଉଥିବା ଅଗ୍ନିବୀରଙ୍କ ପାଇଁ ପୁନର୍ବାସନ ନୀତି ଅନୁଯାୟୀ ୨୦ ପ୍ରତିଶତ ନିଯୁକ୍ତି ସଂରକ୍ଷିତ ରଖିବା ନିମନ୍ତେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସମସ୍ତ ରାଜ୍ୟକୁ ପତ୍ର ଲେଖି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ସମ୍ବୋଧନ କରି ଚିଠି ଲେଖାଯାଇଥିବା ସୈନିକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ବ୍ରିଗେଡିଅର ମଦନଶୀଲ ଶର୍ମା କହିଛନ୍ତି। ବନରକ୍ଷୀ, ଖଣି ସୁରକ୍ଷା କର୍ମୀ, ପୋଲିସ କନଷ୍ଟେବଲ୍, ଅଗ୍ନିଶମ କର୍ମଚାରୀ, ଅଶ୍ୱାରୋହୀ ପୋଲିସ, ଜେଲ୍ ୱାର୍ଡେନ୍, ସ୍ୱତନ୍ତ୍ର ପୋଲିସ ଅଫିସର ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳରେ ୨୦% ନିଯୁକ୍ତି ସଂରକ୍ଷଣ ରଖିବାକୁ କୁହାଯାଇଛି। ହରିୟାଣା ଅଗ୍ନିବୀରଙ୍କ ପାଇଁ ସଂରକ୍ଷଣ ଲାଗୁ କରିଥିବାବେଳେ ଉତ୍ତରାଖଣ୍ଡ ମଧ୍ୟ ସେମାନଙ୍କ ପାଇଁ ସଂରକ୍ଷଣ ଘୋଷଣା କରିଛି।

# ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ଇରାନ୍‌ର କ୍ଷେପଣାସ୍ତ୍ର ମାଡ଼



ତେହରାନ୍ ,୨୫।୩

ଇରାନ ଯୁଦ୍ଧ ୨୬ ଦିନରେ ପହଞ୍ଚିଥିଲାବେଳେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। ବୁଧବାର ଇରାନ୍ ନୌସେନା ଆରବ ସାଗରରେ ମୁତୟନ ହୋଇଥିବା ଆମେରିକୀୟ ଯୁଦ୍ଧଜାହାଜ ଆବ୍ରାହମ୍ ଲିଙ୍କନ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି। ଇରାନ୍ ନୌସେନା କୋଷ୍ଟାଲ କ୍ରୁଜ୍ ମିଶାଇଲ ମାଡ଼ କରିଥିବା ରିଅର୍ ଆଡ୍‌ମିରାଲ ସାହାରାମ୍ ଇରାନୀ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆବ୍ରାହମ୍ ଲିଙ୍କନ୍‌ର ଗତିବିଧି ଉପରେ ଇରାନ୍ ସେନା ନଜର ରଖିଛି। ଯଦି ଏହି ଯୁଦ୍ଧଜାହାଜ ନିର୍ଦ୍ଦିଷ୍ଟ ଜଳସୀମା ଅତିକ୍ରମ କରି ଆଗକୁ ଆସେ ତେବେ ଜୋର୍‌ଦାର ଆକ୍ରମଣ କରାଯିବ। ଆମେରିକାର ଅନ୍ୟତମ ଯୁଦ୍ଧଜାହାଜ ୟୁଏସ୍‌ଏସ୍ ଟ୍ରିପୋଲି ୨୨୦୦ ମେରିନ୍‌ଙ୍କୁ ନେଇ ଇରାନ ଉପକୂଳ ନିକଟବର୍ତ୍ତୀ ହୋଇଥିବା କୁହାଯାଉଛି। ଆବଶ୍ୟକ ପଡ଼ିଲେ ଆମେରିକା ସେମାନଙ୍କୁ ସ୍ଥଳଭାଗରେ ପ୍ରବେଶ କରିବାକୁ ଅନୁମତି ଦେଇପାରେ। ହର୍ମୁଜ୍ ଷ୍ଟ୍ରେଟ୍‌କୁ ମୁକ୍ତ କରିବାକୁ ଆମେରିକା ଏହି ପଦକ୍ଷେପ ନେଇପାରେ ବୋଲି କୁହାଯାଉଥିବାବେଳେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ବଢ଼ିଛି।

# ପାକିସ୍ତାନ ଯାଉଥିବା ଜାହାଜକୁ ଅନୁମତି ଦେଲାନି ଇରାନ୍

ତେହରାନ୍ ,୨୫।୩

ଆମେରିକା ଓ ଇରାନ୍ ମଧ୍ୟରେ ବୁଝାମଣା କରାଇବାକୁ ପାକିସ୍ତାନ ମଧ୍ୟସ୍ଥତା କରିବାକୁ ଆଗଭର ହୋଇଛି। ଏପରିକି ଇସ୍‌ଲାମାବାଦରେ ଦୁଇ ପକ୍ଷଙ୍କ ମଧ୍ୟରେ ବୈଠକ କରାଇବାକୁ ପାକିସ୍ତାନ ପ୍ରସ୍ତାବ ଦେଇଛି। ହେଲେ ପାକିସ୍ତାନ ଯାଉଥିବା ଏକ ଜାହାଜକୁ ଇରାନ୍ ମଙ୍ଗଳବାର ଫେରାଇ ଦେବା ଘଟଣା ପାକିସ୍ତାନର ମୁରବୀପଣିଆକୁ ନେଇ ପ୍ରଶ୍ନ ଉଠାଇଛି। କରାଚୀ ଅଭିମୁଖେ ଯାଉଥିବା ଜାହାଜ ‘ସେଲେନ୍’ ହର୍ମୁଜ୍ ଷ୍ଟ୍ରେଟ୍ ଦେଇ ଯିବାବେଳେ ଏହାକୁ ଇରାନ୍‌ର ଆଇଆର୍‌ଜିସି ଆଗକୁ ଯିବାକୁ ଅନୁମତି ଦେଇ ନ ଥିଲା। ଆଇନଗତ ଅନୁମତି ନ ଥିବାରୁ ଜାହାଜଟିକୁ ହର୍ମୁଜ୍ ଷ୍ଟ୍ରେଟ୍ ଠାରୁ ପଛକୁ ଫେରିଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଆଇଆର୍‌ଜିସି କମାଣ୍ଡର ‘X’ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

# ମୋଦି ବିଶ୍ୱର ସବୁଠୁ ଲୋକପ୍ରିୟ ନେତା


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ ,୨୫।୩

ବିଶ୍ୱର ଲୋକପ୍ରିୟ ନେତା ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବେ ବି ସବୁଠୁ ଆଗରେ ରହିଛନ୍ତି। ଗତ ବର୍ଷ ତୁଳନାରେ ତାଙ୍କର ଲୋକପ୍ରିୟତା ହ୍ରାସ ପାଇଥିଲେ ମଧ୍ୟ ଚଳିତ ବର୍ଷ ବିଶ୍ୱ ନେତାଙ୍କ ମଧ୍ୟରେ ତାଙ୍କ ସ୍ଥାନ ୧ ନମ୍ବରରେ ରହିଛି। ଆମେରିକାର ମର୍ନିଂ କନ୍‌ସଲ୍ଟ ସଂସ୍ଥା ରିପୋର୍ଟ ଅନୁସାରେ ଗତ ବର୍ଷ ମୋଦିଙ୍କ ଲୋକପ୍ରିୟତା ହାର ୭୫ ପ୍ରତିଶତ ରହିଥିଲାବେଳେ ସେ ବିଶ୍ୱର ସବୁଠୁ ଲୋକପ୍ରିୟ ନେତା ଭାବେ ପ୍ରଥମ ସ୍ଥାନରେ ରହିଥିଲେ। ଚଳିତବର୍ଷ ଏହି ହାର ୬୮ ପ୍ରତିଶତକୁ ହ୍ରାସ ପାଇଛି। ଏହାସତ୍ତ୍ୱେ ସେ ୧ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ବିଶ୍ୱସ୍ତରରେ ୬୮ ପ୍ରତିଶତ ଲୋକ ମୋଦିଙ୍କ ପ୍ରତି ସମର୍ଥନ ଜଣାଇଥିଲାବେଳେ ୨୬ ପ୍ରତିଶତ ଲୋକ ତାଙ୍କ ବିରୋଧରେ ମତ ଦେଇଛନ୍ତି। ଅନ୍ୟ ୬ ପ୍ରତିଶତ ଲୋକ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ମୋଦିଙ୍କ ପଛରେ ଦ୍ୱିତୀୟ ଲୋକପ୍ରିୟ ନେତା ଭାବେ ସ୍ୱିଜରଲାଣ୍ଡର ଗେ ପାର୍ମେଲିନ୍ ରହିଛନ୍ତି। ତାଙ୍କ ପ୍ରତି ୬୨ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି। ବିଶ୍ୱର ଅନ୍ୟତମ ପ୍ରମୁଖ ନେତାଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରତି ୩୯ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିଲାବେଳେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି.ଜେ. ମିୟୁଙ୍ଗଙ୍କ ପ୍ରତି ସମର୍ଥନ ୩୦ ପ୍ରତିଶତ ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଟ୍ରମ୍ପଙ୍କ ବିରୋଧରେ ୫୫ ପ୍ରତିଶତ ଲୋକ ମତ ଦେଇଛନ୍ତି। ଅନ୍ୟପକ୍ଷରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନିଙ୍କ ପ୍ରତି ୫୫ ପ୍ରତିଶତ ଲୋକଙ୍କ ସମର୍ଥନ ରହିଥିବାବେଳେ ସେ ଏହି ତାଲିକାରେ ୭ମ ସ୍ଥାନରେ ରହିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକରଁଙ୍କ ପ୍ରତି ମାତ୍ର ୧୭ ପ୍ରତିଶତ ଲୋକଙ୍କ ସମର୍ଥନ ରହିଛି।

# ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ

ସିଙ୍ଗାପୁର,୨୫।୩(ପି.ଟି.)



ଭାରତୀୟ ଗାୟକ ଜୁବିନ୍ ଗର୍ଗଙ୍କ ମୃତ୍ୟୁ ଦୁର୍ଘଟଣାଜନିତ। ଏଥିରେ କୌଣସି ଆପରାଧିକ ଷଡ଼ଯନ୍ତ୍ର କରାଯାଇ ନ ଥିବା ସିଙ୍ଗାପୁର ପୋଲିସ ତଟସୁରକ୍ଷା ବାହିନୀ (ପିସିଜି) ପ୍ରକାଶ କରିଥିବାବେଳେ ଦେଶର ଅପମୃତ୍ୟୁ ତଦନ୍ତକାରୀ ଅଧିକାରୀ ଆଦାମ ନଖୋଦା ଏହାକୁ କାଏମ୍ ରଖିଛନ୍ତି। ଗତବର୍ଷ ସେପ୍ଟେମ୍ବରରେ ଏକ ଦ୍ୱୀପ ନିକଟରେ ଦୁର୍ଘଟଣାବଶତଃ ବୁଡ଼ିଯାଇ ଜୁବିନ୍ ପ୍ରାଣ ହରାଇଥିଲେ ବୋଲି ସେ କହିଛନ୍ତି। ମୃତ୍ୟୁ ପଛରେ କୌଣସି ଆପରାଧିକ କାର୍ଯ୍ୟର ପ୍ରମାଣ ନାହିଁ ବୋଲି ପିସିଜି ରିପୋର୍ଟକୁ ନେଇ ଜୁବିନ୍‌ଙ୍କ ସ୍ତ୍ରୀ ଚିନ୍ତାବ୍ୟକ୍ତ କରିଥିଲେ। ପିସିଜି ମାମଲାର ବିସ୍ତୃତ ଓ ପୁଙ୍ଖାନୁପୁଙ୍ଖ ତଦନ୍ତ କରିଥିଲା। ଜୁବିନ୍‌ଙ୍କୁ କେହି ବଳ ପ୍ରୟୋଗ କରି ନ ଥିଲେ କିମ୍ବା ପାଣିକୁ ଠେଲିଦେଇ ନ ଥିଲେ ବୋଲି ଆଦାମ କହିଛନ୍ତି।

# ୩୨ ସଂଶୋଧନ ସହ ଅର୍ଥ ବିଲ୍ ଲୋକ ସଭାରେ ଗୃହୀତ

ନୂଆଦିଲ୍ଲୀ,୨୫।୩(ପି.ଟି.)

ଅର୍ଥ ବିଲ୍, ୨୦୨୬ ବୁଧବାର ଲୋକ ସଭାରେ ଗୃହୀତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଦ୍ୱାରା ବିଶ୍ୱାସ ଆଧାରିତ ଟିକସ ବ୍ୟବସ୍ଥା, ଜୀବନ ଧାରଣ ମାନରେ ଉନ୍ନତି ଏବଂ ଅଧିକ ବ୍ୟବସାୟ ଅନୁକୂଳ ପରିବେଶକୁ କେନ୍ଦ୍ରିତ କରି ନୀତି ନିର୍ଦ୍ଧାରଣ କରାଯାଇଛି। ଭାରତ ବାଧ୍ୟବାଧକତାରେ ନୁହେଁ ବରଂ ନିଜର ଦୃଢ଼ ବିଶ୍ୱାସ ଆଧାରରେ ସଂସ୍କାର ପଦକ୍ଷେପ ନେଇ ଆଗକୁ ବଢୁଥିବା ସୀତାରାମନ୍ ପାର୍ଲାମେଣ୍ଟରେ ଉଦ୍‌ବୋଧନ ଦେଇ କହିଛନ୍ତି। ଅତ୍ୟଧିକ ଯାଞ୍ଚ ବଦଳରେ ଟିକସଦାତାଙ୍କ ବିଶ୍ୱାସ ଉପରେ ଭରସା କରି ଟିକସ ବ୍ୟବସ୍ଥା କରାଯାଇଥିବା ଗୃହରେ ବିତର୍କର ଉତ୍ତର ରଖି ସୀତାରାମନ୍ କହିଥିଲେ। ଆସନ୍ତା ଶୁକ୍ରବାର ଅର୍ଥ ବିଲ୍ ଉପରେ ରାଜ୍ୟ ସଭାରେ ଆଲୋଚନା ହେବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ଗୁରୁବାର ଛୁଟି ପଡୁଥିବାରୁ ପାର୍ଲାମେଣ୍ଟ ବନ୍ଦ ରହିବ। ଶୁକ୍ରବାର ସଦସ୍ୟମାନେ ପ୍ରାଇଭେଟ ବିଲ୍ ଆଣିବେ। କିନ୍ତୁ ଅର୍ଥବିଲ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଶୁକ୍ରବାର ଆଲୋଚନା କରାଯିବ। ଶନିବାର ଓ ରବିବାର ଅଧିବେଶନ ଜାରି ରଖିବା ପାଇଁ ସରକାର ପୂର୍ବରୁ ନିଷ୍ପତ୍ତି ନେଇଥିଲେ। ତେବେ ବର୍ତ୍ତମାନର ସ୍ଥିତିକୁ ବିଚାର କରି ସପ୍ତାହାନ୍ତ ଛୁଟି ବଜାୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିବା ରିଜିଜୁ କହିଛନ୍ତି।


ଇଚ୍ଛାମୃତ୍ୟୁ ଅନୁମତି ପରେ ଆଖି ବୁଜିଥିବା ୩୧ ବର୍ଷୀୟ ହରିଶ ରାଣାଙ୍କ ଶେଷକୃତ୍ୟ ବୁଧବାର ନୂଆଦିଲ୍ଲୀରେ ସମ୍ପନ୍ନ ହୋଇଛି। ପ୍ରଥମ ଭାରତୀୟ ଭାବେ ହରିଶ ସୁପ୍ରିମକୋର୍ଟରୁ ଇଚ୍ଛାମୃତ୍ୟୁ ଅନୁମତି ପାଇଥିଲେ ଓ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଥିଲା। (ଫଟୋ– ଚମନ ଗୌତମ)

# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ | Bhubaneswar, Thursday, March 26/2026 | ପୃଷ୍ଠା-୩




କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ରହିଥିବା ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନେ କଳାପୋଷାକ ପିନ୍ଧି ବୁଧବାର ପ୍ରଥମେ ବିଧାନସଭା ଭିତରେ ଏବଂ ପରେ ବାହାରେ ପ୍ରତିବାଦ କରୁଛନ୍ତି।

# ପିଏନ୍‌ଜି ନେବାକୁ ମନାକଲେ ଏଲ୍‌ପିଜି ଯୋଗାଣ ବନ୍ଦ

**ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁ ପ୍ରମୁଖ ଉତ୍ସଗୁଡ଼ିକରୁ ଯୋଗାଣ ବାଧାପ୍ରାପ୍ତ ହୋଇଥିବାରୁ ଭାରତରେ ତରଳୀକୃତ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ଅଭାବ ଦେଖାଦେଇଛି। ତେଣୁ ପରିବାର ଏବଂ ବ୍ୟବସାୟିକ ଉପଭୋକ୍ତାମାନେ ପାଇପ୍‌ଯୋଗେ ପ୍ରାକୃତିକ ଗ୍ୟାସ୍ (ପିଏନ୍‌ଜି) ସଂଯୋଗ ନେବା ଲାଗି ସରକାର ଚାପ ପକାଉଛନ୍ତି। ଯେଉଁଠାରେ ପିଏନ୍‌ଜି ସଂଯୋଗ ଉପଲବ୍ଧ ଥାଇ ଗ୍ରାହକ ଏହାକୁ ନେବା ପାଇଁ ମନାକରିବେ, ସେମାନଙ୍କୁ ଏଲ୍‌ପିଜି ସଂଯୋଗ ବନ୍ଦ କରିଦିଆଯିବ ବୋଲି କେନ୍ଦ୍ର ସରକାର ମଙ୍ଗଳବାର କହିଛନ୍ତି। ଗ୍ୟାସ୍ ନେଟ୍‌ୱର୍କ ବଢ଼ାଇବା ଏବଂ ଏକକ ଇନ୍ଧନ ଉପରୁ ନିର୍ଭରଶୀଳତା ହ୍ରାସ କରିବା ଲକ୍ଷ୍ୟରେ ସରକାର ଏହି ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପିଏନ୍‌ଜି ଘରୋଇ ଭାବେ ଉତ୍ପାଦନ ହେବା ସହ ବିବିଧୀକରଣ ଯୋଗାଣ ଜରିଆରେ ସଂଗ୍ରହ କରାଯାଉଥିବାରୁ ଏହା ଅଧିକ ସୁବିଧାଜନକ ବିକଳ୍ପ। ପାଇପ୍‌ଲାଇନ ଜରିଆରେ ଏହାକୁ ସିଧା ରୋଷେଇଘର ବର୍ନରକୁ ନିରନ୍ତର ଯୋଗାଣ ହୋଇପାରିବ ଏବଂ ରିଫିଲିଂ ପାଇଁ ବୁକିଂ କରିବା ଆବଶ୍ୟକ ପଡ଼ିବ ନାହିଁ।**

ନୂଆଦିଲ୍ଲୀ,୨୫।୩(ପି.ଟି.)

ପାଇପ୍‌ଲାଇନ ଭିତ୍ତିଭୂମି ବଢ଼ାଇବା, ଅନୁମୋଦନକୁ ସହଜ କରିବା ଏବଂ ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଏଲ୍‌ପିଜିରୁ ପିଏନ୍‌ଜିକୁ ପରିବର୍ତ୍ତନ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ନ୍ୟାଚୁରାଲ ଗ୍ୟାସ୍ ଆଣ୍ଡ୍ ପେଟ୍ରୋଲିୟମ୍ ପ୍ରଡକ୍ଟସ୍ ଡିଷ୍ଟ୍ରିବ୍ୟୁଶନ ଅର୍ଡର, ୨୦୨୬ ଜାରି କରାଯାଇଛି। କୌଣସି ଅଞ୍ଚଳରେ ଉପଲବ୍ଧ ଥାଇ ମଧ୍ୟ ପିଏନ୍‌ଜି ସଂଯୋଗ ନେବାକୁ ଗ୍ରାହକ ଯଦି ମନା କରନ୍ତି, ତେବେ ୩ ମାସ ପରେ ସେମାନଙ୍କ ଏଲ୍‌ପିଜି ଯୋଗାଣ ବନ୍ଦ କରିଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ତେବେ ଯେଉଁଠାରେ ପାଇପ୍ ସଂଯୋଗ ପ୍ରଦାନ କରିବା ବୈଷୟିକ ଦୃଷ୍ଟିରୁ ଅସମ୍ଭବ, ସେଠାରେ ଏଲ୍‌ପିଜି ଯୋଗାଣ ଜାରି ରହିବା ଅନୁମତି ରହିଛି। ଏଥିପାଇଁ କର୍ତ୍ତୃପକ୍ଷଙ୍କଠାରୁ ଆପତ୍ତିବିହୀନ ପ୍ରମାଣପତ୍ର ଆବଶ୍ୟକ। ଯେଉଁଠାରେ ପାଇପ୍‌ଲାଇନ ସଂଯୋଗ ରହିଛି, ସେହି ଅଞ୍ଚଳକୁ ଏଲ୍‌ପିଜି ଯୋଗାଣରୁ ମୁକ୍ତ କରିବା ଏହି ନିର୍ଦ୍ଦେଶନାମାର ଲକ୍ଷ୍ୟ। ଯେଉଁଠାରେ ପାଇପ୍‌ଲାଇନ ଭିତ୍ତିଭୂମି ନାହିଁ, କେବଳ ସେହି ଅଞ୍ଚଳଗୁଡ଼ିକରେ ଏଲ୍‌ପିଜି ଯୋଗାଣ ଜାରି ରହିବ।

ବ୍ୟବସାୟକୁ ସହଜ କରିବା ସଂସ୍କାର ଜରିଆରେ ଏକ ସଙ୍କଟକୁ ସୁଯୋଗରେ ପରିଣତ କରାଯାଇଛି ବୋଲି ପେଟ୍ରୋଲିୟମ୍ ସଚିବ ନୀରଜ ମିତ୍ତଲ Xରେ ଲେଖିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଆଇନ ଅଧୀନରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି। ଉକ୍ତ ନିର୍ଦ୍ଦେଶନାମା ବଳରେ ଅନୁମୋଦନକୁ ସହଜ କରିବା ସହ ନିରପେକ୍ଷ ଦେୟ ଧାର୍ଯ୍ୟ କରିବା ଏବଂ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ସୁନିଶ୍ଚିତ କରିବା ଦ୍ୱାରା ପାଇପ୍‌ଲାଇନ୍ ଭିତ୍ତିଭୂମି ତ୍ୱରାନ୍ୱିତ କରାଯାଇପାରିବ। ପିଏନ୍‌ଜି ସଂଯୋଗକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅନୁମତି ପ୍ରଦାନ କରିବେ, ନଚେତ୍ ତାହା ଅନୁମୋଦନ ହୋଇଥିବା ଧରାଯିବ। ନିର୍ଦ୍ଧାରିତ ଦେୟ ବାହାରେ କର୍ତ୍ତୃପକ୍ଷ ଅଧିକ ଦେୟ ଧାର୍ଯ୍ୟ କରିପାରିବେ ନାହିଁ। ହାଉସିଂ ଅଞ୍ଚଳରେ ୩ଟି କାର୍ଯ୍ୟଦିବସ ମଧ୍ୟରେ କର୍ତ୍ତୃପକ୍ଷ ଅନୁମତି ପ୍ରଦାନ କରିବେ ଏବଂ ଆବେଦନର ୪୮ ଘଣ୍ଟା ମଧ୍ୟରେ ଘର ପର୍ଯ୍ୟନ୍ତ ପାଇପ୍ ଯୋଗେ ପିଏନ୍‌ଜି ଯୋଗାଇ ଦିଆଯିବ।

ଦେଶରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜିର ଅଭାବ ନାହିଁ ବୋଲି ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ବୁଧବାର କହିଛନ୍ତି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବରେ ବିଶ୍ୱାସ ନ କରିବାକୁ ଏବଂ ଭୟଭୀତ ହୋଇ ନ କିଣିବାକୁ ତୈଳ କମ୍ପାନୀଗୁଡ଼ିକ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଦେଶର ସର୍ବବୃହତ୍ ତୈଳ କମ୍ପାନୀ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ (ଆଇଓସି)କହିଛି, ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ। ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ତୈଳ ଗଚ୍ଛିତ ରହିଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି ବୋଲି କମ୍ପାନୀ କହିଛି। କେତେକ ଅଞ୍ଚଳରେ ଇନ୍ଧନ ଅଭାବ ଦେଖାଦେଇଥିବା ନେଇ ପ୍ରକାଶିତ ଖବର ସମ୍ପୂର୍ଣ୍ଣ ☞ପୃଷ୍ଠା-୭

## ଏଲ୍‌ପିଜି ବୁକିଂ ସମୟରେ ପରିବର୍ତ୍ତନ ହୋଇନାହିଁ

ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ସମୟସୀମାରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ସରକାର ବୁଧବାର ସ୍ପଷ୍ଟୀକରଣ ଦେଇଛନ୍ତି। ବିଭିନ୍ନ ବର୍ଗର ଉପଭୋକ୍ତାଙ୍କ ପାଇଁ ଏଲ୍‌ପିଜି ବୁକିଂ ପାଇଁ ପ୍ରତୀକ୍ଷା ସମୟସୀମାରେ ପରିବର୍ତ୍ତନ ହୋଇଥିବା ନେଇ ସୋସିଆଲ ମିଡ଼ିଆରେ ଦାବି ଓ ଅନ୍ୟ କେତେକ ରିପୋର୍ଟକୁ କେନ୍ଦ୍ର ଅଗ୍ରାହ୍ୟ କରିଦେଇଛି। ପେଟ୍ରୋଲିୟମ ମନ୍ତ୍ରଣାଳୟ କହିଛି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ)ରେ ଏଲ୍‌ପିଜି ରିଫିଲିଂ ପାଇଁ ବୁକିଂ ବ୍ୟବଧାନ ୪୫ ଦିନ କରାଯାଇଥିବା କେତେକ ଖବରକାଗଜରେ ଭୁଲ୍ ରିପୋର୍ଟ ହୋଇଥିଲା। ସେହିପରି ଅଣପିଏମ୍‌ୟୁୱାଇ ସିଙ୍ଗଲ୍ ସିଲିଣ୍ଡର ଉପଭୋକ୍ତାଙ୍କ ପାଇଁ ୨୫ ଦିନ ଓ ଡବଲ ସିଲିଣ୍ଡର ସଂଯୋଗ ପାଇଁ ବୁକିଂ ବ୍ୟବଧାନ ୩୫ ଦିନ ରଖାଯାଇଥିବା ଖବର ପ୍ରକାଶ ପାଇଥିଲା। ଏଭଳି ଖବରକୁ ମନ୍ତ୍ରଣାଳୟ ଖଣ୍ଡନ କରିଛି। ଗ୍ରାହକ ନିର୍ବିଶେଷରେ ସହରାଞ୍ଚଳ ପାଇଁ ବୁକିଂ ବ୍ୟବଧାନ ୨୫ ଦିନ ଏବଂ ଗ୍ରାମାଞ୍ଚଳ ପାଇଁ ୪୫ ଦିନ ନିୟମରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ମନ୍ତ୍ରଣାଳୟ କହିଛି।

# କଳାପୋଷାକ ପିନ୍ଧି ବିରୋଧୀଙ୍କ ହଟ୍ଟଗୋଳ

## ଏସ୍‌ସିବି ଅଗ୍ନିକାଣ୍ଡ ପ୍ରସଙ୍ଗ

ଭୁବନେଶ୍ୱର,୨୫।୩
(ରବିନାରାୟଣ ଜେନା)

କଟକ ବଡ଼ମେଡିକାଲ ଅଗ୍ନିକାଣ୍ଡ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି। ଏହି ଗୋଟିଏ ଘଟଣାରେ ବିଧାନସଭା ୭ଦିନ ଧରି ଅଚଳ ରହିଛି। ବିରୋଧୀ ବିଜେଡି ଓ କଂଗ୍ରେସ ପୂର୍ବରୁ ଶବସତ୍କାର ଓ କୋକେଇ ଶୋଭାଯାତ୍ରା ଭଳି ବିଭିନ୍ନ ଅଭିନବ ରଣନୀତି ବିଧାନସଭା ଭିତରେ ଏବଂ ବାହାରେ ଆପଣାଇଥିବାବେଳେ ବୁଧବାର ଅନୁରୂପ ଭାବେ କଳାପୋଷାକ ପିନ୍ଧି ପ୍ରବଳ ହଟ୍ଟଗୋଳ କରିଛନ୍ତି। ପରିସ୍ଥିତି ଏପରି ହୋଇଥିଲା ଯେ ପ୍ରଶ୍ନକାଳ ୪ ମିନିଟ୍ ଚାଲିପାରି ନ ଥିଲା। ଶୂନ୍ୟକାଳରେ ବିରୋଧୀ ସଦସ୍ୟମାନେ ସରକାର ବିରୋଧୀ ସ୍ଲୋଗାନ ଦେବା ସହ ବିଭିନ୍ନ ନାରାବାଜିକରି କକ୍ଷ୍ୟତ୍ୟାଗ କରିଥିଲେ। ବାଚସ୍ପତି ଗୃହକୁ ସ୍ୱାଭାବିକ ସ୍ଥିତିକୁ ଆଣିବାପାଇଁ ବିରୋଧୀଙ୍କୁ ଅନୁରୋଧ କରିବା ସହ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ତାହା ସଫଳ ହୋଇ ନ ଥିଲା।

ଅନ୍ୟପକ୍ଷରେ ଶାସକଦଳ ପକ୍ଷରୁ ବିଜେଡିର ଏତାଦୃଶ କାର୍ଯ୍ୟକୁ ନେଇ ତୀବ୍ର ନିନ୍ଦା କରାଯାଇଥିଲା। ଶାସକଦଳର ସଦସ୍ୟମାନେ ହାତରେ ପୋଷ୍ଟର, ବ୍ୟାନର ଧରି ବିଜେଡି, କଂଗ୍ରେସ ଏବଂ ନବୀନଙ୍କୁ କଟାକ୍ଷ କରିଥିଲେ। ବିଜୁ-ନବୀନ ଟ୍ରଷ୍ଟ ଲୁଚାଇବାକୁ ବିରୋଧୀଙ୍କ ଏ ନାଟକ ଚଳିବ ନାହିଁ ବୋଲି କହିବା ସହିତ ବିଜେଡି ଛି ଛି କହି ଭର୍ତ୍ସନା କରିଥିଲେ। ହଟ୍ଟଗୋଳ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଆଗତ କରିଥିଲେ। ଭାଜପା ସଦସ୍ୟ ଇରାଶିଷ ଆଚାର୍ଯ୍ୟ ଏବଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଖର୍ଚ୍ଚଦାବି ଆଲୋଚନାକୁ ସ୍ୱାଗତକରି ସରକାରଙ୍କ ପକ୍ଷରୁ ଚଳିତବର୍ଷ ପୋଲିସ ବଳକୁ ସୁଦୃଢ଼ କରିବାପାଇଁ ଗ୍ରହଣ କରାଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ପରେ ଅପରାହ୍ଣ ୧.୩୨ ମିନିଟ୍‌ରୁ ଅପରାହ୍ଣ ୪ଟା ଯାଏ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ବୁଧବାର ଗୃହକାର୍ଯ୍ୟ ଆରମ୍ଭ ☞ପୃଷ୍ଠା-୭

# ମେ' ୫ରୁ ସିପିଇଟି

ଭୁବନେଶ୍ୱର,୨୫।୩
(ସୁଚିସ୍ମିତା ସାହୁ)

ଆସନ୍ତା ମେ' ୫ ତାରିଖରୁ କମନପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ଆରମ୍ଭ ହେବ। ଏହି ପରୀକ୍ଷା ମେ' ୧୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ରହିଥିବା ୩୧,୯୧୫ ସିଟ୍ ନିମନ୍ତେ ସର୍ବମୋଟ ୫୮,୭୦୮ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି।


ସୂଚନାଯୋଗ୍ୟ, ଫେବୃଆରୀ ୨୭ରୁ ମାର୍ଚ୍ଚ ୨୨ ତାରିଖ ☞ପୃଷ୍ଠା-୭

# ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବ ସ୍ମାର୍ଟ ସିଷ୍ଟମ୍

## ଏନ୍‌ଆଇଟି ଗବେଷକଙ୍କ କୃତିତ୍ୱ

ରାଉରକେଲା, ୨୫।୩
(ସଙ୍ଗୀତା ଜେନା)

ରାଉରକେଲାସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି)ର ଗବେଷକମାନେ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ଏକ ସ୍ମାର୍ଟ ସିଷ୍ଟମ୍ ବିକଶିତ କରିଛନ୍ତି। ଏନେଇ ଏକ ଇଣ୍ଟେଲିଜେଣ୍ଟ ନିରୀକ୍ଷଣ ପ୍ରଯୁକ୍ତିବିଦ୍ୟା ପାଇଁ ସେମାନେ ପେଟେଣ୍ଟ (ସଂଖ୍ୟା: ୫୮୦୭୪୮) ହାସଲ କରିଛନ୍ତି। ଉକ୍ତ ସିଷ୍ଟମ୍‌କୁ ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ୍ ଇଞ୍ଜିନିୟରିଂ ବିଭାଗ ପ୍ରଫେସର ସମିତ ଆଡି, ଏନ୍‌ଆଇଟି




ରିସର୍ଚ୍ଚ ସ୍କଲାର ମହମ୍ମଦ୍ ଇମାନ ଜୁନୈଦ, ଏମ୍‌ଟେକ୍‌ଗ୍ରାଜୁଏଟ୍‌ନାରାୟଣ ପ୍ରସାଦ ଶର୍ମା ଓ ଇର୍ସାଦ ଅଲ୍ଲୀଙ୍କ ଦ୍ୱାରା ବିକଶିତ କରାଯାଇଛି। ଏହି ସିଷ୍ଟମ୍ ବଡ଼ ତଥା ଜଟିଳ କୋଠାଘର ଆଦି ପରିବେଶରେ ଅନଧିକୃତ ପ୍ରବେଶ ଉପରେ ନଜର ରଖିବାଭଳି ମୁକାବିଲା ପାଇଁ ଆଗାମୀପିଢ଼ିର ସମାଧାନ ପ୍ରଦାନ କରିଥାଏ। ପାରମ୍ପରିକ ସିସିଟିଭି କ୍ୟାମେରା ଆଧାରିତ ନିରୀକ୍ଷଣ ପ୍ରଣାଳୀ ପାଇଁ ବ୍ୟାପକ ମାନୁଆଲ ତଦାରଖ ଓ ବିଶ୍ଳେଷଣ ଆବଶ୍ୟକ, ଯାହା ସେଗୁଡ଼ିକ ମାନବ ତ୍ରୁଟିର ଶିକାର ହୋଇଥାଏ। ବଡ଼ବଡ଼ ସେଟ୍‌ଅପ୍‌ଗୁଡ଼ିକରେ ବିଭିନ୍ନ କ୍ୟାମେରା ମଧ୍ୟରେ ବିଶେଷକରି ଭିନ୍ନ ଆଲୋକ ପରିସ୍ଥିତି ଓ ଅବରୋଧ ପରିସ୍ଥିତିରେ ବ୍ୟକ୍ତିବିଶେଷଙ୍କୁ ☞ପୃଷ୍ଠା-୭






# ରାଜ୍ୟରେ ବର୍ଷକରେ ବଢ଼ିଛି ୫,୭୨୧ ଅଗ୍ନିକାଣ୍ଡ

ଭୁବନେଶ୍ୱର,୨୫।୩
(ରବିନାରାୟଣ ଜେନା)

ରାଜ୍ୟରେ ୨୦୨୪ ତୁଳନାରେ ୨୦୨୫ ବର୍ଷରେ ଅଗ୍ନିକାଣ୍ଡ ଓ ଅନ୍ୟ ଦୁର୍ଘଟଣା ପ୍ରାୟ ୯,୪୦୦ ଅଧିକ ହୋଇଛି ବୋଲି ଗୃହ ବିଭାଗର ଶ୍ୱେତପତ୍ରରୁ ଜଣାପଡ଼ିଛି। ରାଜ୍ୟ ସରକାରଙ୍କୁ ୨୦୨୪ ବର୍ଷରେ ୧୮,୯୭୩ଟି ଅଗ୍ନିକାଣ୍ଡ ଡାକରା (କଲ୍) ମିଳିଥିବାବେଳେ ୨୦୨୫ରେ ଏହା ୨୪,୬୯୪କୁ ବୃଦ୍ଧି ପାଇଥିଲା। ଫଳରେ ୫,୭୨୧ ଅଗ୍ନିକାଣ୍ଡ ଡାକରା ଅଧିକ ରହିଥିଲା। ସେହିପରି ୨୦୨୪ରେ ୨୭,୭୯୫ ଗୋଟି ସ୍ୱତନ୍ତ୍ରସେବା ଡାକରା ମିଳିଥିବାବେଳେ ୨୦୨୫ରେ ଏହା ୩୧ ହଜାର ୪୭୪କୁ ବୃଦ୍ଧି ପାଇଛି। ତେବେ ରାଜ୍ୟର ସାଢ଼େ ୪ କୋଟି ଲୋକଙ୍କ ଧନଜୀବନ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ବର୍ଷକ ମଧ୍ୟରେ ଗୋଟିଏ ନୂତନ ଦମକଳ କେନ୍ଦ୍ର ସ୍ଥାପନ କରାଯାଇଛି। ୨୦୨୪ରେ ରାଜ୍ୟରେ ୩୪୫ଟି ଦମକଳ କେନ୍ଦ୍ର ରହିଥିବାବେଳେ ଏହି ସଂଖ୍ୟା ୨୦୨୫ରେ ୩୪୬କୁ ବୃଦ୍ଧି ପାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୪ ବର୍ଷ ୬,୫୮୯ ଲୋକଙ୍କ ସହିତ ୧୪,୫୭୬ ପ୍ରାଣୀଙ୍କୁ ଦୁର୍ଘଟଣାରୁ ରକ୍ଷା କରାଯାଇଥିବାବେଳେ ୪୬୩.୩୧ କୋଟି ଟଙ୍କାର ସମ୍ପତ୍ତି ଅଗ୍ନିକାଣ୍ଡରୁ ରକ୍ଷା କରାଯାଇଥିଲା। ମାତ୍ର ୨୦୨୫ରେ ୮,୩୮୦ ଲୋକଙ୍କ ସହ ୧୭,୪୫୨ଟି ପ୍ରାଣୀଙ୍କୁ ଅଗ୍ନିକାଣ୍ଡ ଓ ନଦୀ ପୋଖରୀରେ ବୁଡ଼ିଯିବା ଦୁର୍ଘଟଣାରୁ ରକ୍ଷା କରାଯାଇଛି। ଏଥିସହିତ ୬୨୨.୭୫ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଅଗ୍ନିକବଳରୁ ରକ୍ଷା ପାଇଯାଇଛି।

୨୦୨୫ରେ ଘୂର୍ଣ୍ଣିଝଡ଼ 'ମୋନ୍ଥା' ସମୟରେ ଓଡ଼ିଶା ଅଗ୍ନିଶମ ଏବଂ ଜରୁରିକାଳୀନ ସେବାର ୯୬୬ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ୧୨୫ଟି ଦଳ ପ୍ରଭାବିତ ଜିଲା ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଫୁଲବାଣୀରେ ଉଦ୍ଧାର, ରିଲିଫ୍ ଏବଂ ରାସ୍ତାସଫା କାର୍ଯ୍ୟ କରିଥିଲା। ଏହି ସମୟରେ ତିନିଜଣଙ୍କ ଜୀବନ ରକ୍ଷା କରାଯାଇଥିଲା, ଯାହା ରାଜ୍ୟ ସରକାରଙ୍କ 'ଶୂନ୍ୟ ଦୁର୍ଘଟଣା' ଲକ୍ଷ୍ୟ ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ଓଡ଼ିଶା ଅଗ୍ନି ନିବାରଣ ଏବଂ ଅଗ୍ନି ନିରାପତ୍ତା ନିୟମ-୨୦୧୭ ଏବଂ ☞ପୃଷ୍ଠା-୭




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ଉଦ୍ୟୋଗୀ ପରିବାର ୫ମ ବାର୍ଷିକ ସମାରୋହ, ସ୍ଥାନ: ହୋଟେଲ ସ୍ୱସ୍ତି ପ୍ରିମିୟମ, ସମୟ: ସକାଳ ୯ଟା।
- ସମ୍ରାଟ ଅଶୋକଙ୍କ ଜୟନ୍ତୀ ଉପଲକ୍ଷେ ଆମ୍ବେଦକର ବିଚାରକଙ୍କ ଆଲୋଚନା ସଭା, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ:ପୂର୍ବାହ୍ନ ୧୧ଟା।
- ସ୍ୱର୍ଗତ ପ୍ରଫେସର କୃଷ୍ଣଚରଣ ସାହୁଙ୍କ ୯୭ତମ ଜୟନ୍ତୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ସର୍ବେଶ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ବିଜୟ ପ୍ରଭା ପ୍ରତିଭା ସମ୍ମାନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ:ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସକାଳ ୮ଟା।
- ଆମ ଗାଁ ମହୋତ୍ସବ, ସ୍ଥାନ: ମଲ୍ଲିପଦର, ସମୟ: ସନ୍ଧ୍ୟା ୬ଟା।
- ପ୍ରବଚନ ଓ ଜ୍ଞାନଚର୍ଚ୍ଚା କାର୍ଯ୍ୟକ୍ରମ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ ପରିସର, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଫୁଲାଡ଼ି ବାସନ୍ତୀ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୮ଟା।
- ମା' ବାସନ୍ତୀ ଦୁର୍ଗାଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଓଡ଼ିଆ ଶାସନ ବାସନ୍ତୀ ମଣ୍ଡପ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ସଚେତନତା କର୍ମଶାଳା, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଏଫ୍‌ଏମ୍‌ୟୁରେ ଆନ୍ତଃଜାତୀୟ ସମ୍ମିଳନୀ ଉଦ୍‌ଯାପନୀ ଦିବସ, ସ୍ଥାନ: ନୂଆପାଡ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀରାମ ନବମୀ ଉପଲକ୍ଷେ ବିଶାଳ ବାଇକ୍ ଶୋଭାଯାତ୍ରା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ମୁଁ ସାମ୍ବାଦିକ ହେବି, ଅଭିନବ ଶିକ୍ଷକ କର୍ମଶାଳା, ସ୍ଥାନ: ବେଲଗଡିଆ ଉଚ୍ଚ ବିଦ୍ୟାଳୟ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମ ନବମୀ ମହୋତ୍ସବର ୬ଷ୍ଠ ସାଂସ୍କୃତିକ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଇଞ୍ଚୋଳ, ଭାଟିଆଗୁଣି, ଗଡ଼ଚଣ୍ଡୀ, ଡ଼ଅଁର, ହାଟଡ଼ିହୀ, ସମୟ : ପ୍ରାତଃ ୬ ଟା।
- ଶ୍ରୀଦକ୍ଷିଣ ମୁଖୀ ହନୁମାନ ମନ୍ଦିରରେ ସଙ୍କୀର୍ତ୍ତନ, ନଗର ପରିକ୍ରମା,ସ୍ଥାନ: ଯୋଡ଼ା, ସମୟ: ଅପରାହ୍ନ ୩ ଟା।
- ରାମ ନବମୀ ଉପଲକ୍ଷେ ଅଷ୍ଟମ ଦିବସରେ ପ୍ରବଚନ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ବାସନ୍ତିକ ଦୁର୍ଗାଙ୍କ ମହାଷ୍ଟମୀ ପୂଜା,ସ୍ଥାନ: ଉଦଳା ମୁଖ୍ୟ ବଜାର ବାସନ୍ତୀ ମଣ୍ଡପ,ସମୟ:ସକାଳ ୬ଟା।
- ମା'ଭୈରବୀଙ୍କ ପୀଠରେ ବାସନ୍ତିକ ମହାନବମୀ ପୂଜା, ସ୍ଥାନ:ମଧୁବନ, ବାରିପଦା, ସମୟ: ସକାଳ ୮ଟା।
- ମହାଷ୍ଟମୀ ବାସନ୍ତିକ ପୂଜା, ସ୍ଥାନ:ବାଘଡ଼ାରୋଡ୍, ବାରିପଦା,ସମୟ: ସକାଳ ୮ଟା।
- ନିଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର,ସ୍ଥାନ:ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସର, ଉଦଳା,ସମୟ:ପୂର୍ବାହ୍ନ ୧୦ଟା।
- ମା' ଅମ୍ବିକା ଭଜନ ସମାରୋହ, ସ୍ଥାନ:ଅମ୍ବିକାସାହି, ବାରିପଦା,ସମୟ:ସନ୍ଧ୍ୟା ୭ଟା।

## ଗଞ୍ଜାମ

- ଶ୍ରୀରାମଚରିତମାନସ ନବାହ୍ନ ପାରାୟଣ ଓ ପ୍ରବଚନ, ସ୍ଥାନ: ବୁଗୁଡ଼ା,କଦମ୍ବମଠ,ସମୟ: ସକାଳ ୭ଟା।

## କନ୍ଧମାଳ

- ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ ଓ ସଫେଇ, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟରୁ ଆରମ୍ଭ, ସମୟ: ସକାଳ ୭ଟା।
- ଏମ୍‌ଜିଏନ୍‌ଆରଇଜିଏସ୍‌ର ବ୍ଲକସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦାରିଙ୍ଗବାଡି ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ଅନୁଗୋଳ

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୬ଟା।
- ବୁଢ଼ାବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା, ସ୍ଥାନ: ଛେଣ୍ଡିପଦା ଜେରଙ୍ଗ ଦେହୁରୀସାହି, ସମୟ: ସକାଳ ୮ଟାରୁ ଆରମ୍ଭ।
- ପୁନର୍ବାସ ଓ ଥଇଥାନ ନୀତି ନେଇ ଜନ ଶୁଣାଣି, ସ୍ଥାନ: ନାଲ୍‌କୋ ସ୍ମେଲଟର ଟ୍ରେନିଂ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ସମସ୍ତ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ : ଅପରାହ୍ନ ୨ଟା।
- ଚଣ୍ଡୀ ଯଜ୍ଞ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ଅପରାହ୍ନ ୨ଟା ୩୦।

## କେନ୍ଦ୍ରାପଡ଼ା

- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ସାମୁହିକ ହନୁମାନ ଚାଳିଶା ପାଠ, ସ୍ଥାନ: ମହୁଲିଆ ରାମନବମୀ ପୀଠ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀବାସନ୍ତୀ ଦୁର୍ଗାଙ୍କ ପୂଜାତ୍ସୋବ, ସ୍ଥାନ: ଆଳି ବ୍ଲକର ଚଣ୍ଡିଆଗଡି ବଡତୋଟା, ଗରଦପୁର ବ୍ଲକର ବେଡାରୀ, ଚାଡଲିଆ, ଶୀତଳପାଟଣା, ବଙ୍ଗଳପୁର, ଭାଟପଡା, ନୈନ୍ଦିପୁର, ମହାକାଳପଡ଼ା ବ୍ଲକର ବାବର, ବିଜୟନଗର, କିଆରବାଙ୍କ, ନନ୍ତାର, ପାତ୍ରଗଡ, ଖରିନାଶୀ, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀମହାବୀର ହନୁମାନ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ନିଶୁଳ୍କ ସ୍ୱାସ୍ଥ୍ୟ ପରାମର୍ଶ ଓ ଔଷଧ ବଣ୍ଟନ ଶିବିର, ସ୍ଥାନ: କୁସୁନପୁର, ବଡବେତରା, ଗରଦପୁର, ସମୟ: ସକାଳ ୯ଟା।
- ବିଭିଜିରାମଜିର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ହଳଧର କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ବାର୍ଷିକ ସାଧାରଣ ସଭା, ସ୍ଥାନ: ବାରୋ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଜାଡି ଠାକୁରାଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ଶ୍ରୀମଦ ଭାଗବତ ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ନିମପୁର, ଆଳି, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗାପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ଚତୁର୍ବିଂଶ ବାର୍ଷିକୀ କଳିକଲୁଷନାଶନ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସଖୀବଟ, ଗୌଡଗାଁ, ଡିହବଲରାମପୁର କଚେରୀପଡା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀରାମପୁର, ପଟ୍ଟାମୁଣ୍ଡାଇ, ସମୟ: ସନ୍ଧ୍ୟା ୭ଟା।

## ଯାଜପୁର

- ବ୍ଲକସ୍ତରୀୟ ଆଇନ ସେବା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବରୀ ବ୍ଲକ୍ ଅଧୀନ ରାମଚନ୍ଦ୍ରପୁର ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ଏବଂ ଆଶାଙ୍କୁ ନେଇ ସମ୍ମିଳନୀ, ସ୍ଥାନ: ମହାରାଜ ଯଯାତି କେଶରୀ ମେଡିକାଲ କଲେଜ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ଦିବସ-୨୦୨୬ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ବିଚାରାଧୀନ କୋର୍ଟ କେଶ ସଂକ୍ରାନ୍ତରେ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା୩୦।

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୩ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା ।
- ବାସନ୍ତିକ ଦୁର୍ଗାପୂଜା ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ଦରଦା ମହିଷାଶୁଣୀ ପୀଠ, ସମୟ:ସକାଳ ୭ଟା ୩୦ ।
- ଅଷ୍ଟ ପ୍ରହର ଓ ଗୀତାଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକର ସିଦ୍ଧାମୂଳା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ନବମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା ।
- ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିରର ୩ୟ ଦିବସ, ସ୍ଥାନ:ନୟାଗଡ଼ ବ୍ଲକ ମାଛିପଡା ସରକାରୀ ହାଇସ୍କୁଲ, ସମୟ:ପୂର୍ବାହ୍ନ ୧୦ଟା ।
- ଅଷ୍ଟ ପ୍ରହର ଓ ନାମଯଜ୍ଞର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ବଡବାଣପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ଆଶା, ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତି ଓ ଜନ ଆରୋଗ୍ୟ ସିମିତିର ସମ୍ମିଳନୀ, ସ୍ଥାନ: ପଠାଣି ସାମନ୍ତ ଅଡିଟୋରିୟମ, ସମୟ ;ପୂର୍ବାହ୍ନ ୧୧ଟା ।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ନବମ ଦିବସରେ ପାରାୟଣରେ ଅଙ୍ଗଦ ଚିଟାଉ ଓ ରାବଣ ବଧ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା ।

## ନବରଙ୍ଗପୁର

- ମାସିକ ରାଜସ୍ୱ ବୈଠକ, ସ୍ଥାନ: ନବରଙ୍ଗପୁର ପଞ୍ଚାୟତ ସାଧନ କେନ୍ଦ୍ର, ସମୟ:ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ପୌର ପରିଷଦ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ ଉଦଘାଟନ, ସ୍ଥାନ: ସେମିଳିଗୁଡ଼ା ଭେଣ୍ଡିଂ ଜୋନ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ବାବା ବିଶାସହେ କୁଲତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ : ଠେମରାସ୍ଥିତ ଶ୍ରୀଶ୍ରୀରଣେଶ୍ୱର ରାମଚଣ୍ଡୀ ପୀଠ, ସମୟ : ସକାଳ ୮ଟା।
- ସମ୍ବଲପୁର ନାଟ୍ୟାନୁଷ୍ଠାନ ସମନ୍ୱୟ ସମିତି ପକ୍ଷରୁ ପକ୍ଷରୁ ପ୍ରେକ୍ଷାଳୟ ପ୍ରତିଷ୍ଠା ଦାବିରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ମା' ମଙ୍ଗଳାଙ୍କ ବାସନ୍ତିକ ନବ ଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡୀପାଠ ଓ ସନ୍ଧିପୂଜା, ସ୍ଥାନ : ଭୁତାପଡା, ସମୟ : ମଧ୍ୟାହ୍ନ ୧୨ଟା ୧୫।
- କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ ଚଣ୍ଡୀହୋମ ଓ ସିଦ୍ଧିଦାତ୍ରୀ ପୂଜା, ସ୍ଥାନ : ବୈଦାରନୂଆପାଲି କାମାକ୍ଷା ବିହାର, ସମୟ : ରାତ୍ରି ୧୦ଟା ୧୫।

## ବଲାଙ୍ଗୀର

- ଶ୍ରୀରାମ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଓ ଚବିଶ ପ୍ରହର ନାମଯଜ୍ଞ, ସ୍ଥାନ: ତାଳପାଲିପଡା, ବଲାଙ୍ଗୀର, ସମୟ: ଅପରାହ୍ନ ୧ଟାରୁ ।

## ରାଉରକେଲା

- ସେକ୍ଟର-୩ ବାସନ୍ତିକ ପୂଜା, ସ୍ଥାନ: ସେକ୍ଟର-୩, ସମୟ: ସକାଳ ୭ଟା।
- ସେକ୍ଟର-୬ରେ ବାସନ୍ତିକ ପୂଜା ଓ ସନ୍ଧ୍ୟାରେ ବାଦିପଲା,ସ୍ଥାନ: ସେକ୍ଟର-୬, ସାରଳା ମନ୍ଦିର, ସମୟ: ସକାଳ ୭ଟା।
- ଚୈତ୍ର ନବରାତ୍ରୀ, ୮ମ ଦିବସ, ସ୍ଥାନ: ଜଗଦା ମା'ବାଟମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ସପ୍ତମୀ, ସ୍ଥାନ: ସେକ୍ଟର-୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- ସର୍ବଭାରତୀୟ ବିକ୍ଷୋଭ, ସ୍ଥାନ: ବିଶ୍ରା ଛକ, ସମୟ: ସକାଳ ୮ଟା।
- ହମୀରପୁର କଣ୍ଟ୍ରାକ୍ଟର କଲୋନୀ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା, ସ୍ଥାନ: କଣ୍ଟ୍ରାକ୍ଟର କଲୋନୀ, ସମୟ: ସକାଳ ୯ଟା।
- ସାଇରାମ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ବୈକୁଣ୍ଠ ଘାଟ, ସମୟ : ପୂର୍ବାହ୍ନ ୧୦ଟା।
- ଜାତୀୟ ନାଟ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ସିଭିକ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

## ସୁନ୍ଦରଗଡ଼

- ଟେନସା ଘାଟିରେ ମା' ବନଦୁର୍ଗା ମନ୍ଦିରରେ ମହା ଅଷ୍ଟମୀ ପୂଜା, ସ୍ଥାନ: ଟେନସା, ସମୟ: ସକାଳ ୧୦ଟା।

## ବରଗଡ଼

- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା,ସ୍ଥାନ: ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ସକାଳ ୬ଟା।
- ବାସନ୍ତୀକ ନବରାତ୍ର ପୂଜା,ସ୍ଥାନ: ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ: ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ଗାଇସୀମା, ବରଗଡ଼,ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ, ରାମଜୀ ମଠ, ଗାଇସିଲେଟ, ସମୟ:ସକାଳ ୯ଟା।
- ମାଁ ବହଲତଲିଏନ ଦେବୀଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବରେ କଳସଯାତ୍ରା, ସ୍ଥାନ: ଗାଇସିଲେଟ, ସମୟ:ସନ୍ଧ୍ୟା ୫ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ-୨୦୨୬, ସ୍ଥାନ:ଚେତନା ମଣ୍ଡପ, ସୋହେଲା, ସମୟ:ରାତି ୮ଟା ୩୦।

## କଳାହାଣ୍ଡି

- ଓଡ଼ିଆ ପକ୍ଷ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବସ୍ତରେନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଜୁନାଗଡ଼ ବ୍ଲକ ଚାରଭାଟି, ସମୟ: ପୂର୍ବାହ୍ନ ୧୦ଟା।
- ଭାରତ ମୁକ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ବାସନ୍ତିକ ନବରାତ୍ର ପୂଜାର ଅଷ୍ଟମ ଦିବସ, ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ନେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ସାଇବର କ୍ରାଇମ୍‌ର ତଦନ୍ତ ଓ ଡିଜିଟାଲ ଫୋରେନସିକ ସମ୍ପର୍କିତ କାର୍ଯ୍ୟଦକ୍ଷତା ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଝାମୁ ଯାତ୍ରା, ସ୍ଥାନ: ସାହାଜଲଥା,ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୨ଟା।
- ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟିର ବୈଠକ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଗୁଦଗୁଦା,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ପ୍ରାତଃ ୫ଟା ୧୫।
- ଚବିଶ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଜାମଗାଁ, ସମୟ: ସକାଳ ୭ଟା ୩୫।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଲେଇ ଗଲା,**
**ମାଲେଇ ଗଲା ।**

ବେଳେବେଳେ ବ୍ୟକ୍ତିଙ୍କ ସକଳ ଚେଷ୍ଟା, ଉଦ୍ୟମ ସବୁ ନିରାଶାରେ ପରିଣତ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସବୁ ଆଶା ଲୋପ ପାଇବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡିଆ ଘରର ଖଟ ବିଛଣା**
**ଖପରାରେ ଚିନି ନବାତ ପଣା**
**ଖାଉଅଛି ବୁଢ଼ା ବସି**
**ଖେଚର ଖେଚର ସବୁବେଳେ ହୁଏ**
**କ୍ଷଣେ ନ ହୁଅଇ ଖୁସି।**

ବୟସ ଅତ୍ୟଧିକ ହୋଇଗଲେ ବ୍ୟକ୍ତି ସାଧାରଣତଃ ଚିଡ଼ିଚିଡ଼ା ପ୍ରକୃତିର ହୋଇଯାନ୍ତି। ସବୁବେଳେ ପାଟିସୁଆଦ ଖାଦ୍ୟ ଖାଇବା ନେଇ ମନ ବଳାଇଥାନ୍ତି। ସେହିପରି ପ୍ରତ୍ୟେକ କଥାରେ ଖୁଣ ବାହାର କରିବା ସହ ନିଜର ଅସନ୍ତୋଷ ଭାବ ପ୍ରକାଶ କରିଥାନ୍ତି। ଅତ୍ୟଧିକ ବୟସ୍କ ବ୍ୟକ୍ତିଙ୍କଠାରେ ଏଭଳି ଗୁଣ ପରିଲକ୍ଷିତ ହେଉଥିବା ଅର୍ଥରେ ଏପରି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ରାଜ୍ୟରେ ଦୈନିକ ...

ରୁଜୁ ହୋଇଛି। ରାଜ୍ୟରେ ସାଇବର ଅପରାଧ, ଯୌତୁକଜନିତ ହତ୍ୟା, ଯୌତୁକଜନିତ ଆତ୍ମହତ୍ୟା ଏବଂ ଯୌତୁକଜନିତ ନିର୍ଯାତନା ସମ୍ପର୍କିତ ତଥ୍ୟ ଯାହା ଗୃହ ବିଭାଗର ଶ୍ୱେତପତ୍ର ଜରିଆରେ ଦର୍ଶାଇଛି ତାହା ମଧ୍ୟ ଅନେକଙ୍କ ମନରେ ଚିନ୍ତା ସୃଷ୍ଟି କରାଇଥିବା ଜଣାପଡ଼ିଛି। ୨୦୨୫ରେ ରାଜ୍ୟରେ ମୋଟ ୨୮୦୩ ସାଇବର ଅପରାଧ ମାମଲା ପଞ୍ଜୀକୃତ ହୋଇଛି। ଅର୍ଥନୈତିକ ସାଇବର ଅପରାଧରେ ୧୮୬୯, ସୋସିଆଲ ମିଡିଆ ସମ୍ପର୍କିତ ଅପରାଧରେ ୧,୧୮୩ , ହ୍ୟାକିଂ ମାମଲାରେ ୮ ଏବଂ ଅନ୍ୟାନ୍ୟ ସାଇବର ଅପରାଧରେ ୪୩ ମାମଲା ପଞ୍ଜୀକୃତ ହୋଇଛି। ୨୦୨୫ରେ ରାଜ୍ୟରେ ୧୪୫ ଯୌତୁକଜନିତ ହତ୍ୟା ମାମଲା ରୁଜୁହୋଇଥିବା ବେଳେ ୭୭ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ରୁଜୁହୋଇଛି। ସେହିଭଳି ୪୩୬୧ ଯୌତୁକଜନିତ ନିର୍ଯାତନା ଏବଂ ୫୪୧୯ ଅଣଯୌତୁକ ନିର୍ଯାତନା ମାମଲା ରୁଜୁ ହୋଇଛି। ସେହିବର୍ଷ ମହିଳା ଚାଲାଣ ଅପରାଧରେ ୧୬୪ ଏବଂ ପୁରୁଷ ଚାଲାଣ ଅପରାଧରେ ୫୩ ମାମଲା ରୁଜୁ ହୋଇଛି। ଗୃହବିଭାଗ ରାଜ୍ୟର ସମସ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ବେଦନଶୀଳ ମାମଲାକୁ ରେଡ୍ ଫ୍ଲାଗ୍‌ଭାବେ ବିବେଚନା କରିଥାଏ। ୨୦୨୫ରେ ରାଜ୍ୟରେ ୨୯୩ ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀରେ ରଖାଯାଇଛି। ୨୦୨୫ରେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକରେ ଶିଶୁ ଅଶ୍ଳୀଳତା, ବଳାତ୍କାର ଓ ଗଣବଳାତ୍କାର ସମ୍ବନ୍ଧୀୟ ୧୭୮୧ ଅଭିଯୋଗ ଗ୍ରହଣ କରାଯାଇଛି। ୨୦୨୪ରେ ଏହି ସଂଖ୍ୟା ୧୦୨୩ ଥିବାବେଳେ ୨୦୨୩ରେ ୫୬୯ ରହିଥିଲା।

## 'ନାଭିକ୍' ସଙ୍କଟ: ...

-୧ଏଚ୍'ର ଲଞ୍ଚ୍ ବିଫଳ ହୋଇଥିଲା। ସେହିପରି ନୂଆ ପିଢ଼ିର ନାଭିଗେଶନ ସାଟେଲାଇଟ୍ ସିଷ୍ଟମ୍ 'ଏନ୍‌ଭିଏସ୍-୦୨'ର ଲଞ୍ଚ୍ ମଧ୍ୟ ବିଫଳ ହେଲା। ଏହି କାରଣରୁ ଆଗାମୀ ମିଶନ ଏନ୍‌ଭିଏସ୍-୦୩, ୦୪ ଏବଂ ୦୫ ବିଳମ୍ବିତ ହେଉଛି, ଯାହା ଭାରତକୁ ଏବେ ବି ଆମେରିକାର ଜିପିଏସ୍ ଉପରେ ନିର୍ଭରଶୀଳ କରି ରଖିଛି। କେନ୍ଦ୍ର ସରକାରଙ୍କ ପୂର୍ବତନ ସଚିବ ଇ.ଏ.ଏସ୍. ଶର୍ମାଙ୍କ କହିବା ଅନୁଯାୟୀ, ସରକାର ଓ ଇସ୍ରୋ ବର୍ତ୍ତମାନ 'ଗଗନଯାନ' ଏବଂ 'ଆକ୍ସିଅମ ମିଶନ-୪' (ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଯାତ୍ରା) ଭଳି ହାଇ-ପ୍ରୋଫାଇଲ୍ ମିଶନରେ ଅଧିକ ବ୍ୟସ୍ତ ରହୁଛନ୍ତି। ସେ ମତ ଦେଇଛନ୍ତି ଯେ, ରାଜନୈତିକ ସଫଳତା ଅପେକ୍ଷା ଦେଶର ସୁରକ୍ଷା ଓ ରଣନୈତିକ ଆବଶ୍ୟକତାକୁ ପ୍ରଥମ ପ୍ରାଧାନ୍ୟ ଦେବା ଉଚିତ।

## ସରିଲା ଚଳନ୍ତି ...

ଆରମ୍ଭ କରିଥିଲେ। ଗଣତିମଣତି କାର୍ଯ୍ୟରେ ସୁପରଭାଇଜିଂ ଟିମ୍ ସହଯୋଗ କରିଥିବା ବେଳେ କେବଳ ହ୍ୟାଣ୍ଡଲିଂ ଟିମ୍ ସଦସ୍ୟ ରତ୍ନଭଣ୍ଡାର ମଧ୍ୟକୁ ପ୍ରବେଶ କରି ଗଣତି କରିଥିଲେ। ରାଜ୍ୟ ସରକାରଙ୍କ ଏସ୍‌ଓପି ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଉଛି। ଦାନ ଅର୍ଥରେ ମିଳୁଥିବା ଅଳଙ୍କାର ମଧ୍ୟ ଗଣତି କରାଯାଇଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଗଣତି ଆରମ୍ଭ ହୋଇଛି।

## ଅବଶିଷ୍ଟାଂଶ

ରତ୍ନଭଣ୍ଡାରକୁ ୩ ଭାଗରେ ବିଭକ୍ତ କରାଯାଇଛି। ଯଥା- ଚଳନ୍ତି, ପ୍ରଥମ ଏବଂ ଦ୍ୱିତୀୟ ରତ୍ନଭଣ୍ଡାର। ପ୍ରଥମ ପର୍ଯ୍ୟାୟରେ ଚଳନ୍ତି ରତ୍ନଭଣ୍ଡାର ଗଣତି କରାଯାଇଛି। ତେବେ କିଛି ଅଳଙ୍କାର ଯେପରି ରାହୁରେଖା, ଚିତା ଆଦି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି ହୋଇ ରହିଥାଏ, ସେ ସେବୁକୁ ଆଜି ଗଣନ୍ତି କରାଯାଇ ନାହିଁ। ଆଗାମୀ ଦିନରେ ସୁଯୋଗ ମିଳିଲେ ଗଣତି କରାଯିବ। ୧୯୭୮ ମସିହା ତାଲିକା ସହ ମେଳକ କରାଯାଇଛି। ମଧ୍ୟାହ୍ନ ୧୨ଟା ୯ରୁ ସନ୍ଧ୍ୟା ୬ଟା ୧୫ ପର୍ଯ୍ୟନ୍ତ ୬ ଘଣ୍ଟାଧରି ଗଣତି କାର୍ଯ୍ୟ କରାଯାଇଛି। ସମସ୍ତ ଅଳଙ୍କାରର ଓଜନ କରାଯାଇଥିଲା। ବିଶେଷଜ୍ଞମାନେ ଯନ୍ତ୍ର ସାହାଯ୍ୟରେ ମାପ କରିଛନ୍ତି। ଫଟୋଗ୍ରାଫି ଓ ଥ୍ରୀଡି ମ୍ୟାପିଂ କରାଯାଇଛି। ଗଣତି ପରେ ସମସ୍ତ ଅଳଙ୍କାର ଭଣ୍ଡାର ମେକାପଙ୍କୁ ପ୍ରଦାନ କରାଯାଇଛି। କାର୍ଯ୍ୟ ସମୟରେ ଭକ୍ତମାନେ ବାହାର କାଠ ନିକଟରେ ଦର୍ଶନ କରିଥିଲେ। ତିଥି, ବାର ଦେଖି ପରବର୍ତ୍ତୀ ଗଣତି କରାଯିବ। ତେବେ କ'ଣ କ'ଣ ଗଣତି କରାଯାଇଛି, ସେ ସମ୍ପର୍କରେ ଆଜି ସୂଚନା ପ୍ରଦାନ କରିହେବ ନାହିଁ। ସମସ୍ତ ଅଳଙ୍କାର ଗଣତି ପରେ ତଥ୍ୟ ପ୍ରଦାନ କରାଯିବ। ୩ଟି ଭଣ୍ଡାରର ଅଳଙ୍କାର ଗଣତି ପରେ ତାଲିକା ପ୍ରସ୍ତୁତ କରାଯାଇ ଶ୍ରୀମନ୍ଦିର ପରିଚାଳନା କମିଟିକୁ ପ୍ରଦାନ କରାଯିବ। ଏହାର ଏକ ନକଲ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇଛନ୍ତି। ଗଣତିମଣତିକୁ ନେଇ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବା ବେଳେ ଡାକ୍ତରୀଦଳ, ଓଡ୍ରାଫ୍, ଅଗ୍ନିଶମ କର୍ମଚାରୀ ପ୍ରମୁଖ ମୁତୟନ ରହିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଆଜିର ଗୁରୁଚାନ୍ଦ୍ରୀ ଯୋଗ ଭାଗ୍ୟସ୍ଥାନ ପ୍ରତି ଦୃଷ୍ଟିସମ୍ବନ୍ଧ ଯୋଗୁ ନୂତନ କର୍ମାରମ୍ଭ ସହ ପାରିବାରିକ ସୁଖଶାନ୍ତି ଅନୁଭବ କରିବେ। ସକାଳୁ ବନ୍ଧୁଙ୍କ ସହ ସୁଖଭ୍ରମଣ ଯୋଗ ମଧ୍ୟ ରହିଛି। କେତୁ କୋଣଭାବ ମଣ୍ଡନ କରିଥିବାରୁ ଭୁଲ୍ ନିଷ୍ପତ୍ତି ନେଇପାରନ୍ତି। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବନ୍ଧୁଙ୍କ ସହ ସୁସମ୍ପର୍କରେ ବ୍ୟାଘାତ ଘଟିବ।

**ବୃଷ**: ରବିଙ୍କ ଦୃଷ୍ଟି ପ୍ରଭାବଜନିତ ବିଶିଷ୍ଟବ୍ୟକ୍ତିଙ୍କ ପରାମର୍ଶରୁ ପରିବାରକୁ ନିର୍ଦ୍ଦେଶ କରୁଥିବା ଗ୍ରହ ନିଜସ୍ଥାନରୁ ଦୁଃସ୍ଥାନସ୍ଥ ହେତୁ ପାରିବାରିକ ସୌଖ୍ୟ ରହି ନ ପାରେ। ଲୋକ ସମ୍ପର୍କ, ରାଜନୀତି, ଆନୁଷ୍ଠାନିକ ସ୍ଥିତି ସମସ୍ୟାବହୁଳ ରହିବ। ରାଶିରେ ମଙ୍ଗଳ ଯେକୌଣସି ପରିସ୍ଥିତିର ସାମ୍ନା କରି ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର କରାଇପାରନ୍ତି।

**ମିଥୁନ**: ପୂର୍ବ ସଂକଳ୍ପିତ କାର୍ଯ୍ୟ କରିବାରେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। କର୍ମକ୍ଷେତ୍ରରେ କିଛିଟା ବ୍ୟତିକ୍ରମକୁ ନେଇ ଉଚ୍ଚବାଚ ଘଟିବାର ସମ୍ୟକ୍ ସୂଚନା ମଧ୍ୟ ରହିଛି। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ମତାନ୍ତରର ଆଶଙ୍କା ଦେଖାଦେବ। କିନ୍ତୁ ସର୍ବୋପରି ପୁନର୍ବସୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରି ଖୁସି ରହିବେ।

**କର୍କଟ**: କର୍ମାଧିପଙ୍କ ଲକ୍ଷ୍ମୀଯୋଗ ପ୍ରଭାବରେ ପଦସ୍ଥଙ୍କ ଛତ୍ରଛାୟା ତଳେ ରହି କର୍ମକ୍ଷେତ୍ରରେ ସୁଯୋଗ ଲାଭକରିବେ। ସହକର୍ମୀଙ୍କ ନିକଟରେ ମନକଥା ଲୁଚାଇ ରଖିପାରିବେ ନାହିଁ। ଦୂରଯାତ୍ରା, ବାଣିଜ୍ୟ, ଆଲୋଚନା, ସଂଗଠନ ଓ ଆନୁଷ୍ଠାନିକ କାମ ସକାଶେ ଦିନଟି ଭଲ । ବନ୍ଧୁମାନଙ୍କ ପରାମର୍ଶରେ ମାଙ୍ଗଳିକ କାମର ଯୋଜନା ପ୍ରସ୍ତୁତ କରିପାରନ୍ତି।

**ସିଂହ**: ଶୁକ୍ରଙ୍କ ସୁପ୍ରଭାବରୁ ବନ୍ଧୁଙ୍କ ସହଯୋଗରେ ଅଯାଚିତ ସାହାଯ୍ୟ ପାଇବେ। ଯେକୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଭଲଭାବରେ ଚିନ୍ତା କରିବା ଭଲ ହେବ। ଯାତ୍ରା କାଳରେ ସତର୍କ ନ ହେଲେ ବ୍ୟସ୍ତତା ବଢ଼ିବା ସାଙ୍ଗକୁ କୌଣସି ଜିନିଷ ଘରେ ରହିଯାଇପାରେ । ପରିବାରର ଦୁର୍ବଳତାକୁ ଘୋଡ଼ାଇବାକୁ ଯାଇ ଅନ୍ୟକୁ ମିଥ୍ୟା କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା**: ଭାଗ୍ୟସ୍ଥାନକୁ ଶୁଭଗ୍ରହ ଦେଖୁଥିବାରୁ ଆଜି ଯେଉଁ କାମରେ ହାତ ଦେବେ ସଫଳ ହେବେ। ପରିବାର ସ୍ଥାନରେ ଶନି ଅଶାନ୍ତିର ମାତ୍ରା ବଢ଼ାଇପାରେ। କୋଣଭାବରେ ଶୁକ୍ରଥିବାରୁ ବାକି ରଖିଥିବା ଲୋକଟି ହଠାତ୍ ଟଙ୍କା ଦେଇଯିବ। ପ୍ରଶାସନ, ରାଜନୀତି, ଗବେଷଣାରେ ସମସ୍ୟା ସମାଧାନରେ ରାସ୍ତା ବାହାର କରିନେବେ।

**ତୁଳା**: ସପ୍ତମଭାବସ୍ଥ ରବି ଓ ଶନିଙ୍କ ସ୍ଥିତିରୁ ଅସଜଡ଼ା ପରିସ୍ଥିତିକୁ ସଜାଡ଼ି ନେବାରେ ଅସମର୍ଥ ହୋଇପାରନ୍ତି। ଲୋକସମ୍ପର୍କ ଭଲ ରହିଥିବାରୁ ସମ୍ମାନ ଲାଭ କରିବେ। ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ନୂତନ ପଦକ୍ଷେପ ନେବାର ପରିକଳ୍ପନା କରିପାରନ୍ତି। ନିଜ ପରିସରରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ଆନୁଷଙ୍ଗିକ ସହଯୋଗ ମିଳିବ।

**ବିଛା**: କେନ୍ଦ୍ରକୋଣସ୍ଥ ପାପଗ୍ରହ ପ୍ରଭାବରେ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଦୂରେଇ ଯାଇପାରେ। ପରିବାରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଆଜିର କାମ ସାମାନ୍ୟ ବିଳମ୍ବରେ ଶେଷ ହେବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟ ସମାଧାନର ଆଶା ରହିଛି।

**ଧନୁ**: ଶୁକ୍ରଙ୍କ ଶୁଭଦୃଷ୍ଟିରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ତଦନୁଯାୟୀ କାମ କଲେ ଉପକୃତ ହେବେ। ପଦସ୍ଥବ୍ୟକ୍ତିଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ନୂତନ ବନ୍ଧୁସମ୍ପର୍କ କ୍ଷେତ୍ରରେ ସଫଳତା ପାଇବେ। ପାରିବାରିକ ସ୍ତରରେ ସହମତିରେ କାମ କଲେ ସଫଳତା ପାଇବେ। ସବୁକଥାକୁ ହାଲୁକା ଭାବିଲେ କ୍ଷତିରେ ପଡିବେ।

**ମକର**: କର୍ମାଧିପଙ୍କ ଶୁଭତ୍ୱ କାରଣରୁ ପ୍ରତିବନ୍ଧକ ଦୂରେଇଯିବ। ପିଲାଙ୍କ ସ୍ୱାସ୍ଥ୍ୟ ଏବଂ ଉଚ୍ଚଶିକ୍ଷାରେ ସମସ୍ୟାଜନିତ ବ୍ୟସ୍ତତା ପ୍ରକାଶ କରିପାରନ୍ତି। ସାଧାରଣ କଥାରେ ସହକର୍ମୀଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ। ବିବାଦୀୟ କ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।


**କୁମ୍ଭ**: ରାଶିରେ ଗ୍ରହମାନଙ୍କ ସୁପ୍ରଭାବରେ ବିବାଦରେ ଜୟଲାଭ ସହ ପ୍ରତ୍ୟେକ କାମରେ ସଫଳତା ହାସଲ କରିପାରିବେ। ଅତ୍ୟାବଶ୍ୟକ ଜିନିଷଟି ପାଖରେ ନ ଥିବାରୁ କାମ ସ୍ଥଗିତ ରହିଯିବ। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ରହିବା ଯୋଗୁ ଶାନ୍ତି ପାଇବେ। ପୂର୍ବଶତ୍ରୁତାରୁ ଆତ୍ମୀୟମାନେ ଅପପ୍ରଚାର ଚଳାଇପାରନ୍ତି।

**ମୀନ**: ରାଶିସ୍ଥ ପାପଗ୍ରହଙ୍କ କୁପ୍ରଭାବରୁ ବିଶେଷ କାମଟିରେ ଅବହେଳା କରି ଅନୁତାପ କରିପାରନ୍ତି। ଆଜିର କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ଆଳାପର ସମୟ କଟିଯିବ । ବନ୍ଧୁଙ୍କ ପରାମର୍ଶରେ ଉଚ୍ଚଶିକ୍ଷା ଲାଗି ବିଦେଶ ଯାତ୍ରା ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ବନ୍ଧୁଙ୍କ ସହଯୋଗ ପାଇବାରେ ସମସ୍ୟା ଦେଖାଦେଇପାରେ।

ଆଜି ମାର୍ଚ୍ଚ ୨୬ ତାରିଖ ଗୁରୁବାର। ଅଶୋକାଷ୍ଟମୀ, ଶ୍ରୀମନ୍ଦିରରେ ଗର୍ଭୋଦକ ବନ୍ଦାପନା ଓ ଜେଉଟ ଭୋଗ, ଶ୍ରୀଲିଙ୍ଗରାଜଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ମହାଷ୍ଟମୀ ପୂଜା, ଗୃହଦେବୀଙ୍କ ମହାନବମୀ ପୂଜା, ପୀଠେ ମହାନବମୀ ପୂଜା। ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୪୯ ଗତେ ଘ.୦୭।୨୬ ମଧ୍ୟେ, ଘ.୧୦।୩୯ ଗତେ ଘ.୦୧।୦୫ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧।୨୩ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ ।

**ବଜ୍ରପାତ: ଜଣେ ମୃତ, ଜଣେ ବଧିର**

**ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ):** ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବୁଧବାର ଅପରାହ୍ନ ସମୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଜଣେ ବଧିର ହୋଇଥିବା ଜଣାପଡ଼ିଛି। ନୀଳଗିରି ଏନ୍‌ଏସି ୧ ନମ୍ବର ୱାର୍ଡ ଘାଟଘରସାହି ଗ୍ରାମର ଗଣେଶ୍ୱର ବେହେରା (୪୦) ତାହିସାହି ବିଶ୍ୱାଳସାହିରେ ଜଣଙ୍କ ଘରେ ଛାତ ପକାଇ ଜରି ଡାଙ୍ଗୁଥିଲେ। ହଠାତ୍ ପ୍ରବଳ ବିଜୁଳି ସହ ବଜ୍ରପାତ ହେବାରୁ ଗଣେଶ୍ୱରଙ୍କ ମୃତ୍ୟୁ ଘଟିଥିଲା। ସେହିପରି ସିଆଡ଼ିମାଳ ଗ୍ରାମର ବାବୁ ଦାସ ମଧ ବଧିର ହୋଇଥିବା ବେଳେ ଡାହାଣ କାନକୁ କିଛି ଶୁଭୁ ନ ଥିବା ଜଣାପଡ଼ିଛି। ତୁରନ୍ତ ଦୁଇଜଣଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇଥିଲା। ଗଣେଶ୍ୱରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।




# ମହିଳା ବିରୋଧୀ ଦଣ୍ଡବିଧାନ ହାରରେ ଓଡ଼ିଶା ଅଗ୍ରଣୀ: ମୁଖ୍ୟମନ୍ତ୍ରୀ

## ‘ସୁଧୁରିଯାଅ, ନଚେତ୍ ସୁଧାରିଦେବୁ’

**ଭୁବନେଶ୍ୱର,୨୫।୩(ରବିନାରାୟଣ ଜେନା)**

ରାଜ୍ୟରେ ମହିଳା ହିଂସାକୁ ନେଇ ନମ୍ବର ଗେମ୍ ଖେଳିବାକୁ ଚାହୁଁନାହିଁ। କିନ୍ତୁ ବିରୋଧୀଙ୍କ ଅପ୍ରଚାରର ଉତ୍ତର ଦେବାକୁ ପଡ଼ିବ। ରାଜ୍ୟରେ ମହିଳା ବିରୋଧୀ ହିଂସା ପୂର୍ବାପେକ୍ଷା ହ୍ରାସ ପାଇଛି ଏବଂ ଦଣ୍ଡବିଧାନ କ୍ଷେତ୍ରରେ ଦେଶରେ ଓଡ଼ିଶାର ହାର ସବୁଠୁ ଅଧିକ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ କହିଛନ୍ତି।

ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନା କାଳରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୨୨ରେ ମହିଳା ହିଂସା ବିରୋଧରେ ଦଣ୍ଡବିଧାନ ହାର ମାତ୍ର ୯.୨ପ୍ରତିଶତ ଥିଲା, ପରେ ଏହା ୨୦୨୩ରେ ୬.୭ ପ୍ରତିଶତକୁ ଖସିଥିଲା। ଏହି ସମୟ ମଧ୍ୟରେ ମହିଳା ହିଂସା ବିରୋଧରେ ଦଣ୍ଡ ବିଧାନ ହାର ସାରା ଦେଶରେ ଓଡ଼ିଶାର ସବୁଠାରୁ କମ୍ ଥିଲା। ସୁଶାସନର ଡିଣ୍ଡିମ ପିଟୁଥିବା ୨୪ ବର୍ଷୀୟ ସରକାର ମହିଳାଙ୍କୁ ନ୍ୟାୟ ଦେବାରେ ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଥିଲା। ମାତ୍ର ଆମ ସରକାର ସମୟ ୨୦୨୫ର ପ୍ରଥମ ୬ ମାସରେ ମହିଳା ହିଂସା ଅପରାଧୀଙ୍କ ବିରୋଧରେ ଦଣ୍ଡବିଧାନ ହାର ୪୧ ପ୍ରତିଶତ ହୋଇଛି। ଜୁନ୍ ମାସରେ ଏହା ୬୨ପ୍ରତିଶତକୁ ବୃଦ୍ଧି ପାଇଛି। ଏହି ଦଣ୍ଡବିଧାନ ହାର ସାରା ଦେଶରେ ସବୁଠାରୁ ଅଧିକ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ଆମ ସରକାର ଶାସନକୁ ଆସିବାର ୧୮ ମାସ ଅର୍ଥାତ୍ ୨୦୨୪ ଜୁଲାଇ ପହିଲାରୁ ୨୦୨୫ ଡିସେମ୍ବର ଶେଷସୁଦ୍ଧା ବଳାତ୍କାର ମାମଲା ୩.୫% ହ୍ରାସ ପାଇଛି। ସେହିପରି ମହିଳା ଅସଦାଚରଣ ମାମଲା ୨.୨% ହ୍ରାସ ପାଇଥିବାବେଳେ ସର୍ବସାଧାରଣରେ ନିବସ୍ତ୍ର ମାମଲା ୨୬.୮% ହ୍ରାସ ଘଟିଛି। ମହିଳାଙ୍କ ଉପରେ ଏସିଡ୍ ଆକ୍ରମଣ ମାମଲା ୭୩.୩% ହ୍ରାସ ପାଇଥିବାବେଳେ ଯୌତୁକଜନିତ ହତ୍ୟା ମାମଲା ୨୬.୧%, ଯୌତୁକ ନିର୍ଯାତନା ମାମଲା ୮.୩%, ଅଣଯୌତୁକ ନିର୍ଯାତନା ମାମଲା ୧.୬% ହ୍ରାସ ପାଇଛି। ସେହିଭଳି ହତ୍ୟା ମାମଲାରେ ୭.୪% ହ୍ରାସ ହୋଇଥିବାବେଳେ ୧୨.୮% ଡକାୟତି, ୩୪.୪% ଲୁଣ୍ଠନ, ୨୫.୭% ଦଙ୍ଗା ହ୍ରାସ ପାଇଛି। ନିକଟରେ ଓଡ଼ିଶା ପୋଲିସ ପକ୍ଷରୁ ଅପରେଶନ ଅନ୍ୱେଷଣ-୨ କରାଯାଇଥିଲା। ମାତ୍ର ୧୦ ଦିନ ମଧ୍ୟରେ ପରିବାରରୁ ବିଚ୍ଛିନ୍ନ ହୋଇଯାଇଥିବା ୫ ହଜାର ୪୫୧ ନିଖୋଜ ଶିଶୁ ଓ ମହିଳାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାରକରି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।


ବିଧାନସଭାରେ ବୁଧବାର ଅପରାହ୍ନରେ ଗୃହ ବିଭାଗର ଖର୍ଚ୍ଚ ଦାବି ଆଲୋଚନାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍‌ବୋଧନ।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତରେ ଦେଶ ପାଇଁ ସବୁଠାରୁ ବଡ଼ ଆନ୍ତରିକ ସୁରକ୍ଷା କ୍ଷେତ୍ରରେ ନକ୍ସଲ ଓ ମାଓବାଦୀ ହିଂସା ସବୁଠାରୁ ବଡ଼ ଆହ୍ୱାନ ଭାବେ ଉଭା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଯୋଗୁ ଭାରତ ମାଓବାଦୀମୁକ୍ତ ଦେଶରେ ପରିଣତ ହେବାକୁ ଯାଉଛି, ମାତ୍ର ଆଉ ସାତଦିନ ପରେ ଡବଲ-ଇଞ୍ଜିନ ସରକାର ଭାବେ ଓଡ଼ିଶା ବି ଏହି ଅଭିଯାନରେ ସାମିଲ ହୋଇଛି। ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳର ମିଳିତ ପ୍ରୟାସରେ ଓଡ଼ିଶା ଖୁବ୍‌ଶୀଘ୍ର ଗୃହ ମନ୍ତ୍ରଣାଳୟର ମାଓବାଦୀ ତାଲିକାରୁ ବାଦ୍ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଶିଶୁ ଓ ମହିଳାଙ୍କ ପ୍ରତି ହେଉଥିବା ଅନଲାଇନ୍ ନିର୍ଯାତନାକୁ ପ୍ରତିହତ କରିବା ପାଇଁ ସାଇବର କମ୍ପ୍ଲେକ୍ସ ଭୁବନେଶ୍ୱରଠାରେ ଶିଶୁ ଓ ମହିଳା ଅନ୍‌ଲାଇନ ନିର୍ଯାତନା ମନିଟରିଂ ୟୁନିଟ୍ କାର୍ଯ୍ୟ କରୁଛି। ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସଂଗଠିତ ସାଇବର ଅପରାଧ ନେଟ୍‌ୱର୍କକୁ ମୂଳପୋଛ କରିବା ଦିଗରେ ଓଡ଼ିଶା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛ। ୧୩ଫେବୃଆରୀ ୨୦୨୬ରୁ ୧୨ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଏକ ସ୍ୱତନ୍ତ୍ର ଅଭିଯାନ ‘ଅପରେଶନ ସାଇବର କବଚ’ ଆରମ୍ଭ କରାଯାଇଥିଲା। ଏହି ଅଭିଯାନରେ ୩୯ ହଜାର ୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ୧,୪୨୨ଟି ନୂତନ ମାମଲା ପଞ୍ଜୀକୃତ କରାଯାଇଛି। ତନ୍ମଧ୍ୟରୁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ୧ ହଜାର ୩୧୫ ମାମଲା, ନକଲି ସିମ୍‌କାର୍ଡ ସମ୍ବନ୍ଧୀୟ ୨୪ ମାମଲା, ଏଟିଏମ୍ ଉଠାଣ ସମ୍ବନ୍ଧୀୟ ୩୬ ମାମଲା ଓ ଚେକ୍ ଉଠାଣ ସମ୍ବନ୍ଧୀୟ ୪୭ ମାମଲା ରୁଜୁ କରାଯାଇଛି। ଏହା ବ୍ୟତୀତ ସାଇବର ଠକେଇରେ ସମ୍ପୃକ୍ତ ଥିବା ସମୁଦାୟ ୩୭୯ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ତଦନ୍ତ ପ୍ରକ୍ରିୟାକୁ ଆଗକୁ କ୍ରିୟାଶୀଳ କରିବା ପାଇଁ ପ୍ରାୟ ୭ ହଜାର ୫୪୯ରୁ ଅଧିକ ଆକାଉଣ୍ଟଧାରୀ ଓ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ଆଇନଗତ ନୋଟିସ ଜାରି କରାଯାଇଛି। ସାଇବର ଅପରାଧ ରୋକିବା ଦିଗରେ ସରକାରଙ୍କ ପକ୍ଷରୁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜନସାଧାରଣ ସଚେତନ ହେଲେ ଏହାକୁ ରୋକାଯାଇପାରିବ। ଆମ ସରକାର ଆସିଲା ପରେ ଅପରାଧୀଙ୍କ ପ୍ରତି ପୂର୍ବ ସରକାର ସମୟରେ ଥିବା କୋହଳ ମନୋଭାବ, ପ୍ରେମ ଏବଂ ରାଜନୈତିକ ସୁରକ୍ଷାର ଏକ୍ସପାଏରି ହୋଇସାରିଛି। ଭାରତୀୟ ନ୍ୟାୟ ସଂହିତା କାର୍ଯ୍ୟକାରୀ ହେବା ପରଠାରୁ ୨୦୨୫ ପର୍ଯ୍ୟନ୍ତ ଓଡ଼ିଶାରେ ଦୋଷୀ ସାବ୍ୟସ୍ତ ହାର ୮୭.୬ପ୍ରତିଶତ ବୃଦ୍ଧି ପାଇଛି ।

ମୁଖ୍ୟମନ୍ତ୍ରୀ ଅପରାଧୀଙ୍କୁ ଚେତାବନୀ ଦେଇ କହିଛନ୍ତି, ସୁଧୁରି ଯାଅ, ନ ହେଲେ ସରକାର ଓ ପୋଲିସ ପ୍ରଶାସନ ସୁଧାରିବାକୁ ପ୍ରସ୍ତୁତ ଅଛନ୍ତି। ସରକାର ଏକ ଶାନ୍ତ, ଅପରାଧମୁକ୍ତ ଓଡ଼ିଶା ଗଠନ କରିବା ପାଇଁ ଯୋଜନା କରିଛନ୍ତି। ଏହାର ସଫଳ ରୂପାନ୍ତରୀକରଣ ନିମନ୍ତେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଗୃହ ବିଭାଗ ପାଇଁ ୧୦ ହଜାର ୭୮୬ କୋଟି ୬୯ ଲକ୍ଷ ୬୦ ହଜାର ଟଙ୍କାର ବ୍ୟୟ ମଞ୍ଜୁରୀ ପ୍ରସ୍ତାବକୁ ସ୍ୱୀକୃତି ପ୍ରଦାନ କରିବା ଲାଗି ସମସ୍ତ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ।

# ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ


## ମଣ୍ଡି ସମସ୍ୟା ନେଇ ତାତିଲା କଂଗ୍ରେସ

**ମାଲକାନଗିରି,୨୫।୩**
**(ଦୁର୍ଯ୍ୟୋଧନ ପାତ୍ର)**

ଧାନ ମଣ୍ଡିରେ ଅବ୍ୟବସ୍ଥା ସହ ୪ ଦଫା ଦାବି ନେଇ ଜିଲା କଂଗ୍ରେସ କମିଟି ତରଫରୁ ବୁଧବାର ୧୨ ଘଣ୍ଟିଆ ମାଲକାନଗିରି ଜିଲା ବନ୍ଦ ପାଳନ କରାଯାଇଛି। ବୁଧବାର ସକାଳୁ ସମସ୍ତ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର ଓ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। କାଲିମେଲା ମୁଖ୍ୟ ବଜାର ଦେଇ ରାଞ୍ଚି-ବିଜୟୱାଡା ୩୨୬ ନଂ. ଜାତୀୟ ରାଜପଥ ଯାଇଥିବା ବେଳେ ଆନ୍ଧ୍ର ଓ ତେଲଙ୍ଗାନାରୁ ଆସୁଥିବା ଅନେକ ବସ୍ ଓ ଟ୍ରକ୍ ଉଭୟ ପଟେ ଅଟକି ରହିଥିବା ଦେଖିବାକୁ ମିଳିଥିଲା। ସେହିପରି ବନ୍ଦ ପାଳନ ଯୋଗୁ ଅନ୍ତଃରାଜ୍ୟ ଯୋଗାଯୋଗ ଠପ୍‌ହେବା ସହ ଏମ୍‌ଭି ୭୯, ମୋଟୁ ଏବଂ ପଡିଆ ବ୍ଲକକୁ ମଧ୍ୟ ଯୋଗାଯୋଗ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜିଲା ସଦର ମହକୁମା ସହ ସମସ୍ତ ବ୍ଲକରେ ବନ୍ଦ ପାଳନର ପ୍ରଭାବ ଦେଖିବାକୁ ମିଳିଛି ।


ବନ୍ଦ ପାଳନ ଯୋଗୁ ମାଲକାନଗିରି ମୁଖ୍ୟ ରାସ୍ତା ଶୂନଶାନ।

ସମସ୍ତ ମଣ୍ଡିରୁ ଧାନ ଉଠାଇବା, ଅଖା ବସ୍ତା ଟଙ୍କା ଫେରସ୍ତ କରିବା, ଖାଉଟିମାନଙ୍କୁ ଠିକ୍ ସମୟରେ ଗ୍ୟାସ୍ ସିଲିଣ୍ଡର ଯୋଗାଇଦେବା ସହ କାଳବୈଶାଖୀରେ ନଷ୍ଟ ହୋଇଥିବା ଧାନର କ୍ଷତିପୂରଣ ଦେବା ପରି ୪ ଦଫା ଦାବିରେ କଂଗ୍ରେସ ତରଫରୁ ଏହି ବନ୍ଦ ପାଳନ କରାଯାଇଥିଲା। ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ଧାନମଣ୍ଡି ଆରମ୍ଭ ହେବାର ୩ ମାସ ପରେ ବି ବହୁ ଚାଷୀଙ୍କ ଧାନ ବିକ୍ରି ହୋଇ ନ ପାରି ମଣ୍ଡିରେ ପଡିରହିଛି। ଏହାବ୍ୟତୀତ ବହୁ ଚାଷୀଙ୍କ ଟୋକନ ଆସିଥିବା ସତ୍ତ୍ୱେ ସରକାର ଧାନ ଖରିଦ କରି ନ ଥିବାରୁ ଉକ୍ତ ଟୋକନର ସମୟସୀମା ମଧ୍ୟ ସରିଗଲାଣି। ଫଳରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଏବେ ଅଦିନିଆ ବର୍ଷା ଯୋଗୁ ବହୁ ଚାଷୀଙ୍କ ଧାନ ନଷ୍ଟହେବାରେ ଲାଗିଛି। ତେଣୁ ଚାଷୀଙ୍କୁ ଅଦିନିଆ ବର୍ଷାଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ, ମଣ୍ଡିରୁ ସମସ୍ତ ଧାନ ଖରିଦ କରାଯାଉ ଏବଂ ୩ ବର୍ଷର ଖାଲିବସ୍ତା ବାବଦକୁ ବକେୟା ଟଙ୍କା ଯୋଗାଇଦେବାକୁ ଦାବି ହୋଇଛି। ଅନ୍ୟପକ୍ଷେ ଏବେ ଜିଲାରେ ପେଟ୍ରୋଲ, ଗ୍ୟାସ୍ ସିଲିଣ୍ଡରର ଅଭାବ ଦେଖିବାକୁ ମିଳିଛି। ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ତୁରନ୍ତ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଓ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦିଆଯିବାକୁ ଦାବି ହୋଇଛି। ଏହି ବନ୍ଦ ପାଳନରେ ଜିଲା କଂଗ୍ରେସ କମିଟି ସଭାପତି ଜି. ଶ୍ରୀନିବାସ ରାଓ, ପୂର୍ବତନ ସଭାପତି ଗୋବିନ୍ଦ ପାତ୍ର, କଂଗ୍ରେସ ବରିଷ୍ଠ କର୍ମୀ ପ୍ରଭାକର ପାଳ, ପି. କେଶୁ ରାଓ, ପର୍ଶୁରାମ ଭକ୍ତ, ପ୍ରାଣକୃଷ୍ଣ ମଣ୍ଡଳଙ୍କ ସହ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ସ୍ଥାନରେ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।



ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ। **–ଶ୍ରୀମା**

-ଅଶୋକାଷ୍ଟମୀ, ଲିଙ୍ଗରାଜ ଦେବଙ୍କ ରଥଯାତ୍ରା, ବାସନ୍ତିକ ଦୁର୍ଗାଦେବ୍ୟାଃ ମହାନବମୀ ପୂଜା ଓ ଶ୍ରୀମନ୍ଦିରରେ ଜେଉଟ ଭୋଗ



# ଅହିଂସା ଓ ଅସ୍ପୃଶ୍ୟତା



ଦେବଦତ୍ତ ପଟ୍ଟନାୟକ

ଅହିଂସାକୁ ହିନ୍ଦୁଧର୍ମରେ ଶ୍ରେଷ୍ଠ ସଦାଚାର ବା ଗୁଣ ବୋଲି ବିବେଚନା କରାଯାଏ। ଏହା ସଦାଚାରୀ ସନ୍ନ୍ୟାସୀ, ଦୟାଶୀଳ ଋଷି ତଥା ଶ୍ରେଷ୍ଠ ନୈତିକ ଜୀବନର ଭାବମୂର୍ତ୍ତିକୁ ପରିପ୍ରକାଶକରେ। କିନ୍ତୁ ଏହି ସକାରାତ୍ମକ ଭାବନା ପ୍ରଚ୍ଛଦରେ ବି ଅନେକ ସାମାଜିକ ବ୍ୟବସ୍ଥା ରହିଛି, ଯାହା ଅସ୍ପୃଶ୍ୟତାକୁ ଦୃଢ଼ କରିବା ପାଇଁ ଅନୁମତି ଦେଇଛି। ଲୋକେ ଅନେକ ସମୟରେ ଜାତି ଓ ଅସ୍ପୃଶ୍ୟତାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ନ୍ତି। ଯେତେବେଳେ ସେମାନେ ସାମାଜିକ ସ୍ତରରେ ରହିଥିବା ଜାତି ସମ୍ପର୍କରେ କହନ୍ତି ସେତେବେଳେ ଉଚ୍ଚବର୍ଗ କଥା ହିଁ ବଖାଣିଥାନ୍ତି। ତେବେ ସମ୍ପ୍ରତି ଭାରତରେ ଅହିଂସାର ୨ ପ୍ରକାର ପ୍ରଭାବଶାଳୀ ରୂପ ରହିଛି। ପ୍ରଥମଟି ହେଉଛି ଗାନ୍ଧିଜୀଙ୍କ ଅହିଂସା, ଯାହା ରାଜନୈତିକ ରଣନୀତିର ମୂଳରେ ଅଛି। ଏହା ଅସ୍ତ୍ର ତ୍ୟାଗକରି ଅସହଯୋଗକୁ ପ୍ରୋତ୍ସାହିତ କରେ। ଏହା ଅନ୍ୟାୟକୁ ପ୍ରତିରୋଧ କରିବା ପାଇଁ ଶାରୀରିକ ଶକ୍ତି ବଦଳରେ ନୈତିକ ଚାପ ପ୍ରୟୋଗ କରିଥାଏ। ଏହି ପ୍ରକାର ଅହିଂସା ଭାରତର ସ୍ୱାଧୀନତା ସଂଗ୍ରାମରେ ପ୍ରମୁଖ ଭୂମିକା ନେଇଥିଲା। କିନ୍ତୁ ଏବେ ସନାତନୀ ହିନ୍ଦୁତ୍ୱବାଦୀ ଗୋଷ୍ଠୀ ଏହାକୁ ଅସ୍ୱୀକାର କରୁଛନ୍ତି। କାରଣ ସେମାନେ ବିଶ୍ୱାସ କରୁଛନ୍ତି, ଦେଶକୁ ସୁରକ୍ଷା ଦେବା ଏବଂ ଧର୍ମୀୟ ପରିଚୟକୁ ରକ୍ଷାକରିବା ପାଇଁ ହିଂସା ଆବଶ୍ୟକ। ସେମାନେ ଭାବନ୍ତି, ଅହିଂସା ହେଉଛି ଦୁର୍ବଳତା।

ଦ୍ୱିତୀୟ ପ୍ରକାର ଅହିଂସା ହେଉଛି ଆହାର ସମ୍ପର୍କିତ ଅହିଂସା। ଏହି ଅହିଂସା ବିଚାରରେ ମାଛ, ମାଂସ କିମ୍ବା ଅଣ୍ଡା ଖାଉଥିବା ଲୋକଙ୍କ ତୁଳନାରେ ଉଦ୍ଭିଦଜ ଖାଦ୍ୟାହାରୀ ବ୍ୟକ୍ତି ନୈତିକ ଦୃଷ୍ଟିରୁ ଶ୍ରେଷ୍ଠ। ଏହି ବିଶ୍ୱାସ ସାମାଜିକ ସ୍ତରରେ ଅତ୍ୟଧିକ ବଳବତ୍ତର ରହିଛି। ଦୈନନ୍ଦିନ ପରମ୍ପରା, ସଂସ୍ଥାଗତ ନିୟମ, ମନ୍ଦିର ନୀତିନିୟମ, କର୍ପୋରେଟ ସଂସ୍କୃତି ଏବଂ ରାଜନୈତିକ ପ୍ରତୀକାତ୍ମକ ସିଦ୍ଧାନ୍ତରେ ମଧ୍ୟ ଏହା ଦୃଢ଼ ରହିଆସିଛି। ଏହି ପ୍ରକାର ଅହିଂସା ଅସ୍ପୃଶ୍ୟତାର ଧାରଣା ଏବଂ ପବିତ୍ରତାର ସାମାଜିକ ଶ୍ରେଣୀବାଦକୁ ଆରମ୍ଭ କରିଛି। ଉଲ୍ଲେଖନୀୟ, ଆହାର ସମ୍ବନ୍ଧୀୟ ଅହିଂସାକୁ ଉଭୟ ଗାନ୍ଧିବାଦୀ ଏବଂ ସନାତନୀମାନେ ପାଳନ କରୁଛନ୍ତି। ଖାଦ୍ୟ ପ୍ରାଥମିକତା ଏବଂ ଖାଦ୍ୟ ପସନ୍ଦ ନାମରେ ଏହାକୁ ପାଳନ କରାଯାଉଛି।

ଶାକାହାରବାଦ ସମ୍ପୂର୍ଣ୍ଣ ଭାବେ ଜୈନ ସିଦ୍ଧାନ୍ତରୁ ଆସିଛି। ଏହା ସ୍ପଷ୍ଟକରେ ଯେ,ଉଦ୍ଭିଦ କୌଣସି ଯନ୍ତ୍ରଣା ଅନୁଭବ କରେନାହିଁ ଏବଂ ସେଥିପାଇଁ ଉଦ୍ଭିଦଜ ଖାଦ୍ୟ ଖାଇବା ହିଂସା ନୁହେଁ। କିନ୍ତୁ ଏହି ତର୍କ ବିଜ୍ଞାନ ଓ ବୈଦିକ ବ୍ୟାଖ୍ୟାନ ମଧ୍ୟରେ ବିରୋଧାଭାସ ସୃଷ୍ଟିକରେ। ଶତପଥ ବ୍ରାହ୍ମଣରେ କୁହାଯାଇଛି ଯେ, ଏପରିକି ଉଦ୍ଭିଦଜ ଖାଦ୍ୟ ଖାଉଥିବା ଲୋକ ପରଜୀବନରେ ମଧ୍ୟ ତାହାର ଫଳ ଭୋଗ କରିବ, ଯେଉଁଠି ତାଙ୍କୁ ଉଦ୍ଭିଦ ଖାଦ୍ୟ ଭାବେ ଗ୍ରହଣ କରିବ ଏବଂ ସେ ଯନ୍ତ୍ରଣା ଭୋଗ କରିବେ। ପୁରାତନ ଜୈନ ବିଚାରରେ, ଆମରଣ ଅନଶନ ଅର୍ଥ ହେଉଛି ପ୍ରକୃତ ଅହିଂସା। ଅର୍ଥାତ୍ କିଛି ନ ଖାଇଲେ କୌଣସି ହିଂସା ହେବନାହିଁ। କୃଷି ସହି ଜଡ଼ିତ ବ୍ୟକ୍ତିମାନେ ଜାଣନ୍ତି ଯେ, ଶାକାହାର ଖାଦ୍ୟ ଯନ୍ତ୍ରଣାମୁକ୍ତ ନୁହେଁ। କୃଷି ହିଂସା ମଧ୍ୟରେ ବୁଡିରହିଛି। ଫସଲର ସୁରକ୍ଷା ପାଇଁ କୀଟପତଙ୍ଗ, ମୂଷା ଏବଂ ପକ୍ଷୀଙ୍କୁ ମାରିଦିଆଯାଏ। ଷଣ୍ଢକୁ ଅସ୍ତ୍ରୋପଚାର ମାଧ୍ୟମରେ ବଳଦ କରି ହଳ ଓ ପରିବହନରେ ବ୍ୟବହାର କରାଯାଏ। ଏହି କାର୍ଯ୍ୟକୁ ଶାକାହାରବାଦ ଗୁପ୍ତ ରଖିଛି ଏବଂ ସହରାଞ୍ଚଳରେ ରହୁଥିବା ପ୍ରତିଷ୍ଠିତ ବ୍ୟକ୍ତିମାନେ ଶୁଦ୍ଧ ଓ ଅହିଂସକ ଖାଦ୍ୟ ଖାଉଛନ୍ତି ବୋଲି ଧାରଣା ସୃଷ୍ଟି କରିଛି।



ପ୍ରକୃତରେ କୃଷିକାର୍ଯ୍ୟରେ ଶୂଦ୍ର, ସେବକମାନେ ଜଡ଼ିତ ଥିଲେ ଏବଂ ସେମାନଙ୍କ ହିଂସାତ୍ମକ କାର୍ଯ୍ୟ ସାମ୍ନାକୁ ଆସିପାରୁ ନ ଥିଲା। କାରଣ ସେମାନଙ୍କ ସହ ବହୁ କମ୍ ଯୋଗାଯୋଗ ରହୁଥିଲା। ଯାଯାବର ଗୋଷ୍ଠୀର ପଶୁପାଳକ, ମରୁଭୂମିରେ ରହୁଥିବା ସମ୍ପ୍ରଦାୟ, ବନବାସୀ ଏବଂ ଉପକୂଳରେ ବସବାସ କରୁଥିବା ଲୋକେ ଭାବନ୍ତି ଯେ, ମାଂସ ଓ ମାଛ ହେଉଛି ଜୀବନର ଆବଶ୍ୟକତା। ଭିଲ୍, ଗୋଣ୍ଡ, କୋଲି, ଶବରଙ୍କ ସମେତ ଉତ୍ତରପୂର୍ବାଞ୍ଚଳର ଆଦିବାସୀ ସମୁଦାୟଗୁଡ଼ିକ ଶିକାର ଓ ଭୋଜନ ପାଇଁ ସେମାନଙ୍କ ପରିସଂସ୍ଥାକୁ କ୍ଷୟ ନ କରି ସ୍ଥାୟୀ ଭାବରେ ବସବାସ କରିଆସିଛନ୍ତି। ତଥାପି ସେମାନଙ୍କ ଉପରେ ହିଂସକ ଓ ଅପବିତ୍ର ମୋହର ଲଗାଇ ଦିଆଯାଉଛି। ଖଣି ଓ ଭିତ୍ତିଭୂମି ପାଇଁ ଶିଳ୍ପପତିମାନେ ଜଙ୍ଗଲ ଧ୍ୱଂସ କରୁଥିଲେ ମଧ୍ୟ ସେମାନଙ୍କୁ ସାତ୍ତ୍ୱିକ ଓ ପବିତ୍ର ବୋଲି କୁହାଯାଉଛି। ଏହା ହେଉଛି ନୈତିକତାର ବିପରୀତ ସ୍ଥିତି ଏବଂ ଆମ ହିଂସା ସମ୍ପର୍କିତ ଗଭୀର ବିଚାରଧାରାକୁ ଜାତି ଓ ବର୍ଗ କିଭଳି ଗଢ଼ିଛି ତାହା ଏହା ପ୍ରକାଶ କରେ।

ସାମାଜିକ ବିଚାରଧାରାରେ ପବିତ୍ରତା ତଥା ଶୁଦ୍ଧତା ପ୍ରମୁଖ ବିଷୟ ହୋଇରହିଛି। ଭାରତର ସାର୍ବଜନୀନ ସଂସ୍ଥାଗୁଡ଼ିକ ଉପରେ ଶାକାହାର ଧାରଣାର ପ୍ରଭାବ ବିସ୍ତାର କରିଛି। ଗାନ୍ଧିଜୀଙ୍କ ସାବରମତି ଆଶ୍ରମରେ ଶାକାହାର ରୋଷଘର ଅଛି ଏବଂ ଆର୍‌ଏସ୍‌ଏସ୍‌ର ସେହିଭଳି କ୍ୟାଣ୍ଟିନ ସବୁ ଅଛି। କର୍ପୋରେଟ କାର୍ଯ୍ୟାଳୟଗୁଡ଼ିକ ଜୈନ କିଚେନ୍‌କୁ ନେଇ ଗର୍ବ କରନ୍ତି। କେବଳ ଶାକାହାର ଖାଦ୍ୟ ଦେବା ପାଇଁ ଏୟାଲାଇନ୍ସକୁ ବାଧ୍ୟ କରାଯାଉଛି। ତୀର୍ଥସ୍ଥଳୀ ଥିବା ସହରଗୁଡ଼ିକୁ ଶୁଦ୍ଧ ଶାକାହାର ଅଞ୍ଚଳ ଭାବେ ଘୋଷଣା କରାଯାଉଛି । 'ଶୁଦ୍ଧ' ଶବ୍ଦ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂଚିତ କରେ ଯେ, ମାଂସାହାରୀମାନେ ପରିବେଶକୁ ଦୂଷିତ କରନ୍ତି ଏବଂ ସେମାନଙ୍କ ଉପସ୍ଥିତି, ଗନ୍ଧ ଏବଂ ଅଭ୍ୟାସ ପ୍ରଦୂଷଣକାରକ। ଶୁଦ୍ଧତା ବ୍ୟବସ୍ଥା ଯୋଗୁ ଟିଫିନ ବକ୍ସରେ ଆମିଷ ଖାଦ୍ୟ ଆଣିବା ପାଇଁ କର୍ମଚାରୀଙ୍କୁ ବାରଣ କରାଯାଉଛି। ଯେଉଁମାନେ ମାଂସ ରୋଷେଇ କରୁଛନ୍ତି, ସେମାନଙ୍କୁ ହାଉସିଂ ସୋସାଇଟିଗୁଡ଼ିକ ଘର ଭଡ଼ା ଦେଉନାହାନ୍ତି। ଯାହା ଦିନେ ଜାତିଗତ ପୃଥକୀକରଣ କିମ୍ବା ବାଛବିଚାର ଥିଲା ତାହା ଏବେ ଜୀବନଶୈଳୀ ପସନ୍ଦ ହୋଇଯାଇଥିବା ଜଣାପଡୁଛି। ପରିଭାଷା ବଦଳିଯାଇଥିଲେ ବି ବ୍ୟବସ୍ଥା ସେହିଭଳି ରହିଛି। ବ୍ରାହ୍ମଣ ଓ ଶୂଦ୍ର ବଦଳରେ ଏବେ ଆମ ମଧ୍ୟରେ ପବିତ୍ର ଓ ଅପବିତ୍ର କିମ୍ବା ଶୁଦ୍ଧ ଓ ଅଶୁଦ୍ଧ ହିନ୍ଦୁ ଭାବନା ରହିଛି।

ସାମାଜିକ ସ୍ତରରେ ଥିବା ଏଭଳି ଉଚ୍ଚନୀଚ ଭାବନାକୁ ଯୁକ୍ତିଯୁକ୍ତ ଦର୍ଶାଇବାକୁ ଯାଇ ଗୁରୁମାନେ ସାତ୍ତ୍ୱିକ, ରାଜସିକ, ତାମସିକ ଖାଦ୍ୟ ସିଦ୍ଧାନ୍ତ ସାମ୍ନାକୁ ଆଣିଛନ୍ତି, ଯାହାକୁ ଏବେ ପୋଷକ ବିଜ୍ଞାନର ଅସ୍ତ୍ର ଭାବେ ଦର୍ଶାଯାଉଛି। ଏହାସହ ନୈତିକତାର ବିଷୟ ରୂପେ ଉପସ୍ଥାପନ କରାଯାଉଛି। ତଥାପି କୌଣସି ହିନ୍ଦୁ ଗ୍ରନ୍ଥ ଶାକାହାରବାଦକୁ ଏକ ବୈଶ୍ୱିକ ନିୟମ ଭାବେ ଗ୍ରହଣ କରିନାହିଁ। ମହାଭାରତ, ରାମାୟଣ ଏବଂ ପୁରାଣରେ ଶିକାରୀ, ମାଛ ଭକ୍ଷକ ଏବଂ ମାଂସାହାରୀ ଋଷିଙ୍କ ସମ୍ପର୍କିତ ବର୍ଣ୍ଣନା ଭରିରହିଛି। ଏ ସମ୍ପର୍କରେ ସୂଚିତ କରାଯାଇଥିଲେ ମଧ୍ୟ ଆଧୁନିକ ପ୍ରକାଶନ ସଂସ୍ଥାଗୁଡ଼ିକ ଭୁଲ୍ ଅନୁବାଦ କରୁଛନ୍ତି। ହିନ୍ଦୁଧର୍ମ ବିପଦରେ ଅଛି ବୋଲି ଲୋକେ ଦାବି କରୁଥିବାବେଳେ ଏଥିପାଇଁ ସେମାନେ ବାହ୍ୟଶତ୍ରୁକୁ ଦାୟୀ କରୁଛନ୍ତି। ହେଲେ ବଡ଼ ବିପଦ ଦେଶ ଭିତରେ ରହିଛି। ଶୁଦ୍ଧ ଓ ଅଶୁଦ୍ଧ ବ୍ରାହ୍ମଣୀୟ ବିଚାରଠାରୁ ଆରମ୍ଭ କରି ବୌଦ୍ଧ ଓ ଜୈନଧର୍ମର ଦାର୍ଶନିକ ସିଦ୍ଧାନ୍ତରେ ଏହା ଥିଲା ଏବଂ ଏବେ ଏହାକୁ ନୈତିକ ଜୀବନଶୈଳୀ ଭାବେ ପୁନଃ ନାମକରଣ କରାଯାଇଛି। ସେମାନେ ମିଳିତ ଭାବେ ଏକ ସାମାଜିକ ଉଚ୍ଚନୀଚ ସ୍ତର ଗଢ଼ିଛନ୍ତି, ଯେଉଁଠି ଅଭିଜାତ୍ୟ ବର୍ଗଙ୍କ ଅଭ୍ୟାସକୁ ବିଶ୍ୱସ୍ତରରେ ସଦ୍‌ଗୁଣ ଆଖ୍ୟା ଦିଆଯାଇଛି ଏବଂ ନୀଚବର୍ଗର ଲୋକଙ୍କ ଜୀବନରକ୍ଷାର ରଣନୀତିକୁ ତୁଚ୍ଛ କହି ସେମାନଙ୍କୁ ତିରସ୍କାର କରାଯାଉଛି। ଏହି ପ୍ରକାରେ ଅହିଂସା ହିଂସାର ସମାଧାନ କରେ ନାହିଁ। ବରଂ ଏହା ହିଂସାକୁ ଆଢୁଆଳରେ ରଖେ। ଜାତିକୁ ଅସ୍ୱୀକାର କରାଯାଉଛି , ହେଲେ ଅସ୍ପୃଶ୍ୟତାକୁ ସତର୍କତାର ସହ ଉଲ୍ଲେଖ କରାଯାଉଛି। ଏଭଳି କରିବା ଯୋଗୁ ଏହା ସାମାଜିକ ପ୍ରାଧାନ୍ୟକୁ ଆଧ୍ୟାତ୍ମିକ ଶୁଦ୍ଧତା କିମ୍ବା ସଂସ୍କାର ଭାବେ ତ୍ରୁଟିପୂର୍ଣ୍ଣଭାବେ ଉପସ୍ଥାପନ କରିବା ପାଇଁ ଅନୁମତି ଦେଇଛି, ଯେତେବେଳ କି ପବିତ୍ରତା ତଥା ଶୁଦ୍ଧତାର ପରିବେଶରେ ନିର୍ବିରୋଧରେ ଅସାମାନତା ଜାରି ରହିଛି।

–devduttofficial@gmail.com

# ଆମ ପରିବେଶ ଆମ ହାତରେ



ଅରିଜିତ ମିଶ୍ର

ପରିବେଶ ବଞ୍ଚିଲେ ଜୀବଜଗତ ବଞ୍ଚିବ। ସେଥି ନିମିତ୍ତ ଏକାଧିକ ସ୍ଲୋଗାନ ରହିଛି, 'ପରିବେଶ ସୁରକ୍ଷା ଜୀବନ ରକ୍ଷା'। ମଣିଷର କର୍ତ୍ତବ୍ୟ ଯେତିକି ମାତ୍ରାରେ ପରିବେଶକୁ ସୁରକ୍ଷା ଦେଇପାରିବ, ସେହିଭଳି ନିଜର ଅମୂଲ୍ୟ ଜୀବନକୁ ବଞ୍ଚାଇପାରିବ। ପରିବେଶକୁ ମଣିଷ ଜୀବନର ମୂଳ ଆଧାର କହିଲେ ଅତ୍ୟୁକ୍ତି ହେବନାହିଁ। ପୃଥିବୀ ମଣିଷ ବଞ୍ଚିବା ନିମନ୍ତେ ମୃତ୍ତିକା, ଜଳ, ବାୟୁ, ଜଙ୍ଗଲ, ପର୍ବତ ଆଦି ପ୍ରଦାନ କରିଛି, ଯାହାଦ୍ୱାରା ପ୍ରାଣିଜଗତ ସୁନ୍ଦର ଭାବରେ ଜୀବନ ଅତିବାହିତ କରିପାରିବେ। ପୂରା କାଳରେ ମଣିଷ ପ୍ରକୃତିକୁ ଉପାସନା କରୁଥିଲା। ବୃକ୍ଷକୁ ପୂଜାକରିବା ବା ପର୍ବତର ଶିଖର ଦେଶରେ ଈଶ୍ୱର ଉପାସନା କରୁଥିଲା। ସେହି ସମୟରେ ମଣିଷ ପ୍ରକୃତିକୁ ବଞ୍ଚାଇବାକୁ ଯାଇ ପରିବେଶକୁ ସୁରକ୍ଷା ପ୍ରଦାନ କରୁଥିଲା। ସାଧାରଣତଃ ପରିବେଶକୁ ଆୟତ୍ତ କରିବାର ସାମର୍ଥ୍ୟ ମଣିଷ ହାତରେ ରହିଛି। କିନ୍ତୁ ମଣିଷ ଏବେ ନିଜର ସ୍ୱାର୍ଥ ସିଦ୍ଧି ନିମନ୍ତେ ପରିବେଶକୁ ନଷ୍ଟକରିବାକୁ ଉଦ୍ୟତ।

ମଣିଷ ପରିବେଶକୁ ପ୍ରଦୂଷିତ କରିବା ନିମନ୍ତେ ପଛାଉନାହିଁ। ଫଳରେ ଜଳ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ, ପ୍ଲାଷ୍ଟିକ୍ ଆଦି ଅନେକ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଛି। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ରଚିତ 'ବନ୍ଦେ ମାତରମ୍' ରେ ଭାରତର ପରିବେଶ ଉତ୍ତମ ଜଳ ବା ନଦୀରେ ପରିପୂର୍ଣ୍ଣ, ଫଳ ଉତ୍ପାଦନରେ ସମୃଦ୍ଧ, ମୃଦୁ ମଳୟ ପବନର ଶୀତଳତା, ଚାଷ ଜମିଗୁଡ଼ିକ ଶସ୍ୟ ଦ୍ୱାରା ପରିପୂର୍ଣ୍ଣ । କିନ୍ତୁ ବର୍ତ୍ତମାନ ସମୟକୁ ଦେଖିଲେ ଉକ୍ତ ପରିବେଶର ଶୋଭାରେ ଅନେକ ପରିବର୍ତ୍ତନ ହୋଇଛି। ପୃଥିବୀରେ ପ୍ରତିବର୍ଷ ପ୍ରାୟ ୭୦ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୧୭ ଲକ୍ଷ ମଣିଷ ବାୟୁ ପ୍ରଦୂଷଣ ଦ୍ୱାରା ମୃତ୍ୟୁର ଶିକାର ହୁଅନ୍ତି। ପୃଥିବୀରେ ଦିଲ୍ଲୀ, ଲାହୋର, ଢାକା, ବେଜିଂ, କରାଚୀ, କାବୁଲ, ଜାକର୍ତ୍ତା ଆଦି ଅନେକ ସହର ସବୁବେଳେ ବାୟୁ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ସ୍ଥାନରେ ରହୁଛନ୍ତି। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣର ମାତ୍ରା ୨% ବଢୁଥିବା ବେଳେ ଭାରତରେ ପ୍ରତିବର୍ଷ ୩% ବଢ଼ିଥାଏ। ପୃଥିବୀରେ ପ୍ରତିବର୍ଷ ଜଳ ପ୍ରଦୂଷଣ ଯୋଗୁ ୮ ଲକ୍ଷ ଲୋକ ମୃତ୍ୟୁବରଣ କରୁଥିବା ବେଳେ ଭାରତରେ ୨ ଲକ୍ଷ ମୃତ୍ୟୁବରଣ କରନ୍ତି। ଭାରତରେ ଅନେକ କାରଖାନା ଏବଂ ସହରରୁ ନିର୍ଗତ ବର୍ଜ୍ୟଜଳ ନାଳ ଦ୍ୱାରା ଛୋଟ ବଡ଼ ନଦୀରେ ମିଶୁଛନ୍ତି। ଓଡ଼ିଶାରେ କଟକ ସହରର ବର୍ଜ୍ୟଜଳ ପ୍ରତିଦିନ କାଠଯୋଡ଼ି ନଦୀରେ ମିଶୁଥିବାର ଦୃଶ୍ୟ ଦେଖିବାକୁ ମିଳେ। ପୃଥିବୀରେ ୩୩% ମୃତ୍ତିକା ପ୍ରଦୂଷିତ ହେଉଥିବା ବେଳେ ଭାରତର କୃଷି ଉପଯୋଗୀ ମୃତ୍ତିକା ୩୦% ପ୍ରଦୂଷଣର ଶିକାର ହେଉଛି। ପୃଥିବୀରେ ପ୍ରାୟ ୨୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହେଉଥିବା ବେଳେ ଭାରତର ସହରାଞ୍ଚଳରେ ୩୫% ମଣିଷ ଶବ୍ଦ ପ୍ରଦୂଷଣ ଦ୍ୱାରା ପ୍ରଭାବିତ ହୁଅନ୍ତି। ଠିକ୍ ସେହିପରି ପ୍ଲାଷ୍ଟିକ୍ ପ୍ରଦୂଷଣର ବୃଦ୍ଧି ଘଟୁଛି।

ଆମ ପରିବେଶ ଆମ ହାତରେ। ତେଣୁ ବେଳହୁଁ ସାବଧାନ ହେଲେ ଆମ ପରିବେଶ ସୁରକ୍ଷା ପାଇପାରିବ। ଯେପରିକି ବୃକ୍ଷରୋପଣ କରିବା ଆବଶ୍ୟକ, ଯାହା ଦ୍ୱାରା ବାୟୁମଣ୍ଡଳରେ ଅମ୍ଳଜାନର ମାତ୍ରା ଠିକ୍ ରହିବା ସହ ଶୁଦ୍ଧ ବାୟୁ ସୃଷ୍ଟିହେବ। ନବୀକରଣଯୋଗ୍ୟ ସମ୍ବଳ ଯଥା ସୌରଶକ୍ତି, ପବନ ଶକ୍ତି, ଜୁଆର ଶକ୍ତିର ବ୍ୟବହାର କରିବା ଦ୍ୱାରା କୋଇଲା ଏବଂ ଖଣିଜ ତୈଳର ବ୍ୟବହାର କମିଯିବ ଏବଂ ବାୟୁ ପ୍ରଦୂଷଣକୁ ମଧ୍ୟ ପ୍ରତିହତ କରିହେବ। ସରକାର ବୈଦ୍ୟୁତିକ ଗାଡ଼ି ଚଳାଇବା ନିମନ୍ତେ ପ୍ରୋତ୍ସାହନ ଦେଉଛନ୍ତି, ଆମେ ମଧ୍ୟ ଏହି ବୈଦ୍ୟୁତିକ ଯାନବାହନର ବ୍ୟବହାରକୁ ବିଶେଷ ପ୍ରାଥମିକତା ଦେବା ଆମ ପରିବେଶ ପାଇଁ ହିତକାରକ। ନଦୀ, ପୋଖରୀ ବା ଝରଣା ଆଦିର ଜଳକୁ ପରିଷ୍କାର ରଖିବା ଦରକାର । ଫଳରେ ମଣିଷ ନିଜର ଜୀବନ ବଞ୍ଚାଇପାରିବ। ଜୈବଇନ୍ଧନ ଚାଳିତ ଯାନବାହନର ବ୍ୟବହାର କମାଇବା ଆବଶ୍ୟକ। ପ୍ଲାଷ୍ଟିକ୍ ପଦାର୍ଥକୁ ପୁନଃ ପ୍ରକ୍ରିୟାକରଣ କରିବା ଲାଭଦାୟକ । କୃଷିଯୋଗ୍ୟ ଜମିରେ ରାସାୟନିକ ସାରର ବ୍ୟବହାର ମାତ୍ରା କମାଇ ଜୈବିକ ପଦ୍ଧତିରେ ଚାଷକରିବା ଭଲ। ସାଟେଲାଇଟ ଦ୍ୱାରା ବର୍ତ୍ତମାନ ବନ ନାଶନ, ଜଳବାୟୁ ପରିବର୍ତ୍ତନ, ବାୟୁ ପ୍ରଦୂଷଣ ଆଦି ପ୍ରତି ସରକାରୀ ସ୍ତରରେ ଲକ୍ଷ୍ୟ ରଖାଯାଉଛି। ତେଣୁ ଏହି ସମସ୍ତ ପଦ୍ଧତି ଅବଲମ୍ବନ କରିବା ସହ ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିହାତି ଆବଶ୍ୟକ। ଫଳରେ ମଣିଷ ନିଜ ହାତରେ ନିଜ ପରିବେଶକୁ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ଅଗ୍ରସର ହେବ। ସରକାରୀ ସ୍ତରରେ ମଧ୍ୟ ଅନେକ ଯୋଜନା ପରିବେଶ ସୁରକ୍ଷା ନିମନ୍ତେ କାର୍ଯ୍ୟକାରୀ ହେଉଛି। କିନ୍ତୁ କିଛି ଯୋଜନା ବ୍ୟର୍ଥହେବା ଆଶଙ୍କା ସୃଷ୍ଟି ହେଉଛି। ତେଣୁ ମଣିଷ ନିଜେ ସଂଯତ ଭାବ ରଖି ସରକାରଙ୍କୁ ସହଯୋଗର ହାତ ବଢ଼ାଇବାକୁ ପଡ଼ିବ ଏବଂ ପରସ୍ପର ମଧ୍ୟରେ ଏକତା ରକ୍ଷା କରିପାରିଲେ ନିଶ୍ଚିତ ଭାବରେ ପରିବେଶ ସୁରକ୍ଷିତ ରହିବ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ: ୯୦୪୦୩୫୦୦୮୯

## ଏଇ ଭାରତରେ

ପୋଲିସରେ ନିଯୁକ୍ତି ପାଇବା ପାଇଁ ଆଶାୟୀଙ୍କୁ ବହୁ ପରିଶ୍ରମ କରିବାକୁ ପଡ଼ିଥାଏ। ପ୍ରବେଶିକାର ଲିଖିତ ଓ ଶାରୀରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଙ୍କୁ ସଫଳତା ମିଳିଥାଏ। ତେବେ ଅନେକେ ମଧ୍ୟ ବିଫଳ ହୋଇଥାନ୍ତି। ତେବେ ବେଙ୍ଗାଲୁରୁ ଟ୍ରାଫିକ୍ ପୋଲିସ(ବିଟିପି) ଏକ ନିଆରା କାର୍ଯ୍ୟକ୍ରମ ମାଧ୍ୟମରେ ଦିନକ ପାଇଁ ଟ୍ରାଫିକ୍ ପୋଲିସ ହେବାର ସୁଯୋଗ ଦେଉଛି ଏବଂ ଆଶାୟୀ ବ୍ୟକ୍ତିମାନେ ଏହା ଲାଭ ଉଠାଉଛନ୍ତି। ହେଲେ ସ୍ୱେଚ୍ଛାସେବୀ ଭାବେ ସେମାନେ କାମ କରୁଛନ୍ତି। ବିଟିପି ତରଫରୁ 'ଦିନକ ପାଇଁ ଟ୍ରାଫିକ୍ ପୋଲିସ ହୁଅନ୍ତୁ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ଏଏସ୍ ଟ୍ରାମ୍ ଆପ୍‌ରେ ସେମାନଙ୍କ ନାମ ପଞ୍ଜୀକରଣ କରୁଛନ୍ତି। ପରେ ସେମାଙ୍କୁ ଏକ ଘଣ୍ଟାର ପ୍ରଶିକ୍ଷଣ ଦିଆଯାଉଛି। ଏହାପରେ ସେମାନଙ୍କ ପସନ୍ଦ ମୁତାବକ ଛକଗୁଡ଼ିକରେ ଭିଡ଼ ସମୟରେ ଟ୍ରାଫିକ୍ ପରିଚାଳନାରେ ପୋଲିସଙ୍କୁ ସହଯୋଗ କରିବା ସକାଶେ ଦୁଇ ଘଣ୍ଟିଆ କିମ୍ବା ଚାରି ଘଣ୍ଟିଆ ଶିଫ୍ଟରେ ନିଯୁକ୍ତ କରାଯାଉଛି। ଶେଷରେ ସେମାନଙ୍କୁ ଅଭିଜ୍ଞତା ପ୍ରମାଣପତ୍ର ଦିଆଯାଉଛି। ଏଭଳି ଏକ ସମ୍ମିଳିତ ପ୍ରୟାସ ଟ୍ରାଫିକ୍ ବ୍ୟବସ୍ଥାକୁ ମଜଭୁତ କରିପାରିଛି। ପ୍ରକୃତ ଟ୍ରାଫିକ୍ ସମସ୍ୟା ସମ୍ପର୍କରେ ସ୍ୱେଚ୍ଛାସେବୀମାନେ ଅବଗତ ହେଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୬ ମାର୍ଚ୍ଚ ୧୯୭୭

- ଯୁବକଂଗ୍ରେସ କାର୍ଯ୍ୟକଳାପ ପାଇଁ ନିଜକୁ ଦାୟୀ ମନେକରି ଅମ୍ବିକା ସୋନୀ ନିଖିଳ ଭାରତ ଯୁବ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି।
- ଗୁଜରାଟର କଂଗ୍ରେସ ମନ୍ତ୍ରିମଣ୍ଡଳ ବିରୁଦ୍ଧରେ ଜନତା ଦଳ ପକ୍ଷରୁ ବିଧାନ ସଭାରେ ଅନାସ୍ଥା ପ୍ରସ୍ତାବ ଆଗତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 4 | | | | | 9 | 6 |
| 6 | 9 | | | | | | | |
| 1 | | | 8 | | | | 3 | |
| 5 | 8 | | | | 2 | | | |
| | | 7 | 3 | 8 | | | | |
| | | | 9 | 1 | | | | 3 |
| | | | | | | | | |
| | | | | | 6 | | | 4 |
| | | 8 | | 3 | | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 4 | 2 | 8 | 7 | 9 | 1 |
| 9 | 1 | 2 | 3 | 7 | 5 | 4 | 8 | 6 |
| 7 | 4 | 8 | 6 | 9 | 1 | 3 | 2 | 5 |
| 1 | 7 | 3 | 2 | 5 | 6 | 8 | 4 | 9 |
| 2 | 5 | 9 | 7 | 8 | 4 | 6 | 1 | 3 |
| 8 | 6 | 4 | 1 | 3 | 9 | 2 | 5 | 7 |
| 6 | 2 | 1 | 5 | 4 | 7 | 9 | 3 | 8 |
| 4 | 8 | 5 | 9 | 6 | 3 | 1 | 7 | 2 |
| 3 | 9 | 7 | 8 | 1 | 2 | 5 | 6 | 4 |

ଗତକାଲିର ଉତ୍ତର

# ପ୍ରତିରୋଧ ଅପରିହାର୍ଯ୍ୟ



ଜନାର୍ଦ୍ଦନ ବନ୍ଦୋପାଧ୍ୟାୟ

ମାନବ ସଭ୍ୟତାର ଆଦିମ ଅବସ୍ଥାରେ ଯେଉଁ ଅସୁରକ୍ଷିତ ପରିବେଶ ଥିଲା ତାହାକୁ 'ଜଙ୍ଗଲ-ରାଜ୍' କୁହାଯାଏ, ଯାହାର ନୀତି ଥିଲା 'ମାଇଟ ଇଜ୍ ରାଇଟ' ବା ''ଜୋର୍ ଯାର୍ ମୁଲକ ତାର୍'', ଏହି ଅବସ୍ଥାରେ ସାମାଜିକ ଶୃଙ୍ଖଳା ଏବଂ ନ୍ୟାୟ ନ ଥିଲା। ସମସ୍ତେ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କ୍ରମେ ମଣିଷ ଅନୁଭବକଲା ଯେ ଜୀବନର ନିରାପତ୍ତା ଓ ସମୃଦ୍ଧି ପାଇଁ ପାରସ୍ପରିକ ସହାନୁଭୂତି, ସହଯୋଗ ଏବଂ ସହାବସ୍ଥାନର ବାତାବରଣ ଆବଶ୍ୟକ। ଏହିପରି ଭାବେ ଗଢ଼ିଉଠିଲା ଶୃଙ୍ଖଳିତ ସମାଜ ବ୍ୟବସ୍ଥା ଜଣେ ଯୋଗ୍ୟ, ସମର୍ଥ ଏବଂ ନେତୃସ୍ଥାନୀୟ ବ୍ୟକ୍ତିଙ୍କୁ କେନ୍ଦ୍ରକରି, ଯାହାଙ୍କୁ ସମାଜପତି, ରାଜା ବା ଶାସକ କୁହାଯାଏ। ସମୟକ୍ରମେ ରାଜତନ୍ତ୍ରରୁ ଗଣତନ୍ତ୍ର, ସମାଜତନ୍ତ୍ର, ପୁଞ୍ଜିବାଦ, ଏକଚ୍ଛତ୍ରବାଦ ପ୍ରଭୃତି ନାନାପ୍ରକାର ଶାସନ ବ୍ୟବସ୍ଥାର ଉଦ୍ଭବ ଘଟିଛି। ମାତ୍ର ଶାସକ ଗୋଷ୍ଠୀଙ୍କ କ୍ଷମତା, ପ୍ରତିପତ୍ତି ତଥା ରାଜ୍ୟ ଜୟର ଆକାଂକ୍ଷା ଯୋଗୁ ଶତାବ୍ଦୀ ପରେ ଶତାବ୍ଦୀ ଭୟାବହ ଯୁଦ୍ଧ-ବିଗ୍ରହ ଘଟି ବିନାଶର କାରଣ ହୋଇଛି। ଏହାର ଚରମ ପରିଣତି ଦେଖିବାକୁ ମିଳିଲା ବିଗତ ଶତାବ୍ଦୀର ଦୁଇଟି ବିଶ୍ୱଯୁଦ୍ଧରେ।

ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଲା, କେତେ ସମୃଦ୍ଧ ଜନପଦ ଧ୍ୱଂସ ସ୍ତୁପରେ ପରିଣତ ହେଲା। ବିଶ୍ୱଯୁଦ୍ଧର ଭୟାବହତା ଏବଂ ବିପୁଳ ଧନ-ଜନ କ୍ଷୟରେ ଆତଙ୍କିତ ହୋଇ ଭବିଷ୍ୟତରେ ଏଭଳି ବିନାଶକାରୀ ଯୁଦ୍ଧରୁ ମାନବ ସମାଜକୁ ଦୂରେଇରଖିବା ସହିତ ପାରସ୍ପରିକ ଶାନ୍ତି, ସୁରକ୍ଷା ଏବଂ ମାନବାଧିକାରକୁ ନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୃଥିବୀର ୫୧ଟି ରାଷ୍ଟ୍ର ଏକତ୍ର ହୋଇ ୧୯୪୫ ଅକ୍ଟୋବର ୨୪ରେ ସଂଯୁକ୍ତ ଜାତିସଂଘ ଗଠନ କଲେ। ଏହାର ସଭ୍ୟ ସଂଖ୍ୟା ୧୯୩ରେ ପହଞ୍ଚିଛି। ମାତ୍ର ୫ଟି ମୁଖ୍ୟ ରାଷ୍ଟ୍ର ଆମେରିକା, ବ୍ରିଟେନ, ଫ୍ରାନ୍ସ, ରୁଷିଆ ଏବଂ ଚାଇନା ହାତରେ ଅଗଣତାନ୍ତ୍ରିକ ଭିଟୋ କ୍ଷମତା ଥିବାରୁ ଜାତିସଂଘ ନିରପେକ୍ଷ ଭାବରେ କାର୍ଯ୍ୟକରି ପାରେନାହିଁ। ତା' ଛଡା ଏହାର କୌଣସି ସାମରିକ କ୍ଷମତା ନ ଥିବାରୁ କେବଳ ଉପଦେଶ ଦେବାରେ ହିଁ ଏହାର କାର୍ଯ୍ୟ ପରିସର ସୀମିତ ରହିଆସିଛି। ତଥାପି ନାହିଁ ମାମୁ ଠାରୁ କଣା ମାମୁ ଭଲ - ଭଳି ଏହି ସଂସ୍ଥା ଏଯାବତ ବଞ୍ଚିରହିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷଭାଗରେ ଯୁକ୍ତରାଷ୍ଟ୍ର ଆମେରିକା ପରମାଣୁ ବୋମା ଜାପାନର ହିରୋସୀମା ଓ ନାଗାସାକୀ ଉପରେ ପକାଇଥିଲା। ଯୁଦ୍ଧ ପରେ ସୋଭିଏଟ ରୁଷ୍ ସମେତ ବ୍ରିଟେନ, ଫ୍ରାନ୍ସ ପ୍ରଭୃତି ଦେଶ ପରମାଣୁ କ୍ଷମତାର ଅଧିକାରୀ ହୋଇଗଲେ, ଯାହାଦ୍ୱାରା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଗୋଟିଏ କ୍ଷମତାର ସମୀକରଣ ସୃଷ୍ଟି ହେଲା। ପରମାଣୁ ବୋମାର ସମୂହ ଧ୍ୱଂସକାରୀ ଭୟାବହତା ହିଁ ଏଯାବତ ପୃଥିବୀକୁ ତୃତୀୟ ବିଶ୍ୱଯୁଦ୍ଧରୁ ଦୂରେଇ ରଖିଛି। ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଆମେରିକା ଭାରତ ସହିତ ପ୍ରଚ୍ଛନ୍ନ ଶତ୍ରୁଭାବ ପୋଷଣକରି ପାକିସ୍ତାନ ମାଧ୍ୟମରେ କଶ୍ମୀରରେ ଆକ୍ରମଣ ଏବଂ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଚଳାଇ ଆସିଛି। ହନୁ ମଲାବେଳେ ସତ କହିଲା ପରି କଶ୍ମୀରର ପହଲ ଗ୍ରାମରେ ସନ୍ତ୍ରାସବାଦୀ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ ଭାରତର 'ଅପରେଶନ ସିନ୍ଦୂର' ପ୍ରହାରରେ ବ୍ୟତିବ୍ୟସ୍ତ ହୋଇ ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର କହିଥିଲେ - ଆମେ ସନ୍ତ୍ରାସବାଦୀ ରାଷ୍ଟ୍ର ହୋଇଛୁ କେବଳ ଆମେରିକା ଏବଂ ବ୍ରିଟେନର ସ୍ୱାର୍ଥରେ। ପ୍ରକୃତରେ ଆଜି ପୃଥିବୀରେ ଯେଉଁଠି ବି ଯୁଦ୍ଧବିଗ୍ରହ ଏବଂ ସନ୍ତ୍ରାସବାଦୀ ଆକ୍ରମଣ ହେଉଛି ତାହା ମୂଳରେ ରହିଛି ଆମେରିକା ଏବଂ ତାହାର ଏଜେଣ୍ଟ କୁଖ୍ୟାତ ସିଆଇଏ।



ଆମେରିକା ଏବଂ ନାଟୋ ରାଷ୍ଟ୍ରଙ୍କ ଚକ୍ରାନ୍ତରେ ସୋଭିଏଟ ରୁଷ୍ ଖଣ୍ଡ ଖଣ୍ଡ ହୋଇଗଲା। ଫଳରେ ଆମେରିକା ବର୍ତ୍ତମାନ ସମଗ୍ର ପୃଥିବୀ ଉପରେ ରାଜତ୍ୱ କରିବାକୁ ଚାହୁଁଛି। ଆମେରିକାର ପ୍ରତ୍ୟକ୍ଷ ସମର୍ଥନରେ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପାଲେଷ୍ଟାଇନବାସୀଙ୍କୁ ହତ୍ୟାକରି ଚାଲିଛନ୍ତି। ସମ୍ପ୍ରତି ଆମେରିକା ଏବଂ ଇସ୍ରାଏଲ ଏକତ୍ର ହୋଇ ଇରାନ ଉପରେ ଆକ୍ରମଣ କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ସାମରିକ କ୍ଷମତା ବଳରେ ଜାତିସଂଘ ତଥା ଆନ୍ତର୍ଜାତିକ ନୀତିନିୟମକୁ ଅଗ୍ରାହ୍ୟ କରି ଏକଚ୍ଛତ୍ରବାଦୀ ସାଜିଛନ୍ତି। ଗୋଟିଏ ପ୍ରଶ୍ନ ଉଠେ - ଇସ୍ରାଏଲ ସମେତ ଅନେକ ରାଷ୍ଟ୍ର ପରମାଣୁ କ୍ଷମତାର ଅଧିକାରୀ ହୋଇଥିଲେ ମଧ୍ୟ କାହିଁକି କେବଳ ଇରାନକୁ ପରମାଣୁ ଶକ୍ତିର ଗବେଷଣାରୁ ନିବୃତ୍ତ କରିବାପାଇଁ ତାହା ଉପରେ ଆକ୍ରମଣ କରାଯାଉଛି? କୌଣସି ଦେଶର ସରକାର-ବିରୋଧୀ ଗୋଷ୍ଠୀକୁ ହାତକରି ସେଠାକାର ନିର୍ବାଚିତ ସରକାରଙ୍କୁ ଗାଦିଚ୍ୟୁତ କରିବାର ଅପଚେଷ୍ଟା ସମ୍ପୂର୍ଣ୍ଣ ନୀତିବିରୁଦ୍ଧ କାର୍ଯ୍ୟ। ଭବିଷ୍ୟତରେ ସେ ଅନ୍ୟାନ୍ୟ ଦେଶ ଉପରେ ବଳପ୍ରୟୋଗ କରିବାର ସମ୍ଭାବନା ରହିଛି। ପ୍ରକୃତରେ ଇସ୍ରାଏଲର ସ୍ୱାର୍ଥରକ୍ଷା ପାଇଁ ଇରାନ ଉପରେ ଆକ୍ରମଣ କରିଛନ୍ତି ଏବଂ ସେଠାକାର ବିପୁଳ ତୈଳସମ୍ପଦକୁ କବ୍ଜା କରିବାକୁ ଚାହୁଁଛନ୍ତି। ନିକଟ ଅତୀତରେ ସେ ଡ୍ରଗ୍-ଟ୍ରାଫିକିଙ୍ଗର ଆଳ ଦେଖାଇ ଭେନେଜୁଏଲା ଉପରେ ଆକ୍ରମଣ କରି ସେଠାକାର ରାଷ୍ଟ୍ରପତି ନିକୋଲାସ ମୋଦୁରା ଏବଂ ତାଙ୍କ ସ୍ତ୍ରୀଙ୍କୁ ବନ୍ଦୀ କରି ଆମେରିକା ନେଇଆସିଛନ୍ତି। ଟ୍ରମ୍ପ ଗ୍ରୀନ୍‌ଲାଣ୍ଡ ରାଷ୍ଟ୍ରକୁ ଅଧିକାର କରି ଆମେରିକା ସହିତ ମିଶାଇଦେବାକୁ ଚାହୁଁଥିଲେ। ଏସବୁ ଦେଖି ମନେହେଉଛି ନିଜକୁ ଶାନ୍ତି ପ୍ରତିଷ୍ଠାତା ବୋଲି ଡିଣ୍ଡିମ ପିଟୁଥିବା ଟ୍ରମ୍ପ ଏବେ ଧ୍ୱଂସର ଦୂତ ସାଜିଛନ୍ତି। ପୂର୍ବରୁ ସେ ଆନ୍ତର୍ଜାତିକ ବାଣିଜ୍ୟର ଉଦାରୀକରଣ ନୀତିକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ଅନ୍ୟାୟ ଭାବରେ ବିଭିନ୍ନ ଦେଶ ଉପରେ ମାତ୍ରାତିରିକ୍ତ ଟାରିଫ ଲାଗୁ କରିଛନ୍ତି। ତାଙ୍କର ଏହି ସ୍ୱେଚ୍ଛାଚାରୀ ନୀତି ଯୋଗୁ ପୃଥିବୀର ଅର୍ଥନୈତିକ ଶୃଙ୍ଖଳା ଏବଂ ଅନ୍ତର୍ଜାତୀୟ ବାଣିଜ୍ୟ କାରବାର ଧୂଳିସାତ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ଆମେରିକାର ବିପୁଳ ସାମରିକ ଏବଂ ଅର୍ଥନୈତିକ କ୍ଷମତା ବଳରେ ଟ୍ରମ୍ପ ସମଗ୍ର ପୃଥିବୀରେ ଆମେରିକୀୟ ଏକଚ୍ଛତ୍ରବାଦ ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି। ମନେହେଉଛି ଟ୍ରମ୍ପଙ୍କ 'ମାଗା' ନୀତି ହିଟଲରଙ୍କ 'ନାଜି' ନୀତିଠାରୁ କୌଣସି ଗୁଣରେ ଊଣା ନୁହେଁ। ତେଣୁ ସମୟ ଆସିଛି ପୃଥିବୀର ସମସ୍ତ ଶାନ୍ତିକାମୀ ସଭ୍ୟ ରାଷ୍ଟ୍ର ଏକତ୍ରିତ ହୋଇ ଟ୍ରମ୍ପଙ୍କ ବିରୋଧରେ ଅର୍ଥନୈତିକ ଏବଂ ସାମରିକ ପ୍ରତିରୋଧ ସୃଷ୍ଟି କରିବାକୁ ପଡ଼ିବ। ନଚେତ ପୃଥିବୀରେ ଆଦିମ ଯୁଗ ଭଳି ଗୋଟିଏ ଜଙ୍ଗଲ - ରାଜ୍ ଚାଲିବ, ଯାହାର ନୀତି ହେବ '' ଜୋର୍ ଯାର୍ ମୁଲକ ତାର୍'' ଏବଂ ଅନ୍ୟ ଦେଶଗୁଡ଼ିକ ପକ୍ଷରେ ନିଜର ଆତ୍ମସମ୍ମାନ ଏବଂ ସାର୍ବଭୌମତ୍ୱ ରକ୍ଷାକରି ତିଷ୍ଠି ରହିବା ଅସମ୍ଭବ ହେବ।

ମୋ: ୯୪୩୭୨୮୭୯୬୪

## ପାଠକ ଶ୍ରେଷ୍ଠ ବିଚାରକ

### ଡିଜେ ଉପରେ ନିଷେଧ କେବେ

ମହାଶୟ,

ବିବାହ, ପର୍ବପର୍ବାଣି, ଶୋଭାଯାତ୍ରା ହେଉ ବା ରାଜନୈତିକ ସଭା ସବୁଠି ଡିଜେର ଭୟଙ୍କର ଗର୍ଜନ ଆକାଶ ଫାଟିବା ଭଳି ପ୍ରତିଧ୍ୱନିତ ହେଉଛି। ଏହା ଉଚ୍ଚ ରକ୍ତଚାପ, ଅନିଦ୍ରା ଏବଂ ମାନସିକ ଅବସାଦର କାରଣ ସାଜିଛି। ବିଶେଷ କରି ଶିଶୁ ଏବଂ ବୃଦ୍ଧମାନେ ଏହାର ଶିକାର ହେଉଛନ୍ତି। କୋମଳମତି ଶିଶୁମାନଙ୍କର ଶ୍ରବଣ ସ୍ନାୟୁ ଏତେ ଶକ୍ତିଶାଳୀ ତରଙ୍ଗ ସହ୍ୟ କରିବାକୁ ଅସମର୍ଥ। ଚିକିତ୍ସା ବିଜ୍ଞାନ ଅନୁଯାୟୀ, ଗର୍ଭବତୀଙ୍କ କ୍ଷେତ୍ରରେ ଡିଜେ କମ୍ପନ ଗର୍ଭସ୍ଥ ଶିଶୁର ହୃଦ୍‌ସ୍ପନ୍ଦନ ଓ ସ୍ନାୟୁ ସଂସ୍ଥାନ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ହୃଦ୍‌ରୋଗୀଙ୍କ ପାଇଁ ଡିଜେର କମ୍ପନ ଏକ ନୀରବ ହତ୍ୟାକାରୀ ଭଳି କାମକରେ। ପରିବେଶବିତ୍‌ଙ୍କ ମତରେ, ଧ୍ୱନି ପ୍ରଦୂଷଣ ଯୋଗ ପକ୍ଷୀ ବଂଶବୃଦ୍ଧି ପ୍ରକ୍ରିୟା ହରାଇ ବସୁଛନ୍ତି। ଡିଜେ ସମସ୍ୟାର ସମାଧାନ ପାଇଁ ପାରମ୍ପରିକ ବାଦ୍ୟଦଳକୁ ଉତ୍ସବମାନଙ୍କରେ ନିୟୋଜିତ କରାଯାଉ ଏବଂ ଏହି କଳାକାରଙ୍କୁ ଆର୍ଥିକ ସହାୟତା ଦିଆଯାଉ।

–ଅଖିଳ ତରାଇ, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପରାଣ ପ୍ରିୟ ଦେଖ ହେ ଶଶି
କ୍ଳାନ୍ତ କବି ନୟନେ ହସି
ଦେଖରେ ଦେଖ କଜଳ ଘନ,
ନିରାଶେ ପଥେ ରହିଛି ବସି ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିଜେଡିରେ ଯୋଗଦେଲେ ରଘୁ, ଜୀବନ

ଭୁବନେଶ୍ୱର,୨୫ା୩ (ସୁନିତ୍ ମିଶ୍ର)

ବାଲେଶ୍ୱର ଜିଲାର ୨ ଭାଜପା ନେତା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବୁଧବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଇଛନ୍ତି। ବାଲେଶ୍ୱର ଜିଲାର ଶତାଧିକ କର୍ମୀ ଓ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଉଭୟ ନେତାଙ୍କୁ ନବୀନ ନିବାସରେ ଦଳକୁ ସ୍ୱାଗତ କରିଛନ୍ତି। ଏହି ୨ ଅଭିଜ୍ଞ ନେତାଙ୍କ ଯୋଗଦାନ ପରେ ବିଜେଡି ପୁନର୍ବାର ଶକ୍ତିଶାଳୀ ହୋଇପାରିବ ବୋଲି ବିଶ୍ୱାସ କରାଯାଉଥିବା ନବୀନ କହିଛନ୍ତି। ଶଙ୍ଖ ଭବନଠାରେ ବାଲେଶ୍ୱର ଜିଲାର ସମସ୍ତ ବିଜେଡି ବିଧାୟକ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ୨ ନେତା ବିଜୁ ଜନତା ଦଳରେ ଯୋଗଦେଇଥିବାରୁ ନିଜର ଖୁସି ବ୍ୟକ୍ତ କରିଥିଲେ। ଏହି ଅବସରରେ ରଘୁନାଥ ମହାନ୍ତି କହିଛନ୍ତି, ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବୁ। ବିଜୁ ଜନତା ଦଳ ବାଲେଶ୍ୱର ଜିଲାରେ କିପରି ସୁସଂଗଠିତ ହୋଇପାରିବ ସେଥିପାଇଁ କାର୍ଯ୍ୟ କରିବେ। ବିଜୁବାବୁଙ୍କ ସମୟରୁ ତାଙ୍କ ସହ କାର୍ଯ୍ୟ କରିବାର ସୁଯୋଗ ପାଇଛି। ପରେ ବିଜେଡି ଗଠନ ବେଳେ ଜଣେ ପ୍ରତିଷ୍ଠିତ ସଭ୍ୟ ଭାବେ କାର୍ଯ୍ୟ କରିଥିଲି। ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ କହିଛନ୍ତି, ୫ ବର୍ଷ ବିଜେଡି ବାହାରେ ରହିବା ପରେ ଦଳକୁ ପୁନର୍ବାର ପ୍ରତ୍ୟାବର୍ତ୍ତନ କରି ଅତ୍ୟନ୍ତ ଆନନ୍ଦିତ। ବାଲେଶ୍ୱର ଜିଲାରେ ବିଜେଡି କିପରି ସୁସଂଗଠିତ ହୋଇପାରିବ, ସେଥିପାଇଁ ନବୀନବାବୁଙ୍କ ନିର୍ଦ୍ଦେଶକ୍ରମେ ଜଣେ ଶୃଙ୍ଖଳିତ ସଦସ୍ୟ ଭାବେ କାର୍ଯ୍ୟ କରିବି।



ନବୀନ ନିବାସରେ ବୁଧବାର ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ସମର୍ଥକଙ୍କ ସହ ରଘୁନାଥ ମହାନ୍ତି ଓ ଜୀବନ ପ୍ରଦୀପ ଦାଶ।

■ ନବୀନଙ୍କ ନିର୍ଦ୍ଦେଶରେ ଜଣେ ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କରିବି: ରଘୁ

■ ବାଲେଶ୍ୱରରେ ବିଜେଡି ପୁଣି ଥରେ ୧ ନମ୍ବର ଦଳ ହେବ: ଜୀବନ

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ବାଲେଶ୍ୱରର ପୂର୍ବତନ ବିଜେଡି ଏମ୍‌ପି ରବୀନ୍ଦ୍ର ଜେନା ଭାଜପାରେ ଯୋଗଦେଇଛନ୍ତି। ରବୀନ୍ଦ୍ରଙ୍କ ସ୍ତ୍ରୀ ବସ୍ତା ନିର୍ବାଚନମଣ୍ଡଳୀର ବିଜେଡିରୁ ବିଧାୟିକା ହୋଇଥିବା ସୁବାସିନୀ ଜେନା ଦଳୀୟ ହ୍ୱିପ୍ ନ ମାନି ରାଜ୍ୟ ସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରି ଦଳରୁ ନିଲମ୍ବନ ହୋଇଛନ୍ତି। ଜୀବନ ପ୍ରଦୀପ ଦାସ ବିଜେଡିରୁ ବିଧାୟକ ଥିଲେ ମାତ୍ର ପରବର୍ତ୍ତୀ ସମୟରେ ଦଳରୁ ଟିକେଟ ନ ପାଇବାରୁ ଭାଜପାରେ ମିଶିଥିଲେ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ଜୀବନ ପୁଣିଥରେ ବିଜେଡିରେ ଯୋଗ ଦେଇଛନ୍ତି। ସେହିପରି ରଘୁନାଥ ମହାନ୍ତି ବିଜେଡିରୁ ବିଧାୟକ ଓ ମନ୍ତ୍ରୀ ଥିଲେ। ପରବର୍ତ୍ତୀ ସମୟରେ ତାଙ୍କର କିଛି ପାରିବାରିକ କଳହ ପାଇଁ ଟିକେଟରୁ ବଞ୍ଚିତ ହୋଇ ଦଳ ଛାଡ଼ିଥିଲେ। ବର୍ତ୍ତମାନ ବାଲେଶ୍ୱର ଜିଲାରେ ବିଜେଡିର ସଂଗଠନକୁ ସୁଦୃଢ଼ ଲକ୍ଷ୍ୟରେ ଉଭୟ ରଘୁ ଏବଂ ଜୀବନଙ୍କୁ ଦଳରେ ପୁଣି ସାମିଲ କରାଯାଉଥିବା ଚର୍ଚ୍ଚା ହେଉଛି।

# ଅଲୋଡ଼ାଙ୍କୁ ଭରସା: ସରଗରମ ବାଲେଶ୍ୱର ରାଜନୀତି

ବାଲେଶ୍ୱର,୨୫ା୩ (ବାଲ୍ମୀକି ଦେ)

ବାଲେଶ୍ୱର ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗତ କିଛିଦିନ ଧରି ଜିଲାର ରାଜନୈତିକ ବାତାବରଣ ସରଗରମ ରହିଛି। ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା ଭାଜପାରେ ମିଶିବା ପରେ ଜିଲା ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ରବୀନ୍ଦ୍ରଙ୍କ ସହ ତାଙ୍କୁ ସମର୍ଥନ କରୁଥିବା ବହୁ ବରିଷ୍ଠ, ଯୁବ, ଛାତ୍ରନେତା ବିଜେଡି ଛାଡ଼ି ପଦ୍ମ ଧରିଛନ୍ତି। ଅପରପକ୍ଷରେ ବସ୍ତା ବିଧାୟିକା ସୁବାସିନୀ ଜେନା ରାଜ୍ୟ ସଭା ନିର୍ବାଚନରେ କ୍ରସ୍ ଭୋଟିଂ କରି ଦଳରୁ ନିଲମ୍ବିତ ହେବା ପରେ ଏହି ନିର୍ବାଚନମଣ୍ଡଳୀର ବହୁ ଆଗଧାଡ଼ିର ନେତା, କର୍ମୀ ମଧ୍ୟ ବିଜେଡି ଛାଡ଼ିଛନ୍ତି। ଏସବୁ ଘଟଣା ଜିଲାରେ ବିଜେଡିକୁ ଶକ୍ତ ଝଟକା ଦେଇଛି। ଏଠାରେ ଭାଜପା ଶକ୍ତି ବୃଦ୍ଧି ହେଉଥିବାରୁ ବିଜେଡି ଏବେ ଅଲୋଡ଼ା ନେତାଙ୍କୁ ଭରସା କରିଛି। ଏହି କ୍ରମରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାସ ବୁଧବାର ନବୀନନିବାସ ଯାଇ ପୁଣି ବିଜେଡିକୁ ଫେରିଛନ୍ତି। ଉଭୟଙ୍କ ପରିବାର ସଦସ୍ୟ ଓ ସମର୍ଥକମାନେ ମଧ୍ୟ ଶଙ୍ଖ ଦଳରେ ସାମିଲ ହୋଇଛନ୍ତି। ଉଭୟ ନେତା ବିଜେଡିକୁ ଫେରିବା ପରେ ଦଳର ସାଙ୍ଗଠନିକ ଚିତ୍ର ବଦଳିଯିବ ବୋଲି ଦଳୀୟ ନେତା, କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ହେଲାଣି।

ପୂର୍ବରୁ ଜିଲା ବିଜେଡିର ଦାୟିତ୍ୱ ରବୀନ୍ଦ୍ରଙ୍କ ନିକଟରେ ଥିଲା। ଦଳ ତାଙ୍କ ନେତୃତ୍ୱକୁ ଭରସାକରି ୨ଥର ଜିଲା ସଭାପତି ଓ ୨ଥର ଏମ୍‌ପି ଟିକେଟ୍ ଦେଇଥିଲା। ୨୦୧୯ ନିର୍ବାଚନ ପରଠାରୁ ଜିଲା ବିଜେଡିରେ ଅନ୍ତଃକଳହ ଦେଖାଦେଇଥିଲା। ପୂର୍ବତନ ବିଧାୟକ ସ୍ୱରୂପ ଦାସ ଏବଂ ରବୀନ୍ଦ୍ରଙ୍କ ଗୋଷ୍ଠୀ ସମାନ୍ତରାଳ ଭାବେ ଦଳୀୟ କାର୍ଯ୍ୟ କରୁଥିଲେ। ସେହିପରି ୨୦୧୯ରେ ପୂର୍ବତନ ମନ୍ତ୍ରୀ ରଘୁନାଥ ଭାଜପାରେ ଯୋଗଦେଇ ସହ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଟିକେଟ ପାଇଥିଲେ। କିନ୍ତୁ ୨୦୨୪ ନିର୍ବାଚନ ପୂର୍ବରୁ ସେ ମଧ୍ୟ ଭାଜପାରୁ ଇସ୍ତଫା ଦେଇଥିଲେ। ବିଜେଡିର ଏମ୍‌ପି ଟିକେଟ ତାଙ୍କୁ ମିଳିବ ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। ମାତ୍ର ଭାଜପାରୁ ଆସିଥିବା ଡ. ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ବିଜେଡିରୁ ଏମ୍‌ପି ଟିକେଟ ମିଳିଥିଲା। ଫଳରେ ରଘୁନାଥ ଅଲୋଡ଼ା ହୋଇ ରହିଥିଲେ। ସେହିପରି ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ ୨୦୦୯ରୁ ୨୦୧୯ ମଧ୍ୟରେ ୨ଥର ବିଜେଡିରୁ ବିଧାୟକ ହୋଇଥିଲେ। ୨୦୧୯ ନିର୍ବାଚନରେ ସେ ଭାଜପା ବିଧାୟକ ପ୍ରାର୍ଥୀ ମଦନ ମୋହନ ଦତ୍ତଙ୍କଠାରୁ ପରାଜିତ ହୋଇଥିଲେ। ପରେ ୨୦୨୦ ଉପନିର୍ବାଚନରେ ବିଜେଡି ତାଙ୍କ ପରିବର୍ତ୍ତେ ସ୍ୱରୂପ ଦାସଙ୍କୁ ପ୍ରାର୍ଥୀ କରିଥିଲା। ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ତାଙ୍କୁ ନିଲମ୍ବନ କରାଯାଇଥିଲା। ସେ ମଧ୍ୟ ଦଳରୁ ଅଲୋଡ଼ା ହୋଇ ରହିଥିବାରୁ ୨୦୨୨ରେ ଭାଜପାରେ ଯୋଗଦେଇଥିଲେ। ରବୀନ୍ଦ୍ର ଭାଜପାରେ ଯୋଗଦେବା ପରେ ସେ ଗତ ୧୩ ତାରିଖରେ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିଲେ। ତେବେ ନିଲମ୍ବନ ପରେ ସୁବାସିନୀ ଲଙ୍ଗଳେଶ୍ୱରସ୍ଥିତ ତାଙ୍କ ବାସଭବନରେ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ଭବିଷ୍ୟତରେ ସେ ଭାଜପାରେ ସାମିଲ ହେବା ଆଶଙ୍କାକରି ବିଜେଡିର ଗଡ଼ କୁହାଯାଉଥିବା ବସ୍ତା ନିର୍ବାଚନମଣ୍ଡଳୀରେ ସଙ୍ଗଠନର ସ୍ଥିତି ସୁଦୃଢ଼ ରଖିବା ପାଇଁ ବିଜେଡି ଜିଲା ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଡ. ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ସୁକାନ୍ତ ନାୟକ ପ୍ରମୁଖ ଅକସ୍ମାତ୍ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ବାସଭବନରେ ପହଞ୍ଚି ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। କର୍ମୀମାନଙ୍କୁ ଦଳ ନ ଛାଡ଼ିବା ପାଇଁ ଆହ୍ୱାନ ଦେଇଥିଲେ। ତେବେ ଭାଜପାର ଡବଲ ଇଞ୍ଜିନ ସରକାର ଚାଲିଥିବା ବେଳେ ବିଜେଡି ଏବେ ଅଲୋଡ଼ାଙ୍କୁ ଭରସାକରି କେତେ ସଫଳତା ପାଇବ, ତାହାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

## ତୃତୀୟ ପୃଷ୍ଠାରୁ

### ପିଏନ୍‌ଜି ନେବାକୁ...

ହିନ୍ଦୁସ୍ତାନ ବୋଲି ଭାରତ ପେଟ୍ରୋଲିୟମ୍ କର୍ପୋରେଶନ ଲିଃ (ବିପିସିଏଲ୍) କହିଛି ଦେଶରେ ପର୍ଯ୍ୟାପ୍ତ ପରିମାଣର ଅଶୋଧିତ ତୈଳ, ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ମହଜୁଦ ଥିବା ବିନା ବାଧାରେ ଯୋଗାଣ ଶୃଙ୍ଖଳ ସହଜରେ ଚାଲିଥିବା ବିପିସିଏଲ୍ କହିଛି। ହିନ୍ଦୁସ୍ତାନ ପେଟ୍ରୋଲିୟମ୍ ଲିଃ ମଧ୍ୟ ଅନୁରୂପ କଥା କହିଛି। ସୂଚନାଯୋଗ୍ୟ, ଭାରତର ରଣନୈତିକ ଅଶୋଧିତ ତୈଳ ଭଣ୍ଡାର ମାତ୍ର ୯.୫ ଦିନର ଚାହିଦାକୁ ପୂରା ଦମ୍ଭରେ ପୂରଣ କରିପାରିବାକୁ ଥିବାବେଳେ ବର୍ତ୍ତମାନର ଗଚ୍ଛିତ ଦ୍ରବ ତାହାଠାରୁ ଯଥେଷ୍ଟ କମ୍ ବୋଲି ସୂଚନା ଅଧିକାର ଆଇନ ବଳରେ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିବା ପରେ ଆଗାମୀ ଦିନରେ ତେଲ ମିଳି ନ ପାରେ ବୋଲି ଲୋକେ ଆଶଙ୍କା ପ୍ରକଟ କରିଥିଲେ।

### କଳାପୋଷାକ...

ହେବାମାତ୍ରେ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାକୁ ବିରୋଧୀ ବିଜେଡି ଓ କଂଗ୍ରେସ କଳାପୋଷାକ ପିନ୍ଧି ଗୃହର ମଧ୍ୟଭାଗକୁ ପ୍ରବେଶ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ 'ରାମ ନାମ ସତ୍ୟ ହେ' ମୁଖ୍ୟମନ୍ତ୍ରୀ ଦୁର୍ବଳ, ସ୍ୱାସ୍ଥ୍ୟମନ୍ତ୍ରୀ ଶକ୍ତିଶାଳୀ ଭଳି ବିଭିନ୍ନ ସରକାର ବିରୋଧୀ ନାରା ଦେଇ ଗୃହ କମ୍ପାଇଥିଲେ। ବିଜେଡି ସଦସ୍ୟ ବ୍ରଜ ପ୍ରଧାନ, ବିଦ୍ୟାଶଙ୍କର ମିଶ୍ର, ସାରଦା ପ୍ରସନ୍ନ ଜେନା, ଧ୍ରୁବଚରଣ ସାହୁ, ସୁଶାନ୍ତ ରାଉତ, ରାଘବ ଧଡ଼ା, କଂଗ୍ରେସ ସଦସ୍ୟ ମଙ୍ଗୁ ଖିଲ, ପବିତ୍ର ସାଉଣ୍ଟା ପ୍ରମୁଖ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିଯାଇଥିଲେ ଉଦ୍ଦାମ କରିବା ସହ ପୋଡିୟମ ପିଟିଥିଲେ। ଗୃହରେ ଅସ୍ୱାଭାବିକ ସ୍ଥିତିକୁ ନେଇ ବାଚସ୍ପତି ୧୦ଟା ୩୩ ମିନିଟରୁ ସାଢ଼େ ୧୧ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ଶୂନ୍ୟକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ଅନୁରୂପ ଭାବେ ସରକାର ବିରୋଧୀ ନାରା ଦେବା ସହିତ ମୁଖ୍ୟମନ୍ତ୍ରୀ ତାଙ୍କ ଚାକଣ କହି ଗୃହ କମ୍ପାଇଥିଲେ। ସିପିଆଇଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ରିପୋର୍ଟର ଟେବୁଲ ଉପରେ ଶୋଇ ପ୍ରତିବାଦ କରିଥିଲେ। ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ଦଳୀୟ ସ୍ୱାର୍ଥ ସାଧନ ପାଇଁ ବିରୋଧୀ ଏହି ନାଟକବାଜି କରୁଛନ୍ତି। ଏହାଦ୍ୱାରା ଓଡ଼ିଶାର ସାଢ଼େ ୪କୋଟି ଲୋକଙ୍କ ରାଜସ୍ୱ ନଷ୍ଟ ହେଉଛି। ବିରୋଧୀଦଳ ନେତା ମଙ୍ଗଳବାର ଏସ୍‌ସିବି ଦୁର୍ଘଟଣାସ୍ଥଳକୁ କେନ୍ଦ୍ରମନ୍ତ୍ରୀ କେହି ନ ଆସିବା ଉପରେ ଯେଉଁ ଟିପ୍ପଣୀ ରଖିଛନ୍ତି, ସେ ଜାଣି ରଖିବା ଉଚିତ ଯେ ସମ୍ବଲପୁର ହସ୍ପିଟାଲ ଅଗ୍ନିକାଣ୍ଡ ବେଳେ ନବୀନ ନିଜେ ଘଟଣାସ୍ଥଳକୁ ଯିବାକୁ ଉଚିତ ମଣି ନ ଥିଲେ। ବିରୋଧୀ ବିଧାନସଭାର ଅପବ୍ୟବହାର କରୁଛନ୍ତି। କାଳେ ବିଜୁ-ନବୀନ ଇନ୍ଷ୍ଟିଚ୍ୟୁସନାଲ ଟ୍ରଷ୍ଟ ସମ୍ପର୍କରେ ସତ୍ୟ ପଦାକୁ ଆସିଯିବ, ଦଳୀୟ ଅନ୍ତଃକଳହ ଛାଇପୋତିବେ ସେହି ଭୟରେ ଗୃହ ଚଳାଇ ଦେଉନାହାନ୍ତି। ବିଭିନ୍ନ ଜିଲାରେ ବିଜେଡି ଖଣ୍ଡ ଖଣ୍ଡ ହୋଇଗଲାଣି। ବିଜେଡି ଛି ଛି କହି ଟଙ୍କଧର ଭର୍ତ୍ସନା କରିଥିଲେ। ଭାଜପା ସଦସ୍ୟ ସାମାରାଣୀ ନାୟକ, ଲକ୍ଷ୍ମଣ ମୁଣ୍ଡା, ସରୋଜ ପାଢ଼ୀ, ବାବୁ ସିଂ, ପ୍ରତାପ ପ୍ରଧାନ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ବିରୋଧୀଙ୍କ ଏହି ନାଟକବାଜିକୁ ନେଇ ବର୍ଷିଥିଲେ। ନବୀନଙ୍କ ଗଞ୍ଜି କଂଗ୍ରେସ ପିନ୍ଧିଛି, ବିଜେଡିରେ କଂଗ୍ରେସ ବିଲୟ ହେବା ଏହି ଡ୍ରାମା କେବଳ ଓଡ଼ିଶାକୁ ଲୁଟିବାପାଇଁ ବୋଲି ଶାସକଦଳ ସଦସ୍ୟମାନେ କହିଥିଲେ।

ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗୃହରେ କହିଥିଲେ, ପ୍ରଥମ ପର୍ଯ୍ୟାୟରେ ଚାଷୀମାନଙ୍କଠାରୁ ଧାନକିଣା କଥା ଉଠାଇ ଗୃହ ଅଚଳ କରିଥିଲେ। ମାତ୍ର ଧାନକିଣାକୁ ନେଇ ବିରୋଧୀଙ୍କୁ ଶୂନ୍ ସମର୍ଥନ ମିଳିଛି। ଏବେ ଏସ୍‌ସିବି ଭଳି ଏକ ଦୁର୍ଘଟଣାକୁ ନେଇ ବିରୋଧୀ ରାଜନୀତି କରୁଛନ୍ତି। ୨୫ବର୍ଷର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୋଟିଏ ବି ପ୍ରସଙ୍ଗ ଘଟଣାସ୍ଥଳକୁ ଯିବାକୁ ପସନ୍ଦ କରୁ ନ ଥିଲେ। ବିରୋଧୀ ଯେଉଁ ଅବାସ୍ତବ, ଅଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିଛନ୍ତି ସେଥିରେ ଆଦୌ ସଫଳ ହେବେ ନାହିଁ ବୋଲି ହରିଚନ୍ଦନ କହିଥିଲେ। ବିଧାନସଭା ଚାଲିବା ପାଇଁ ପ୍ରତିଦିନ ୬୮ରୁ ୭୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ଇତିମଧ୍ୟରେ ୧୧.୦୯କୋଟି ଟଙ୍କା ଖର୍ଚ୍ଚ ହେଲାଣି ବୋଲି କହିଥିଲେ। ସେହିପରି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ, ୨୦୨୯ରେ ୧୫ଲକ୍ଷ ଯୁବ ଭୋଟର ଯୋଡ଼ିହେବେ। ପରେ ବିରୋଧୀ ସଦସ୍ୟମାନେ କ'ଣ ଶିଖିବେ। ଟେବୁଲ ଉପରେ ଯେଉଁ ବିଧାୟକ ଶୋଇଲେ ତାଙ୍କ ଅଞ୍ଚଳରେ ଲୋକେ କି ନ୍ୟାୟ ପାଇବେ ବୋଲି ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଗୃହ ବାହାରେ ସରକାରଙ୍କ ବିରୋଧରେ ବିଜେଡି ଓ କଂଗ୍ରେସ ବିଭିନ୍ନ ପ୍ରକାର ବିକ୍ଷୋଭ ପ୍ରଦର୍ଶନ କରିଥିବା ବେଳେ ଭାଜପା ପକ୍ଷରୁ ଏହାର ଜବାବ ରଖାଯାଇଥିଲା।

### ନିଷିଦ୍ଧାଞ୍ଚଳରେ...

ଧରିବା କଷ୍ଟକର। ଏହି ସୀମାବଦ୍ଧତାକୁ ଦୂର କରିବା ପାଇଁ ଏନ୍‌ଆଇଟି ରାଉରକେଲାର ଗବେଷକଦଳ ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଅଣ-ଅନୁପ୍ରବେଶକାରୀ ପ୍ରଣାଳୀ ବିକଶିତ କରିଛନ୍ତି, ଯାହା ଥର୍ମାଲ ଇମେଜିଂ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବ୍ୟକ୍ତିମାନଙ୍କୁ ସଠିକ, ଚିହ୍ନଟ ଓ ଧରିପାରିବ। ସିଆଇଟି/୨୦୧୯/୦୦୧୪୪୧ ଅନୁଦାନ ସଂଖ୍ୟା ଅଧୀନରେ ଭାରତ ସରକାରଙ୍କ ସାଇନ୍ସ ଆଣ୍ଡ ଇଞ୍ଜିନିୟରିଂ ରିସର୍ଚ୍ଚ ବୋର୍ଡ (ଏସ୍‌ଇଆରବି) ସହାୟତାରେ ବିକଶିତ ଏହି ନବସୃଜନ ସନ୍ଦେହଜନକ କାର୍ଯ୍ୟକଳାପ ଉପରେ ନଜର ରଖିବା ପାଇଁ ଡିଜାଇନ କରାଯାଇଛି। ଗବେଷକ ଦଳ ମଣିଷର ଚାଲିବା ଶୈଳୀକୁ ଏକ ବାୟୋମେଟ୍ରିକ ଚିହ୍ନଟକାରୀ ଭାବରେ ବ୍ୟବହାର କରିଛନ୍ତି, ଯଦ୍ୱାରା ମାନୁଆଲ ତଦାରଖର ଆବଶ୍ୟକତା ହ୍ରାସ ପାଉଥାଏ। ପ୍ରତିବନ୍ଧିତ କ୍ଷେତ୍ରରେ ପ୍ରବେଶ କରୁଥିବା ବ୍ୟକ୍ତିଙ୍କ ଚାଲିବା ଶୈଳୀକୁ ଅଧିକୃତ ବ୍ୟକ୍ତିଙ୍କ ଚାଲିବା ସହ ତୁଳନା କରି ସନ୍ଦେହଜନକ ଭାବରେ ଚିହ୍ନଟ କରାଯାଏ। ଏଥିପାଇଁ ଇଣ୍ଟେଲିଜେଣ୍ଟ ମାଧ୍ୟମରେ ଏକ କେନ୍ଦ୍ରୀୟ ସର୍ଭର ସହିତ ସଂଯୋଗ ହୋଇଥିବା ୩ଟି ଥର୍ମାଲ କ୍ୟାମେରା ସହିତ ଏକ କାର୍ଯ୍ୟକାରୀ ପ୍ରୋଟୋଟାଇପ୍ ବିକଶିତ କରିଛନ୍ତି। ସେହିପରି ଯଦି ଜଣେ ବ୍ୟକ୍ତି ପ୍ରତିବନ୍ଧିତ କ୍ଷେତ୍ରକୁ ପ୍ରସ୍ଥାନ କରନ୍ତି, ତେବେ ସେମାନଙ୍କ ଅସ୍ଥାୟୀ ରେକର୍ଡ ଡିଲିଟ୍ ହୋଇଯାଇଥାଏ। ଏହା ଭବିଷ୍ୟତର ସନ୍ଦର୍ଭ ଓ ଫୋରେନସିକ୍ ବ୍ୟବହାର ପାଇଁ ତଥ୍ୟ ସୁରକ୍ଷିତ ରହିଥାଏ। ଗବେଷକ ଦଳର ପ୍ରମୁଖ ପ୍ରଫେସର ଆଡି କହିଛନ୍ତି, ୧.୯୦ଲକ୍ଷ ଟଙ୍କା ବ୍ୟୟରେ ଏହା ବିକଶିତ ହୋଇଛି। ସ୍ୱୟଂଚାଳିତ ମଲ୍ଟିକ୍ୟାମେରା ଟ୍ରାକ୍ ସମସ୍ତ ନିର୍ବିଘ୍ନରେ ନିରୀକ୍ଷଣ କରିଥାଏ। କମ୍ ଦୃଶ୍ୟମାନ ଓ ଜଟିଳ ପରିବେଶ ଭଳି ଆହ୍ୱାନମୂଳକ ପରିସ୍ଥିତିରେ ନିର୍ଭରଯୋଗ୍ୟ ଭାବରେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଥିବା ପ୍ରଣାଳୀ, କର୍ପୋରେଟ୍ ଓ ଶୈକ୍ଷିକ ସଂସ୍ଥାଗୁଡ଼ିକରେ ଏହା ବେଶ୍ ଉପଯୋଗୀ ହେବ ବୋଲି ପ୍ରଫେସର ଆଡି କହିଛନ୍ତି।

### ମେ' ୫ରୁ...

ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ସିପିଇଟି ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ଆବେଦନକାରୀମାନଙ୍କ ତଥ୍ୟ ମାର୍ଚ୍ଚ ୨୬ରେ ଷ୍ଟେଟ ସିଲେକ୍ସନ ବୋର୍ଡକୁ ପ୍ରଦାନ କରାଯିବ। ଏପ୍ରିଲ ୩୦ରେ ପ୍ରବେଶିକା ପରୀକ୍ଷା ପାଇଁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଛାତ୍ରଛାତ୍ରୀମାନେ ଏସ୍‌ଏସ୍‌ବି ୱେବ୍‌ସାଇଟ https://ssbodisha.ac.inକୁ ଯାଇ ଏପ୍ରିଲ ୩୦ରୁ ନିଜର ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ଚୟନ ସିପିଇଟି ପ୍ରବେଶିକା ପରୀକ୍ଷା ମାର୍କ ଆଧାରରେ କରାଯିବ। ଏଥିସହ ଜୁଲାଇ ୧୦ ସୁଦ୍ଧା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

### ରାଜ୍ୟରେ...

ସଂଶୋଧନ ନିୟମ-୨୦୧୯ର ବ୍ୟବସ୍ଥା ଅନୁଯାୟୀ, ଉପଯୁକ୍ତ ଯାଞ୍ଚ ପରେ ବ୍ୟବସାୟିକ ପ୍ରତିଷ୍ଠାନ, ବାଣିଜ୍ୟିକ କମ୍ପ୍ଲେକ୍ସ, ହୋଟେଲ, ଶିକ୍ଷାନୁଷ୍ଠାନ ଏବଂ କ୍ଲିନିକାଲ ପ୍ରତିଷ୍ଠାନଗୁଡ଼ିକୁ ୧୯୯୩ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ର, ୯୨୪ଟି ଅଗ୍ନି ନିରାପତ୍ତା ସୁପାରିସ୍ ଏବଂ ୬୫୨ଟି ଅଗ୍ନି ନିରାପତ୍ତା ପ୍ରମାଣପତ୍ରର ନବୀକରଣ କରାଯାଇଛି। ଏହି ସେବାଗୁଡ଼ିକ ଯୋଗାଇଦେଇ ୪.୮୦ କୋଟି ଟଙ୍କା ରାଜସ୍ୱ ସଂଗ୍ରହ କରାଯାଇ ସରକାରୀ ତହବିଲରେ ଜମା କରାଯାଇଛି ବୋଲି ଶ୍ୱେତପତ୍ରରେ ସରକାର ଦର୍ଶାଇଛନ୍ତି।


OFFICE OF THE PRINCIPAL
D.A.V. AUTONOMOUS COLLEGE
TITILAGARH

Dayananda Vihar, Titilagarh, Dist.-Bolangir, Pin-767042
Email Id: principal.davcollege@gmail.com, Website:davcollegetitilagarh.org
NAAC ACCREDITED- "B+"
Letter No.345/ Date 25.03.2026

QUOTATIONS CALL NOTICE

Sealed quotations are invited separately from interested registered manufactures/firms/suppliers/authorised dealers having PAN/GST registration number with IT clearance for the supply and installation of Desktop Computer (ALL in One), Uninterrupted Power Supply (UPS) system/ Inverter and Multi-function Printers (MFP) for the college by Speed Post / Registered Post/ Courier/ e-mail within 07 days from the publication of notice. For specification please visit college website www.davcollegetitilagarh.org. The undersigned reserved the right to cancel part or whole of quotations without specifying any reason thereof. In case of any doubt, you can contact Office of the Principal Mob-9078110060.

Sd./- Principal
D.A.V. Autonomous College, Titilagarh



GOVERNMENT OF ODISHA No. 34001/257/2526
OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR
Phone: 0680-2281582, e-mail: ccescbam@gmail.com

INVITATIONS FOR BIDS (IFB) [e-Procurement]
Bid Identification No. CCE, SC (R&B)-BAM-18/2025-26
No. 982 Dated: 20.03.2026

1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building and Road works as detailed in the table below.
2) Nature of Work: Building and Road Works
3) No. of Work: 07 Nos.
4) Tender Cost: Rs.10,000/- (Online)
5) Class of Contractor: "B" Class / "A" Class
6) Availability of bid document in the website: 31.03.2026 10.00 A.M. to 15.04.2026 5.30 P.M.
7) Date of opening of Bid: 16.04.2026 at 11.30 A.M.
8) The bidders have to participate in ONLINE bidding only. Further details can be seen from the website https://tendersodisha.gov.in
9) Any addendum/corrigendum/cancellation of tender can also be seen in the said website only.

Sd./- (Damodar Kaibartta)
Chief Construction Engineer
Southern (R&B) Circle, Berhampur
OIPR-34001/34103/11/25-26/0029



MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍
www.mahanadicoal.in
ସନ୍ଦର୍ଭ ସଂଖ୍ୟା: SBP/MCL/IAD/CS&PVFA Auditors/2025-26/02, ତା.24.03.2026ରିଖ
ବର୍ଷ ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ୩ ବର୍ଷ ଅବଧି ପାଇଁ ଆଭ୍ୟନ୍ତରୀଣ ଲେଖା ପରୀକ୍ଷକ ଏବଂ ଲିଙ୍କ ଲେଖା ପରୀକ୍ଷକ (କୋଇଲା ବିକ୍ରୀ ଏବଂ ପିଟ୍‌ହେଡ୍ ଆକାଉଣ୍ଟସ୍) ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଫାର୍ମ ନିଯୁକ୍ତି ନିମନ୍ତେ ଆଗ୍ରହର ଅଭିବ୍ୟକ୍ତି
... (https://coalindiatenders.nic.in) ... 30.03.2026 ... 17.00 ଘଣ୍ଟା ... 16.04.2026 ... 17.00 ଘଣ୍ଟା ... 17.04.2026 ... 11.00 ଘଣ୍ଟା ...
ମୁଖ୍ୟ ଆଭ୍ୟନ୍ତରୀଣ ଲେଖା ପରୀକ୍ଷକ, ଏମ୍‌ସିଏଲ
R-5291



SYNISE
Opportunity to Buy
Iron Oxide
Interested Buyers Please Contact on below numbers:
8308810330 / 9163166805
swaruph@synise.com



OFFICE OF THE PRINCIPAL, CHIEF CONSERVATOR OF FORESTS, KENDU LEAVES, ODISHA, BHUBANESWAR
Plot No. GD 2/12, 5th Floor, Aranya Bhawan, Chandrasekharpur, Bhubaneswar, Odisha, PIN - 751023
Phone No.: 0674-2300915/2300916, E-mail ID: pccfkldak@gmail.com

ABRIDGED TENDER CALL NOTICE
File No. 3KL (WFA) 01/2026
No. 30 Dated: 25th, March, 2026

PROCUREMENT OF HESSIAN CLOTH (SUPERIOR) AND HESSIAN TWINE

Sealed tenders in prescribed format are invited from Companies/Firms/Manufacturers/Traders of Hessian material for supply about 463 Bales of Hessian Cloth (Superior) and 12.00 MT of Hessian Twine for 2025 KL Crop Year. The tender document along with terms & conditions can be obtained from the O/o. the PCCF (KL), Odisha on submitting the proof of payment of Rs.10,000/- (Rupees ten thousand) only towards cost of tender paper (Non-refundable) in the (Account No. 32269698772 (State Bank of India, Fortune Towers Branch, IFSC Code: SBIN0004414. The tender document can also be downloaded from Kendu Leaf Organization Web Portal: https://kenduleaves.odisha.gov.in.

SCHEDULE OF TENDER

| Sale of Tender Document | On all working days from 25.03.2026 to 09.04.2026 |
|---|---|
| Cost of tender documetns (Non-refundable) | Rs.10,000/- |
| Last date of submission of tender | 09.04.2026 (5.00 PM) |
| Opening of Technical bid and evaluation | 10.04.2026 (11.00 A.M.) |
| Opening of Financial Bid | 10.04.2026 (4.00 P.M.) |

Sd./- ACCF (Kendu Leaves)



GOVERNMENT OF ODISHA
OFFICE OF THE SUPERINTENDING ENGINEER BARGARH (R&B) DIVISION, BARGARH
E-mail: eepwdbgh@gmail.com, Phone/Fax: 06646-234819

INVITATIONS FOR BIDS (I.F.B.)
No. 34001/270/2526 e-Procurement Notice
IDENTIFICATION No. IFB-SE PWD BGH No. 29 of 2025-26
No. 1738 Dated: 24.03.2026

1. The Superintending Engineer, Bargarh (R&B) Division, Bargarh on behalf of Governor of Odisha invites Percentage Rate bid in Single & Double Cover System in ONLINE MODE for the Civil & Electrical Works as detailed in the Detailed Tender Call Notice (D.T.C.N.) from the eligible class of contractors
2. No. of Civil & Electrical Work: 02 Nos.
3. Cost of Tender Paper: Rs.6,000/- & Rs.10,000/-
4. Class of Contractor: "B" Class Contractor & "HT" Electrical Contractor
5. Date & time of available in website & receipt of Bids: 11.00 Hrs. of 26.03.2026 to 17.00 Hrs. of 06.04.2026
6. Date of Opening of Technical Bid: 07.04.2026 at 11.30 Hrs
7. The bidders have to participate in ONLINE bidding only. Further details can be seen from the State Govt. Portal website https://tendersodisha.gov.in.
8. Any corrigendum/addendum will be displayed in the website https://tendersodisha.gov.in only.

Sd./- Superintending Engineer
Bargarh (R&B) Division
OIPR-34001/34039/11/25-26/0003



GANGADHAR MEHER UNIVERSITY
Amruta Vihar, Sambalpur, Odisha-768001
Advt. No. 1377/GMU, Date 25.03.2026

INVITATION OF EXPRESSION OF INTEREST FOR ENGAGEMENT OF PMC FOR CONSTRUCTION OF DIFFERENT BUILDINGS AT G.M. UNIVERSITY, SAMBALPUR

Gangadhar Meher University, Sambalpur invites Expression of Interest (EoI) from reputed public sector organization such as State PSU/ Central PSU for engagement as Project Management Consultant (PMC) for Construction and minor repair of different buildings at the G.M. University, Sambalpur. Interested agencies are requested to visit the official website www.Gmuniversity.ac.in for details. The last date of receiving of EoI is 09.04.2026 by 4.00 PM.

N.B.
- Authority reserves the right to reject all or any of the Proposals without assigning any reasons whatsoever.
- Hereafter, any corrigendum/amendment shall be published only on the University Website i.e.www.gmuniversity.ac.in.

Sd/- Registrar



ପୂର୍ବ ତଟ ରେଳପଥ
ଟେଣ୍ଡର ସଂ. CAOCRSPBBS-05-2026
କାର୍ଯ୍ୟର ନାମ: (1) ଖୋର୍ଦ୍ଧା ରୋଡ଼ ମଣ୍ଡଳ ଅନ୍ତର୍ଗତ ... 331/28-26 F/HWH ... ରୋଡ଼ ଓଭର ବ୍ରିଜ୍ (ROB) ନିର୍ମାଣ ... (1 X 60.0 M) ... (1 X 36.0 M) ... 25.040 M RCC T-ବିମ୍ ... 4 X 10.00 M + 4 X 9.00 M + 1 X 7.00 M ... 8 X 25.04 M RCC T-ବିମ୍ ...
(2) ... 331/28-26 F/HWH ... 137 ... (1 X 60.0 M) ... 7 X 24.0 M RCC T-ବିମ୍ ... 24.0 M RCC T-ବିମ୍ ...
ଆନୁମାନିକ ମୂଲ୍ୟ: ₹ 148,36,84,368.35, EMD: ₹ 75,68,400/-, ... 24 ମାସ।
ଟେଣ୍ଡର ବନ୍ଦ ହେବା ତାରିଖ: ତା.27.03.2026
... ତା.10.04.2026ରିଖ 1200 ଘଣ୍ଟାରେ।
... www.ireps.gov.in ...
ଉପ ମୁଖ୍ୟ ପ୍ରଶା / ନିର୍ମାଣ / RSP / ଭୁବନେଶ୍ୱର
PR-320/CI/25-26



OFFICE OF THE ENGINEER-IN-CHIEF (CIVIL), ODISHA NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel: (0674) 2391523

INVITATIONS FOR BIDS (IFB)
File No. B-IV-H-(H&D)-133/2023 Lr. No. 9467 /Bhubaneswar, 19th Mar., 2026
No. 34001/249/2526 INVITATION FOR BIDS
Bid Identification No. C.E.-Bldg-II-59/2025-26

| | | |
|---|---|---|
| 1. | | The Chief Engineer, Buildings-II (I/c), Odisha on behalf of Governor of Odisha, invites bids from reputed Indian firms/contractor registered with the State Government and bidders of equivalent Grade/Class registered with Central Government/MES/Railways for the infrastructure works detailed in the table below on turnkey basis (i.e. Architectural planning with detailed design, vetting & execution) |
| 2. | Nature of Works | 1. Construction of Dharmshala-cum-Guest House and Skill Centre for Homi Bhabha Cancer Hospital and Research Centre, Jatni, Khordha on Turnkey basis. 2. Construction of District Court Complex (B+G+4) at Dhenkanal on Turnkey basis. |
| 3. | No. of Work | 02 Nos |
| 4. | Bid Cost | Rs.10,000/- |
| 5. | Class of Contractor | Super Class |
| 6. | Availability of Bid Documents in the website | From Dt.30.03.2026 to 05.30 P.M. of Dt.20.04.2026 |
| 7. | Pre-bid meeting | Dt.08.04.2026 at 11.30 A.M. |
| 8. | Last date of online submission of bid | Dt.20.04.2026 upto 5.30 P.M. |
| 9. | Last Dt. of submission of hardcopy (Cover-III) | Dt.24.04.2026 upto 5.30 PM |
| 10. | Date of Opening of Bid | Dt.27.04.2026 at 11.30 A.M. |
| 8. | | The bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. |

Sd./- Chief Engineer, Buildings-II (I/c), Odisha, Bhubaneswar
OIPR-34001/34117/1/25-26/0043



ଅବସରପ୍ରାପ୍ତ ଅଣ-ଗେଜେଟେଡ୍ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର କର୍ମଚାରୀଙ୍କ ପୁନଃ ନିଯୁକ୍ତି

ଅଧିସୂଚନା

(୧) ରେଳବାଇ ବୋର୍ଡର ପତ୍ର ସଂ. ଇ(ଏନ୍‌ଜି)II/୨୦୨୪/ଆର୍‌ସି-୪/୯, ତାରିଖ: ୨୫.୧୦.୨୦୨୪ ଏବଂ ୩୧.୧୨.୨୦୨୪; (୨) ଡେପୁଟି ଏଫ୍ ଆଣ୍ଡ ସିଏଓ (ଜି) ... ଅବସରପ୍ରାପ୍ତ ଅଣ-ଗେଜେଟେଡ୍ କର୍ମଚାରୀଙ୍କ ... ଆବେଦନ ଆହ୍ୱାନ କରାଯାଉଛି। ...

| ବିଭାଗ | ପଦବୀର ନାମ | ଖାଲିଥିବା ସଂଖ୍ୟା | ଯୋଗ୍ୟ ଆବେଦନକାରୀ |
|---|---|---|---|
| ଆକାଉଣ୍ଟସ୍ | ଡିଭିଜନାଲ କ୍ୟାସିୟର | ୦୪ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଡିଭିଜନାଲ କ୍ୟାସିୟର |
| ଆକାଉଣ୍ଟସ୍ | ଆଇଓସି | ୦୨ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଆଇଓସି |
| ଆକାଉଣ୍ଟସ୍ | ସିନିୟର କ୍ୟାସିୟର ଏବଂ ହେଡ୍ ଶ୍ରଫ୍ | ୦୪ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ୟାସିୟର ଓ ହେଡ୍ ଶ୍ରଫ୍ |
| ଆକାଉଣ୍ଟସ୍ | ଓଏସ୍ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ଓଏସ୍ |
| ଆକାଉଣ୍ଟସ୍ | ସିନିୟର କ୍ଲର୍କ/ ଜୁନିୟର କ୍ଲର୍କ | ୦୩ | ରେଳବାଇ କ୍ୟାଶ୍ ଆଣ୍ଡ ପେ' କାର୍ଯ୍ୟାଳୟର ଅବସରପ୍ରାପ୍ତ ସିନିୟର କ୍ଲର୍କ/ ଜୁନିୟର କ୍ଲର୍କ |

ସବିଶେଷ ଅଧିସୂଚନା ଏବଂ ନିର୍ଦ୍ଧାରିତ ଫର୍ମାଟ୍ ୱେବ୍‌ସାଇଟ୍: https://ser.indianrailway.gov.in ନ୍ୟୁଜ୍ ଆଣ୍ଡ ରିକ୍ରୁଟମେଣ୍ଟ ଏବଂ ଏମ୍ପ୍ଲଏମେଣ୍ଟ ନୋଟିଫିକେସନ୍ କିମ୍ବା http://10.41.2.100 (ରେଳନେଟ୍)ରେ ଉପଲବ୍ଧ।
ପ୍ରଧାନ ଆର୍ଥିକ ଉପଦେଷ୍ଟା, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩
(PR-1346) ଦକ୍ଷିଣ ପୂର୍ବ ରେଳପଥ



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ଏକ ଉଦ୍ୟୋଗ)
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

NOTICE INVITING E-TENDER

| E-Tender No. | Tender Description: | Estimated Cost |
|---|---|---|
| SGM-NZ-BLS-07/2025-26 | Bids are invited under single stage two-envelop system from reputed manufactures/ firms/ contractors for Metal spreading in 132kV & 33kV S/Y of 132/33 kV GSS, Baripada under EHT (O&M) Division Baripada under Northern (O&M) Zone, Balasore. | Rs. 33,14,980/- |
| SGM-SZ-BAM-18/2025-26 | Bids are invited under single stage two-envelop system from reputed contractors having valid B class Civil license and HT/EHT license or a valid HT/EHT license having EHT supervisor and Civil license (B class) for Painting of 220kV Jayanagar-Balimela DC line under EHT (O&M) Division, Jayanagar under Southern (O&M) Zone, Berhampur | Rs. 55,29,185/- |

Complete set of bidding documents are available at www.tenderwizard.com/OPTCL and www.optcl.co.in.
/optcl.odisha /optcl_odisha HIPR-87/2025-26

## କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା

ବୁଗୁଡା,(କାଳି ଚରଣ ଦାଶ): ବୁଗୁଡା ସହର ସମେତ ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଘନ ଘନ ବଜ୍ରପାତ ସହ ଝଡ଼ ବର୍ଷା ହୋଇଥିଲା। ପ୍ରବଳ ବର୍ଷା ପବନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଥିଲା। ବୁଗୁଡ଼ାର ବିଭିନ୍ନ ସ୍ଥାନରେ ଗଛ ପଡିବା ସହ ନୂଆଁସାହିରେ ଏକ ଘରର ଛାତ ଉପରେ ବଡ଼ ଗଛ ଡ଼ାଳ ପଡିଯିବାରୁ ପରିବାର ଲୋକେ ଭୟଭୀତ ହୋଇପଡିଥିଲେ। ଅଗ୍ନିଶମ କର୍ମଚାରୀଗଣ ପହଞ୍ଚି ରାସ୍ତାକୁ ସଫା କରିବା ସହ ଘରର ଛାତ ଉପରୁ ବିରାଟ ଗଛ ଡାଳ ବାହାର କରିଛନ୍ତି।

### ସଂକ୍ଷେପରେ

## ଘୋଡ଼ାହାଡ଼ ନଦୀରୁ ଯୁବକଙ୍କ ମୃତଦେହ ଜବତ

ପାଟପୁର/ଦିଗପହଣ୍ଡି,୨୫।୩ (ସୀମାଞ୍ଚଳ ସାହୁ/ଅଶେଷ ନାଥ ମିଶ୍ର): ସାନଖେମୁଣ୍ଡି ବ୍ଲକ ପାଟପୁର ଗ୍ରାମ ନିକଟ ଘୋଡ଼ାହାଡ଼ ନଦୀରୁ ଜଣେ ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ବୁଧବାର ସକାଳେ ବାହାର କରିଛନ୍ତି। ମୃତକ ହେଲେ ପାଟପୁର ବସଷ୍ଟାଣ୍ଡ ନିକଟ ଗଣେଶ ନଗରର ନାରାୟଣ ସିଙ୍ଗ (୩୫)। ସେ ମଙ୍ଗଳବାର ସନ୍ଧ୍ୟାରେ ନଦୀକୁ ଗାଧୋଇବାକୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ନାରାୟଣ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିନଥିଲା। ବୁଧବାର ଭୋରରେ ଗ୍ରାମର କେତେଜଣ ଲୋକ ନଦୀକୁ ଗାଧୋଇ ଯାଇଥିବା ବେଳେ ପାଣିରେ ମୃତଦେହ ଭାସୁଥିବା ଦେଖିଥିଲେ। ଖବରପାଇ ଅଗ୍ନିଶମ ବାହିନୀ ପହଞ୍ଚି ତାହାକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ଏ ନେଇ ଅପମୃତ୍ୟୁ ମାମଲା ନଂ.୬/୨୬ ରୁଜୁ କରି ମୃତଦେହ ଜବତ ପରେ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୨୦ରୁ ଊର୍ଦ୍ଧ୍ୱ ଭାଜପା, କଂଗ୍ରେସ କର୍ମୀ ବିଜେଡିରେ

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ପାରଳାଖେମୁଣ୍ଡି ହାଇଟେକ ପ୍ଲାଜା ପରିସରରେ ବିଜେଡିର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ହୋଇଛି। ଆଗାମୀ ଦିନରେ ହେବାକୁ ଥିବା ପଞ୍ଚାୟତ ନିର୍ବାଚନରେ ବିଜେଡି କିଭଳି ସଫଳତାର ସହ ପଞ୍ଚାୟତଗୁଡିକରେ ବିଜୟୀ ହେବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୨୦ରୁ ଊର୍ଦ୍ଧ୍ୱ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସମସ୍ତେ ଏକାଠି ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଉପସ୍ଥିତ ହାଇଟେକ ଗ୍ରୁପ ଅଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଡ. ତିରୁପତି ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ଜିଲା ବିଜେଡି ସଭାପତି ପ୍ରଦୀପ ନାୟକ, ଜିଲା ପରିଷଦ ଅଧ୍ୟକ୍ଷ ଜି.ତିରୁପତି ରାଓ ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀମାନଙ୍କୁ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲା ସାଇଆମ୍ମା, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ.ବୀରରାଜୁ, ସମସ୍ତ ଜିଲା ପରଷଦ, ସରପଞ୍ଚ, ସମିତିସଭ୍ୟ ଓ କର୍ମୀମାନେ ଉପସ୍ଥିତ ଥିଲେ।

## ମହିଳା ନାମ ସଙ୍କୀର୍ତ୍ତନ ଦଳ ଗଠିତ

ଧରାକୋଟ,୨୫।୩(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ବ୍ଲକ ଜାହାଡା ଗ୍ରାମରେ ଶ୍ରୀଜଗନ୍ନାଥ ମହିଳା ସଙ୍କୀର୍ତ୍ତନ ଦଳ ଗଠନ ହୋଇଛି । ବିଭିନ୍ନ ଧାର୍ମିକ କାର୍ଯ୍ୟରେ ପ୍ରହରୀ ଅନୁଯାୟୀ ଏହି ମହିଳା ଦଳ ନାମ ଜପ କରୁଛନ୍ତି। ସଙ୍କୀର୍ତ୍ତନ ଦଳର ଗୁରୁ ରଙ୍କନିଧି ହୋଇଥିବା ବେଳେ,ଗାୟକ ନରେଶ ଜେନା, ଅଧିକାରୀ ନମିତା ବିଷୋୟୀ ଓ ଲୁଲୁ ପରିଡ଼ା ପରିଚାଳକ ଭାବରେ ଦାୟିତ୍ୱ ତୁଲାଉଛନ୍ତି ।

## ଚାଷୀଙ୍କୁ ଆଗ୍ରୋ ଫରେଷ୍ଟ୍ରି ପ୍ରଶିକ୍ଷଣ

ଜି.ଉଦୟଗିରି,୨୫।୩(ଶିଶିର ପଟ୍ଟନାୟକ /ଚିନ୍ମୟ କୁମାର ସେଠି): କଳିଙ୍ଗା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ପରିସରରେ ଭୁବନେଶ୍ୱର କଳିଙ୍ଗ କୁସୁମ ଫାଉଣ୍ଡେଶନ ତରଫରୁ ଇନଫୋସିସ ସହାୟତାରେ କନ୍ଧମାଳ ଜିଲାରେ ଉଦ୍ୟାନ କୃଷି ପ୍ରଣାଳୀ (ଆଗ୍ରୋ ଫରେଷ୍ଟ୍ରୀ) ଉପରେ ଚାଷୀମାନଙ୍କ ପାଇଁ ଏକ ପ୍ରଶିକ୍ଷଣ ଶିବିର ହୋଇଯାଇଛି। ଶିବିରରେ ଜିଲାର ୭ ବ୍ଲକରୁ ୭୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। ସେମାନଙ୍କୁ ଆଗ୍ରୋ ଫରେଷ୍ଟ୍ରୀ ପ୍ରଣାଳୀ ମାଧ୍ୟମରେ ପରିବେଶ ସୁରକ୍ଷା ସହିତ କିପରି କୃଷି ଉତ୍ପାଦନ ବୃଦ୍ଧି କରାଯିବ, ଆର୍ଥିକ ଆୟ ବୃଦ୍ଧି କରାଯିବ ଏବଂ ବୃକ୍ଷରୋପଣ କରି ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କିପରି ମୁକାବିଲା କରାଯିବ ତାଲିମ ଦିଆଯାଇଥିଲା। କଳିଙ୍ଗା ଉଦ୍ୟାନ ବିଭାଗର ନିର୍ଦ୍ଦେଶିକା ଦିପ୍ତିମୟୀ ବସନ୍ତିଆ ଚାଷୀମାନଙ୍କୁ ବିଭିନ୍ନ ଉଦ୍ୟାନ ଚାଷ ପ୍ରଣାଳୀ, ଫଳଗଛ ରୋପଣ, ମାଟି ଓ ପରିବେଶ ସୁରକ୍ଷା ସମ୍ବନ୍ଧୀୟ ପ୍ରଶିକ୍ଷଣ ଦେଇଥିଲେ। କଳିଙ୍ଗ କୁସୁମ ଫାଉଣ୍ଡେସନ ପକ୍ଷରୁ ପ୍ରକଳ୍ପ ଅଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ପ୍ରକଳ୍ପ ସଂଯୋଜକ ନବ କୁମାର ପାଣିଗ୍ରାହୀ ପ୍ରମୁଖ ପ୍ରଶିକ୍ଷଣ ଶିବିରରେ ସହଯୋଗ କରିଥିଲେ।

# ଖରା,ବର୍ଷାରେ ପଡ଼ିରହିଛି ୨୦୦ କୁଇଣ୍ଟାଲ ଧାନ ବିହନ

■ଧରାଛୁଆଁ ଦେଉନି କିଣିବାକୁ ଚୁକ୍ତି କରିଥିବା କମ୍ପାନୀ
■ମଧ୍ୟପ୍ରାଚ୍ୟ ଯୁଦ୍ଧ ଆଳ ଦେଖାଉଛି କୃଷି ବିଭାଗ



ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗଜପତି ଜିଲା ଗୋଷାଣି ବ୍ଲକ ବୋମିକା ପଞ୍ଚାୟତ ଅନ୍ତର୍ଗତ ବଡଦେଉଳା ଗ୍ରାମାଞ୍ଚଳର ଚାଷୀଙ୍କ ଧାନ ବିହନ ଏପର୍ଯ୍ୟନ୍ତ ବିକ୍ରି ହୋଇପାରିନାହିଁ । ଧାନ ଅମଳ ହୋଇ ପାଖାପାଖି ୪ମାସ ବିତିଯାଇଥିଲେ ମଧ୍ୟ ଏମାନଙ୍କ ୨୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ବିହନ ସେମିତି ପଡିରହିଛି । ଧାନ ବିହନ ନେବା ପାଇଁ ଚୁକ୍ତି କରିଥିବା କମ୍ପାନୀ ଏହା ନେଉ ନ ଥିବାରୁ ଚାଷୀଲାଗି ସମସ୍ୟା ଉପୁଜୁଛି। ଜିଲାରେ ଇତି ମଧ୍ୟରେ ଧାନମଣ୍ଡି ବନ୍ଦ ହୋଇଯାଇଥିବାରୁ ଏହା ଆଉ ବିକ୍ରି ହୋଇପାରିବ ନାହିଁ ବୋଲି ଅଞ୍ଚଳର ଚାଷୀ କହିଛନ୍ତି।

କୃଷି ବିଭାଗ, ମହେନ୍ଦ୍ର ଓ କନକ ଏଗ୍ରୋ କମ୍ପାନୀ ମାଧ୍ୟମରେ ଧାନ ବିହନ ବିକ୍ରି ପାଇଁ ଚୁକ୍ତି ହୋଇଥିଲା । ଗତବର୍ଷ ଠିକ ସମୟରେ କମ୍ପାନୀ ଧାନ ବିହନ କ୍ରୟ କରିନେଇଥିଲା । ହେଲେ ଚଳିତ ବର୍ଷ ଏଯାଏ ଧାନ ବିହନ କ୍ରୟ କରିନି। କମ୍ପାନୀ ପାଇଁ ରଖିଥିବା ଧାନବିହନ କମ୍ପାନୀ ନେଉ ନ ଥିବାରୁ ୪ ମାସ ହେଲା ଏହାକୁ ଜଗି ବସିଛୁ । କ୍ଷେତ ଖଳାରେ ଥିବା ଧାନ ବିହନ ନଷ୍ଟ ହେବାରେ ଲାଗିଛି। ବାରାହା ଉପଦ୍ରହ ସାଙ୍ଗକୁ ମୂଷା ଧାନଗୁଡିକୁ ନଷ୍ଟ କରୁଛି। କିଛି ଧାନ ଆଣି ନିଜ ନିଜ ଘରର ପିଣ୍ଡାରେ ରଖିଛୁ ବୋଲି ବଡଦେଉଳା ଗ୍ରାମର ଚାଷୀ କହିଛନ୍ତି। ଧାନ କ୍ରୟ ପାଇଁ ଚୁକ୍ତି କରିଥିବା କମ୍ପାନୀ ଆଜି କାଲି ଧାନ ନେବି, ଗାଡି ପଠାଉଛି କହି ଭୂଆଁ ବୁଲାଉଥିବା ସେମାନେ ପ୍ରକାଶ କରିଛନ୍ତି।

ଏନେଇ ବ୍ଲକ କୃଷି କାର୍ଯ୍ୟାଳୟଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନ ଓ ଗୋଷାଣି ବ୍ଲକ ସଦରରେ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଜଣାଇ ଶୀଘ୍ର ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ପାଇଥିଲୁ। ଏ ପର୍ଯ୍ୟନ୍ତ କିଛି ସୁଫଳ ନ ମିଳିବାରୁ କେତେ ଜଣ ଚାଷୀ ଅତି ଶସ୍ତାରେ ଧାନବିହନ ବିକ୍ରି କରିଦେଇଛନ୍ତି। ଆଗାମୀ ଦୁଇ ତିନି ଦିନ ମଧ୍ୟରେ ଯଦି କମ୍ପାନୀ ନ କିଣେ ତେବେ ଆନ୍ଦୋଳନ କରିବୁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଏନେଇ ଜିଲା କୃଷି କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀ କେ.ସୁରଜ ପାତ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ଏପରି କିସମ ଧାନ ବିହନ ରପ୍ତାନୀ ହୋଇଥାଏ। ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଲାଗି ରହିଥିବାରୁ ଠିକ ଭାବେ ରପ୍ତାନୀ ହେଉନାହିଁ। ଧାନ ବିହନଗୁଡିକୁ ଚୁକ୍ତି କରିଥିବା କମ୍ପାନୀ ୪/୫ ଦିନ ମଧ୍ୟରେ ଯେପରି କ୍ରୟ କରି ନେବ ସେ ଦିଗରେ ଆମେ ପଦକ୍ଷେପ ନେବୁ। ଧାନ ନେବାକୁ ଚୁକ୍ତି କରିଥିବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ଆମେ ଦୁଇ ତିନି ଦିନ ଭିତରେ ଧାନ ବିହନ କ୍ରୟ କରିନେବୁ ବୋଲି କହିଛନ୍ତି।

## କାଠଚୁଲିରେ ରୋଷେଇ ଶିଖାଇଲା ମଧ୍ୟପ୍ରାଚ୍ୟ ଯୁଦ୍ଧ

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା)

କାଠ ଚୁଲିକୁ ଫେରିଲା ରୋଷେଇ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଶିଖେଇଲା ଆପଣାଇବାକୁ ପ୍ରାଚୀନ ପଦ୍ଧତି। ଗ୍ୟାସର ଅଭାବ ଯୋଗୁ ଏବେ ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳରେ କାଠଚୁଲି ବ୍ୟବହାର ଦେଖିବାକୁ ମିଳିଛି। ହୋଟେଲ, ଜଳଖିଆ ଦୋକାନ ଓ ରେଷ୍ଟୁରାଣ୍ଟଗୁଡିକ ରନ୍ଧନ ଗ୍ୟାସ ନ ପାଇ କିଛି ଦିନ ଦୋକାନ ବନ୍ଦ କରିବା ପରେ ଏବେ କାଠଚୁଲିକୁ ଆପଣାଇ ଦୋକାନ ଖୋଲିଛନ୍ତି। ଏହି ଦୋକାନଗୁଡିକରେ କାଠଚୁଲିରେ ଖୋଲା ଆକାଶ ତଳେ ରୋଷେଇ ହେଉଛି। ଏହାକୁ ଖାଇ ଗ୍ରାହକମାନେ ମଧ୍ୟ ସନ୍ତୁଷ୍ଟ ମନରେ ଫେରୁଥିବା କହିଛନ୍ତି କେତେଜଣ ଦୋକାନ ମାଲିକ। ଜିଲାର ସଦର ମହକୁମା ସହ ୭ଟିଯାକ ବ୍ଲକରେ ସମାନ ଦୃଶ୍ୟ ଦେଖାଯାଉଛି। ଯେଉଁ ହୋଟେଲ ବ୍ୟବସାୟୀ ମାନେ କାଠ କିମ୍ବା ଘସି ବ୍ୟବହାର କରି ଦୋକାନ ଖୋଲୁଛନ୍ତି ସେମାନେ ପୂର୍ବପରି ସବୁ ପ୍ରକାର ଖାଦ୍ୟ ପ୍ରସ୍ତୁତ ନ କରି କେବଳ ୪/୫ଟି ଆଇଟମ କରି ନିଜ ବ୍ୟବସାୟ ବଞ୍ଚାଇ ରଖୁଛନ୍ତି। ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିବା କଷ୍ଟକର ହେଉଛି ବୋଲି ହୋଟେଲ ମାଲିକ ସି. ଜନାର୍ଦ୍ଦନ ଓ ଜୟଲକ୍ଷ୍ମୀ କହିଛନ୍ତି। ତେବେ ସହରରେ ରୋଷେଇ ପାଇଁ କାଠ ହେଉ ଅବା ଘସି ସହଜରେ ମିଳୁ ନ ଥିବାରୁ ଯାହା କିଛି ଯେଉଁଠି ମିଳୁଛି ଏହାର ଦାମ ଆକାଶଛୁଆଁ ହୋଇଯାଇଛି। ଏବେ ମଧ୍ୟପ୍ରାଚ୍ୟ ଯୁଦ୍ଧ କାଠ, ଘସି ବ୍ୟବହାର ପାଇଁ ସମସ୍ତଙ୍କୁ ଶିଖେଇ ଦେଇଛି ବୋଲି କହନ୍ତି ଅଞ୍ଚଳର ଯମୁନା ଭୂୟାଁ, ବୁଢ଼ୀ ରଇତ, ସୁଜାତା ଶବର।

## ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ କ୍ରୀଡ଼ା,ସାଂସ୍କୃତିକ କାର୍ଯ୍ୟକ୍ରମ

ମୋହନା, ୨୫।୩(ମନ୍ମଥ ମିଶ୍ର) ମୋହନା ଗୋଷ୍ଠୀ ସମ୍ବଳ ଦିବ୍ୟାଙ୍ଗ ସାଧନ କେନ୍ଦ୍ରଠାରେ ମୋହନା ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ନେଇ ଏକ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମକୁ ବିଇଓ ନରେନ୍ଦ୍ର ବେହେରା, ଏବିଇଓ ମଦନ କହଁର ଓ ପିମଶ୍ରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟରଞ୍ଜନ କର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ବଳ ଶିକ୍ଷକ ପ୍ରକାଶ ସାହୁ, ସମ୍ବଳ ସାଧନ କର୍ମୀ ସୁମନ୍ତ ପ୍ରଧାନ ଏବଂ ଏମ.ରାଜେନ୍ଦ୍ର ଦୋରା ସରକାରୀ ଉଚ୍ଚ ବିଦ୍ୟାଳୟର ଭିନ୍ନକ୍ଷମ ଛାତ୍ରୀ ଛାତ୍ରଙ୍କୁ ନେଇ ଚିତ୍ରାଙ୍କନ, ମ୍ୟୁଜିକାଲ ଚେୟାର, ସ୍ଲୁନ ରେସ୍, ଗୀତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୬୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିବା ୩ଜଣଙ୍କୁ ପୁରସ୍କୃତ କରାଯିବା ସହ ସମସ୍ତ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁରେନ୍ଦ୍ର ମହାଙ୍କୁଡ଼ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ବ୍ଲକରେ ଉନ୍ନୟନ ପ୍ରକଳ୍ପ ସମୀକ୍ଷା କଲେ ସିଡିଓ



ସିଡିଓ ଅର୍କିଡ ଉତ୍ପାଦନ ପ୍ରଣାଳୀ ସମ୍ପର୍କରେ ଏସ୍‌ଏଚ୍‌ଜି ସଭ୍ୟାଙ୍କଠାରୁ ବୁଝୁଛନ୍ତି।

ଗଞ୍ଜାମ,୨୫।୩ (ଅନାଥ ତରାଇ): ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ସମୀର କୁମାର ଜେନା ବୁଧବାର ଗଞ୍ଜାମ ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ସେ ଜିଲାର ମହିଳା ସଶକ୍ତୀକରଣ ଏବଂ ମତ୍ସ୍ୟ ଚାଷ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକର ସମୀକ୍ଷା କରିଥିଲେ। ସିଡିଓ ଜେନା ପ୍ରଥମେ ରାମଗଡସ୍ଥିତ ଡେଣ୍ଡ୍ରୋବିୟମ ଅର୍କିଡ ହାଇଟେକ ୟୁନିଟ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କଠାରୁ ଅର୍କିଡ ଫୁଲର ଉତ୍ପାଦନ ପ୍ରଣାଳୀ ବିଷୟରେ ବୁଝିଥିଲେ। ଅର୍କିଡ ଚାଷ ମାଧ୍ୟମରେ ମହିଳାମାନେ କିଭଳି ଆହୁରି ଅଧିକ ରୋଜଗାରକ୍ଷମ ହୋଇପାରିବେ ଏବଂ ବଜାରରେ ଏହାର ବିକ୍ରୟ ପ୍ରଣାଳୀକୁ କିପରି ବ୍ୟାପକ କରାଯାଇପାରିବ ସେ ନେଇ ସମ୍ପୃକ୍ତ ଅଧିକାରୀ ଓ ମହିଳା ସଦସ୍ୟାମାନଙ୍କ ସହ ଆଲୋଚନା କରିଥିଲେ। ସେଠାରୁ ସେ ସୁବଳୟା ପଞ୍ଚାୟତରେ ନିର୍ମାଣାଧୀନ ମଧୁର ଜଳ ମାଛ ଯାଆଁଳା କେନ୍ଦ୍ର କ୍ଲଷ୍ଟର ପରିଦର୍ଶନ କରିବାକୁ ଯାଇଥିଲେ। ସେଠାରେ ପ୍ରକଳ୍ପର ଅଗ୍ରଗତି ନେଇ ଅଧିକାରୀମାନଙ୍କ ସହ ସମୀକ୍ଷା କରିଥିଲେ। ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ହୋଇଥିବାରୁ, କାର୍ଯ୍ୟରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସିଡିଓ ସ୍ପଷ୍ଟ କରିବା ସହ ସମସ୍ତ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶେଷ କରିବାକୁ ଅଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପରିଦର୍ଶନ ସମୟରେ ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନୀ ଉପସ୍ଥିତ ରହି ପ୍ରକଳ୍ପର ବୈଷୟିକ ଦିଗ ଉପରେ ସୂଚନା ଦେଇଥିଲେ।

## ବାଇକ୍ ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

### ଆମ୍ବୁଲାନ୍ସ ନ ଆସିବାରୁ ଉତ୍ତେଜନା

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ଗୋଷାଣି ବ୍ଲକ ଗୁରାଣ୍ଡି ଥାନା ଅନ୍ତର୍ଗତ ଆଡାଗାଁ ଗ୍ରାମ ଛକଠାରେ ବୁଧବାର ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଆଡାଗାଁ ଗ୍ରାମର ଚନ୍ଦ୍ରମା ବେହେରା (୭୦)। ତେବେ ଦୁର୍ଘଟଣା ଘଟିବା ପରେ ତାଙ୍କୁ ଡାକ୍ତରଖାନା ନେବାକୁ ଲୋକେ ଆମ୍ବୁଲାନ୍ସ ପାଇଁ ବାରମ୍ବାର ଫୋନ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ନ ଆସିବାରୁ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଚନ୍ଦ୍ରମା ଆଡାଗାଁ ଛକକୁ ଯାଇ ନିଜ ଘରକୁ ଫେରୁଥିବା ସମୟରେ ଏକ ବାଇକ୍ (ଓଡି ୨୦ଏ-୭୫୧୪) ତାଙ୍କୁ ଧକ୍କା ଦେଇଥିଲା। ବାଇକ୍ ଚାଳକ ସୀମାଞ୍ଚଳ ପାଟଭୂୟାଁ ଗୁରାଣ୍ଡି ଗ୍ରାମରୁ ମାଡବା ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଚନ୍ଦ୍ରମାଙ୍କୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ପଡିଥିବା ଚନ୍ଦ୍ରମାଙ୍କୁ ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ଆମ୍ବୁଲାନ୍ସ ଆସି ନ ଥିଲା। ଖବରପାଇ ଗୁରାଣ୍ଡି ଥାନା ଏସ୍‌ଆଇ ଅମ୍ବିକା ବେଣିଆ ଓ ଏଏସ୍‌ଆଇ ରାମକୃଷ୍ଣ ପାଣିଗ୍ରାହୀ ପହଞ୍ଚି ଚନ୍ଦ୍ରମାଙ୍କୁ ଉଦ୍ଧାର କରି ପୋଲିସ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ସମୟରେ ଚନ୍ଦ୍ରମାଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଚାଳକ ଦୁର୍ଘଟଣା ପରେ ଚନ୍ଦ୍ରମାଙ୍କ ସହ ଚିକିତ୍ସାଳୟକୁ ଆସିଥିଲେ। ଆମ୍ବୁଲାନ୍ସ ଚନ୍ଦ୍ରମାଙ୍କୁ ଚିକିତ୍ସାଳୟ ଆଣିଥିଲେ ତାଙ୍କର ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସାଧାରଣରେ ଆଲୋଚନା ହେଉଛି।

## ଚୈତ୍ରର ନିଆରା ଗଣପର୍ବ ଗଜାମୁହାଁ



ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା) ବାର ମାସରେ ତେର ପରବ ବୋଲି କୁହାଯାଉଥିବା ଆମ ରାଜ୍ୟର ପ୍ରତି କୋଣ ଅନୁକୋଣରେ କିଛି ନା କିଛି ସ୍ଥାନୀୟ ପୂଜାପର୍ବ ପାଳନ କରାଯାଏ। ଏହିପରି ଏକ ନିଆରା ପର୍ବ ହେଉଛି ପରଳାଖେମୁଣ୍ଡିର ଗଣପର୍ବ ଗଜାମୁହାଁ । ଏଥିପାଇଁ ଚୈତ୍ର ମାସର ପ୍ରତିଟି ମଙ୍ଗଳବାରରେ ଉତ୍ସବମୁଖର ହୁଏ ସହରର ପ୍ରତ୍ୟେକ ସାହି। ବାହାରେ ରହୁଥିବା ପାରଳା ବାସିନ୍ଦାମାନେ ମଧ୍ୟ ଆସି ପର୍ବରେ ସାମିଲ ହୋଇଥାନ୍ତି । ଏହି ପର୍ବରେ ଗୁଡ଼ ପାଗ ହୋଇଥିବା ଲିଆର ଏକ ବିରାଟ ମୁହାଁରେ ମା'ଙ୍କ ପ୍ରତିମାକୁ ସ୍ଥାପନ କରି ପୂଜା କରାଯାଏ। ଶ୍ରଦ୍ଧାଳୁମାନେ ଏହି ପ୍ରତିମାକୁ ଧରି ପ୍ରତି ସାହି ନାଚି ନାଚି ବୁଲନ୍ତି। ସାହି ସାହି । ପ୍ରତି ଘର ପିଣ୍ଡାରେ ଗୃହିଣୀମାନେ ହଳଦୀ ପାଣିରେ ମୁହାଁଧାରୀଙ୍କ ଗୋଡ଼ ଧୋଇ ମା'ଙ୍କ ପୂଜାର୍ଚ୍ଚନା କରି ଶୀତଳ ଦେଇଥାନ୍ତି। କୁହାଯାଏ ଯେ ନଅଙ୍କ ଦୁର୍ଭିକ୍ଷ ସମୟରେ ମହାମାରୀ ଓ ଖାଦ୍ୟ ଅଭାବରୁ ରକ୍ଷା ପାଇବାପାଇଁ ଲୋକମାନେ ମା କଦମ୍ବଖଣ୍ଡିଙ୍କ ଶରଣ ପଶିବାରୁ ସେ ଏପରି ପୂଜା କରିବାକୁ ସପ୍ନାଦେଶ ଦେଇଥିଲେ। ଏହି ଅନୁସାରେ ପ୍ରଥମେ କଟିକା ସାହିରେ ଏହି ଗଜା ମୁହାଁ ଆରମ୍ଭ କରାଯାଇ ମା'ଙ୍କୁ ଶୀତଳ ପଣା ପ୍ରଦାନ କରାଯାଇଥିଲା। ପରେ ସବୁସାହିରେ ଏବେ ଏହି ପୂଜା ପାଳନ ହେଉଛି। ପାରଳାଖେମୁଣ୍ଡିରୁ ଆରମ୍ଭ ହୋଇଥିବା ଏହି ପର୍ବ ବାହାର ଜିଲା ଜୟପୁର, ଗୁଣୁପୁର, ବ୍ରହ୍ମପୁର ଅଞ୍ଚଳକୁ ବ୍ୟାପିଛି। ଏସବୁ ଅଞ୍ଚଳରେ ମଧ୍ୟ ମା'ଙ୍କ ପର୍ବ ପାଳିତ ହେଉଥିବା ଦେଖିବାକୁ ମିଳୁଛି।

# ପେନସନର୍ସ ବିରୋଧୀ ଭ୍ୟାଲିଡେଶନ ବିଲ୍ ପ୍ରତ୍ୟାହାର ଦାବି

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର



ଛତ୍ରପୁର/ଭଞ୍ଜନଗର/ଆସିକା, ୨୫।୩(ଦିଲୀପ ସାମଲ/ବାବୁଲା ପ୍ରଧାନ/ସୁରେନ୍ଦ୍ରନାଥ ସାହୁ) ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ଓ ତତ୍‌ଜନିତ ସୁବିଧାରୁ ବଞ୍ଚିତ କରି ଅଷ୍ଟମ ବେତନ କମିଶନ ସୁପାରିଶରୁ ବାଦ ଦେବାକୁ ୨୦୨୫ ମାର୍ଚ୍ଚ ୨୫ରେ କେନ୍ଦ୍ର ସରକାର ସଂସଦରେ ଏକ ଭ୍ୟାଲିଡେସନ ବିଲ୍ ପାରିତ କରି ପେନସନର୍ସମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ଦେଇଛନ୍ତି। ଏହା ବିରୋଧରେ ସମଗ୍ର ଦେଶର ରାଜ୍ୟ ପେନସନର୍ସଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସର୍ବ ଭାରତୀୟ ପେନସନର୍ସ ଫେଡେରେଶନ ନିଷ୍ପତ୍ତିରେ ଦେଶର ସବୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯିବ। ବୁଧବାର ଗଞ୍ଜାମ ଜିଲା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଆଜିର ଦିବସକୁ କଳାଦିବସ ରୂପେ ପାଳନ କରାଯାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଉକ୍ତ ଭ୍ୟାଲିଡେଶନ ବିଲ ୧୯୮୨, ଡିସେମ୍ବର ୧୭ରେ ମାନ୍ୟବର ସୁପ୍ରିମକୋର୍ଟ ପେନସନର୍ସମାନଙ୍କ ସପକ୍ଷରେ ଦେଇଥିବା ଆଦେଶର ବିରୁଦ୍ଧାଚରଣ କରୁଛି। ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗାଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ଗଞ୍ଜାମ ବ୍ଲକ ସଭାପତି ବାନାମ୍ବର ପୋଲାଇ, ସମ୍ପାଦକ ବାଳକୃଷ୍ଣ ମହାରଣା, ଭଗବାନ ଦାସ, ରବୀନ୍ଦ୍ର ଦାସ, ପ୍ରାଣବନ୍ଧୁ ପାତ୍ର, ବକ୍ତବ୍ୟ ରଖି ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦେଇଥିଲେ। ଆସିକାରେ ହୋଇଥିବା କାର୍ଯ୍ୟକ୍ରମରେ ସଂଘ ସଭାପତି ପୀତବାସ ମହାପାତ୍ର, ଜିଲା ଶାଖା ଉପସଭାପତି ସୁବାସ ଚନ୍ଦ୍ର ମିଶ୍ର, ଗଞ୍ଜାମ ଶାଖା ସହସଂପାଦକ ମିହିରକାନ୍ତ ମହାପାତ୍ର, ଆସିକା ଶାଖା ସଂପାଦକ ଉପେନ୍ଦ୍ର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଭଞ୍ଜନଗରରେ ଡେପୁଟି କଲେକ୍ଟର ରଚିତା ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ ବେଳେ ସଂଘ ସଭାପତି ବିଭୂତି ଭୂଷଣ ଜେନା, ସମ୍ପାଦକ ସୁବଳ ଚନ୍ଦ୍ର ଭୂୟାଁ, ଉପସଭାପତି ପର୍ଶୁରାମ ସ୍ୱାଇଁ, ଜଗବନ୍ଧୁ ଜେନା, ସୁବାସ ଚନ୍ଦ୍ର ତାରିଣୀ, ସନ୍ତୋଷ ଜେନା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ବଣିକ ସଂଘର ନୂଆ କର୍ମକର୍ତ୍ତା

ମୋହନା,୨୫।୩(ମନ୍ମଥ ମିଶ୍ର)– ଗଞ୍ଜାମ ଜିଲା ସୋରଡ଼ା ନିକଟସ୍ଥ ପଦରଶୁଣି ଦେବୀ ପୀଠରେ ମୋହନାସ୍ଥିତ ଶ୍ରୀ ଗଣେଶ ବଣିକ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ବୃନ୍ଦାବନ ସାମନ୍ତରା, ଉପ ସଭାପତି ଆଲୋକ କିଶୋର ନାୟକ, ସମ୍ପାଦକ କୁନା ବିଷୋୟୀ, ସହ ସମ୍ପାଦକ ଅବିନାଶ ସୁଆର, କୋଷାଧକ୍ଷ ରୂପେ ସରୋଜ ଚୌଧୁରୀଙ୍କୁ ଚୟନ କରାଯାଇଛି। ଏଥିସହ ୧୧ଜଣଙ୍କୁ ନେଇ ଏକ କମିଟି ଗଠିତ ହୋଇଥିଲା।

## ରମେଶଙ୍କ ଚିକିତ୍ସାରେ ଅର୍ଥ ବାଧକ

ମୋହନା, ୨୫।୩(ମନ୍ମଥ ମିଶ୍ର) ମୋହନା ନିକଟସ୍ଥ ଲେକାପଦର ଗାଁର ରମେଶ ମଳିକ ଯକ୍ଷ୍ମା ରୋଗରେ ପୀଡିତ ହୋଇ ଅର୍ଥ ଅଭାବରୁ ନିଜର ଚିକିତ୍ସା କରିପାରୁନାହାନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଖରେ ଥାଇ ମଧ୍ୟ ଏବେ ଅଲୋଡ଼ା ହୋଇପଡିଥିବା ବେଳେ ଆୟୁଷ୍ମାନ କାର୍ଡ ଏପର୍ଯ୍ୟନ୍ତ ମିଳିନି ତାଙ୍କୁ। ରମେଶ ଦଶ ବର୍ଷ ତଳେ ଯକ୍ଷ୍ମା ରୋଗରେ ଆକ୍ରାନ୍ତ ହୋଇଥିଲେ। ବିଜୁ ସ୍ୱାସ୍ଥ୍ୟ କାର୍ଡରେ ଚିକିତ୍ସିତ ହୋଇ ବିଶାଖାପାଟଣାର ଏକ ଘରୋଇ ଡାକ୍ତରଖାନାରୁ ଫେରିଥିଲେ। ଥିଲେ। ରମେଶଙ୍କ ପାଖରେ ଆୟୁଷ୍ମାନ କାର୍ଡ଼ ନ ଥିବାରୁ ସେ ମାଗଣା ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ଏବେ ସେ ଅର୍ଥ ଅଭାବରୁ ଘରେ ପଡ଼ି ରହିଛନ୍ତି। ଘରେ ଆର୍ଥିକ ଅନାଟନ ଲାଗି ରହିଛି। ପୁଅ ସନାତନ ଡିପ୍ଲୋମା ପଢି ଚାକିରି ନ ପାଇ ଏବେ ଜଙ୍ଗଲରେ ଛେଳି ଚରାଇବା ସହ କୁଲି ମଜୁରି କରି ପରିବାର ଚଳାଉଛନ୍ତି। ସ୍ତ୍ରୀ ସୁଲୋଚନା ଜଙ୍ଗଲରୁ ଶୁଖିଲା କାଠ ଆଣି ବିଡ଼ା କରି ବିକ୍ରି କରିବା ସହ କୁଲି ମଜୁରି କରି ରମେଶଙ୍କ ସେବା କରିବା ସହ ଘର ଚଳାଉଛନ୍ତି । ଯଦି ସରକାର ରମେଶଙ୍କୁ ଭଲ ମେଡିକାଲରେ ଚିକିତ୍ସା କରାନ୍ତେ ସେ ଭଲ ହୋଇପାରନ୍ତେ ବୋଲି ଆଶା ରଖିଛନ୍ତି।

## ଦୁର୍ଘଟଣାଗ୍ରସ୍ତ ୨ଜଣଙ୍କୁ ସିଡିଏମଓ ପଠାଇଲେ ଡାକ୍ତରଖାନା

ପାରଳାଖେମୁଣ୍ଡି,୨୫।୩(ଗିରିଧାରୀ ପରିଚ୍ଛା):ଗୁମ୍ମା ବ୍ଲକରେ ବୁଧବାର ହୋଇଥିବା ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଯୋଗ ଦେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଶାନ୍ତନୁ ପାଢୀ ଫେରୁଥିବା ବେଳେ ପାର୍ଶମ୍ବା ଗ୍ରାମ ନିକଟ ମୁଖ୍ୟ ରାସ୍ତାରେ ଦୁର୍ଘଟଣାରେ ଗୁରୁତର ହୋଇ ଛଟପଟ ହେଉଥିବା ଦୁଇ ଜଣଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ତେବେ ଉଭୟ ଆହତଙ୍କ ନାମ ଠିକଣା ଏବଂ ଦୁର୍ଘଟଣାର କାରଣ ଜଣାପଡିନାହିଁ। ସିଡିଏମଓଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ଭଞ୍ଜନଗର ଠାକୁରାଣୀ ଯାତ୍ରା ପ୍ରସ୍ତୁତି ବୈଠକ




ବୈଠକରେ ଉପସ୍ଥିତ ବିଧାୟକ ଏବଂ ଅନ୍ୟ ଅଧିକାରୀମାନେ।

### ଯାତ୍ରାରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭଞ୍ଜନଗର,୨୫।୩(ବାବୁଲା ପ୍ରଧାନ): ଏପ୍ରିଲ ୨୬ରୁ ମେ ୨୦ ତାରିଖ ଯାଏ ଭଞ୍ଜନଗର ଠାକୁରାଣୀ ଯାତ୍ରା ହେବ। ଏଥିପାଇଁ ଯାତ୍ରା କମିଟିର ମୁଖ୍ୟ ଉପଦେଷ୍ଟା ତଥା ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ସ୍ଥାନୀୟ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେବେ ବୋଲି ବିଧାୟକ କହିଥିଲେ। ପ୍ରାୟ ୨୦୦ ବର୍ଷ ପୁରୁଣା ଏହି ଯାତ୍ରାକୁ ଚଳିତ ବର୍ଷର ଆକର୍ଷଣୀୟ କରାଯିବ ବୋଲି ସୂଚନା ଦେଇଥିଲେ। ଉପ ଜିଲାପାଳ ଉମା ଶଙ୍କର ବେହେରା ଯାତ୍ରା କିଭଳି ଶାନ୍ତି ଶୃଙ୍ଖଳାର ସହ ହୋଇପାରିବ ସେନେଇ କହିଥିଲେ। ଗତ ଯାତ୍ରାରେ ହୋଇଥିବା ବାଣ ଏବଂ ବିଦ୍ୟୁତ ଦୁର୍ଘଟଣାର ଯେପରି ପୁନରାବୃତ୍ତି ନହେବ ସେଥିପ୍ରତି ଦୃଷ୍ଟି ଦିଆଯିବ। ମା'ଙ୍କ ଅସ୍ଥାୟୀ ମନ୍ଦିର ପାଇଁ ମୁଖ୍ୟ ସଡକର ଗୋଟିଏ ପାର୍ଶ୍ୱ ରାସ୍ତା ବନ୍ଦ ରହିବ। ପୁରୁଣା ଜେଲ ଏବଂ ଇନଡୋର ଷ୍ଟାଡିୟମ ପରିସରରେ ପାର୍କିଂ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ । ଯାତ୍ରା ପୂର୍ବରୁ ମୁଖ୍ୟ ସଡକ, ରେଡକ୍ରସ ରୋଡ ଆଦି କେତେକ ଅଞ୍ଚଳରେ ଜବରଦଖଲ ଉଚ୍ଛେଦ ହେବ। ଦେଶୀ ବେହେରାଙ୍କ ବାସଭବନ ସମେତ ସହରର ଅନ୍ୟାନ୍ୟ ଅଞ୍ଚଳରେ ଘୁଷୁରି ଚଳପ୍ରଚଳ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯିବ। ସହରର ବିଭିନ୍ନ ସ୍ଥାନରେ ଚିତ୍ର କରାଯିବ। ସଫେଇ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବ । ୨୪ ଘଣ୍ଟିଆ ସୁରକ୍ଷିତ ବିଦ୍ୟୁତ୍ ସେବା ପ୍ରତି ଧ୍ୟାନ ଦିଆଯିବ। ଅସାମାଜିକଙ୍କ ଉପରେ ନଜର ରହିବ। ଯାତ୍ରା ସମୟରେ ରନ୍ଧନ ଗ୍ୟାସ କିଭଳି ଉପଭୋକ୍ତାଙ୍କୁ ସୁବିଧାରେ ମିଳିପାରିବ ସେ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ବିଡ଼ିଓ ଭାରତୀ ଦେବୀ, ତହସିଲଦାର ଅଭିପ୍ସା ପଟ୍ଟନାୟକ, ମ୍ୟୁନିସିପାଲଟି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର, ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଆଞ୍ଚଳିକ ପରିବହନ ଅଧିକାରୀ ଭାଗିରଥି ନାୟକ, ଅତିରିକ୍ତ ସବ କଲେକ୍ଟର ତୁଲୀଅମା ପ୍ରଧାନ, ଡେପୁଟିକଲେକ୍ଟର ରଚିତା ମହାପାତ୍ର, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ମେଡିକାଲ ଅଧୀକ୍ଷକ ଡାକ୍ତର ସୀତାଂଶୁ ଶେଖର ଶତପଥି,ଏମପି ପ୍ରତିନିଧି ସନ୍ତୋଷ ତିଆଡି, ସହକାରୀ ଜିଲାପାଳ ରାମଚନ୍ଦ୍ର ମହାପାତ୍ର, ଫକୀର ଜ୍ୟୋତି ନାୟକ, ଚନ୍ଦ୍ରଗିରି ଗାୟତ୍ରୀ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ ନାୟକ, ଯାତ୍ରା କମିଟି କର୍ମକର୍ତ୍ତାଙ୍କ ସମେତ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ ପ୍ରଧାନ, ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡା, ଫାୟାର ଅଫିସର ଚକ୍ରଧର କହଁର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜୁଆ ଆଡ୍ଡାରୁ ୧୧ ଗିରଫ

ବ୍ରହ୍ମପୁର,(ସୁବାସ ଚନ୍ଦ୍ର ପାଢ଼ୀ)ବଡବଜାର ପୋଲିସ ବୁଧବାର ସନ୍ଧ୍ୟାରେ ଗଣେଶ ନଗର ୫ ଲାଇନରେ ଥିବା ଏକ ଦୁଇ ମହଲା ଘରର ତଳ ମହଲାରେ ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଛି। ସେଠାରୁ ୫ ମହିଳା ଓ ୬ଜଣ ପୁରୁଷ ଏପରି ମୋଟ ୧୧ ଜଣଙ୍କୁ ଧରିଛି। ଏସଂକ୍ରାନ୍ତରେ ନଂ.୨୦୪ /୨୬ ରେ ପୋଲିସ ଏକ ମାମଲା ରୁଜୁ କରି ବେଆଇନ ଭାବେ ନିଜ ଘରେ ଜୁଆ ଆଡ୍ଡା ଚଳାଇଥିବା ଗୃହକର୍ତ୍ତା ଏନ.ଲକ୍ଷ୍ମୀ ସମେତ ଅନ୍ୟାନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିଛି। ନଗଦ ୧୭ ହଜାର ୨୩୫ ଟଙ୍କା, ୫ଗୋଟି ମୋଟର ସାଇକଲ, ୬ ମୋବାଇଲ ଓ ଖେଳ ପ୍ରସ୍ତୁତି ସରଞ୍ଜାମ ଜବତ କରିଛି।

## ନକଲି ବିଧାୟିକାଙ୍କୁ ଧରିଲା ପୋଲିସ

ହିଞ୍ଜିଳିକାଟୁ, ୨୫ ।୩( ଦ୍ୱିତୀକୃଷ୍ଣ ପଣ୍ଡା )– କିଛି ଦିନ ଧରି ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ହିଞ୍ଜିଳି ବିଧାୟକ ନଂ– ୧୩୧ ଓ ଅଶୋକ ସ୍ତମ୍ଭ ଲୋଗୋ ଲାଗି ଥିବା ଏକ କଳା କାର ବୁଲୁଥିଲା। ଉକ୍ତ କାର ଓ ନକଲି ବିଧାୟିକା ସବିତା କୁମାରୀ ସାହୁଙ୍କୁ ଧରି ବୁଧବାର ହିଞ୍ଜିଳି ପୋଲିସ ଥାନାରେ ଅଟକ ରଖିଛି। ଏକ କଳା କାରରେ ବ୍ରହ୍ମପୁର ଅଞ୍ଚଳର ସବିତା ନିଜକୁ ହିଞ୍ଜିଳି ବିଧାୟକ ବୋଲି ଦାବି କରି ସୋସିଆଲ ମିଡିଆରେ ଭିଡିଓ ଓ ଫଟୋ ଛାଡୁଥିଲେ। କେବଳ ସେତିକି ନୁହେଁ ବିଭିନ୍ନ ସରକାରୀ ଦପ୍ତରରେ ପହଞ୍ଚି ଅଧିକାରୀ ଓ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରୁଥିଲେ। ଲୋକଙ୍କୁ ଭେଟି ସେ ହିଞ୍ଜିଳି ବିଧାୟିକା ବୋଲି ଭ୍ରମିତ କରୁଥିଲେ। ଏହାକୁ ନେଇ ବିଭିନ୍ନ ସ୍ତରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ହିଞ୍ଜିଳିକାଟୁ ବିଜେଡି ପକ୍ଷରୁ ଗତ ୩ ତାରିଖରେ ହିଞ୍ଜିଳି ଥାନାରେ ଅଭିଯୋଗ କରାଯାଇଥିଲା। ତୁରନ୍ତ ନକଲି ବିଧାୟକ ସବିତା କୁମାରୀ ସାହୁଙ୍କୁ ଗିରଫ ସହ କାର ଜବତ ଦାବି ହୋଇଥିଲା। ଏନେଇ ନଂ –୧୨୨/୨୬ରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ବୁଧବାର ଅପରାହ୍ନରେ ହିଞ୍ଜିଳି ପୋଲିସ ନକଲି ବିଧାୟିକାଙ୍କ କଳା ରଙ୍ଗର କାର(ଓଡି୦୭ବିସି ୮୭୪୦)କୁ ଜବତ କରିଛି। ଉକ୍ତ କାରର ମାଲିକ ତଥା ନକଲି ବିଧାୟିକା ସବିତାଙ୍କୁ ଥାନାକୁ ଆଣି ଅଟକ ରଖିଛି ।

## ଯୁବକଙ୍କ ମୃତଦେହ ଜବତ ଘଟଣା
### ଅନ୍ୟ ଜିଲାରୁ ମୃତକଙ୍କ ବାଇକ୍ ଜବତ

ଜଗନ୍ନାଥ ପ୍ରସାଦ,୨୫ ।୩(ବିଭୁ ପ୍ରସାଦ ପଟ୍ଟନାୟକ)

ଗଞ୍ଜାମ ଜିଲା ଜଗନ୍ନାଥ ପ୍ରସାଦ ବ୍ଲକ ଚଢିଆପଲ୍ଲୀ ପଞ୍ଚାୟତ ଗୁପ୍ତପଲ୍ଲୀରେ ସୋମବାର ରାତିରେ ଘଟିଥିବା ହତ୍ୟାକାଣ୍ଡର ଗୁମର ଖୋଲୁଛି। ଜଗନ୍ନାଥ ପ୍ରସାଦ ଥାନା ପକ୍ଷରୁ ନଂ. ୧୧୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ପୋଲିସ ମୃତ ଯୁବକ ଚଢିଆପଲ୍ଲୀ ଗ୍ରାମର ଲୋଚନ ବେହେରା (୩୫)ଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିବା ସନ୍ଦେହରେ ମଙ୍ଗଳବାର ୧୨ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇ ଥିଲା । ବୁଧବାର ଲୋଚନଙ୍କ ବାଇକ୍ ନୟାଗଡ ଜିଲା ଓଡଗାଁ ଥାନା ଆଞ୍ଚଳ ବାଘୁଆ ଅଞ୍ଚଳର ରାସ୍ତା କଡରୁ ଉଦ୍ଧାର ହୋଇଛି। ପୋଲିସ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଗୁରୁବାର ଏହି ହତ୍ୟା ମାମଲାର ପର୍ଦ୍ଦାଫାଶ କରି ହତ୍ୟାକାରୀଙ୍କ ନାମ ସ୍ପଷ୍ଟ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଲୋଚନ ସୋମବାର ଦିନ ୩ଟାରୁ ଘରୁ ଆସିଥିଲେ। ମାତ୍ର ସେ ସେଦିନ ଆଉ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ଗୁପ୍ତପଲ୍ଲୀ ଗ୍ରାମର କେତେ ଜଣ ଲୋକ ଗ୍ରାମ ରାସ୍ତା ପାର୍ଶ୍ୱରେ ଥିବା ପାଣିଟାଙ୍କି ନିକଟରେ ଜଣେ ଯୁବକଙ୍କ ମୃତଦେହ ପଡ଼ିଥିବା ପୋଲିସକୁ ସୂଚନା ଦେଇଥିଲେ। ଏହା ଲୋଚନଙ୍କ ମୃତଦେହ ବୋଲି ଜଣାପଡିଥିଲା।

## ଗ୍ରୀଷ୍ମ ମୁକାବିଲା ପାଇଁ ସଚେତନତା ଓ ସତର୍କତାକୁ ପ୍ରାଧାନ୍ୟ

ବ୍ରହ୍ମପୁର,୨୫।୩(ଅଶୋକ କୁମାର ସାହୁ) ବ୍ରହ୍ମପୁର ମହାନଗର ନିଗମ ଗ୍ରୀଷ୍ମ ମୁକାବିଲା ପାଇଁ ସଚେତନତା ଓ ସତର୍କତାକୁ ପ୍ରାଧାନ୍ୟ ଦେଇଛି। ସମସ୍ତେ ସଚେତନ ଓ ସତର୍କ ରହିଲେ ଗ୍ରୀଷ୍ମ ଭଳି ଋତୁକାଳୀନ ପ୍ରକ୍ରିୟାରୁ ସୁରକ୍ଷା ମିଳିବ ବୋଲି କାର୍ଯ୍ୟାଳୟ ପକ୍ଷରୁ ଜାରି ପ୍ରେସ୍ ନୋଟରେ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟାଳୟରେ ଖୋଲାଯାଇଛି। ସହରର ପ୍ରାୟ ୯୦ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଡାକବାଜି ଯନ୍ତ୍ର, ହୋର୍ଡିଂ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯିବ। ସମସ୍ତ କର୍ପୋରେଟରଙ୍କୁ ସତର୍କ ରହି ପଦକ୍ଷେପ ନେବାକୁ କୁହାଯାଇଛି। ନିରବଚ୍ଛିନ୍ନ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ବକେୟା ବିଦ୍ୟୁତ ଦେୟକୁ ପ୍ରାଥମିକତା ଭିତ୍ତିରେ ସମାଧାନ କରାଯାଇଛି। ବିଭିନ୍ନ ସ୍ଥାନରେ ପ୍ରାଣୀମାନଙ୍କୁ ପାଣି ଭାଟ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ରହିଛି। ଆଶା ଓ ଅଙ୍ଗନୱାଡି କର୍ମୀମାନଙ୍କୁ ପର୍ଯ୍ୟାପ୍ତ ଓଆରଏସ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରାଣୀ ସମ୍ପଦ ଅଧିକାରୀଙ୍କୁ ପ୍ରାଣୀଙ୍କ ଯତ୍ନ ନେବା ପାଇଁ କୁହାଯାଇଛି। ସକାଳ ୧୧ରୁ ୩ଟା ଭିତରେ ଶ୍ରମ ସାପେକ୍ଷ କାର୍ଯ୍ୟ କରାନଯିବାକୁ ନିର୍ଦ୍ଦେଶ ରହିଛି। ଅଙ୍ଗନୱାଡି ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ କେବଳ ସକାଳ ସମୟରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଏମସି ଅଧୀନ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ହିଟଷ୍ଟ୍ରୋକ ରୋଗୀଙ୍କ ପାଇଁ ଶଯ୍ୟା କରିବାକୁ ଓ ୱାଟକୋକୁ ସହରରେ ଜଳାଭାବ ଅଞ୍ଚଳ ଚିହ୍ନଟ କରି ଟ୍ୟାଙ୍କର ଯୋଗେ ଜଳ ଯୋଗାଇବାକୁ କୁହାଯାଇଛି।

# ଆଶାକର୍ମୀ ସ୍ୱାସ୍ଥ୍ୟ କ୍ଷେତ୍ରର ମେରୁଦଣ୍ଡ
## ଆଶା ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ


କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା କମିଶନର, ମେୟରଙ୍କ ସହ ଅନ୍ୟମାନେ।

ବ୍ରହ୍ମପୁର,୨୫।୩(ଅଶୋକ କୁମାର ସାହୁ)

ବିଇଏମସି ଅଡିଟୋରିଅମରେ ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ଆଶା ଓ ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । କମିଶନର ଏ.ସସ୍ୟା ରେଡ୍ଡୀ ସମ୍ମିଳନୀରେ ସଭାପତିତ୍ୱ କରି କହିଲେ ଯେ, ଆଶା କର୍ମୀମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ମେରୁଦଣ୍ଡ। କାରଣ ସେମାନେ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଯାହା ଆବଶ୍ୟକ ତାହା ଯୋଗାଉଛନ୍ତି। ଘର ଘର ବୁଲି ମହିଳାଙ୍କ ସ୍ୱାସ୍ଥ୍ୟ କଥା ବୁଝୁଛନ୍ତି। ତେଣୁ ସେମାନେ ସଦା ପ୍ରଶଂସନୀୟ। ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳାଇ ଯୋଗଦେଇ କହିଲେ ଯେ, ମହିଳା ଆରୋଗ୍ୟ ସମିତି ଓ ଆଶା କର୍ମୀମାନେ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିରବଚ୍ଛିନ୍ନ ଭାବେ କାମ କରି ଆସୁଛନ୍ତି। ତେଣୁ ସେମାନଙ୍କୁ ଉତ୍ସାହିତ କିରବା ପାଇଁ ଏଭଳି ସମ୍ମିଳନୀର ଆବଶ୍ୟକତା ରହିଛି। ସହରାଞ୍ଚଳ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟ ପରିଚାଳକ ସୁକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମହିଳା ଆରୋଗ୍ୟ ସମିତି ଓ ଆଶାକର୍ମୀଙ୍କ ସ୍ୱାସ୍ଥ୍ୟକ୍ଷେତ୍ରରେ ଭୂମିକା ସମ୍ପର୍କରେ କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ନଗର ସ୍ୱାସ୍ଥ୍ୟ ଅତିରିକ୍ତ ନିର୍ଦ୍ଦେଶିକା ଡଃ ପୁଷ୍ପିତା ମହାନ୍ତି, ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ରହ୍ମପୁର ସହରରେ ଥିବା ୧୭୦ ମହିଳା ଆରୋଗ୍ୟ ସମିତି ଓ ୧୦୯ ଆଶାକର୍ମୀ ଏବଂ ୪୨ ମହିଳା ସାସ୍ଥ୍ୟ କର୍ମୀ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମଗୁଡିକୁ ଗୋଷ୍ଠୀ ସ୍ତରରେ ସମ୍ପାଦନ କରିଆସୁଛନ୍ତି। ସାପ୍ତାହିକ ଟୀକାକରଣ, ସହରାଞ୍ଚଳ ସ୍ୱାସ୍ଥ୍ୟ ପରିମଳ ଓ ପୁଷ୍ଟିସାଧନ ଦିବସ, ସଂକ୍ରାମକ ରୋଗ ସଂକ୍ରାନ୍ତୀୟ ସଚେତନତା ଆଦି କରି ଆସୁଛନ୍ତି। ସମସ୍ତ ମହିଳା ଆରୋଗ୍ୟ ସମିତିକୁ ବାର୍ଷିକ ୫,୦୦୦ ଟଙ୍କାର ଏକ ଖୋଲା ପାଣ୍ଠି ପ୍ରଦାନ କରାଯାଉଛି। ଏହି ପାଣ୍ଠି ସହାୟତାରେ ଗୋଷ୍ଠୀଗତ ରାଲି, ସଚେତନତା ସଭା ଆଦି କରାଯାଉଛି। ସହରାଞ୍ଚଳର ୮ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଆଗା ସାହି, ଆସିକା ରୋଡ, ଆମ୍ବପୁଆ, ବୈକୁଣ୍ଠ ନଗର, ଖୋଡାସିଙ୍ଗ, ଗୁଡସ ସେଡ ରୋଡ, ରେଡକ୍ରସ ଓ ଉତ୍ତରାମୁଖୀ ଆଦି ଜାତୀୟ ଗୁଣାତ୍ମକ ମାନକ ଓ କାୟାକଳ୍ପରେ ଉତ୍ତୀର୍ଣ୍ଣ ହୋଇଥିବା ଯୋଗୁଁ ସମ୍ମାନିତ କରାଯାଇଥିଲା। ୬ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରକୁ ପୁରସ୍କୃତ କରାଯାଇଥିଲା। ଏଥି ସହିତ ୨୫ ମହିଳା ଆରୋଗ୍ୟ ସିତି ଓ ୮ ଆଶାକର୍ମୀଙ୍କୁ ଆରୋଗ୍ୟ ସମିତି ସଭାପତି ଭାବରେ ସମ୍ମାନିତ କରାଯାଇଥିଲା। ୪୮ ସ୍ୱାସ୍ଥ୍ୟକର୍ମୀ ଓ ଅଧିକାରୀଙ୍କୁ ସ୍ୱାସ୍ଥ୍ୟ ସେବା ସମାନ୍ନ ଦିଆଯାଇଥିଲା। ଏହି ସମ୍ମିଳନୀରେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡଃ. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡଃ ଶରତ କୁମାର ସାମଲ, ନଗର ସ୍ୱାସ୍ଥ୍ୟ ଅଧିକାରୀ ଡଃ. ମାନସ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ନଗର କାର୍ଯ୍ୟପରିଚାଳକ ଲମ୍ବୋଦର ଦିଗାଲ ଧନ୍ୟବାଦ ଦେଇଥିଲେ।

## ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ଭାଲିଡେଶନ ଆକ୍ଟକୁ ଜାଳିଦେଲେ


ଭାଲିଡେସନ ଆକ୍ଟ କାଗଜକୁ ଜାଳୁଛନ୍ତି।

ବ୍ରହ୍ମପୁର,୨୫।୩(ଅଶୋକ କୁମାର ସାହୁ)

ଭାଲିଡେସନ ଆକ୍ଟ ୨୦୨୫କୁ ବିରୋଧ କରାଯାଇଛି। ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ପକ୍ଷରୁ ଏହାକୁ ଜାଳିଦିଆଯାଇଛି। ବୁଧବାର ଗଞ୍ଜାମ ଜିଲା ଶାଖା ତରଫରୁ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମାନେ ସ୍ଥାନୀୟ ଆର. ଡ଼ି. ସି କାର୍ଯ୍ୟାଳୟ ଠାରେ କଳା ବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଥିଲେ। ଭାଲିଡେସନ ଆକ୍ଟ ପାରିତ କରି ଦେଶର କୋଟି କୋଟି ପେନସନ ଭୋଗୀଙ୍କ ପେନସନକୁ ସଂକୁଚିତ ଓ ସେମାନଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରିବା ଏହାର ଉଦ୍ଦେଶ୍ୟ ଥିଲା। ପେନସନ ଦେବା କାହାରି ଦୟା ନୁହେଁ। କର୍ମଚାରୀମାନେ ସରକାରୀ ନିର୍ଦ୍ଦେଶକୁ ମାନି ଦୀର୍ଘବର୍ଷ କାମ କରିଛନ୍ତି। ଜାନୁଆରୀ ପହିଲାରୁ ସରକାରୁ ଅଷ୍ଟମ ବେତନ ଲାଗୁକରିବା ପାଇଁ ଘୋଷଣା କରିଛନ୍ତି, ତାହା କେବଳ ଯେଉଁମାନେ ୧-୧-୨୬ ପରେ ଅବସର ନେବେ, ସେମାନଙ୍କ ପାଇଁ ଲାଗୁ ହେବ । ପୂର୍ବରୁ ଅବସର ନେଇଥିବା ପେନସନ ଭୋଗୀଙ୍କ ପାଇଁ ନୁହଁ । ଏହା ସରକାରଙ୍କ ମନ୍ଦ ଉଦ୍ଦେଶ୍ୟ ବୋଲି ବହୁ ବକ୍ତା ମତବ୍ୟକ୍ତ କରିଥିଲେ । ଜିଲା ସମ୍ପାଦକ ଅଶୋକ କୁମାର ଦଳାଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେନ୍ଦ୍ର କୁମାର ପଣ୍ଡା, ରାଜ୍ୟ ସମ୍ପାଦକ ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, ଉପଦେଷ୍ଟା କାମରାଜୁ ମହାରଣା, ଗୌରୀ ଶଙ୍କର ଦାସ, ସମୀର କୁମାର ଆଚାର୍ଯ୍ୟ, ଲଳିତ ରାଜଗୁରୁ, ଡ଼ଃ ଭାସ୍କର ଚନ୍ଦ୍ର ପାଢ ପ୍ରମୁଖ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ଜରିଆରେ ଏହି ଆକ୍ଟକୁ ବାତିଲ କରିବା ପାଇଁ ଏକ ଅନୁରାଧ ପତ୍ର ପ୍ରଧାନ ମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଛି।


ବ୍ରହ୍ମପୁର ନିକଟ ଆମ୍ବପୁଆରେ ୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ।


## ପୂର୍ବତନ ବ୍ଲକ୍ ଅଧ୍ୟକ୍ଷଙ୍କୁ ପଳାତକ ଘୋଷଣା
### କାନ୍ଥରେ ପୋଲିସ ଲଗାଇଲା ନୋଟିସ

ଖଲ୍ଲିକୋଟ,୨୫।୩ (ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦୈତାରି ବେହେରାଙ୍କ ନାମରେ ଅଦାଲତ ଗିରଫ ପରୱାନା ଜାରି କରିଛନ୍ତି। କୋଦଳା ଥାନା କେସ୍ ନମ୍ବର ୪୭୩/୨୩ ଓ ଜିଆର ନମ୍ବର ୧୭୮୫/୨୩ ଅନୁସାରେ ଦୈତାରିଙ୍କ ନାମରେ ଚାଲିଥିବା ଏକ ହତ୍ୟା ମାମଲାରେ ସେ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କୋର୍ଟରେ ହାଜର ହୋଇ ନ ଥିଲେ। ଫଳରେ କୋର୍ଟ ପକ୍ଷରୁ ତାଙ୍କ ନାମରେ ଗିରଫ ପରୱାନା ଜାରି ହୋଇଥିଲା। ବୁଧବାର ପୋଲିସ ଦୈତାରିଙ୍କ କେଶପୁର ଗ୍ରାମରେ ଥିବା ଘର କାନ୍ଥରେ ନୋଟିସ ମାରିଛି। ଡେଙ୍ଗୁରା ବଜାଇ ୩୦ ଦିନ ମଧ୍ୟରେ ସେ କୋର୍ଟରେ ହାଜର ନ ହେଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ଘୋଷଣା କରିଥିଲା। ସୂଚନାଯୋଗ୍ୟ, ୨୦୨୩ରେ ଘଟିଥିବା ଏହି ହତ୍ୟାକାଣ୍ଡରେ ଜଡିତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସେତେବେଳେ ୨୦୨୨ରୁ ୨୪ ପର୍ଯ୍ୟନ୍ତ ବ୍ଲକ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଦୈତାରିଙ୍କ ନାମରେ ଏହି ହତ୍ୟା ମାମଲା ନ ଥିଲା। ପରବର୍ତ୍ତୀ ସମୟରେ ଏଥିରେ ତାଙ୍କର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କ ସମ୍ପର୍କରେ ପୋଲିସ କୋର୍ଟଙ୍କୁ ଜଣାଇଥିଲା। ଫଳରେ କୋର୍ଟ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଦୈତାରି ଏହାକୁ ଅବମାନନା କରିବାରୁ କୋର୍ଟ ଉପରୋକ୍ତ ପଦକ୍ଷେପ ନେଇଛନ୍ତି।

## ଏମ୍‌କେସିଜିରେ ପ୍ରଥମଥର ପାଇଁ ସଫଳ ଆର୍ଥ୍ରୋସ୍କୋପିକ ଅସ୍ତ୍ରୋପଚାର

ବ୍ରହ୍ମପୁର,୨୫ ।୩( ସୁବାସ ଚନ୍ଦ୍ର ପାଢ଼ୀ) ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ପ୍ରଥମ ଥର ପାଇଁ ମେଡିକାଲର ଅସ୍ଥିଶଲ୍ୟ ବିଭାଗ ପକ୍ଷରୁ ବୁଧବାର ସଫଳ ଭାବେ ଆର୍ଥ୍ରୋସ୍କୋପିକ ପଦ୍ଧତିରେ ଅସ୍ତ୍ରୋପଚାର କରାଯାଇଛି। ରୋଗୀଙ୍କ ମଧ୍ୟରେ ନୂଆ ଆଶା ଜନ୍ମ ନେଇଛି। ଏହି ଅସ୍ତ୍ରୋପଚାର ପାଇଁ ଡାକ୍ତରୀ ଦଳ ପ୍ରାୟ ଦେଢ ଘଣ୍ଟା ସମୟ ନେଇ ରୋଗୀଙ୍କୁ ସଫଳ ଭାବେ ଚିକିତ୍ସା କରିଥିଲେ। ଡାକ୍ତରୀ ଟିମରେ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ଡ଼ା. ଲଳିତ ଦାଶ, ଡ଼ା. ଅଭିଶେକ ମିଶ୍ର, ପ୍ରିୟଜିତ ସାହୁ ଓ ଡ଼ା. ସାରଡ଼ା ମଲ୍ଲୀକ ସମେତ ବହୁ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଗତ ୨ବର୍ଷେ ପୂର୍ବେ ରୋଗୀ ପ୍ରଶାନ୍ତ କୁମାର ସେଠୀ(୩୨) ଦୁର୍ଘଟଣାରେ ଶିକାର ହୋଇଥିଲେ। ଏଥିରେ ତାଙ୍କ ଆଣ୍ଠୁର ଲିଗାମେଣ୍ଟ କଟି( ଛିଣ୍ଡି)ଯାଇଥିଲା। ଫଳରେ ପ୍ରଶାନ୍ତଙ୍କ ଆଣ୍ଠୁ ଅସ୍ଥିରତା ସୃଷ୍ଟି ହୋଇଥିବା ବେଳେ ସଠିକ ଭାବେ ଚାଲିବା କଷ୍ଟକର ହୋଇଥିଲା। କିଛି ଦିନ ପୂର୍ବେ ପ୍ରଶାନ୍ତ ମେଡ଼ିକାଲର ଅସ୍ଥିଶଲ୍ୟ ବିଭାଗରେ ଚିକିତ୍ସା ନିମନ୍ତେ ଭର୍ତ୍ତି ହୋଇଥିଲେ। ରୋଗୀଙ୍କ ବିଭିନ୍ନ ପରୀକ୍ଷା ପରେ ଆଣ୍ଠୁର ଲିଗାମେଣ୍ଟ ଛିଣ୍ଡି ଯାଇଥିବା ଜଣାପଡିବାରୁ ଅସ୍ତ୍ରୋପଚାର କରିବାକୁ ଡ଼ାକ୍ତର ନିଷ୍ପତ୍ତି ନେଇଥିଲେ। ପୂର୍ବରୁ ଆର୍ଥ୍ରୋସ୍କୋପିକ ମେସିନ ନଥିବାରୁ ଏମକେସିଜି ମେଡ଼ିକାଲରେ ଏପରି ଅସ୍ତ୍ରୋପଚାର କରାଯାଉନଥିଲା। ଏହି ସମସ୍ୟାର ସମାଧାନ ପାଇଁ ଏକ ସଂସ୍ଥା ପକ୍ଷରୁ ପ୍ରାୟ ଏକ କୋଟି ଟଙ୍କାର ଦୁଇଟି ଆର୍ଥ୍ରୋସ୍କୋପିକ ଅସ୍ତ୍ରୋପଚାର ମେସିନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏମକେସିଜି ମେଡ଼ିକାଲ କଲେଜ ଓ ହସ୍ପିଟାଲର ଡ଼ିନ ପ୍ରଫେସର ଡ଼ା. ସୁଚିତ୍ର ଦାଶ, ପଦ୍ମଶ୍ରୀ ଡ଼ା. କେ.ଏମ. ପାଠୀ, ପୂର୍ବତନ ଡ଼ିନ ଡ଼ା. ଅବନୀକାନ୍ତ ମିଶ୍ର, ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ପ୍ରଫେସର ଡ଼ା. ସୁଧୀର ମହାପାତ୍ର,ସଂସ୍ଥାର ମୁଖ୍ୟ ସିଭିଆର ମୂର୍ତ୍ତୀ, ଜିଏମ ଜେ. ଏନ ନାୟକ ଓ ଡ଼ିଜିଏମ ଏସଏସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।


ଅସ୍ତ୍ରୋପଚାରରେ ଭାଗ ନେଇଥିବା ଡାକ୍ତରମାନେ।

## ଚିନିଶିଳ୍ପ ପରିଚାଳନା ପରିଷଦର ବୈଠକ

ଆସିକା ୨୫।୩ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସମବାୟ ଚିନିଶିଳ୍ପ ପରିଚାଳନା ପରିଷଦ ବୈଠକ ବୁଧବାର ଚିନିଶିଳ୍ପ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ପରିଚାଳନା ପରିଷଦର ସଭାପତି ରବୀନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଡ. ସୁଶାନ୍ତ ପଣ୍ଡା ସଂଯୋଜନା କରିଥିଲେ। ଏଥିରେ ପୂର୍ବ ପରିଚାଳନା ବୈଠକର ନିର୍ଦ୍ଧାରଣ ପଠନ ଓ ଦୃଢ଼ିକରଣ କରାଯାଇଥିଲା। ଆଗାମୀ ବାର୍ଷିକ ସାଧାରଣ ସଭା ଲାଗି ପ୍ରସ୍ତୁତି ଏବଂ ତାରିଖ ସମ୍ପର୍କରେ ଆଲୋଚନା ହୋଇଥିଲା। ଚିନିଶିଳ୍ପର ବିଭିନ୍ନ ଉପସମିତି ଓ ସଂଚାଳନ ବୈଠକର ବିବରଣୀ ପଠନ ଓ ଅନୁମୋଦନ ସାଙ୍ଗକୁ ୨୦୨୬ ଜାନୁଆରୀ ଶେଷ ସୁଧା ଚିନିଶିଳ୍ପର ଜମା ଖର୍ଚ୍ଚ ବିବରଣୀ ପାଠ କରାଯାଇ ଅନୁମୋଦନ କରାଯାଇଥିଲା। ଏହାଛଡା ନୂଆ ଅଟୋ ବଟଲିଂ ଲାଇନ ପ୍ରତିଷ୍ଠା ସମ୍ପର୍କରେ ଆଲୋଚନା, ଡିଷ୍ଟିଲାରୀ ସମ୍ପର୍କରେ ଆସିଥିବା ରିପୋର୍ଟର ମଧ୍ୟ ସମୀକ୍ଷା ହୋଇଥିଲା। ବୈଠକରେ ପରିଚାଳନା ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଜିଲା ଯକ୍ଷ୍ମା ନିରାକରଣ କାର୍ଯ୍ୟକ୍ରମ ଆରମ୍ଭ

ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ମହାନଗର ନିଗମ ସଭା ଗୃହରେ ଜିଲାସ୍ତରୀୟ ବିଶ୍ୱ ଯକ୍ଷ୍ମା ଦିବସ ପାଳନ ଅବସରରେ 'ଟିବି ମୁକ୍ତ ଭାରତ ଅଭିଯାନ ୨.୦'ର ଶୁଭାରମ୍ଭ ହୋଇଛି। ଏହି ଅବସରରେ ୫୦ ଯକ୍ଷ୍ମା ସଂକ୍ରମିତଙ୍କୁ ପୋଷ୍ୟ ଭାବେ ଗ୍ରହଣ କରାଯାଇଥିଲା। ୧୦ ରୋଗୀଙ୍କୁ ନିକ୍ଷୟମିତ୍ର ଯୋଜନାରେ ପୁଷ୍ଟିକର ଖାଦ୍ୟ ବଣ୍ଟନ କରାଯାଇଥିଲା। ଯକ୍ଷ୍ମା ନିରାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଉଦ୍ୟମ ପାଇଁ ପୋଲସରା, ଆସିକା, ସୋରଡ଼ା, ଖଲ୍ଲିକୋଟ ଓ ସାନଖେମୁଣ୍ଡି ବ୍ଲକକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଛି। ସେହିପରି ଉତ୍ତମ ସେବା ପ୍ରଦାନ ପାଇଁ ସିଟି ହସ୍ପିଟାଲ ଓ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରେଡିଓଗ୍ରାଫରଙ୍କୁ ସମ୍ମାନିତ କରାଯାଇଥିଲା। ଆଜିଠାରୁ ଶହେ ଦିନିଆ ଟିବି ମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ହୋଇଛି। ସଚେତନତା ରଥକୁ ଅତିଥି ମାନେ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ମେୟର ସଂଘମିତ୍ରା ଦଳେଇ ଓ ସମ୍ମାନିତ ଅତିଥି ଭାବେ ବିଏମସି କମିସନର ଏ.ସସ୍ୟା ରେଡ୍ଡୀ,ଡେପୁଟି କମିସନର ଆଶୀର୍ବାଦ ପରିଡ଼ା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା. ଅବନୀ କୁମାର ପାତ୍ର, ଡିପିଏମ ବୁଲୁନାଥ ସାହୁ ଓ ଡିପିଏଚଓ ଡା.ବାଲୁଙ୍କେଶ୍ୱର ଷଡ଼ଙ୍ଗୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ରହି ଜିଲାକୁ ଟିବିମୁକ୍ତ କରିବା ପାଇଁ ସଭିଏଁ ଶପଥ ନେଇଥିଲେ ।

## ଜାମ୍ ପ୍ରବେଶିକା ପରୀକ୍ଷାରେ ହୃଷୀକେଶ ସର୍ବଭାରତୀୟ ସ୍ତରରେ ପ୍ରଥମ

ବ୍ରହ୍ମପୁର, ୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)

ଜାମ (ଜଏଣ୍ଟ ଆଡମିଶନ ଟେଷ୍ଟ ଫର୍ ମାଷ୍ଟର) ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ହୃଷିକେଶ ନାହାକ(୨୦)। ପୁରୁଷୋତ୍ତମପୁର ବ୍ଲକ ସୁନାଥର ଗ୍ରାମ ନିବାସି ପ୍ରମୋଦ କୁମାର ନାହାକ ଓ ରିନା ରାଣୀ ନାହାକଙ୍କ ପୁତ୍ର ହୃଷବୀକେଶ ବର୍ତ୍ତମାନ ଭୂତତ୍ତ୍ୱ ବିଜ୍ଞାନ ବିଭାଗରେ ସ୍ନାତକ ଶେଷ ବର୍ଷରେ ପଢୁଛନ୍ତି। ଚଳିତ ବର୍ଷ ଫେବୃୟାରୀରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୧୦୦ ମାର୍କରୁ ୭୩ ମାର୍କ ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ରାଙ୍କ ହାସଲ କରିଛନ୍ତି। ସାଧାରଣତଃ ଖଣିଜ ସମ୍ପଦ ସହ ଶିଳା ଓ ଭୂତତ୍ତ୍ୱ ସମ୍ବନ୍ଧୀୟ ପ୍ରସ୍ତୁତି କରିବା ପାଇଁ ଗତ ବର୍ଷରୁ ମନବଳାଇଥିଲେ। ଏହି କଠିନ ପ୍ରତିଯୋଗିତା ପାଇଁ ପ୍ରତିଦିନ ୮ଘଣ୍ଟାରୁ ଅଧିକ ପରିଶ୍ରମ କରୁଥିଲେ। ସର୍ବଭାରତୀୟସ୍ତରରେ ଏହି ସମ୍ମାନଜନକ କୃତିତ୍ୱ ହାସଲ କରିବା ଅତ୍ୟନ୍ତ ଆନନ୍ଦଦାୟକ ବୋଲି କହିଛନ୍ତି। ଆଗାମୀ ଦିନରେ ଆଇଆଇଟି ବମ୍ବେରେ ମାଷ୍ଟର କରିବାକୁ ଇଛା ପ୍ରକାଶ କରିଥିବା ବେଳେ କେନ୍ଦ୍ରସରକାର ଅଧିନସ୍ଥ ମହାରତ୍ନ କିମ୍ୱା ନବରତ୍ନ ସଂସ୍ଥାରେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଗ୍ରାମରେ ରହିଥିବା ଏକ ଘରୋଇ ବିଦ୍ୟାଳୟରୁ ଦଶମ ଶେଷ କରି ନରେନ୍ଦ୍ରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ମହାବିଦ୍ୟାଳୟରୁ ଯୁକ୍ତ ଦୁଇ ସମାପ୍ତ କରି ସ୍ନାତକ ପାଇଁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ଏହି ସଫଳତାର ଶ୍ରେୟ ପରିବାରବର୍ଗଙ୍କ ସହ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପାର୍ବତୀ ମଞ୍ଜରୀ ମହାଳିକ ଓ ବିଭାଗୀୟ ମୁଖ୍ୟ ଡ.ମନୋଜ କୁମାର ପଟ୍ଟନାୟକଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି।

## 'ତୁଳନାତ୍ମକ ସାହିତ୍ୟ' ଶୀର୍ଷକ ଜାତୀୟ ପାଠଚକ୍ର ଉଦ୍‌ଯାପିତ

ପାତ୍ରପୁର,୨୫।୩(ଉମା ଚରଣ ନେପାକ)

ତୁଳନାତ୍ମକ ସାହିତ୍ୟର ପରିସର ଦିନକୁ ଦିନ ବ୍ୟାପକ ହେବାରେ ଲାଗିଛି । ତୁଳନାତ୍ମକ ସାହିତ୍ୟ ଏକ ଯୁଗୋପଯୋଗୀ ଅନ୍ତର୍ଜାତୀୟ ପ୍ରସଙ୍ଗ ଏବଂ ଏହାର ଅଧ୍ୟୟନ ନିମନ୍ତେ ବହୁପାଠିତା, ବହୁଭାଷିତା ଓ ବୋଧଜ୍ଞାନ ଆବଶ୍ୟକ ବୋଲି ବାରିପଦା ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପ୍ରାକ୍ତନ ମୁଖ୍ୟ ପ୍ରଫେସର୍ ବଭ୍ରୁବାହନ ମହାପାତ୍ର ମତବ୍ୟକ୍ତ କରିଛନ୍ତି। ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ଭରତପତି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଆୟୋଜିତ 'ତୁଳନାତ୍ମକ ସାହିତ୍ୟ' ଶୀର୍ଷକ ଦ୍ୱିଦିବସୀୟ ଜାତୀୟ ପାଠଚକ୍ରର ଦ୍ୱିତୀୟ ଦିବସ ତୃତୀୟ ବୈଷୟିକ ଅଧିବେଶନରେ ପୌରୋହିତ୍ୟ କରି ପ୍ରଫେସର୍ ମହାପାତ୍ର କାଳିଦାସଙ୍କ ଅଭିଜ୍ଞାନ ଶାକୁନ୍ତଳମ ଓ ଗଙ୍ଗାଧର ମେହେରଙ୍କ ପ୍ରଣୟ ବଲ୍ଲରୀ, ଟି.ଏସ. ଇଲିୟଟଙ୍କ ୱେଷ୍ଟ ଲ୍ୟାଣ୍ଡ ଓ ଗୁରୁପ୍ରସାଦ ମହାନ୍ତିଙ୍କ କାଳପୁରୁଷ, ରମାକାନ୍ତ ରଥଙ୍କ ଶ୍ରୀରାଧା ଓ ଧର୍ମବୀର ଭାରତୀଙ୍କ କନୁପ୍ରିୟା, ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ଓ ପ୍ରେମଚନ୍ଦଙ୍କ ଗୋଦାନ ମଧ୍ୟରେ ତୁଳନାତ୍ମକ ଆଲୋଚନା କରିଥିଲେ। ଏହି ଅଧିବେଶନରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. କୁଳମଣି ଓଝା 'ଊନବିଂଶ ଶତାବ୍ଦୀ ଓଡ଼ିଆ ଓ ବଙ୍ଗଳା ପ୍ରବନ୍ଧର ଭାଷାଶୈଳୀ : ଏକ ତୁଳନାତ୍ମକ ଅଧ୍ୟୟନ', ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ଉଷାରାଣୀ ରଥ 'ଯାଜ୍ଞସେନୀ ଓ ଦ୍ରୌପଦୀର୍ ଆତ୍ମକଥା : ଏକ ତୁଳନାତ୍ମକ ଦୃଷ୍ଟିପାତ' ଓ କୁଚିଣ୍ଡା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଡ. ଗଣନାଥ ନାୟକ 'ଅମାବାସ୍ୟାର ଚନ୍ଦ୍ର ଓ ଚିତ୍ରଲେଖା : ଏକ ତୁଳନାତ୍ମକ ବିଚାର' ଶୀର୍ଷକ ପ୍ରବନ୍ଧମାନ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଗିରୀଶ ଚନ୍ଦ୍ର ବେହେରା ପ୍ରାକ-ସୂଚନା ପ୍ରଦାନ କରିଥିବା ବେଳେ ପାଠଚକ୍ରର ସଂଯୋଜକ ତଥା ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଶୋକ କୁମାର ପଣ୍ଡା ମଞ୍ଚ ଆମନ୍ତ୍ରଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ବିଭୀଷଣ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

ଅପରାହ୍ଣରେ ଉଦଯାପନୀ ଉତ୍ସବରେ ଅଧ୍ୟକ୍ଷ ଡ. ଗିରୀଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ । ଓଡ଼ିଆ ଭାଷା ପ୍ରତିଷ୍ଠାନର ସ୍ୱତନ୍ତ୍ର ଅଧିକାରୀ ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ମୁଖ୍ୟଅତିଥି, ମଧ୍ୟକାଳୀନ ସାହିତ୍ୟର ବିଶିଷ୍ଟ ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ଅତିଥି ସହଯୋଗୀ ପ୍ରଫେସର୍ ଡ. କୃଷ୍ଣପ୍ରସାଦ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ତୁଳନାତ୍ମକ ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଓଡ଼ିଆ ବିଭାଗ ମୁଖ୍ୟ ଡ. ଅଶୋକ କୁମାର ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

# ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ରେଜିଷ୍ଟର୍ଡ ଅଫିସ୍ / କର୍ପୋରେଟ୍ ଅଫିସ୍ : ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଖୋର୍ଦ୍ଧା, ଭୁବନେଶ୍ୱର, ଓଡିଶା, ଭାରତ, ୭୫୧୦୧୨

## ଶୁଳ୍କ ବିଜ୍ଞପ୍ତି
## ୧ ଅପ୍ରେଲ, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଖୁଚୁରା ଯୋଗାଣ ଶୁଳ୍କ

ବିଦ୍ୟୁତ ଆଇନ ୨୦୦୩ର ଧାରା ୬୨ (୪), ୬୪ (୩) ଓ ଅନ୍ୟାନ୍ୟ ସଂପୃକ୍ତ ବ୍ୟବସ୍ଥାବଳୀ ଅଧିନରେ କ୍ଷମତା ପ୍ରୟୋଗ ପୂର୍ବକ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ତା ୨୪.୦୩.୨୦୨୬ରେ TPCODL, TPNODL, TPWODL ଏବଂ TPSODL ର ୨୦୨୫ର କେସ୍ ନଂ ୧୩୬, ୧୩୭, ୧୩୮ ଏବଂ ୧୩୯, ୨୦୨୫ର କେସ୍ ନଂ ୧୨୪, ୧୨୫, ୧୨୬, ୧୨୭ ଏବଂ ୨୦୨୫ର କେସ୍ ନଂ ୧୨୮, ୧୨୯, ୧୩୦ ଏବଂ ୧୩୧ ଏବଂ ୨୦୨୫ର କେସ୍ ନଂ ୧୩୨, ୧୩୩.୧୩୪ ଏବଂ ୧୩୫ ସହିତ ସମୁଦାୟ ରାଜସ୍ୱ ଆବଶ୍ୟକତା (ଏ.ଆର୍.ଆର୍). ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ହୁଇଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ, ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏଚ୍.ଟି ଏବଂ ଇ.ଏଚ୍.ଟି ଉପଭୋକ୍ତାଙ୍କ ପାଇଁ ଓପନଏକ୍ସେସ ଚାର୍ଜେସ୍ , ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ଏଲ୍.ଟି ଉପଭୋକ୍ତାଙ୍କ ପାଇଁ ଓପନ ଏକ୍ସେସ୍ ଚାର୍ଜେସ୍ , ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଟ୍ରୁଇଂ ଅପ୍ ଏବଂ ଆର୍ଥିକ ବର୍ଷ ୨୦୨୩-୨୪ର ଟ୍ରୁଇଂ ଅପ୍ ର ପୂର୍ନବିଚାର ଉପରେ ଏକ ସାଧାରଣ ଆଦେଶ ମଂଜୁରୀ କରିଛନ୍ତି, ଯାହା ୦୧.୦୪.୨୦୨୬ ଠାରୁ ରାଜ୍ୟରେ କାର୍ଯ୍ୟକାରୀ ହେବ।

ଓଇଆରସି (ବ୍ୟବସାୟ ପରିଚାଳନା) ନିୟମାବଳୀ ୨୦୦୪ର ନିୟମ ୫୭ ଅନୁଯାୟୀ TPCODL ଏତଦ୍ୱାରା ନିମ୍ନ ପ୍ରକାରେ ଖୁଚୁରା ଯୋଗାଣ ତାରିଫ ଓ ଅନ୍ୟାନ୍ୟ ଶୁଳ୍କ ବିଷୟରେ ସୂଚିତ କରୁଛନ୍ତି :

୧. ତା.୦୧.୦୪.୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ବିଦ୍ୟୁତ ଉପଯୋଗ ପାଇଁ ଦିଆଯାଇଥିବା ସୂଚୀ ଅନୁସାରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗର ଯୋଗାଣ କ୍ଷେତ୍ରରେ ଓଡ଼ିଶା ରାଜ୍ୟରେ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆର୍ଥିକ ବର୍ଷ ୨୦୨୬-୨୭ ଲାଗି ଏହା ପର୍ଯ୍ୟୁଜ୍ୟ ହେବ ଯାହା ଓଇଆରସିର ସାଧାରଣ ଆଦେଶ ତାରିଖ ୨୪.୦୩.୨୦୨୬ ଅନୁଯାୟୀ ଅନୁମୋଦନ ପ୍ରକାରେ ଉକ୍ତ ତାରିଖ ଓ ଅନ୍ୟାନ୍ୟ ଶୁଳ୍କ ଲାଗୁ ହେବ ଏବଂ ଆୟୋଗଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ହେବ।

୨. ଓଡ଼ିଶା ବିଦ୍ୟୁତ (ଶୁଳ୍କ) ଅଧିନିୟମ ୧୯୬୧ ତଥା ଅନ୍ୟାନ୍ୟ ବୈଧାନିକ ଶୁଳ୍କ / ଲେଭି / ସେସ୍ / ଟିକସ / ଟୋଲ ଯାହାର ସମୟକୁ ସମୟର ଆଇନ ଅଧିନରେ ପ୍ରଯୁଜ୍ୟ ହୋଇଥାଏ ସେହି ଅଧିନରେ ଓଡ଼ିଶା ସରକାରଙ୍କ ଦ୍ୱାରା ବିଦ୍ୟୁତ ଶୁଳ୍କ ଲାଗୁ ହେବ ଓ ଉପରୋକ୍ତ ତାରିଫ କ୍ରମରେ ଆଇନ ଅନୁଯାୟୀ ଉପଭୋକ୍ତାଙ୍କ ଦ୍ୱାରା ପ୍ରଦେୟ ହେବ।

୩. ଆୟୋଗଙ୍କ ସବିଶେଷ ଆଦେଶନାମା ଏହାର ୱେବସାଇଟ www.orierc.org ସହିତ ଲାଇସେନ୍ସିଙ୍କ ୱେବସାଇଟ www.tpcentralodisha.com ରେ ଉପଲବ୍ଧ ହେବ।

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୪.୦୩.୨୦୨୬

ମୁଖ୍ୟ ନିର୍ବାହୀ ଅଧିକାରୀ
ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲମିଟେଡ୍

## ୧ ଅପ୍ରେଲ, ୨୦୨୬ ଠାରୁ କାର୍ଯ୍ୟକାରୀ ହେବାକୁ ଥିବା ଖୁଚୁରା ଯୋଗାଣ ଶୁଳ୍କ

| କ୍ର.ନଂ. | ଉପଭୋକ୍ତାଙ୍କ ଶ୍ରେଣୀ | ଯୋଗାଯିବାକୁ ଥିବା ଭୋଲ୍ଟେଜ | ଡିମାଣ୍ଡ ଚାର୍ଜ (ଟ./କେଡବ୍ଲ୍ୟୁ/ମାସ / (ଟ./କେଭିଏ /ମାସ | ବିଦ୍ୟୁତ ଚାର୍ଜ | ଉପଭୋକ୍ତା ସେବାଚାର୍ଜ (ଟ./ମାସ) | ପ୍ରଥମ କେଡବ୍ଲ୍ୟୁ / କେଭିଏ ବା ଅଂଶ ପାଇଁ ମାସିକ ସର୍ବନିମ୍ନ ସ୍ଥାୟୀ ଚାର୍ଜ (ଟଙ୍କା) | ଅତିରିକ୍ତ କିଲୋୱାଟ / କେଭିଏ ବା ଅଂଶ ପାଇଁ ମାସିକ ସର୍ବନିମ୍ନ ସ୍ଥାୟୀ ଚାର୍ଜ (ଟଙ୍କା) | ରିହାତି (ପ/କେଡବ୍ଲ୍ୟୁଏଚ୍/କେଭିଏଏଚ୍)/ଡିପିଏସ୍ |
|---|---|---|---|---|---|---|---|---|
| | ଏଲଟି ଶ୍ରେଣୀ | | | (ପ/କେଡବ୍ଲ୍ୟୁଏଚ) | | | | |
| ୧ | ଘରୋଇ | | | | | | | |
| ୧କ | କୁଟୀର ଜ୍ୟୋତି<=ମାସିକ ୩୦ ୟୁନିଟ | ଏଲଟି | ସ୍ଥାୟୀ ମାସିକ ଶୁଳ୍କ | | | ୭୦ | | |
| ୧ଖ | ଅନ୍ୟାନ୍ୟ | | | | | | | ରିହାତି ୧୦ |
| | (ବ୍ୟବହାର<=୫୦ ୟୁନିଟ/ମାସିକ) | ଏଲଟି | | ୨୯୦ | | ୨୦ | ୨୦ | |
| | (ବ୍ୟବହାର>୫୦, <=୨୦୦ ୟୁନିଟ/ମାସିକ) | ଏଲଟି | | ୪୭୦ | | | | |
| | (ବ୍ୟବହାର>୨୦୦,<=୪୦୦ ୟୁନିଟ/ମାସିକ) | ଏଲଟି | | ୫୭୦ | | | | |
| | (ବ୍ୟବହାର>୪୦୦ୟୁନିଟ/ମାସିକ ) | ଏଲଟି | | ୬୧୦ | | | | |
| ୨ | ସାଧାରଣ କାର୍ଯ୍ୟ<୧୧୦ କେଭିଏ | | | | | | | ରିହାତି ୧୦ |
| | (ବ୍ୟବହାର<=୧୦୦ ୟୁନିଟ/ମାସିକ) | ଏଲଟି | | ୫୯୦.୦୦ | | ୩୦ | ୩୦ | |
| | (ବ୍ୟବହାର > ୧୦୦<=୩୦୦ ୟୁନିଟ/ମାସିକ) | ଏଲଟି | | ୭୦୦.୦୦ | | | | |
| | (ବ୍ୟବହାର>୩୦୦ ୟୁନିଟ/ମାସିକ) | ଏଲଟି | | ୭୬୦.୦୦ | | | | |
| ୩ | ଜଳସେଚନ ପମ୍ପିଂ ଓ କୃଷି | ଏଲଟି | | ୧୫୦.୦୦ | | ୨୦ | ୧୦ | ରିହାତି ୧୦ |
| ୪ | ଆନୁସଙ୍ଗିକ କୃଷି କାର୍ଯ୍ୟକଳାପ | ଏଲଟି | | ୧୬୦.୦୦ | | ୨୦ | ୧୦ | ରିହାତି ୧୦ |
| ୫ | ଆନୁସଙ୍ଗିକ କୃଷି ଶିଳ୍ପ କାର୍ଯ୍ୟକଳାପ | ଏଲଟି | | ୩୧୦.୦୦ | | ୮୦ | ୫୦ | ରିହାତି/ଡିପିଏସ |
| ୬ | ସାଧାରଣ ଆଲୋକ | ଏଲଟି | | ୬୨୦.୦୦ | | ୨୦ | ୧୫ | ରିହାତି/ଡିପିଏସ |
| ୭ | ଏଲ ଟି ଶିଳ୍ପ (ଏସ) ଯୋଗାଣ<୨୨ କେଭିଏ | ଏଲଟି | | ୬୨୦.୦୦ | | ୮୦ | ୩୫ | ରିହାତି ୧୦ |
| ୮ | ଏଲଟି ଶିଳ୍ପ (ଏମ) ଯୋଗାଣ>=୨୨ କେଭିଏ<୧୧୦କେଭିଏ | ଏଲଟି | | ୬୨୦.୦୦ | | ୧୦୦ | ୮୦ | ରିହାତି/ଡିପିଏସ |
| ୯ | ସ୍ୱତନ୍ତ୍ର ସାଧାରଣ କାର୍ଯ୍ୟକଳାପ | ଏଲଟି | | ୬୨୦.୦୦ | | ୫୦ | ୫୦ | ରିହାତି/ଡିପିଏସ |
| ୧୦ | ସାଧାରଣ ଜଳ କାର୍ଯ୍ୟ ଓ ନର୍ଦ୍ଦମା ପମ୍ପିଂ <୧୧୦କେଭିଏ | ଏଲଟି | | ୬୨୦.୦୦ | | ୫୦ | ୫୦ | ରିହାତି ୧୦ |
| ୧୧ | ସାଧାରଣ ଜଳ କାର୍ଯ୍ୟ ଓ ନର୍ଦ୍ଦମା ପମ୍ପିଂ>=୧୧୦ କେଭିଏ | ଏଲଟି | ୨୦୦ | ୬୨୦.୦୦ | ୩୦ | | | ରିହାତି ୧୦ |
| ୧୨ | ସାଧାରଣ କାର୍ଯ୍ୟ>=୧୧୦କେଭିଏ | ଏଲଟି | ୨୦୦ | ୬୨୦.୦୦ | ୩୦ | | | ରିହାତି/ଡିପିଏସ |
| ୧୩ | ବୃହତ ଶିଳ୍ପ>=୧୧୦କେଭିଏ | ଏଲଟି | ୨୦୦ | ୬୨୦.୦୦ | ୩୦ | | | ରିହାତି/ଡିପିଏସ |
| | ଏଚଟି ଶ୍ରେଣୀ | | | ବିଦ୍ୟୁତ ଚାର୍ଜ (ପ/ କେଭିଏଏଚ) | | | | |
| ୧୪ | ବୃହତ ପରିମାଣ ଯୋଗାଣ-ଘରୋଇ | ଏଚଟି | ୨୦ | ୪୯୦.୦୦ | ୨୫୦ | | | ରିହାତି ୧୦ |
| ୧୫ | ଜଳସେଚନ ପମ୍ପିଂ ଓ କୃଷି | ଏଚଟି | ୩୦ | ୧୪୦.୦୦ | ୨୫୦ | | | ରିହାତି ୧୦ |
| ୧୬ | ଆନୁସଙ୍ଗିକ କୃଷି କାର୍ଯ୍ୟକଳାପ | ଏଚଟି | ୩୦ | ୧୫୦.୦୦ | ୨୫୦ | | | ରିହାତି ୧୦ |
| ୧୭ | ଆନୁସଙ୍ଗିକ କୃଷି ଶିଳ୍ପ କାର୍ଯ୍ୟକଳାପ | ଏଚଟି | ୫୦ | ୩୦୦.୦୦ | ୨୫୦ | | | ରିହାତି/ଡିପିଏସ |
| ୧୮ | ନିର୍ଦ୍ଦିଷ୍ଟ ସାଧାରଣ ଉଦ୍ଦେଶ୍ୟ | ଏଚଟି | ୨୫୦ | ନିମ୍ନରେ ଦର୍ଶାଯାଇ ଥିବା ସୂଚନା ଅନୁଯାୟୀ | ୨୫୦ | | | ରିହାତି/ଡିପିଏସ |
| ୧୯ | ସାଧାରଣ ଉଦ୍ଦେଶ୍ୟ>୭୦କେଭିଏ<୧୧୦ କେଭିଏ | ଏଚଟି | ୨୫୦ | | ୨୫୦ | | | ରିହାତି ୧୦ |
| ୨୦ | ଏଚଟି ଶିଳ୍ପ (ଏମ) ଯୋଗାଣ | ଏଚଟି | ୧୫୦ | | ୨୫୦ | | | ରିହାତି/ଡିପିଏସ |
| ୨୧ | ସାଧାରଣ ଉଦ୍ଦେଶ୍ୟ>=୧୧୦ କେଭିଏ | ଏଚଟି | ୨୫୦ | | ୨୫୦ | | | ରିହାତି/ଡିପିଏସ |
| ୨୨ | ସାଧାରଣ ଜଳ କାର୍ଯ୍ୟ ଓ ନର୍ଦ୍ଦମା ପମ୍ପିଂ | ଏଚଟି | ୨୫୦ | | ୨୫୦ | | | ରିହାତି ୧୦ |
| ୨୩ | ବୃହତ ଶିଳ୍ପ | ଏଚଟି | ୨୫୦ | | ୨୫୦ | | | ରିହାତି/ଡିପିଏସ |
| ୨୪ | ଅଧିକ ଶକ୍ତି ଆବଶ୍ୟକ କରୁଥିବା ଶିଳ୍ପ | ଏଚଟି | ୨୫୦ | | ୨୫୦ | | | ରିହାତି/ଡିପିଏସ |
| ୨୫ | ମିନିଷ୍ଟିଲ ପ୍ଲାଣ୍ଟ | ଏଚଟି | ୨୫୦ | | ୨୫୦ | | | ରିହାତି/ଡିପିଏସ |
| ୨୬ | ରେଳବାଇ ଟ୍ରାକ୍ସନ | ଏଚଟି | ୨୫୦ | | ୨୫୦ | | | ରିହାତି/ଡିପିଏସ |
| ୨୭ | ସିଜିପିକୁ ଜରୁରୀ ଯୋଗାଣ | ଏଚଟି | ୦ | ୬୮୦.୦୦ | ୨୫୦ | | | ରିହାତି/ଡିପିଏସ |
| ୨୮ | ଗୋଷ୍ଠୀଗତ ବ୍ୟବହାର (ଏସପିପି ଏବଂ ଶିଳ୍ପ ଉଭୟ) | ଏଚଟି | ୦ | ୪୯୦.୦୦ | ୦ | | | ରିହାତି/ଡିପିଏସ |
| | ଇଏଚଟି ଶ୍ରେଣୀ | | | ବିଦ୍ୟୁତ ଚାର୍ଜ (ପ/ କେଭିଏଏଚ) | | | | |
| ୨୯ | ସାଧାରଣ ଉଦ୍ଦେଶ୍ୟ | ଇଏଚଟି | ୨୫୦ | ନିମ୍ନରେ ଦର୍ଶାଯାଇ ଥିବା ସୂଚନା ଅନୁଯାୟୀ | ୭୦୦ | | | ରିହାତି/ଡିପିଏସ |
| ୩୦ | ବୃହତ ଶିଳ୍ପ | ଇଏଚଟି | ୨୫୦ | | ୭୦୦ | | | ରିହାତି/ଡିପିଏସ |
| ୩୧ | ରେଳବାଇ ଟ୍ରାକ୍ସନ | ଇଏଚଟି | ୨୫୦ | | ୭୦୦ | | | ରିହାତି/ଡିପିଏସ |
| ୩୨ | ଭାରି ଶିଳ୍ପ | ଇଏଚଟି | ୨୫୦ | | ୭୦୦ | | | ରିହାତି/ଡିପିଏସ |
| ୩୩ | ଅଧିକ ଶକ୍ତି ଆବଶ୍ୟକ କରୁଥିବା ଶିଳ୍ପ | ଇଏଚଟି | ୨୫୦ | | ୭୦୦ | | | ରିହାତି/ଡିପିଏସ |
| ୩୪ | ମିନି ଷ୍ଟିଲ ପ୍ଲାଣ୍ଟ | ଇଏଚଟି | ୨୫୦ | | ୭୦୦ | | | ରିହାତି/ଡିପିଏସ |
| ୩୫ | ସିଜିପିକୁ ଜରୁରୀ ଯୋଗାଣ | ଇଏଚଟି | ୦ | ୭୭୦.୦୦ | ୭୦୦ | | | ରିହାତି/ଡିପିଏସ |
| ୩୬ | ଗୋଷ୍ଠୀଗତ ବ୍ୟବହାର | ଇଏଚଟି | ୦ | ୪୮୫.୦୦ | ୦ | | | ରିହାତି/ଡିପିଏସ |

ଦ୍ରଷ୍ଟବ୍ୟ : ଏଚଟି ଓ ଇଏଚଟି ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଦେୟ (ପଇସା/କେଭିଏଏଚ)

| ଲୋଡ଼ ଫେକ୍ଟର (%) | ଏଚ୍‌ଟି | ଇଏଚ୍‌ଟି |
|---|---|---|
| =< ୬୦% | ୫୮୫.୦୦ | ୫୮୦.୦୦ |
| > ୬୦% | ୪୭୫.୦୦ | ୪୭୦.୦୦ |

(୧) ସମସ୍ତ ଏଲଟି ଗ୍ରାହକଙ୍କ ବିଦ୍ୟୁତ୍ ଶୁଳ୍କକୁ କେଡବ୍ଲ୍ୟୁଏଚ୍ ଆଧାରରେ ବିଲ୍ କରାଯିବ ଏବଂ ଅନ୍ୟପକ୍ଷରେ ଏଚଟି ଓ ଇଏଚଟି ଗ୍ରାହକଙ୍କ ବିଦ୍ୟୁତ ଶୁଳ୍କ କେଭିଏଏଚ ଆଧାରରେ ବିଲ୍ କରାଯିବ। ଖୋଲାରେ ଉପଲବ୍ଧ ହେଉଥିବା ବିଦ୍ୟୁତ କାରବାର କେବଳ କେଡବ୍ଲ୍ୟୁଏଚ ବିକ୍ରି ଆଧାରରେ ହେବ ଏବଂ କେଭିଏଏଚ୍ ଆଧାରିତ ବିକ୍ରିର ଆବଶ୍ୟକ ଅନୁଯାୟୀ ମାସିକ ବିଲ୍ ପାୱାର ଫାକ୍ଟରରେ କେଡବ୍ଲ୍ୟୁଏଚ ଭିତ୍ତିରେ ପରିବର୍ତ୍ତିତ ହୋଇଯିବ। ବିଦ୍ୟୁତ୍ ଡ୍ୟୁଟି ଉଦ୍ଦେଶ୍ୟରେ କେଡବ୍ଲ୍ୟୁଏଚ ଗ୍ରାହକଙ୍କ ପାଇଁ ୟୁନିଟ୍ ଭାବେ ରହିବ, ଯାହାଙ୍କ ପାଇଁ ଇଡ଼ି ପ୍ରତି ୟୁନିଟ୍ ଭିତିରେ ଲାଗୁହେବ। ଲୋଡ଼ ଫ୍ୟାକ୍ଟର ଉଦ୍ଦେଶ୍ୟରେ କେଡବ୍ଲ୍ୟୁଏଚ ରିଡିଂକୁ ବିଚାର କରାଯିବ।

(୨) ବିନା ସିଜିପିରେ ସମସ୍ତ ଏଚଟି ଶିଳ୍ପ ଉପଭୋକ୍ତା (ଷ୍ଟିଲ ପ୍ଲାଣ୍ଟ) ଯାହାଙ୍କର କଣ୍ଟ୍ରାକ୍ଟ ଡିମାଣ୍ଡ (ସିଡ଼ି) ୧ ଏମଭିଏ ଏବଂ ତାଠାରୁ ଉର୍ଦ୍ଧ ରହିଥିଲେ ନିମ୍ନ ପ୍ରକାରେ ଲୋଡ଼ ଫ୍ୟାକ୍ଟର ସଫଳତା ଉପରେ ଏନର୍ଜି ଚାର୍ଜ ଉପରେ ଏକ ରିବେଟ୍ ପାଇବେ:

| ଲୋଡ଼ ଫେକ୍ଟର | ୬ ଏମଭିଏ ପର୍ଯ୍ୟନ୍ତ ସିଡି | ୬ ଏମଭିଏରୁ ଅଧିକ ସିଡି |
|---|---|---|
| ୬୫% ଅଧିକ ଓ ୭୫% ପର୍ଯ୍ୟନ୍ତ | ଏନର୍ଜି ଚାର୍ଜ ଉପରେ ୧୦% | – |
| ୭୫% ରୁ ଅଧିକ ୮୫% ପର୍ଯ୍ୟନ୍ତ | ଏନର୍ଜି ଚାର୍ଜ ଉପରେ ୧୫% | ଏନର୍ଜି ଚାର୍ଜ ଉପରେ ୮% |
| ୮୫% ରୁ ଅଧିକ | ଏନର୍ଜି ଚାର୍ଜ ଉପରେ ୨୦% | ଏନର୍ଜି ଚାର୍ଜ ଉପରେ ୧୦% |

ଶକ୍ତି ଉପଯୋଗ ଉପରେ ଉପରୋକ୍ତ ରିବେଟ୍ ପ୍ରଯୁଜ୍ୟ ହେବ। ଆର୍ଥିକ ବର୍ଷ ୨୦୨୬-୨୭ ଅବଧିରେ ଏହି ରିବେଟ ଉପଲବ୍ଧ ପାଇଁ ସେ ପ୍ରକାର ଶିଳ୍ପ ବର୍ଗ ନିମନ୍ତେ ଲୋଡ଼ ହ୍ରାସକୁ ଅନୁମତି ଦିଆଯିବ ନାହିଁ।

ପୁନଶ୍ଚ ଆଲୁମିନିୟମ ଶିଳ୍ପ (ଆର୍କ ଫର୍ନେସ) ବିନା ସିଜିପିରେ ୩୩ କେଭି ଲେଭଲରେ ସଂଯୁକ୍ତ ହୋଇଥିଲେ ଓ ୧ ଏମଭିଏରୁ ଅଧିକ ସିଡି ଓ ୬ ଏମଭିଏ ପର୍ଯ୍ୟନ୍ତ ଉପଯୋଗ କରୁଥିଲେ ଲୋଡ ଫ୍ୟାକ୍ଟର ୮୫% ବାହାରେ ସମଗ୍ର ଶକ୍ତି ଉପଯୋଗ ପାଇଁ ଏନର୍ଜି ଚାର୍ଜ ଉପରେ ୧୦% ର ଏକ ରିବେଟ ପାଇଁ ଯୋଗ୍ୟ ହେବେ।

(୩) ଇଏଚଟି ଲେଭଲରେ ଶକ୍ତି ଉପଯୋଗ କରୁଥିବା ସମସ୍ତ ଶିଳ୍ପ ଉପଭୋକ୍ତା ମାନେ ଲୋଡ଼ ଫ୍ୟାକ୍ଟର ୮୦% ବାହାରେ ଉପଯୋଗ କରୁଥିବା ସମସ୍ତ ୟୁନିଟ୍ ପାଇଁ ପ୍ରତି ୟୁନିଟ୍ ପିଛା ୩୦ ପଇସା (କେଭିଏଏଚ) ର ଏକ ରିବେଟ ପାଇଁ ଯୋଗ୍ୟ ହେବେ।

(୪) ଏଲଟି ଶିଳ୍ପ (ଏସ) ଏବଂ ଏଲଟି ଶିଳ୍ପ (ଏମ) ଯୋଗାଣ ଉପଭୋକ୍ତା ମାନେ ଉପଯୋଗ କରୁଥିବା ସମସ୍ତ ୟୁନିଟ ପାଇଁ ୟୁନିଟ୍ ପ୍ରତି ୧୦ ପଇସାର ଏକ ରିବେଟ ପାଇବେ ଯଦି ସେମାନଙ୍କ ମାସିକ ପରିଚାଳିତ ଲୋଡ଼ ଫ୍ୟାକ୍ଟର ୩୦% ରୁ ଅଧିକ ହୋଇଥାଏ ଓ ବିଲ୍‌କୁ ଧାର୍ଯ୍ୟ ଦେୟ ତାରିଖ ମଧ୍ୟରେ ପୈଠ କରାଯାଇଥାଏ।

(୫) ଏଲ୍.ଟି ସାଧାରଣ ଉଦ୍ଦେଶ୍ୟ ଉପଭୋକ୍ତା (୫ କିଲୋ ୱାଟ ଏବଂ ତଦୂର୍ଦ୍ଧ୍ୱ କଣ୍ଟ୍ରାକ୍ଟ ଡିମାଣ୍ଡ ସହିତ) ଏବଂ ଏଚ୍.ଟି ବୃହତ ପରିମାଣ ଯୋଗାଣ ଘରୋଇ ଉପଭୋକ୍ତାମାନଙ୍କ ପାଇଁ ବିଳମ୍ବିତ ଦେୟ ସରଚାର୍ଜ (DPS) ପୁନଃ ପ୍ରଚଳନ କରାଯାଇଛି। ଯଦି ଏପରି ଗ୍ରାହକ ଧାର୍ଯ୍ୟ ତାରିଖ ମଧ୍ୟରେ ତାଙ୍କର ବିଲ୍ / ଦେୟ ପୈଠ କରନ୍ତି ନାହିଁ, ତେବେ ବିଳମ୍ବର ପ୍ରତ୍ୟେକ ଦିନ ପାଇଁ ପ୍ରତି ମାସରେ ୧% ସରଳ ସୁଧ ଅନାଦେୟ ପରିମାଣ ଉପରେ ଲାଗୁହେବ। (ବିଦ୍ୟୁତ ଡ୍ୟୁଟି ଏବଂ ବିଳମ୍ବିତ ଦେୟ ସରଚାର୍ଜ ଉପରେ ବକେୟା ବାଦ ଦେଇ।

(୬) ସିଡି ସହିତ ସିଜିପି ଥିବା କୌଣସି ଶିଳ୍ପ ବିଦ୍ୟୁତ ବିତରକ କମ୍ପାନୀ ଶକ୍ତି ଉପଲବ୍ଧତା ୨୦ ଏମଡବ୍ଲୁ ପର୍ଯ୍ୟନ୍ତ ଶକ୍ତି ଉପଲବ୍ଧ କରିବାକୁ ଚାହୁଁଥିଲେ ୨ଗୁଣା ପର୍ଯ୍ୟନ୍ତ ସିଡିକୁ ଓଭରଡ୍ରୟାଲ ପେନାଲ୍ଟି ପ୍ରଦାନ ବ୍ୟତୀତ ଶକ୍ତି ଉଠାଣ ପାଇଁ ଅନୁମତି ପାଇବେ ଏହି ଉଦ୍ଦେଶ୍ୟ ପାଇଁ ଉକ୍ତ ଶିଳ୍ପ ସମଗ୍ର ମାସ ପାଇଁ ୮୦%ର ସର୍ବନିମ୍ନ ସିଡି ପରିଚାଳନା କରିବା ଉଚିତ। ସିଡି ବାହାରେ ବର୍ଦ୍ଧିତ ଶକ୍ତି ଉପଯୋଗ (କେଭିଏଏଚ) ପାଇଁ ପ୍ରଯୁଜ୍ୟ ଦେୟ ପ୍ରତି କେଭିଏଏଚ ପାଇଁ ଟ.୫.୦୦ ହେବ। ଏହି ସୁବିଧା ପାଉଥିବା ଶିଳ୍ପ ସଂସ୍ଥା ଗୁଡ଼ିକ ଅନ୍ୟାନ୍ୟ ଯୋଜନା ଅଧିନରେ ସୁବିଧା ପାଇବେ ନାହିଁ। ଅନ୍ୟ ପକ୍ଷରେ ବିଦ୍ୟୁତ ବିତର କମ୍ପାନୀ ଏହି ଅବଧି ମଧ୍ୟରେ ସେମାନଙ୍କୁ ଅନୁମୋଦିତ ଏସଏମଡିରୁ ଅଧିକ ପାଇଁ ଅନୁମତି ଦେବେ ନାହିଁ। ବିଦ୍ୟୁତ ବିତରକ କମ୍ପାନୀ ଏହା ନିଶ୍ଚିତ କରିବେ ଯେ ସେପ୍ରକାର ଓଭରଡ୍ରୟାଲ ବଣ୍ଟନ ପ୍ରଣାଳୀ ଉପରେ ଅତ୍ୟଧିକ ଚାପ ପକାଉ ନାହିଁ, ସିଷ୍ଟମ ରିଲିୟାବିଲିଟି ଓ ଉପଲବ୍ଧତା ପ୍ରଭାବିତ ହେଉନାହିଁ ଏବଂ ଏହି ସମୟ ଅବଧରେ କୌଣସି ଲୋଡ ସେଡିଂ କରିବାକୁ ପଡ଼ିବ ନାହିଁ।

(୭) ୨୦ ଏମଡବ୍ଲୁ ରୁ ଅଧିକ ସିଡି ସହିତ ସିଜିପି ଥିବା କୌଣସି ଶିଳ୍ପ ବିଦ୍ୟୁତ ବିତରକ କମ୍ପାନୀ ଠାରୁ ଶକ୍ତି ଉପଲବ୍ଧ କରିବାକୁ ଚାହୁଁଥିଲେ ଏବଂ ସର୍ବନିମ୍ନ ମାସିକ ଲୋଡ଼ ଫ୍ୟାକ୍ଟର ୮୦% ପରିଚାଳନା କରୁଥିଲେ ସେମାନେ ପିକ୍ ଆୱାର ସମୟରେ ଟ.୫.୦୦ ପ୍ରତି କେଭିଏଏଚ ହାରରେ ଶକ୍ତି ପାଇପାରିବେ, ଏବଂ ପିକ୍ ଆୱାର ବ୍ୟତୀତ ଅନ୍ୟାନ୍ୟ ସମୟରେ ଟ୪.୩୦ ପ୍ରତି କେଭିଏଏଚରେ ଶକ୍ତି ପାଇପାରିବେ, ସମସ୍ତ ବର୍ଦ୍ଧିତ ଶକ୍ତି ୮୦% ଲୋଡ଼ରୁ ଅଧିକ ଯେଉଁମାନେ ଚାହୁଁଛନ୍ତି ସେମାନଙ୍କ ଉପରେ କୌଣସି ଓଭରଡ୍ରୟାଲ ଜରିମାନା ଲାଗୁ ହେବ ନାହିଁ। ଏହି ଉଦ୍ଦେଶ୍ୟ ପାଇଁ ଶିଳ୍ପ ସଂସ୍ଥା ବିଦ୍ୟୁତ ବିତରକ କମ୍ପାନୀ ଓ ଗ୍ରୀଡ଼କୋ ସହିତ ଏକ ତ୍ରିପାକ୍ଷିକ ଚୁକ୍ତିନାମା (ଟିପିଏ) ସଂପାଦନା କରିବେ।

(୮) କୌଣସି ଶିଳ୍ପ (ବିନା ସିଜିପିରେ) ୧୦ ଏମଭିଏ ପର୍ଯ୍ୟନ୍ତ ସିଡି ସହିତ ୩୩ କେଭି ଲେଭଲ ସଂଯୁକ୍ତ କରିଥିଲେ ଓ ବିଦ୍ୟୁତ ବିତରକ କମ୍ପାନୀ ଠାରୁ ସିଡିର ୨ ଗୁଣା ଶକ୍ତି ଉପଲବ୍ଧ କରିବାକୁ ଚାହୁଁଥିଲେ ସେମାନଙ୍କୁ ଓଭରଡ୍ରୟାଲ ଜରିମାନା ବିନା ଅନୁମତି ପ୍ରଦାନ କରାଯିବ। ଏହି ଉଦ୍ଦେଶ୍ୟ ପାଇଁ ଶିଳ୍ପ ସଂସ୍ଥା ସମଗ୍ର ମାସ ପାଇଁ ୮୦%ର ସର୍ବନିମ୍ନ ଲୋଡ଼ ଫ୍ୟାକ୍ଟର ପରିଚାଳନା କରିଥିବେ। ସିଡିର ୮୦% ବାହାରେ ଶକ୍ତି ଉପଯୋଗ (କଭିଏଏଚ) ପାଇଁ ପ୍ରଯୁଜ୍ୟ ଚାର୍ଜ ହେବ ଟ.୫.୦୦ / କେଭିଏଏଚ। ଯେଉଁ ଶିଳ୍ପ ଏହି ସବୁିଧା ପାଉଛନ୍ତି ଓପନ ଆକ୍ସେସରେ ଡ୍ରୟାଲ ସହିତ ଅନ୍ୟାନ୍ୟ କୌଣସି ଯୋଜନା ଅଧିନରେ ଲାଭ ପାଇବେ ନାହିଁ। ସେ ପ୍ରକାର ଶିଳ୍ପ ଉପରୋକ୍ତ ବ୍ୟବସ୍ଥା ଲାଗି ବିଦ୍ୟୁତ ବିତରକ କମ୍ପାନୀ ସହିତ ଏକ ଚୁକ୍ତିନାମା ସମ୍ପାଦନା କରିବେ। ୧୦ ଏମଭିଏରୁ ଅଧିକ ସିଡି ରହିଥିବା ଶିଳ୍ପ ମାନଙ୍କୁ ସେମାନଙ୍କ ସିଡି ହ୍ରାସ ଦ୍ୱାରାଏହି ସୁବିଧା ପାଇବାକୁ ଅନୁମତି ମିଳିବ ନାହିଁ। ବିଦ୍ୟୁତ ବିତରକ କମ୍ପାନୀ ଏହି ସୁବିଧାକୁ ଅନୁମତି ଦେଉଥିବା ସମୟରେ ସେମାନଙ୍କର ଅନୁମୋଦନ ଏସଏମଡିରୁ ଅଧିକ ପାଇଁ ଅନୁମତି ଦେବେ ନାହିଁ। ବିଦ୍ୟୁତ ବିତରକ କମ୍ପାନୀ ଆୟୋଗ ଏହା ନିଶ୍ଚିତ କରିବେ ଯେ ସେ ପ୍ରକାର ଅଭରଡ୍ରୟାଲ ବଣ୍ଟନ ପ୍ରଣାଳୀରେ ଅତ୍ୟଧିକ ଚାପ ପକାଉ ନାହିଁ, ସିଷ୍ଟମ ରିୟାବିଲିଟି ଓ ଉପଲବ୍ଧତା ପ୍ରଭାବିତ ହେଉନାହିଁ ଓ ଏହି ଅବଧିରେ ଲୋଡ଼ସେଡିଂ ହେବ ନାହିଁ।

(୯) ଜଳସେଚନ, ପମ୍ପିଂ ଏବଂ କୃଷି ଗ୍ରାହକ ବ୍ୟତୀତ ୧୦କିଲୋୱାଟ ଠାରୁ ଅଧିକ ସିଡି ଥିବା ସ୍ମାର୍ଟ ମିଟର / ଏ.ଏମ୍.ଆର ଅନୁପାଳନ ମିଟର ସହିତ ପ୍ରଦାନ କରାଯାଇଥିବା ସମସ୍ତ ଗ୍ରାହକଙ୍କ ପାଇଁ ଦିନର ସମୟ (ଟିଓଡି) ଶୁଳ୍କ ପ୍ରଯୁଜ୍ୟ ହେବ। ସୌର ଘଣ୍ଟା ସମୟରେ ଉପରୋକ୍ତ ସମସ୍ତ ଯୋଗ୍ୟ ଗ୍ରାହକଙ୍କ ପାଇଁ ଟିଓଡି ଶୁଳ୍କ ସେହି ବର୍ଗର ଗ୍ରାହକଙ୍କ ପାଇଁ ପ୍ରଯୁଜ୍ୟ ସାଧାରଣ ଶୁଳ୍କ ଅପେକ୍ଷା ଦଶ ପ୍ରତିଶତ କମ୍ ହେବ। ପିକ୍ ଆୱାର ସମୟରେ ଏପରି ସମସ୍ତ ଗ୍ରାହକଙ୍କ ପାଇଁ ଟି.ଓ.ଡି ଶୁଳ୍କ ସେହି ବର୍ଗର ଗ୍ରାହକଙ୍କ ପାଇଁ ପର୍ଯ୍ୟୁଜ୍ୟ ସାଧାରଣ ଶୁଳ୍କଠାରୁ ୧.୧ ଗୁଣ ହେବ। ସାଧାରଣ ଘଣ୍ଟା ସମୟରେ ଟି.ଓ.ଡି ଶୁଳ୍କ ପ୍ରଯୁଜ୍ୟ ହେବ ନାଁ। ଏହି ଉଦ୍ଦେଶ୍ୟରେ ଦିନ ଘଣ୍ଟା ନିମ୍ନଲିଖିତ ଭାବରେ ପରିଭାଷିତ ହୋଇଛି।

ସକାଳ ୮.୦୦ ଘ. ରୁ ଅପରାହ୍ନ ୪.୦୦ ଘ. – ସୋଲାର ଆୱାର
ଅପରାହ୍ନ ୪.୦୦ ଘ. ପରେ ଓ ୬.୦୦ ଘ. ପର୍ଯ୍ୟନ୍ତ – ନର୍ମାଲ ଆୱାର
ସନ୍ଧ୍ୟା ୬.୦୦ ଘ. ପରେ ୧୨.୦୦ ଘ. ମଧ୍ୟ ରାତ୍ର ପର୍ଯ୍ୟନ୍ତ – ପିକ୍ ଆୱାର
ମଧ୍ୟ ରାତ୍ର ୧୨.୦୦ ଘ. ପରେ ଓ ପରବର୍ତ୍ତୀ ଦିନ ସକାଳ ୮.୦୦ ଘ. ପର୍ଯ୍ୟନ୍ତ – ନର୍ମାଲ ଆୱାର

ଟିଓଡିର ବ୍ୟବସ୍ଥା ୦୧.୦୭.୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

(୧୦) କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦% ପର୍ଯ୍ୟନ୍ତ ଶିଳ୍ପ ଦ୍ୱାରା ଉଠାଣକୁ ନର୍ମାଲ ଆୱାର ସୋଲାର ଆୱାର ମଧ୍ୟରେ ବିନା କୌଣସି ଜରିମାନା ଶୁଳ୍କରେ ଅନୁମତି ଦିଆଯିବ। ଯେଉଁ ଶିଳ୍ପ ସଂସ୍ଥାମାନେ ପିକ୍ ଆୱାର ମଧ୍ୟରେ ସେମାନଙ୍କ କଣ୍ଟ୍ରାକ୍ଟ ଡିମାଣ୍ଡ ବାହାରେ ଶକ୍ତି ଉଠାଣ କରୁଛନ୍ତି ସେମାନେ ଏହି ସୁବିଧା ପାଇବାକୁ ଯୋଗ୍ୟ ହେବେ ନାହିଁ। ଯଦି ଶକ୍ତି ଉପଯୋଗ ନର୍ମାଲ ଆୱାର ଓ ସୋଲାର ଆୱାର ମଧ୍ୟରେ କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦% ରୁ ଅଧିକ ହୁଏ ତେବେ ଅଭରଡ୍ରୟାଲ ଜୋରିମାନା କଣ୍ଟ୍ରାକ୍ଟ ଡିମାଣ୍ଡର ୧୨୦% ରୁ ଅଧିକ ଉପରେ ଚାର୍ଜ ହେବ। ଯଦି ବୈଧାନିକ ଲୋଡ଼ ରେଗୁଲେସନ ନ୍ୟସ୍ତ ହୁଏ ତେବେ କଟକଣାଯୁକ୍ତ ଡିମାଣ୍ଡ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବରେ ବିବେଚନା କରାଯିବ।

(୧୧) ଓଭରଡ୍ରାଲ ଜରିମାନା ଉପରେ ଗ୍ରାହକଙ୍କ ପାଇଁ ଯେକୌଣସି ବ୍ୟବସ୍ଥା ସତ୍ତ୍ୱେ, ରେଳ ଟ୍ରାକ୍ସନ୍ ବର୍ଗ କୌଣସି ଜରିମାନା ଆଦାୟ ନକରି କଣ୍ଟ୍ରାକ୍ଟ ଡିମାଣ୍ଡର ୧୪୦% ପର୍ଯ୍ୟନ୍ତ ଓଭରଡ୍ରାଲ ପାଇଁ ଯୋଗ୍ୟ, ଉଠାଣ ସମୟ ନିର୍ବିଶେଷରେ।

(୧୨) ରେଲୱେ ଟ୍ରାକ୍ସନ ବର୍ଗ , ଅନ୍ୟାନ୍ୟ ସମସ୍ତ ରିହାତି ବ୍ୟତୀତ, ସମସ୍ତ ୟୁନିଟ୍ ପାଇଁ ୟୁନିଟ୍ ପ୍ରତି ୨୫ ପଇସାର ଏକ ରିହାତି ପ୍ରାପ୍ତ କରିବାକୁ ଯୋଗ୍ୟ ହେବେ।

(୧୩) ରେକର୍ଡିଂ ଡିମାଣ୍ଡ ବ୍ୟବସ୍ଥା ସହିତ ଷ୍ଟାଟିକ୍ ମିଟର/ ମିଟର ସ୍ଥାପନ କ୍ଷେତ୍ରରେ ରେକର୍ଡେଡ୍ ଡିମାଣ୍ଡ ୦.୫ କେଡବ୍ଲୁ ସହ ରାଉଣ୍ଡେଡ ହେବ ଓ ଏହାକୁ କଣ୍ଟ୍ରାକ୍ଟ ଡିମାଣ୍ଡ ଭାବରେ ବିବେଚନା କରାଯିବ ଓ ଚୁକ୍ତିନାମା ନିର୍ବିଶେଷରେ ଯାଞ୍ଚ କରାଯିବ ନାହିଁ। ତେଣୁ ଏହା ମଧ୍ୟ ୧୧୦ କେଭିଏରୁ କମ୍ ସଂଯୁକ୍ତ ଲୋଡ଼ ପାଇଁ ମାସିକ ସର୍ବନିମ୍ନ ଧାର୍ଯ୍ୟ ଚାର୍ଜ (ଏମଏମଏଫସି) ର ହିସାବ ଉଦ୍ଦେଶ୍ୟ ଭିତ୍ତିରେ ଧରାଯିବ।

(୧୪) ୧୧୦ କେଭିଏରୁ କମ୍ କଣ୍ଟ୍ରାକ୍ଟ ଡିମାଣ୍ଡ ସହିତ ଉପଭୋକ୍ତାଙ୍କ ପାଇଁ ଡିମାଣ୍ଡ ଚାର୍ଜ କ୍ରମରେ ବିଲିଂ ସଂଯୁକ୍ତ ଲୋଡ଼ ନିର୍ବିଶେଷରେ ଆର୍ଥିକ ବର୍ଷ ଅବଧିରେ ମିଟରରେ ସର୍ବାଧିକ ରେକର୍ଡ଼ ହୋଇଥିବା ଡିମାଣ୍ଡ ଭାବେ ନିୟାଯିବ ଓ ଏଥିପାଇଁ ଯାଞ୍ଚ ଆବଶ୍ୟକ ନାହିଁ।

(୧୫) କଣ୍ଟ୍ରାକ୍ଟ ଡିମାଣ୍ଡ (ସିଡି) ୭୦ କେଭିଏରୁ କମ୍ ଥିବା ସାଧାରଣ ଉଦ୍ଦେଶ୍ୟର ଉପଭୋକ୍ତାଙ୍କୁ ସପ୍ଲାଏ ଭଲଟେଜ୍‌ର ଲେଭଲ ନିର୍ବିଶେଷରେ ତାରିଫ ଉଦ୍ଦେଶ୍ୟ ପାଇଁ ଏଲଟି ଉପଭୋକ୍ତା ରୂପେ ବିଚାର କରାଯିବ। ଓଇଆରସି ବଣ୍ଟନ (ଯୋଗାଣ ବ୍ୟବସ୍ଥା) କୋଡ ୨୦୧୯ ର ରେଗୁଲେସନ ୧୩୪ (ଆଇ) ଅନୁସାରେ ୫ କେଡବ୍ଲୁ / ୫.୫୫ କେଭିଏ ଉପରେ ଓ ୭୦ କେଭିଏ ପର୍ଯ୍ୟନ୍ତ ୩ ଫେଜ୍, ୩ କିମ୍ବା ୪ ୱେର ୪୦୦ ଭୋଲ୍ଟ ଫେଜ ମଧ୍ୟରେ ଥାଇ ସପ୍ଲାଏ ଦିଆଯିବ।

(୧୬) ୦୧.୦୪.୨୦୨୬ ରୁ ପୁନଃସଂଯୋଗ ଦେୟ ନିମ୍ନମତେ ହେବ।

| ଉପରୋକ୍ତ ଶ୍ରେଣୀ | ପ୍ରଯୁଜ୍ୟ ହେଉଥିବା ଦର |
|---|---|
| ଏଲଟି ସିଙ୍ଗଲ ଫେଜ ଘରୋଇ ଉପଭୋକ୍ତା | ଟ.୩୦୦/– |
| ଏଲଟି ସିଙ୍ଗଲ ଫେଜ ଅନ୍ୟାନ୍ୟ ଉପଭୋକ୍ତା | ଟ.୮୦୦/– |
| ଏଲଟି ୩ ଫେଜ ଉପଭୋକ୍ତା | ଟ.୧,୨୦୦/– |
| ସମସ୍ତ ଏଚଟି ଉପଭୋକ୍ତା | ଟ.୬,୦୦୦/– |
| ସମସ୍ତ ଇଏଚଟି ଉପଭୋକ୍ତା | ଟ.୧୦,୦୦୦/– |

ଦ୍ରଷ୍ଟବ୍ୟ : ଉପରୋକ୍ତ ଚାର୍ଜ ସ୍ମାର୍ଟ ମିଟର ବ୍ୟବହାରକାରୀ ଉପଭୋକ୍ତା ପାଇଁ ପ୍ରଯୁଜ୍ୟ ହେବ ନାହିଁ। ଅନ୍ୟ ପକ୍ଷରେ ଯଦି ସ୍ମାର୍ଟ ମିଟରରେ ଟ୍ୟାମ୍ପରିଂ କାରଣରୁ ଡିସକନେକ୍ସନ ହୋଇଥାଏ ତେବେ ଚାର୍ଜ ଲାଗୁ ହେବ।

(୧୭) ବର୍ଗ ନିର୍ବିଶେଷରେ ରେଗୁଲାର କନେକ୍ସନ ତୁଳନାରେ ଟେମ୍ପରାରି କନେକ୍ସନ କ୍ଷେତ୍ରରେ ୧୦% ଅଧିକ ଏନର୍ଜି ଚାର୍ଜ ଲାଗୁ ହେବ।

(୧୮) ୦୧.୦୪.୨୦୨୬ ଠାରୁ ମିଟର ଭଡ଼ା ନିମ୍ନମତେ ହେବ:

| କ୍ର.ନଂ | ମିଟର ପ୍ରକାର | ମାସିକ ମିଟର ଭଡ଼ା (ଟ.) |
|---|---|---|
| ୧ | ସିଙ୍ଗଲ ଫେଜ ଷ୍ଟାଟିକ ମିଟର | ୪୦ |
| ୨ | ଏଲଟି ସିଙ୍ଗଲ ଫେଜ ସ୍ମାର୍ଟ ମିଟର | ୬୦ |
| ୩ | ତିନି ଫେଜ ହୋଲ କରେଣ୍ଟ ଷ୍ଟାଟିକ ଏନର୍ଜି ମିଟର / ତିନି ଫେଜ ହୋଲ କରେଣ୍ଟ ସ୍ମାର୍ଟ ମିଟର | ୧୫୦ |
| ୪ | ତିନି ଫେଜ ଏଲ୍‌ଟି ସିଟି ମିଟର / ତିନି ଫେଜ ସ୍ମାର୍ଟ ଏଲଟି ସିଟି ମିଟର (ଏଏମ୍‌ଆର୍ / ଏଏମ୍‌ଆଇ କମ୍ପ୍ଲିଆଣ୍ଟ) | ୫୦୦ |
| ୫ | ତିନି ଫେଜ ଏଚ୍‌ଟି ସିଟି ମିଟର / ତିନି ଫେଜ ସ୍ମାର୍ଟ ଏଚ୍‌ଟି ସିଟି ମିଟର (ଏଏମ୍‌ଆର୍ / ଏଏମ୍‌ଆଇ କମ୍ପ୍ଲିଆଣ୍ଟ) ୧୧ କେଭି | ୧୦୦୦ |
| ୬ | ତିନି ଫେଜ ଏଚ୍‌ଟି ସିଟି ମିଟର / ତିନି ଫେଜ ସ୍ମାର୍ଟ ଏଚ୍‌ଟି ସିଟି ମିଟର (ଏଏମ୍‌ଆର୍ / ଏଏମ୍‌ଆଇ କମ୍ପ୍ଲିଆଣ୍ଟ) ୩୩ କେଭି | ୨୦୦୦ |
| ୭ | ଏଚ୍‌ଟିଭିଭି ମିଟର ରେଲୱେ ଟ୍ରାକ୍ସନ ପାଇଁ | ୧୦୦୦ |

ଦ୍ରଷ୍ଟବ୍ୟ : ମିଟର ଭଡ଼ା ୬୦ମାସ ପର୍ଯ୍ୟନ୍ତ ଆଦାୟ କରାଯିବ, କିନ୍ତୁ ସିଙ୍ଗଲ ଫେଜ୍ ସ୍ମାଟ ମିଟର କ୍ଷେତ୍ରରେ ମିଟର ଭଡ଼ା ୯୬ ମାସ ପର୍ଯ୍ୟନ୍ତ ଆଦାୟ କରାଯିବ।

ମିଟର ଭଡ଼ା ସହିତ ସମସସ୍ତ ବୈଧାନିକ ଶୁଳ୍କ / ସେସ୍ ଇତ୍ୟାଦି ଆଦାୟ କରାଯିବ। କମିଶନ ଏକ ସତନ୍ତ୍ର ଆଦେଶ ଦ୍ୱାରା ମିଟର ଭଡ଼ା ସଂଶୋଧନ କରିପାରିବେ।

ଅନୁଦାନ ଆଧାରିତ ସରକାରୀ ଯୋଜନା ମାଧମରେ ମିଟର ନେଉଥିବା ଗ୍ରାହକ ମାନଙ୍କ ପାଇଁ ମିଟର ଭଡା ଲାଗୁ ହେବ ନାହିଁ।

(୧୯) ସଂଯୁକ୍ତ ହଷ୍ଟେଲ ଏବଂ / କିମ୍ବା ଆବାସିକ କଲୋନୀ ସହିତ ଶିକ୍ଷାନୁଷ୍ଠାନ (ସାଧାରଣ ଉଦ୍ଦେଶ୍ୟ ବର୍ଗର ଉପଭୋକ୍ତା ମାନଙ୍କ ପାଇଁ ନିର୍ଦ୍ଧାରିତ) ଯେଉଁମାନେ ଏକ ସିଙ୍ଗେଲ ଏଚଟି ମିଟର ଜରିଆରେ ଶକ୍ତି ଆହାରଣ କରୁଛନ୍ତି ସେମାନଙ୍କ ପାଇଁ ଏଚଟି ବଲ୍କ ସପ୍ଲାଏ ଡୋମେଷ୍ଟିକ୍ ବର୍ଗ ଅଧିନରେ ତାଙ୍କର ଶକ୍ତି ଉପଯୋଗର ୧୫% ହାର ଅନୁସାରେ ବିଲ୍ କରାଯିବ।

(୨୦) ସ୍ୱୀକୃତି ପ୍ରାପ୍ତ ସ୍କୁଲ ସହିତ ସଂଯୁକ୍ତ ହଷ୍ଟେଲ ଓ ଓଡ଼ିଶା ସରକାରଙ୍କ ଏସ୍‌ସି/ଏସଟି ବିଭାଗ ଦ୍ୱାରା ପରିଚାଳିତ ହେଉଥିଲେ ନିର୍ଦ୍ଧାରିତ ସାଧାରଣ ଉଦ୍ଦେଶ୍ୟବର୍ଗ (ଏଲଟି/ଏଚଟି) ଯେଉଁଥି ପାଇଁ ସେମାନେ ଯୋଗ୍ୟ ସ୍ୱାଭାବିକ ରିବେଟ ବ୍ୟତୀତ ଶକ୍ତି ଉପଯୋଗ କ୍ଷେତ୍ରରେ ୟୁନିଟ୍ ପ୍ରତି ଟ.୨.୪୦ ର ଏକ ରିବେଟ ପାଇବେ।

(୨୧) ସର୍ବସାଧାରଣ ୱାଟର ୱାର୍କ ଓ ସ୍ୱେରେଜ ପମ୍ପିଙ୍ଗ ସ୍ଥାପନ ବର୍ଗ ଅଧିନରେ ସ୍ୱଜଳ ଧାରା ଉପଭୋକ୍ତାମାନେ ସ୍ୱାଭାବିକ ରିବେଟ ବ୍ୟତୀତ ଅଧିକ ଉର୍ଜା ଖର୍ଚ୍ଚ ଉପରେ ୧୦% ହାରରେ ଏକ ସ୍ୱତନ୍ତ୍ର ରିହାତି ପାଇବେ ଯଦି ବିଦ୍ୟୁତ୍ ବିଲକୁ ଧାର୍ଯ୍ୟ ତାରିଖ ମଧ୍ୟରେ ପ୍ରଦାନ କରନ୍ତି

(୨୨) ମତ୍ସ୍ୟ ବିଭାଗ ଦ୍ୱାରା ନ୍ୟସ୍ତ ହୋଇଥିବା ବୈଧାନିକ କଟକଣା ସମୟରେ ଆଇସି ଫେକ୍ଟୋରୀ (କଟକଣା ଜୋନ୍‌ର ସମୁଦ୍ରକୂଳ ଠାରୁ ୫ କିମିରୁ ଅଧିକ ହୋଇନଥିବା ଦୂରତାରେ ଅବସ୍ଥିତ) ବିଲିଂ ପିରିୟଡ଼ ଅବଧିରେ ରେକର୍ଡ଼ ହୋଇଥିବା ପ୍ରକୃତ ସର୍ବାଧିକ ଡିମାଣ୍ଡ ଚାର୍ଜ ଦେବେ।

(୨୩) ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ସହିତ ସଂଯୁକ୍ତ ଥିବା ପଲଟ୍ରି ଫାର୍ମର ସମୁଦାୟ ସଂଯୁକ୍ତ ଲୋଡ଼ର ୨୦% ରୁ କମ୍ ଲୋଡ଼ କନେକ୍ସନ ଉପରେ ସେମାନଙ୍କୁ ଟ୍ରାଫିକ୍ ଉଦ୍ଦେଶ୍ୟ ପାଇଁ ସାଧାରଣ ଉଦ୍ଦେଶ୍ୟ ବର୍ଗଙ୍କ ପରିବର୍ତ୍ତେ ସଂପୃକ୍ତ କୃଷି କାର୍ଯ୍ୟକ୍ରମ ଭାବେ ବିବେଚନା କରାଯିବ। ଯଦି ସଂଯୁକ୍ତ ଖାଦ୍ୟ ପ୍ରକ୍ରିୟାକରଣ ସଂଯୁକ୍ତ ଲୋଡ଼ ସମୁଦାୟ ସଂଯୁକ୍ତ ଲୋଡ଼ର ୨୦% ରୁ ଅଧିକ ହୁଏ ତେବେ ପଲଟ୍ରି ଫାର୍ମ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଦ୍ୱାରା ସମୁଦାୟ ବିଦ୍ୟୁତ ଖର୍ଚ୍ଚକୁ ଏକାଠିଭାବେ ନିଆଯାଇ ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟ ପାଇଁ ଯାହା ହୋଇଥିବ ସେହି ଅନୁସାରେ ପ୍ରଯୁଜ୍ୟ ଶୁଳ୍କ ଲାଗୁ କରାଯିବ।

(୨୪) ଶୀତଳ ଭଣ୍ଡାର ସହିତ ସଂଲଗ୍ନ ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୃଷି ଶିଳ୍ପଶୁଳ୍କ ଆଦାୟ କରାଯିବ, ଯଦି ଖାଦ୍ୟ ପକ୍ରିୟାକରଣ ୟୁନିଟ୍‌ର ଲୋଡ୍ ଶୀତଳ ଭଣ୍ଡାରର ମୋଟ ସଂଲଗ୍ନ ଲୋଡ୍‌ର ୨୦% ଅତିକ୍ରମ ନକରେ। ଯଦି ଖାଦ୍ୟ ପକ୍ରିୟାକରଣ ୟୁନିଟ୍‌ର ଲୋଡ୍ (ଶୀତଳ ଭଣ୍ଡାର ସଂରକ୍ଷଣ ୟୁନିଟ୍ ବ୍ୟତୀତ) ସଂଲଗ୍ନ ଲୋଡର ୨୦% ଅତିକ୍ରମ କରେ, ତେବେ ଶୀତଳ ଭଣ୍ଡାର ଏବଂ ଖାଦ୍ୟ ପ୍ରକିୟା କରଣ ୟୁନିଟ୍ ଦ୍ୱାରା ସମ୍ପୂର୍ଣ୍ଣ ବ୍ୟବହାର ପାଇଁ ସାଧାରଣ ଉଦ୍ଦେଶ୍ୟ କିମ୍ବା ଶିଳ୍ପ ଉଦ୍ଦେଶ୍ୟରେ ପ୍ରଯୁଜ୍ୟ ଶୁଳ୍କ ଆଦାୟ କରାଯିବ।

(୨୫) ଗ୍ରାମାଞ୍ଚଳ ଏଲଟି ଘରୋଇ ଉପଭୋକ୍ତା ଯେଉଁମାନେ ଉପଯୁକ୍ତ ମିଟର ମାଧ୍ୟମରେ ସେମାନଙ୍କର ବିଦ୍ୟୁତ୍ ବ୍ୟବହାର କରୁଥିବେ ଏବଂ ଠିକ୍ ସମୟରେ ବିଲ୍ ପୈଠ କରୁଥିବେ ସେମାନେ ପ୍ରଚଳିତ ପ୍ରୋତ୍ସାହନ ପେମେଣ୍ଟ ରିହାତି ସହିତ ୟୁନିଟ୍ ପ୍ରତି ୧୦ ପଇସା ଅତିରିକ୍ତ ରିହାତି ପାଇବେ।

(୨୬) ଏଲଟି ଘରୋଇ ଓ ସିଙ୍ଗିଲ୍ ଫେଜ୍ ସାଧାରଣ ଉଦ୍ଦେଶ୍ୟ ବର୍ଗର ଗ୍ରାହକ କେବଳ ଯେଉଁମାନେ ଡିଜିଟାଲ ମାଧ୍ୟମରେ ପେମେଣ୍ଟ କରୁଥିବେ ସେମାନେ ସମସ୍ତ ସାଧାରଣ ରିହାତି ବାଦ ବିଲ ଉପରେ ୪% ଅତିରିକ୍ତ ରିହାତି ପାଇବେ। ଯେଉଁ ଉପଭୋକ୍ତା ମାନେ ଅନ୍ୟ କୌଣସି ଆଉଟଲେଟ ଯଥା ଜନ ସେବାକେନ୍ଦ୍ର, ଓକାକ୍ ଇତ୍ୟାଦିରେ ଧାର୍ଯ୍ୟ ତାରିଖ ପୂର୍ବରୁ ସମଗ୍ର ବିଲ୍ ପୈଠ କରିଥିବେ ସେମାନେ ଏହି ରିହାତି ପାଇବାକୁ ଯୋଗ୍ୟ ହେବେ।

(୨୭) ପ୍ରିପେଡ଼ ରାଶି ଉପରେ ସମସ୍ତ ପ୍ରିପେଡ଼ ଗ୍ରାହକଙ୍କୁ ୪% ରିହାତି ଦିଆଯିବ।

(୨୮) ଯେଉଁ ଉପଭୋକ୍ତାମାନେ ଇ-ବିଲ୍ ଉପଲବ୍ଧ କରିବାକୁ ଚାହୁଁଥିବେ ସେମାନେ ପ୍ରତି ବିଲ୍ ଉପରେ ଟ.୧୦.୦୦ର ରିହାତି ପାଇବେ।

(୨୯) ଏଲଟି ସିଙ୍ଗିଲ୍ ଫେଜ୍ ଗ୍ରାହକଙ୍କୁ ମିଳୁଥିବା ଅନ୍ୟାନ୍ୟ ରିହାତି ବ୍ୟତୀତ ଆର୍ଥିକ ବର୍ଷ ଶେଷ (ମାର୍ଚ୍ଚ ମାସ ପାଇଁ ବିଲ୍) ରେ ଏକ ସ୍ୱତନ୍ତ୍ର ରିହାତି ପ୍ରଦାନ କରାଯିବ। ଯଦି ସେ ସମ୍ପୃକ୍ତ ଆର୍ଥିକ ବର୍ଷର ୧୨ ମାସର ବିଲ୍ ନିର୍ଦ୍ଧାରିତ ସିମୟ ମଧ୍ୟରେ ପୈଠ କରିଥିବେ ଠିକ୍ ସମୟରେ ବିଲ୍ ପୈଠ ଲାଗି ରିହାତି ପରିମାଣ ମାର୍ଚ୍ଚ ମାସର ରିହାତି ସହ ସମାନ ହେବ।

(୩୦) ଯେଉଁଠି ସମ୍ଭବ ସେଠାରେ ମାସିକ ରେକର୍ଡ଼ ପାଇଁ ଉପଭୋକ୍ତାଙ୍କ ଦ୍ୱାରା ଟ.୫୦୦/– ଦାଖଲ କରାଗଲେ ଏମଡ଼ି ପିଏଫ, ବାଧା ସଂଖ୍ୟା ଓ ସମୟ କାଳ ସଂକ୍ରାନ୍ତ ମିଟର ରେକଡରଏକ ପ୍ରିଣ୍ଟଆଉଟ୍ ରେକର୍ଡ଼ ଉପଭୋକ୍ତାଙ୍କୁ ଯୋଗାଇ ଦିଆଯିବ।

(୩୧) ସାର୍ବଜନୀନ ଚାର୍ଜିଂ ସିଷ୍ଟମ / ଷ୍ଟେସନ ଜରିଆର ବୈଦ୍ୟୁତିକ ଯାନର ଚାର୍ଜିଂ ସାଧାରଣ ଉଦ୍ଦେଶ୍ୟ (ଜିପି) ବର୍ଗ ଅଧୀନରେ ରହିବ ଏବଂ ୟୁନିଟ୍ ପିଛା ୫.୦୦ ଟଙ୍କା ମୂଲ୍ୟର ଏକକ ଅଂଶ ଶୁଳ୍କ ପ୍ରଯୁଜ୍ୟହେବ। ଏକ ପୃଥକ ସଂଯୋଗ ମାଧ୍ୟମରେ ଗୋଷ୍ଠୀ ହାଉସିଂ ସୋସାଇଟି ଦ୍ୱାରା ପ୍ରତିଷ୍ଠିତ ଚାର୍ଜିଂ ୟୁନିଟ୍‌କୁ ସର୍ବସାଧାରଣ ଚାର୍ଜିଂ ସିଷ୍ଟମ / ଷ୍ଟେସନ ଭାବେ ବିବେଚନା କରାଯିବ।

(୩୨) ଏଚ୍.ଟି କିମ୍ବା ଇ.ଏଚ୍.ଟି ସିଷ୍ଟମ ସହିତ ସଂଯୁକ୍ତ ମେଗା ଲିଫ୍ଟ ଗ୍ରାହକ (ଯେଁମାନେ ଜଳସେଚନ ଉଦ୍ଦେଶ୍ୟରେ ବିଦ୍ୟୁତ ବ୍ୟବହାର କରୁଛନ୍ତି ଏବଂ ନିୟମାବଳୀର ଜଳସେଚନ ପମ୍ପିଂ ଏବଂ କୃଷି ବର୍ଗରେ ଅନ୍ତର୍ଭୁକ୍ତ ନୁହଁନ୍ତି) ସେମାନଙ୍କୁ ଜି.ପି ଗ୍ରାହକ ଭାବରେ ବିଚେନା କରାଯିବ ଏବଂ ସେମାନେ ଡିମାଣ୍ଡ ଚାର୍ଜ ଦେବେ ନାହିଁ ଏବଂ ସୌର ଘଣ୍ଟା ସମୟରେ ପ୍ରତି ୟୁନିଟି (କେଭିଏଚ୍) ଟଙ୍କା ୨.୦୦ ଏବଂ ସୌର ଘଣ୍ଟା ବ୍ୟତୀତ ଅନ୍ୟ ଘଣ୍ଟା ସମୟରେ ପ୍ରତି ୟୁନିଟ୍ (କେ.ଭି.ଏଚ୍) ଟଙ୍କା ୧.୦୦ ଅତିରିକ୍ତ ରିହାତି ପାଇବେ।

(୩୩) ଉକ୍ତ ତାରିଫ୍ ଆଦେଶ୦୧.୦୪.୨୦୨୬ରେ ଅନୁମୋଦିତ ପ୍ରକାରେ ଅନ୍ୟାନ୍ୟ ଚାର୍ଜ ସହିତ ସଂଯୁକ୍ତ ଉକ୍ତ ତାରିଫ୍ ଅନୁମୋଦିତ ପ୍ରକାରେ ପ୍ରଯୁଜ୍ୟ ହେବ।

ବି.ଦ୍ର : ଓଡ଼ିଆ ଭାଷାରେ ପ୍ରକାଶିତ ବିଜ୍ଞପ୍ତିରେ କୌଣସି ଅସ୍ୱଚ୍ଛତା ପରିଲକ୍ଷିତ କ୍ଷେତ୍ରରେ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯାଇପାରେ।


# 'କଳା ରୁଦ୍ରମଣୀଙ୍କୁ ଭଜ ହେ' ଧ୍ୱନିରେ ପ୍ରକମ୍ପିତ ଦାଣ୍ଡ

ପୁରୁଷୋତ୍ତମପୁର/ଛତ୍ରପୁର,୨୫।୩ (ସବିତା ମିଶ୍ର/ଦିଲୀପ ସାମଲ): ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଗଣପର୍ବ ମା' ଦଣ୍ଡକାଳୀଙ୍କ ୨୧ଦିନିଆ ଦଣ୍ଡଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିଲାଗି ଗାଁରୁ ସହର ଜନଜଙ୍ଗଲ ହୋଇଉଠିଛି। ସମଗ୍ର ଜିଲ୍ଲାରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଢୋଲ, ଘଣ୍ଟ, ଝାଞ୍ଜ ଶବ୍ଦ ସହ କଳା ରୁଦ୍ରମଣିଙ୍କୁ ଭଜହେ ଧ୍ୱନିରେ ଗାଁ ଦାଣ୍ଡ କମ୍ପି ଉଠିଛି। ପ୍ରତ୍ୟେକ ନିଜ ଘର ସମ୍ମୁଖରେ ପୂର୍ଣ୍ଣକୁମ୍ଭ ବସାଇ ମା'ଙ୍କ ଶରଣାପନ୍ନ ହୋଇଛନ୍ତି। ଦଣ୍ଡବ୍ରତର ଧାର୍ମିକ ଭାବରେ ବିଶେଷ ମହତ୍ତ୍ୱ ରହିଥିବାବେଳେ ଏହାକୁ ପାଳନ କରିବା ବହୁ କଷ୍ଟସାଧ୍ୟ। ଏହି ବ୍ରତ ପାଳିଲେ ଅସାଧ୍ୟ କାର୍ଯ୍ୟ ସାଧିତ ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ଗଞ୍ଜାମ ଜିଲ୍ଲାରେ ୫ହଜାରୁ ଊର୍ଦ୍ଧ୍ୱ ଦଣ୍ଡଯାତ୍ରା ଦଳ ରହିଛି। ପୁରୁଷୋତ୍ତମପୁର ସହରରେ ୩ଟି ଦଣ୍ଡଯାତ୍ରା ଦଳ ଯଥା ଧୋବା ପୁଞ୍ଜା, ବିପରି ହାଣ୍ଡି ତେଲିଙ୍ଗା ଓ ଗୌଡ଼ ପୁଞ୍ଜା ଅଛନ୍ତି। ଏଥିରେ ଶତାଧିକ ସଂଖ୍ୟାରେ ମାନସିକଧାରୀମାନେ ଭୁକ୍ତା ଭାବରେ ସାମିଲ ହୋଇଛନ୍ତି। ଏମାନେ ୨୧ ଦିନ କାଳ କଷାବସ୍ତ୍ର ପରିଧାନ କରି ଶିବ କାଳୀଙ୍କୁ ସାଙ୍ଗରେ ଧରି ବିଭିନ୍ନ ଗାଁକୁ ଖାଲି ପାଦରେ ଚାଲିଚାଲି ଯାଇ ମାନସିକଧାରୀଙ୍କ ଦାଣ୍ଡରେ କଠୋର ନୃତ୍ୟ ପରିବେଷଣ କରିବେ। ମଧ୍ୟାହ୍ନରେ ତାଖରାରେ ଧୂଳିଦଣ୍ଡ, ଅପରାହ୍ନରେ ନଦୀ କିମ୍ବା ପୋଖରୀରେ ପାଣିଦଣ୍ଡ ଓ ଅର୍ଦ୍ଧ ରାତ୍ରରେ ଅଗ୍ନିଦଣ୍ଡ କରିବେ। ୨୧ ଦିନ ଧରି ଭୁକ୍ତାମାନେ ଆମ୍ବ ପତ୍ରରେ ଦାନ୍ତ ଘଷି, ଖୋଲା ଆକାଶତଳେ ଖରାବର୍ଷାରେ ନିର୍ଜନ ସ୍ଥାନରେ ରହି ଦିନକୁ ମାତ୍ର ଥରେ ନିଶାର୍ଦ୍ଧରେ ଅକଟା, ଅବଟା, ଅପୁଟା ଖାଦ୍ୟ ଖାଇବେ। ଆସନ୍ତା ମେଷ ସଂକ୍ରାନ୍ତିରେ ଯାତ୍ରା ଉଦଯାପନ ହେବ।


୨୧ ଦିନିଆ ଦଣ୍ଡଯାତ୍ରା ଆରମ୍ଭ

ସେହିପରି ଛତ୍ରପୁର ବ୍ଲକ ଲକ୍ଷ୍ମୀବାଗଁ ପାରମ୍ପରିକ ଦଣ୍ଡଯାତ୍ରା ଆରମ୍ଭ ହୋଇଛି । ଭୋରରେ ଭୁକ୍ତାମାନେ ପୋଖରୀକୁ ଯାଇ ସ୍ନାନାଦି କର୍ମ ସାରିବା ପରେ ଗ୍ରାମ ପରିକ୍ରମା କରିବା ପରେ ଦଣ୍ଡକାଳୀ ମନ୍ଦିରକୁ ଆସିଥିଲେ । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ବୁଲି ଧୂଳିଦଣ୍ଡ ଏବଂ ସନ୍ଧ୍ୟା ଆଳତି ଦେଖିଥିଲେ। ବ୍ଲକର ଅନ୍ୟାନ୍ୟ ସ୍ଥାନରେ ପର୍ଯ୍ୟାୟ କ୍ରମେ ଏହି ଯାତ୍ରା ଆରମ୍ଭ ହେବ।

# କାଳବୈଶାଖୀ ପ୍ରଭାବରେ ଝଡ଼ବର୍ଷା
## ବସ୍ ଉପରେ ଭାଙ୍ଗିପଡ଼ିଲା ଗଛଡାଳ

ଦିଗପହଣ୍ଡି,୨୫।୩(ଅଶୋକ ନାଥ ମିଶ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ସହର ସମେତ ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନ ପ୍ରାୟ ସାଢ଼େ ୧ଟାରୁ ସାଢ଼େ ୩ ଯାଏ ୨ ଘଣ୍ଟା ଘଣ୍ଟାଏ ଧରି କାଳ ବୈଶାଖୀ ପ୍ରଭାବରେ ଝଡ଼ ବର୍ଷା ହୋଇଛି। ଘନ ଘନ ବଜ୍ରପାତ ସାଙ୍ଗକୁ ଝଡ଼ ବର୍ଷା ହେତୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ବଜ୍ରପାତ ସାଙ୍ଗକୁ କୁଆପଥର ବର୍ଷା ହୋଇଥିଲା। ଦିଗପହଣ୍ଡିରୁ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମ ଅଭିମୁଖେ ଯାଉଥିବା ରାଜ୍ୟ ସଡ଼କ ପରିବହନ ନିଗମର ମୁଖ୍ୟମନ୍ତ୍ରୀ ବସ୍ ସେବା (ନଂ. ଓଡ଼ି ୩୨ ଜେ-୮୭୦୭) ବସ୍ ଉପରେ ଗାଁ ଉପକଣ୍ଠରେ ଏକ ବିରାଟକାୟ ଗଛ ଡାଳ ଭାଙ୍ଗିପଡ଼ିଛି। ଫଳରେ ବସ୍‌ଟି ଭାଙ୍ଗିରୁଛି କ୍ଷତି ହୋଇଛି। ଏଥିରେ ଥିବା ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଭୟଭୀତ ହୋଇ ଚିତ୍କାର କରିଥିଲେ। ଚାଳକ ବ୍ରହ୍ମାନନ୍ଦ ପଣ୍ଡା ଏବଂ କର୍ମଚାରୀ ଯାତ୍ରୀମାନଙ୍କୁ ସୁରକ୍ଷିତ ଅବସ୍ଥାରେ ବସ୍ ମଧ୍ୟରୁ ତଳକୁ ଓହ୍ଲାଇ ଦେଇଥିଲେ। ଏହା ଦ୍ୱାରା ଯାତ୍ରୀମାନେ ଏକ ଆସନ୍ନ ବିପଦରୁ ବର୍ତ୍ତିଯାଇଥିଲେ। ବର୍ଷା ଓ କୁଆପଥର ମାଡରେ ଗ୍ରାମାଞ୍ଚଳରେ ବହୁ ସଂଖ୍ୟକ ଚାଷୀଙ୍କ ପନିପରିବା ଓ ଆମ୍ବ ଝଡି ପଡ଼ିଥିବା ଜଣାପଡ଼ିଛି।

# ଜୟପୁର କଲୋନୀ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଟପୁର,୨୫।୩(ସିମାଞ୍ଚଳ ସାହୁ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଗଙ୍ଗାପୁର ପଞ୍ଚାୟତର ଜୟପୁର କଲୋନୀ ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଛି। ମଙ୍ଗଳ ସାମ୍ପ୍ରସାରଣ ଅଧିକାରୀ ଅନ୍ତର୍ଯାମୀ ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗଙ୍ଗାପୁର ସରପଞ୍ଚ ମିଥୁନ ସେଠୀ ଏବଂ ସମିତିସଭ୍ୟ ବୁଲୁ ସେଠୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଆପତୋ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡ଼ା. ବାହାନ ଦାସ, ସ୍ଥାନୀୟ ୱାର୍ଡ ମେମ୍ବର ତଥା ନାଏବ ସରପଞ୍ଚ ଜୟନ୍ତୀ ନାୟକ ଏବଂ ବଡ଼ଖଳୀ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନ୍ତ୍ୟମ ଅତିଥି ରୂପେ ଉପସ୍ଥିତ ଥିଲେ। ଜୀବନରେ ଜଣେ ଆଦର୍ଶ ଛାତ୍ରାଛାତ୍ରୀ ରୂପେ ନିଜକୁ ଗଢି ତୋଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବାବା ପ୍ରସାଦ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଦୁଃଖୀ ଚରଣ ଦଳେଇ ଅତିଥି ପରିଚୟ ଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମାଧବ ବେହେରା, ଅନିଲ ପ୍ରଧାନ, ଶିକ୍ଷୟତ୍ରୀ ଲିଲି ନାୟକ, ଏଏନଏମ୍ ହେମଲତା ପଣ୍ଡା ଓ ସରସ୍ୱତୀ ଦାସ ସହଯୋଗ କରିଥିଲେ।

# ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଆଲୋଚନାଚକ୍ର

ବେଲଗୁଣ୍ଠା,୨୫।୩(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ କାବ୍ୟ ବୈଦେହୀଶ ବିଳାଶ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅଧକ୍ଷ ଅଜିତ୍ ପଟ୍ଟନାୟକ ସଭାପତିତ୍ୱ କରିଥିବା ଏହି ଆଲୋଚନା ଚକ୍ରରେ ମୁଖ୍ୟଅତିଥି ତଥା ଆଲୋଚକ ଭାବେ ଅବସରପ୍ରାପ୍ତ ଶିକ୍ଷକ ଓ ଭଞ୍ଜ ଗବେଷକ କାମରାଜୁ ସାହାଣୀ ଯୋଗ ଦେଇ କାବ୍ୟ ବୈଦେହୀଶ ବିଳାଶ ସଂପର୍କରେ ଆଲୋଚନା କରି ସମ୍ମତ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସପନ ପଟ୍ଟନାୟକ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଶୋକ ସ୍ୱାଇଁ, ଅଧ୍ୟାପକ ଅଜୟ ବିଶ୍ୱାଳ, ସନ୍ତୋଷ ପ୍ରାଣିଗ୍ରାହୀ, ଡ଼.ପ୍ରଫୁଲ୍ଲ ଜେନା, ଅଶୋକ ପ୍ରଧାନ, ଅଧ୍ୟାପିକା ପିଙ୍କି ପାତ୍ର, ଲକ୍ଷ୍ମୀ ଗୌଡ଼ ଏବଂ କ୍ରୀଡ଼ା ଶିକ୍ଷକ ବିଶ୍ୱରଞ୍ଜନ ସ୍ୱାଇଁ, ଗ୍ରନ୍ଥାଗାରିକ ରଞ୍ଜିତ ସାମଲ ଉପସ୍ଥିତ ଥିଲେ। ଅଧ୍ୟାପକ ସପନ ପଟ୍ଟନାୟକ ଅତିଥି ପରିଚୟ ସହ ବୈଦେହୀଶ ବିଳାଶ କାବ୍ୟ ସଂପର୍କରେ ସମ୍ୟକ ଆଲୋଚନା କରିଥିଲେ। ଆଲୋଚନା ଚକ୍ରରେ ଓଡ଼ିଆ ବିଭାଗର ବହୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ ।

# ଜଙ୍ଗଲରୁ ୪୦୫୬ କେଜି ଗଞ୍ଜେଇ ଜବତ
## ବାହାର ରାଜ୍ୟକୁ ଚାଲାଣ ପାଇଁ ଲୁଚେଇ ରଖିଥିଲେ ଗଞ୍ଜେଇ ମାଫିଆ

ବାଲିଗୁଡ଼ା,୨୫।୩(ସଞ୍ଜୟ କୁମାର ପାଣିଗ୍ରାହୀ): କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ପୋଲିସ ଦୁଇଦିନରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୪୦୫୬ କେଜି ଗଞ୍ଜେଇ ଜବତ ପୋଲିସ କରିଛି । ଏସ୍‌ପି ହରିଶ ବିଶ୍ୱକ ନିର୍ଦ୍ଦେଶରେ ମଙ୍ଗଳବାର ପୋଲିସ ପକ୍ଷରୁ ବାଲିଗୁଡ଼ା ଥାନା ଅନ୍ତର୍ଗତ ବାରଖମା ଫାଣ୍ଡି ଅଞ୍ଚଳର ଜଙ୍ଗଲ ଅଞ୍ଚଳରେ ସ୍ୱତନ୍ତ୍ର ଟିମ ପାଟ୍ରୋଲିଂ କରୁଥିବା ବେଳେ ଗଚ୍ଛିତ ଥିବା ୨୦୧୫ କେଜି ବେଆଇନ ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ନଂ.୭୫/୨୬ରେ ଏକ ମାମଲା ରୁଜୁ ହୋଇଛି। ପୁଣି ବୁଧବାର ଲଣ୍ଡାଗାଁ ପଞ୍ଚାୟତ ଜଙ୍ଗଲ ଅଞ୍ଚଳରୁ ଗଚ୍ଛିତ ଥିବା ୨୦୪୧ କେଜି ଗଞ୍ଜେଇ ଜବତ କରି ଏକ ମାମଲା ନଂ. ୭୬/୨୬ ରୁଜୁ କରିଛି। କେହି ଗଞ୍ଜେଇ ବ୍ୟବସାୟୀ ଏହି ବେଆଇନ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ପାଇଁ ଗଚ୍ଛିତ ରଖି ଥିବା ପୋଲିସ ସନ୍ଦେହ କରୁଥିବା ଥାନା ଅଧିକାରୀ ଶିବରଞ୍ଜନ ସିଂହ କହିଛନ୍ତି।

# ଭଡ଼ାଘରେ ସେକ୍ସ ରାକେଟ:୨ ଯୁବତୀ ଉଦ୍ଧାର, ୩ ଯୁବକ ଅଟକ

ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ): ନିମଖଣ୍ଡି ଥାନା ପୋଲିସ ବୁଧବାର ରାତି ସାଢ଼େ ୮ଟାରେ ଭାବିନୀପୁର ଅମରାବତୀ ନଗରରେ ଏକ ଭଡ଼ାଘରରେ ଚଢ଼ାଉ କରିଛି। ଉକ୍ତ ଘରେ ସେକ୍ସ ରାକେଟ ଚାଲିଥିବା ସୂଚନା ପରେ ଚଢ଼ାଉ ଅବସରରେ ଥିବା ୨ ଯୁବତୀଙ୍କୁ ଉଦ୍ଧାର କରିବା ସହ ୩ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ କରୁଛି। ଯୁବତୀ ଦ୍ୱୟଙ୍କୁ ସଖୀ କେନ୍ଦ୍ରରେ ରଖାଯିବ ବୋଲି ପୋଲିସ କହିଛି। ଅଟକ ଯୁବକ ମଧ୍ୟରେ ୨ଜଣ ଆନ୍ଧ୍ରପ୍ରଦେଶ ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ଯୁବକ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରୁ ୨ଟି ବାଇକ, କଣ୍ଡୋମ ଓ ଅନ୍ୟାନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଛି।


## ବିଜ୍ଞାପିତ ଅଞ୍ଚଳ ପରିଷଦ, ବାଲିଗୁଡ଼ା

(୧) ସହରର ସମସ୍ତ ସାହି ଓ ରାସ୍ତା ସଫା ରଖିବା ସହ ପରିବେଶ ପରିଷ୍କାର ରଖନ୍ତୁ । (୨) ଘରେ ସମସ୍ତ ଓଦା ଓ ଶୁଖିଲା ଅଳିଆକୁ ପୃଥକ ଭାବେ ପରିଷଦର ସ୍ୱଚ୍ଛ ବାହାନ ଗାଡିରେ ଦିଅନ୍ତୁ । (୩) ବାହ୍ୟ ମଳ ତ୍ୟାଗ କରାନ୍ତୁ ନାହିଁ । (୪) ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କରନ୍ତୁ ନାହିଁ । (୫) ଗଛଟିଏ ଲଗାନ୍ତୁ ଓ ପରିବେଶ ବଞ୍ଚାନ୍ତୁ । (୬) ଆପଣମାନଙ୍କଠାରୁ ସଂଗୃହୀତ ହେଉଥିବା ଅଳିଆରୁ ଉତ୍କୃଷ୍ଟମାନର ଜୈବିକ ଖତ ପ୍ରସ୍ତୁତ ହେଉଅଛି, ଏହାର ଉପଯୋଗ କରନ୍ତୁ । (୭) ନୂତନ ଘର ନିର୍ମାଣ କରିବା ପୂର୍ବରୁ ଗୃହର ନକ୍ସା ପରିଷଦଠାରୁ ମଞ୍ଜୁର କରାଇ ନିଅନ୍ତୁ ଏବଂ ଗୃହ ସମାପ୍ତ ପରେ ତାହାକୁ ପଞ୍ଜୀକରଣ କରାଇନିଅନ୍ତୁ । (୮) ଗୃହପାଳିତ ପଶୁମାନଙ୍କୁ ଅନଧିକାର ଭାବେ ରାସ୍ତା ଉପରକୁ ଛାଡନ୍ତୁ ନାହିଁ । (୯) ବର୍ଷା ଜଳ ସଂରକ୍ଷଣ ପାଇଁ ନିଜ ଗୃହ ଓ ପରିପାର୍ଶ୍ୱରେ ବୃକ୍ଷରୋପଣ କରନ୍ତୁ । (୧୦) ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ ପାଇଁ ଟ୍ରେଡ ଲାଇସେନ୍ସ କରାଇନିଅନ୍ତୁ । (୧୧) ବିଭିନ୍ନ ଟିକସ ଯଥା– Holding Tax, User Fee, Trade License ଠିକ୍ ସମୟରେ ପଇଠ କରନ୍ତୁ । (୧୨) ସ୍ୱଚ୍ଛ ବାଲିଗୁଡା ଓ ସୁସ୍ଥ ବାଲିଗୁଡା ଗଠନରେ ସହାୟକ ହୁଅନ୍ତୁ ।

| ସ୍ୱା./- | ସ୍ୱା./- | ସ୍ୱା./- |
|---|---|---|
| ଶ୍ରୀ ଗୋବିନ୍ଦ ଚନ୍ଦ୍ର ପ୍ରଧାନ | ଶ୍ରୀମତୀ ଶାନ୍ତି କୁମାରୀ ନାୟକ | ଶ୍ରୀଯୁକ୍ତ ବିବେକାନନ୍ଦ ଦଳାଇ |
| ଅଧ୍ୟକ୍ଷ | ଉପାଧ୍ୟକ୍ଷା | କାର୍ଯ୍ୟନିର୍ବାହୀ ଅଧିକାରୀ |















# ରାଜ୍ୟରେ ତ୍ୱରାନ୍ୱିତ ହେବ ପିଏନ୍‌ଜି ସଂଯୋଗ

## ସରଳ ହେଲା ସହରୀ ଗ୍ୟାସ୍ ଭିତ୍ତିଭୂମି ଅନୁମୋଦନ ପ୍ରକ୍ରିୟା

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

ଓଡ଼ିଶାର ସହରାଞ୍ଚଳରେ ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣକୁ ଶୀଘ୍ର ଶେଷକରିବା ପାଇଁ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସିଟି ଗ୍ୟାସ୍ ବିତରଣ ପ୍ରକଳ୍ପଗୁଡ଼ିକର ଅନୁମୋଦନ ପ୍ରକ୍ରିୟାକୁ ସରଳ ଏବଂ ତ୍ୱରାନ୍ୱିତ କରିବା ପାଇଁ ବିଭାଗ ପକ୍ଷରୁ ଏକ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ଗ୍ୟାସ୍‌ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେବା ଏବଂ ସହରାଞ୍ଚଳରେ ସ୍ୱଚ୍ଛ ତଥା ଜାଳେଣିର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ନିର୍ଦ୍ଦେଶାନୁସାରେ, ଭୂତଳ ପାଇପଲାଇନ ବିଛାଇବା ଏବଂ ଅନ୍ୟାନ୍ୟ ସିଟିଜି ଭିତ୍ତିଭୂମି ନିର୍ମାଣ ପାଇଁ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ବା ୟୁଏଲ୍‌ବିଗୁଡ଼ିକ କୌଣସି ଅନୁମତି ଶୁଳ୍କ ବା ପରମିଶନ ଫି ଆଦାୟ କରିବେ ନାହିଁ। ଏଥିସହ ଚାଲୁ ରହିଥିବା କିମ୍ବା ପୂର୍ବରୁ ମଞ୍ଜୁର ହୋଇଥିବା କାର୍ଯ୍ୟ ପାଇଁ କୌଣସି ନୂତନ ଅନୁମତିର ଆବଶ୍ୟକତା ପଡ଼ିବ ନାହିଁ, ଯାହାଦ୍ୱାରା ପ୍ରଶାସନିକ ବିଳମ୍ବ ଦୂରହେବ ଏବଂ ପ୍ରକଳ୍ପ କାର୍ଯ୍ୟ ନିରନ୍ତର ଭାବେ ଜାରି ରହିବ। ପ୍ରକଳ୍ପର ଅଗ୍ରଗତିକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ସମୟବଦ୍ଧ ଅନୁମୋଦନ ଉପରେ ଗୁରୁତ୍ୱ ଦେଇଛନ୍ତି ଏବଂ ସମସ୍ତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆବେଦନଗୁଡ଼ିକର ତୁରନ୍ତ ଫଇସଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ସିଜିଡି ପ୍ରକଳ୍ପ କାର୍ଯ୍ୟକୁ ବାଧାମୁକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ସମୟରେ ରାଜପଥ ବା ରାସ୍ତା ଖୋଳିବା ଉପରେ ଥିବା କଟକଣାକୁ ମଧ୍ୟ କୋହଳ କରାଯାଇଛି। କାର୍ଯ୍ୟକାରିତାକୁ ସହଜ କରିବା ସହ ଏହି ପ୍ରକ୍ରିୟାରେ ଉତ୍ତରଦାୟିତ୍ୱକୁ ମଧ୍ୟ ନିଶ୍ଚିତ କରାଯାଇଛି। ସମ୍ପୃକ୍ତ ସିଜିଡି ସଂସ୍ଥାଗୁଡ଼ିକ ନିଜ ଖର୍ଚ୍ଚରେ ଏବଂ ନିର୍ଦ୍ଧାରିତ ମାନଦଣ୍ଡ ଅନୁଯାୟୀ ରାସ୍ତା ଓ ଅନ୍ୟାନ୍ୟ ଭିତ୍ତିଭୂମିର ପୁନରୁଦ୍ଧାର ବା ରେଷ୍ଟୋରେଶନ କରିବାକୁ ବାଧ୍ୟ ରହିବେ। ରାଜ୍ୟରେ ସିଜିଡି ସମ୍ପର୍କିତ କାର୍ଯ୍ୟର ସମନ୍ୱୟ ଏବଂ ଅନୁଧ୍ୟାନ ପାଇଁ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କୁ ନୋଡାଲ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକର ସଫଳ ରୂପାୟନ ପାଇଁ ପୂର୍ତ୍ତ ବିଭାଗ, ଜଳ ସମ୍ପଦ, ଶକ୍ତି ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପୂର୍ଣ୍ଣ ସହଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏହି ସମସ୍ତ ପଦକ୍ଷେପ ଜୁନ୍ ୩୦ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ପଦକ୍ଷେପ ଓଡ଼ିଶାରେ ପିଏନ୍‌ଜି ସଂଯୋଗକୁ ବଢ଼ାଇବା ସହ ଏକ ସ୍ଥାୟୀ ଏବଂ ଶକ୍ତି-ଦକ୍ଷ ଭବିଷ୍ୟତ ଗଢ଼ିବାରେ ସହାୟକ ହେବ।

# ୨୭ରୁ ଆଇଆଇଏମ୍‌ଟିଏଫ୍, ହୋମ୍ ଆଣ୍ଡ ଡେକୋର ଏକ୍ସପୋ

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)




ଜିଏସ୍ ମାର୍କେଟିଂ ଆସୋସିଏଟସ୍ ଏବଂ ଓଡ଼ିଶା ଡେଭେଲପର୍ସ ଫେଡେରେଶନ (ଓଡେଫେଡ୍) ପକ୍ଷରୁ ୧୯ତମ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର (ଆଇଆଇଏମ୍‌ଟିଏଫ୍) ଏବଂ ହୋମ ଆଣ୍ଡ ଡେକୋର ଏକ୍ସପୋ, ଭୁବନେଶ୍ୱରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପ୍ରଦର୍ଶନୀ ମାର୍ଚ୍ଚ ୨୭ରୁ ଏପ୍ରିଲ ୫, ୨୦୨୬ ପର୍ଯ୍ୟନ୍ତ ଜନପଥସ୍ଥିତ ୟୁନିଟ୍-୩ର ଇଡ୍‌କୋ (ଇଡ୍‌କୋ) ପ୍ରଦର୍ଶନୀ ପଡ଼ିଆରେ ଅନୁଷ୍ଠିତ ହେବାକୁ ଯାଉଛି। ଉକ୍ତ ପ୍ରଦର୍ଶନୀ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଆସନ୍ତା ୨୭ ମାର୍ଚ୍ଚରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଉଦ୍‌ଘାଟନ ହେବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଧାୟକ ବାବୁ ସିଂ, ଭାଜପା ନେତା ଇଂ. ଜଗନ୍ନାଥ ପ୍ରଧାନ, ବିଏମ୍‌ସି କମିଶନର ଚଞ୍ଚଳ ରାଣା ପ୍ରମୁଖ ଯୋଗଦେବେ। ଏହି ପାଭିଲିୟନର ଲକ୍ଷ୍ୟ ହେଉଛି ପ୍ରମୁଖ ରିଅଲ ଇଷ୍ଟେଟ ଡେଭେଲପର, ସମ୍ଭାବ୍ୟ ଗୃହ କ୍ରେତା ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ଏକ ମଞ୍ଚକୁ ଆଣିବା। ଫଳରେ ଓଡ଼ିଶାର ରିଅଲ ଇଷ୍ଟେଟ କ୍ଷେତ୍ରରେ ବ୍ୟବସାୟିକ ସୁଯୋଗ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହନ ମିଳିପାରିବ। ଏହି କାର୍ଯ୍ୟକ୍ରମରେ ୪୦ରୁ ଅଧିକ ରିଅଲ ଇଷ୍ଟେଟ ସଂସ୍ଥା ଅଂଶ ଗ୍ରହଣ କରୁଛନ୍ତି ଏବଂ ମିଳିତ ଭାବେ ୧୦୦ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶିତ କରିବେ। ବୁଧବାର ପ୍ରେସ୍ କ୍ଲବ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଓଡେଫେଡ୍ ସମ୍ପାଦକ ଇଂ. ଉମେଶ ପଟ୍ଟନାୟକ ଏନେଇ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡେଫେଡ୍‌ର ଉପସଭାପତି ସୂର୍ଯ୍ୟକାନ୍ତ ନନ୍ଦ, ଜିଏସ୍ ମାର୍କେଟିଂ ଆସୋସିଏଟସ୍‌ର ସଭାପତି ଅମିତାଭ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍‌ଟ୍ରାଟେକ୍ ସିମେଣ୍ଟ ପକ୍ଷରୁ ୭୬ ୟୁନିଟ୍ ରକ୍ତ ସଂଗ୍ରହ



ଖୁଣ୍ଟୁଣୀ,୨୫।୩(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲ୍ଲା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଖମାର ନୂଆଗାଁଠାରେ ଦେଶର ଅଗ୍ରଣୀ ଶିଳ୍ପ ଗୋଷ୍ଠୀ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଅଲ୍‌ଟ୍ରାଟେକ୍ ସିମେଣ୍ଟ କଟକ ୟୁନିଟ୍ ପକ୍ଷରୁ ମଙ୍ଗଳବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିରକୁ ଅଲ୍‌ଟ୍ରାଟେକ୍ ସିମେଣ୍ଟ କଟକ ୟୁନିଟ୍ ମୁଖ୍ୟ ଅବିନାଶ ରଥ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଅଲ୍‌ଟ୍ରାଟେକ୍ ସିମେଣ୍ଟ ପ୍ଲାଣ୍ଟର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ଶ୍ରମିକମାନେ ରକ୍ତଦାନ କରିଥିଲେ। ଶିବିରକୁ ପ୍ଲାଣ୍ଟର ଅଧିକାରୀ ଅଭିଷେକ ମହାନ୍ତି, ଅଜୟ ଶ୍ରୀବାସ୍ତବ, ସତ୍ୟେନ୍ଦ୍ର ଯାଦବ, ଦେବାଶିଷ ପଟ୍ଟନାୟକ, କୌଶିକ ରାଉତରା, ପ୍ରମୋଦ ମହାରଣା, ସୁରେଶ ସାମଲ, ଲିନା ଶ୍ରେଷ୍ଠା ପ୍ରମୁଖ ପରିଚାଳନା କରିଥିଲେ। ଶିବିରରୁ ମୋଟ ୭୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କଟକ ରେଡ଼କ୍ରସ୍ ରକ୍ତ ଭଣ୍ଡାରର ରକ୍ତ ସଂଗ୍ରହକାରୀ ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସିମେଣ୍ଟ ପ୍ଲାଣ୍ଟ ମଧ୍ୟରେ ଥିବା ଆଶ୍ୱ ଚିକିତ୍ସା କେନ୍ଦ୍ରର ଡା. ଶୈଳେଶ ରଞ୍ଜନ ପଣ୍ଡା, ଫାର୍ମାସିଷ୍ଟ ଜୀବନ କୃଷ୍ଣ ମଲ୍ଲିକ, ସୁବାଶିଷ ରାଉତ, ବିଦ୍ୟାରଞ୍ଜନ ସାହୁ ଓ ପରମାନନ୍ଦ ମୁଦୁଲି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଅରୁନ୍ଧତୀର 'ଆଡ୍‌ଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ' ଅଫର

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

Arundhati JEWELLERS ODISHA'S LARGEST JEWELLERY BRAND

ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ଅକ୍ଷୟ ତୃତୀୟା ଅବସରରେ ସ୍ୱତନ୍ତ୍ର ସ୍ୱର୍ଣ୍ଣ ଅକ୍ଷୟ ଅଫର ଘୋଷଣା କରାଯାଇଛି। ଏଥିରେ ଗ୍ରାହକ 'ଆଡ୍‌ଭାନ୍ସ ଫ୍ଲେକ୍ସି ଗୋଲ୍ଡ ବୁକିଂ'ର ସୁବିଧା ପାଇପାରିବେ। ମାର୍ଚ୍ଚ ୧୮ରୁ ଆରମ୍ଭ ହୋଇଥିବା ଏହି ଅଫର ଏପ୍ରିଲ ୧୫ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ଅଫର୍ ଜରିଆରେ ଗ୍ରାହକମାନେ ମାତ୍ର ୧୦% ଅଗ୍ରିମ ମୂଲ୍ୟ ଦେଇ ନିଜ ପସନ୍ଦର ଗହଣା ବୁକିଂ କରିବା ସହ ସୁନାର ସର୍ବନିମ୍ନ ବଜାର ଦରର ଲାଭ ପାଇପାରିବେ। ଏହା ସହିତ ପ୍ରତ୍ୟେକ ଫ୍ଲେକ୍ସି ବୁକିଂ ଉପରେ ଗ୍ରାହକମାନେ ସୁନିଶ୍ଚିତ ହୀରାମୁଦି କିମ୍ବା ସ୍ୱର୍ଣ୍ଣମୁଦ୍ରା କିମ୍ବା ରୁପାମୁଦ୍ରା ଭଳି ଆକର୍ଷଣୀୟ ଉପହାର ମଧ୍ୟ ପାଇପାରିବେ। ଏହି ଅଫରର ମୁଖ୍ୟ ବିଶେଷତ୍ୱ ହେଉଛି ସୁନାଗହଣା ନେବା ସମୟରେ ବଜାରରେ ସୁନା ଦର ହ୍ରାସ, ତେବେ ଗ୍ରାହକଙ୍କୁ ବୁକିଂ ଦିନର କମ୍ ଦର ଦେବାକୁ ପଡ଼ିବ। ଅନ୍ୟପଟେ ଯଦି ସୁନା ଦର କମିଥାଏ ତେବେ ଗ୍ରାହକମାନେ କମିଥିବା ନୂଆ ଦରରେ ନିଜର ଅଳଙ୍କାର କିଣିପାରିବେ। ଏହି ଅବସରରେ ଅରୁନ୍ଧତୀ ଗ୍ରୁପ୍ ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ବର୍ତ୍ତମାନ ସମୟରେ ସୁନାଦରରେ ଦେଖାଯାଉଥିବା ଅସ୍ଥିରତା ଗ୍ରାହକଙ୍କ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଅକ୍ଷୟ ତୃତୀୟା ଅବସରରେ ଗ୍ରାହକଙ୍କୁ କୌଣସି ଆର୍ଥିକ କ୍ଷତିର ସମ୍ମୁଖୀନ ହେବାକୁ ନ ପଡୁ, ଏହା ହିଁ ଆମର ମୁଖ୍ୟ ଲକ୍ଷ୍ୟ।

# ମେରିଲର ଭାପି କ୍ୟାମ୍ପସ ପରିଦର୍ଶନ କଲେ ଧୋନି

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)



ମେରିଲର ଭାପିସ୍ଥିତ ବିଶ୍ୱ ମୁଖ୍ୟାଳୟକୁ ଭାରତର ପୂର୍ବତନ କ୍ରିକେଟ ଅଧିନାୟକ ଏମ୍.ଏସ୍. ଧୋନି ପରିଦର୍ଶନ କରିଛନ୍ତି। ଏ ଅବସରରେ ଧୋନି କହିଛନ୍ତି, ପିଲାଦିନ ଅବସର ନ ନେବା ଉଚିତ। ମେରିଲର ଦେଶବ୍ୟାପୀ ଜନସ୍ୱାସ୍ଥ୍ୟ ଅଭିଯାନ 'ଟ୍ରିମେଣ୍ଟ ଜରୁରୀ ହୈ' ସମୟୋଚିତ ରୋଗ ନିର୍ଣ୍ଣୟ ଏବଂ ଉନ୍ନତ ଚିକିତ୍ସା ପଦ୍ଧତିଗୁଡ଼ିକର ଉପଲବ୍ଧତା ବିଷୟରେ ସଚେତନତା ବୃଦ୍ଧି କରିବା ପାଇଁ ଆରମ୍ଭ କରାଯାଇଥିଲା। ଏହି ଅଭିଯାନ ଗୁରୁତ୍ୱାରୋପ କରେ ଯେ ଶୀଘ୍ର ଚିହ୍ନଟ, ପ୍ରତିରୋଧକ ସ୍କ୍ରିନିଂ ଏବଂ ଅଭିନବ ଚିକିତ୍ସା ବିକଳ୍ପଗୁଡ଼ିକର ଉପଲବ୍ଧତା ହୃଦ୍‌ରୋଗ, ଅଷ୍ଟିଓଆର୍ଥ୍ରାଇଟିସ ଏବଂ ଅନ୍ୟାନ୍ୟ ବୟସ ସମ୍ବନ୍ଧୀୟ ରୋଗରେ ଫଳାଫଳକୁ ଯଥେଷ୍ଟ ଉନ୍ନତ କରିପାରିବ। ଅଭିଯାନର ଗଭୀର ଉଦ୍ଦେଶ୍ୟ ବିଷୟରେ କହି ଧୋନି ଗୁରୁତ୍ୱାରୋପ କରି କହିଛନ୍ତି, ମୁଁ ସବୁବେଳେ ବିଶ୍ୱାସ କରିଆସିଛି ଯେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ନିଜ ପାଇଁ ଏବଂ ଆପଣଙ୍କୁ ଭଲ ପାଉଥିବା ଲୋକଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ମଧ୍ୟରୁ ଗୋଟିଏ। ଆମ ସମସ୍ତଙ୍କର, ବିଶେଷକରି ଯୁବପିଢ଼ିଙ୍କର ଏକ ଦାୟିତ୍ୱ ଅଛି ଯେ ଆମର ପିତାମାତା ଏବଂ ଜେଜେ ମା'ଜେଜେ ବାପା ସେମାନେ ଯେଉଁ ଯତ୍ନ, ଧ୍ୟାନ ଏବଂ ସମର୍ଥନ ପାଇବାକୁ ହକଦାର, ତାହା ଯେପରି ପାଆନ୍ତି। ଇଣ୍ଡିଆନ କାଉନସିଲ ଅଫ୍ ମେଡିକାଲ ରିସର୍ଚ୍ଚ ଏବଂ ଗ୍ଲୋବାଲ ବର୍ଡେନ ଅଫ୍ ଡିଜିଜ୍ ଅଧ୍ୟୟନ ଅନୁଯାୟୀ, ଭାରତରେ ହେଉଥିବା ସମସ୍ତ ମୃତ୍ୟୁର ପ୍ରାୟ ୨୮% ହୃଦ୍‌ରୋଗ ପାଇଁ ଦାୟୀ, ଯାହା ଏଗୁଡ଼ିକୁ ଦେଶର ମୃତ୍ୟୁର ପ୍ରମୁଖ କାରଣ କରିଥାଏ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ରିପୋର୍ଟ କରିଛି ଯେ ୨୫%ରୁ ଅଧିକ ଭାରତୀୟ ବୟସ୍କ ବର୍ତ୍ତମାନ ଅଧିକ ଓଜନ କିମ୍ବା ମେଦବହୁଳ। ଏହି କାରଣଗୁଡ଼ିକ ଗତିଶୀଳତା ସମ୍ବନ୍ଧୀୟ ବ୍ୟାଧିରେ ବୃଦ୍ଧି ପାଇଁ ମଧ୍ୟ ଅବଦାନ ରଖୁଛି– ଇଣ୍ଡିଆନ ଜର୍ଣ୍ଣାଲ ଅଫ୍ ଅର୍ଥୋପେଡିକ୍ସ ଏବଂ ଏନ୍‌ଆଇଏଚ୍ ଗବେଷଣା ଡାଟାବେସ୍‌ରେ ପ୍ରକାଶିତ ଅଧ୍ୟୟନ ଆକଳନ କରିଛି ଯେ ଆଣ୍ଠୁ ଅଷ୍ଟିଓଆର୍ଥ୍ରାଇଟିସ ଭାରତରେ ପ୍ରାୟ ୪ ଜଣ ବୟସ୍କଙ୍କ ମଧ୍ୟରୁ ୧ ଜଣଙ୍କୁ ପ୍ରଭାବିତକରେ। ଏହାକୁ ଅକ୍ଷମତାର ଏକ ପ୍ରମୁଖ କାରଣ ଏବଂ ଦେଶରେ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାରର ଏକ ପ୍ରମୁଖ ବାହକ କରିଥାଏ।

# ହୋଟେଲ, ରେଷ୍ଟୁରାଣ୍ଟରେ 'ଏଲ୍‌ପିଜି ଚାର୍ଜ' ନେବା ବେଆଇନ

## ନିଷେଧାଦେଶ ଲାଗୁକଲେ କେନ୍ଦ୍ର ସରକାର

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

କେନ୍ଦ୍ରୀୟ ଗ୍ରାହକ ସୁରକ୍ଷା ପ୍ରାଧିକରଣ (ସିସିପିଏ), ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକ ଦ୍ୱାରା ଗ୍ରାହକଙ୍କ ବିଲ୍‌ରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ସରଚାର୍ଜ ଏବଂ ଇନ୍ଧନ ମୂଲ୍ୟ ଭରଣା ଭଳି ଅତିରିକ୍ତ ଶୁଳ୍କ ଆଦାୟକୁ ବେଆଇନ ବୋଲି କହିଛନ୍ତି। ଗ୍ରାହକ ସୁରକ୍ଷା ଆଇନ-୨୦୧୯ ଅନୁସାରେ ଏହିଭଳି କାର୍ଯ୍ୟକୁ ଅସାଧୁ ବୋଲି ଦର୍ଶାଯାଇଛି। ସର୍ଭିସ୍ ଚାର୍ଜ ସମ୍ପର୍କିତ ନିର୍ଦ୍ଦେଶାବଳୀକୁ ଏଡ଼ାଇବା ପାଇଁ ଏଭଳି ଚାର୍ଜଗୁଡ଼ିକ ପୂର୍ବ ନିର୍ଦ୍ଧାରିତ ଭାବେ ଲଗାଯାଉଥିବା ଲକ୍ଷ୍ୟକରି ପ୍ରାଧିକରଣ ଗ୍ରାହକ ସୁରକ୍ଷା ଆଇନ ୨୦୧୯ର ଧାରା ୧୦ ଅନୁଯାୟୀ ଏକ ନୂଆ ପରାମର୍ଶାବଳୀ ଜାରି କରିଛନ୍ତି। ଏଭଳି କୌଣସି ଚାର୍ଜ ସ୍ୱୟଂଚାଳିତ ଭାବେ ଲଗାଇଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଜାତୀୟ ଗ୍ରାହକ ହେଲ୍ପଲାଇନରେ ପ୍ରାପ୍ତ ଅଭିଯୋଗ ଏବଂ ଗଣମାଧ୍ୟମର ରିପୋର୍ଟକୁ ଆଧାରକରି ସିସିପିଏ ଏହିଁ ଦୃଢ଼ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ସିସିପିଏ ଲକ୍ଷ୍ୟ କରିଛି ଯେ, କେତେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ମେନୁରେ ଦର୍ଶାଯାଇଥିବା ଖାଦ୍ୟ ଓ ପାନୀୟର ମୂଲ୍ୟ ଏବଂ ପ୍ରଯୁଜ୍ୟ ଟିକସ ବ୍ୟତୀତ ଗ୍ରାହକ ବିଲ୍‌ରେ ପୂର୍ବ ନିର୍ଦ୍ଧାରିତ ଭାବେ ଏଭଳି ଚାର୍ଜ ଆଦାୟ କରୁଛନ୍ତି। ଏଲ୍‌ପିଜି ଚାର୍ଜ କିମ୍ବା ସେହିଭଳି ଅନ୍ୟ କିଛି ଚାର୍ଜ ଆଦାୟ କରିବାକୁ ଆଇନର ପ୍ରାବଧାନକୁ ଏଡାଇବାର ପ୍ରୟାସ ବୋଲି କହିଛି ସିସିପିଏ। ଇନ୍ଧନ, ଏଲ୍‌ପିଜି, ବିଦ୍ୟୁତ୍ ଏବଂ ଅନ୍ୟାନ୍ୟ ପରିଚାଳନାଗତ ଖର୍ଚ୍ଚ ହେଉଛି ବ୍ୟବସାୟ ଚଳାଇବା ପାଇଁ ଲାଗୁଥିବା ଖର୍ଚ୍ଚର ଗୋଟିଏ ଗୋଟିଏ ଅଂଶବିଶେଷ ଏବଂ ଏହାକୁ ମେନୁରେ ଥିବା ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣରେ ଅନ୍ତର୍ଭୁକ୍ତ କରାଯିବା ଉଚିତ। ପୃଥକ ବାଧ୍ୟତାମୂଳକ ଚାର୍ଜ ମାଧ୍ୟମରେ ଏଭଳି ଖର୍ଚ୍ଚ ଆଦାୟ କରିବା ଆଇନର ଧାରା ୨(୪୭) ଅନୁଯାୟୀ ଅସାଧୁ ବ୍ୟାପାର ହୋଇଥାଏ। କୌଣସି ହୋଟେଲ କିମ୍ବା ରେଷ୍ଟୁରାଣ୍ଟ ବିଲ୍‌ରେ ପୂର୍ବ ନିର୍ଦ୍ଧାରିତ କିମ୍ବା ସ୍ୱୟଂଚାଳିତ ଭାବରେ ଏଲ୍‌ପିଜି ଚାର୍ଜ, ଗ୍ୟାସ୍ ଚାର୍ଜ କିମ୍ବା ସେହିଭଳି ଚାର୍ଜ ଆଦାୟ କରିପାରିବେ ନାହିଁ। ଗ୍ରାହକମାନଙ୍କୁ କୌଣସି ଅତିରିକ୍ତ ଚାର୍ଜ ଦେବା ପାଇଁ ବିଭ୍ରାନ୍ତ କିମ୍ବା ବାଧ୍ୟ କରାଯିବ ନାହିଁ, ଯାହା ସ୍ୱେଚ୍ଛାକୃତ ନୁହେଁ। ଯେଉଁ ଗ୍ରାହକମାନେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେମାନେ ବିଲ୍‌ରୁ ସେହି ଚାର୍ଜ ହଟାଇବା ପାଇଁ ହୋଟେଲ କିମ୍ବା ରେଷ୍ଟୁରାଣ୍ଟକୁ ଅନୁରୋଧ କରିବେ। ୧୯୧୫ ନମ୍ବରରେ କଲ୍ କରି କିମ୍ବା ଜାତୀୟ ଖାଉଟି ସହାୟତା ମୋବାଇଲ ଆପ ମାଧ୍ୟମରେ ନ୍ୟାସନାଲ କଞ୍ଜ୍ୟୁମର ହେଲ୍ପଲାଇନରେ ଅଭିଯୋଗ କରନ୍ତୁ। ଇ-ଜାଗୃତି ପୋର୍ଟାଲ ମାଧ୍ୟମରେ ସମ୍ପୃକ୍ତ ଗ୍ରାହକ କମିଶନଙ୍କ ନିକଟରେ ଅଭିଯୋଗ କରିପାରିବେ। ନଚେତ ଜିଲ୍ଲା ମାଜିଷ୍ଟ୍ରେଟ କିମ୍ବା ଖାଉଟି ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରିପାରିବେ।

# ସଂଶୋଧିତ ଉଡ଼ାନ ଯୋଜନା ପାଇଁ ୨୮,୮୪୦ କୋଟି

ଭୁବନେଶ୍ୱର,୨୫।୩(ଅନୁରାଧା ମହାରଣା)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୁଧବାର ସଂଶୋଧିତ ଆଞ୍ଚଳିକ ସଂଯୋଗୀକରଣ ଯୋଜନା-ଉଡ଼ାନକୁ ଅନୁମୋଦନ କରିଛନ୍ତି। ଏହି ଯୋଜନା ପାଇଁ ଆଗାମୀ ୧୦ ବର୍ଷ (୨୦୨୬-୨୭ରୁ ୨୦୩୫-୩୬) ମଧ୍ୟରେ କେନ୍ଦ୍ର ସରକାର ୨୮,୮୪୦ କୋଟି ଟଙ୍କା ବ୍ୟୟ କରିବେ। ଏହି ଯୋଜନା ଅଧୀନରେ ଅବ୍ୟବହୃତ ଏୟାରଷ୍ଟ୍ରିପ୍‌ରୁ ୧୦୦ଟି ବିମାନବନ୍ଦର ବିକଶିତ କରାଯିବ, ୨୦୦ଟି ଆଧୁନିକ ହେଲିପ୍ୟାଡ୍ ନିର୍ମାଣ ହେବ ଏବଂ ଆଞ୍ଚଳିକ ବିମାନବନ୍ଦରଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ସହାୟତା ପ୍ରଦାନ କରାଯିବ। ବିମାନ ପରିଚାଳକଙ୍କୁ ୧୦,୪୩୦ କୋଟି ଟଙ୍କାର ଭାଇବେବିଲିଟି ଗ୍ୟାପ୍ ଫଣ୍ଡିଂ ଦିଆଯିବ ଏବଂ ଆତ୍ମନିର୍ଭର ଭାରତ ଅଧୀନରେ ୨ଟି ହାଲୁକା ଧ୍ରୁବ ହେଲିକପ୍ଟର ଓ ଦୁଇଟି ଡୋର୍ନିୟର ବିମାନ କିଣାଯିବ। ଏହାଦ୍ୱାରା ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହର, ଦୁର୍ଗମ, ପାର୍ବତ୍ୟ ଓ ଦ୍ୱୀପାଞ୍ଚଳରେ ବିମାନ ସଂଯୋଗ ବୃଦ୍ଧି ପାଇବ। ସାଧାରଣ ନାଗରିକଙ୍କ ପାଇଁ ସୁଲଭ ବିମାନ ଯାତ୍ରା ସମ୍ଭବ ହେବ ଏବଂ ପର୍ଯ୍ୟଟନ, ବାଣିଜ୍ୟ, ସ୍ୱାସ୍ଥ୍ୟସେବା ଓ ଜରୁରିକାଳୀନ ପ୍ରକ୍ରିୟାରେ ବହୁତ ଉନ୍ନତି ଘଟିବ। ଏହି ପଦକ୍ଷେପ ବିକଶିତ ଭାରତ ୨୦୪୭ ଲକ୍ଷ୍ୟକୁ ଆଗକୁ ବଢ଼ାଇବ ବୋଲି ଆଶା କରାଯାଉଛି। ସୂଚନାଥାଉକି, ମୂଳ ଉଡ଼ାନ ଯୋଜନା ୨୦୧୬ରେ ଆରମ୍ଭ ହୋଇ ଏଯାବତ ୯୫ଟି ବିମାନବନ୍ଦର/ହେଲିପୋର୍ଟରେ ୬୭୩ଟି ରୁଟ୍ ଚାଲୁକରି ୧କୋଟି ୬୦ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ସେବା ପ୍ରଦାନ କରିଛି।

# ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟରେ ଜାତୀୟ ସୁରକ୍ଷା ସପ୍ତାହ ପାଳିତ




କୁତ୍ରା,୨୫।୩(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ୍ ଅନ୍ତର୍ଗତ ଟେଲିଙ୍ଗଶେଳରେ ଅବସ୍ଥିତ ଜେଏସ୍‌ଡବ୍ଲ୍ୟୁ ଶିବା ସିମେଣ୍ଟ କାରଖାନାରେ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ କାରଖାନା ପରିସରରେ ବିଭିନ୍ନ ସୁରକ୍ଷା ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉପସ୍ଥିତ କର୍ମଚାରୀ ଓ ଅଧିକାରୀମାନେ ସୁରକ୍ଷା ଶପଥ ଗ୍ରହଣକରି କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନିୟମ ମାନିବା ଓ ସୁରକ୍ଷିତ ପରିବେଶ ଗଢ଼ି ତୋଳିବା ପାଇଁ ସଙ୍କଳ୍ପ ନେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଜୋନ୍‌ର ସହକାରୀ ନିର୍ଦ୍ଦେଶକ ଫାକ୍ଟ୍ରିଓ ବଏଲର ସୁବେନ୍ଦୁ ଶେଖର ରାଉତରାୟ ଯୋଗଦେଇଥିଲେ। ସେ ତାଙ୍କ ଉଦ୍‌ବୋଧନରେ ସେ ଶିଳ୍ପ ଅଞ୍ଚଳରେ ସୁରକ୍ଷାର ଗୁରୁତ୍ୱ ଉଲ୍ଲେଖକରି କହିଥିଲେ, କାରଖାନାର ସମୃଦ୍ଧି ଓ କର୍ମଚାରୀଙ୍କ ଜୀବନ ସୁରକ୍ଷା ଏକାନ୍ତ ଆବଶ୍ୟକ। ସେ ସମସ୍ତଙ୍କୁ ସର୍ବଦା ସଜାଗ ରହିବା ସହ ସୁରକ୍ଷା ନିୟମକୁ କଡ଼ାକଡ଼ି ଭାବେ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜେଏସ୍‌ଡବ୍ଲ୍ୟୁ ଇଷ୍ଟ ଜୋନ୍ କ୍ଲଷ୍ଟର ହେଡ୍ ଅନିଲ ମିଶ୍ର, ଫ୍ୟାକ୍ଟ୍ରି ମ୍ୟାନେଜର ଅନିଲ ସିଂହ, ଫାଇନାନ୍ସ ହେଡ୍ ରତନ ଦାସ, ଏଚ୍‌ଆର ହେଡ୍ କୌଶିକ ସେନ୍‌ଗୁପ୍ତା, ମାଇନ୍ସ ହେଡ୍ ମନୋଜ ବର୍ମା, ସେଫ୍ଟି ହେଡ୍ ବିନୋଦ ମଣ୍ଡଳ, କ୍ୟୁସି ହେଡ୍ ଦେବାଶିଷ ବାନାର୍ଜୀ ଓ ସିଏସ୍‌ଆର ହେଡ୍ ସଂଗ୍ରାମ କେଶରୀ ରାଉତ ସହ କମ୍ପାନୀର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସପ୍ତାହବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ କୁଇଜ, ପୋଷ୍ଟର, ସ୍ଲୋଗାନ ଓ ରଚନା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶେଷରେ ଏହି ସମସ୍ତ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।


**OFFICE OF THE SUPERINTENDING ENGINEER**
**DHENKANAL (R&B) DIVISION, DHENKANAL**

Email - eedklpwd@gmail.com

INVITATION FOR BIDS THROUGH e-Procurement

**Invitation for Bids**

**1st Corrigendum**

Bid Identification No. SE DKL (R&B). 42/ 2025-26

Name of the Work- 01 Nos Electrical Works.

The following changes have been made in Bid Identification No. SE DKL (R&B). 42/ 2025-26

1. Availability of Bid documents in Govt. Website i.e. www. tendersorissa.gov.in, during the period from 10.00 AM dt.24.03.2026 to 05.00 PM hours of dt.07.04.2026 instead of 10.00 AM. dt.18.03.2026 to 05.00 hours of dt.02.04.2026 for ONLINE BIDDING respectively.
2. Online bids shall be received till 05.00 PM Hours of dt.07.04.2026 instead of dt.02.04.2026.
3. Date of opening of bid at 11.00 A.M. of dt.08.04.2026 instead of dt.04.04.2026.

All other terms and conditions remain unchanged.

No.34001/267/2526

Sd/- Superintending Engineer
Dhenkanal (R&B) Division, Dhenkanal

OIPR-34001/34016/1/25-26/0006

**OFFICE OF THE SUPERINTENDING ENGINEER**
**ADDITIONAL SPILLWAY DIVISION, BURLA-768017**

Phone No.: 0663-2430080

E mail ID : seadditionalspillway@gmail.com, eeasdhirakud@gmail.com

No.353 /Dated : 23.03.2026

SHORT QUOTATION CALL NOTICE No. 08/2025-26

No.32001/249/2526 : Sealed Quotations are invited from interested reputed Travel agencies/ Tour operators/ Private individuals having valid GST and PAN Card for providing 3 (three) number of AC diesel/ petrol driven vehicle BS-VI compliant (TUV 300/ Bolero/ Sumo Gold/ Ertiga or equivalent model) having seating capacity not less than seven including Driver (which shall confirm to the terms & conditions of the quotation call notice) for official use of (1) Superintending Engineer, Additional Spillway Division, Burla, (2) Sub Divisional Officer, Additional Spillway Sub Division No.-I, Hirakud and (3) Sub Divisional Officer, Additional Spillway Sub Division No.-I, Hirakud for inspection of the official work on monthly rent basis for the period from 01.05.2026 to 31.03.2027.

1. Sale of Quotation Document: From 25.03.2026 at 11.00 AM to 06.04.2026 up to 12.00 PM
2. Last Date to Drop of Quotation: 06.04.2026 up to 12.00 PM
3. Opening of Quotation: 06.04.2026 at 04.00 PM
4. The Quotation must be accompanied with Security Deposit of Rs.5000/- (Rupees five thousand) only in shape of N.S.C./Post Office Saving Bank Account/Post Office Time Deposit Account/KVP/ Unconditional and Irrevocable Bank Guarantee (BG) pledged in favour of Superintending Engineer, Additional Spillway Division, Burla, in the standard format from any Nationalized/Scheduled Commercial Bank located anywhere in the country with Branches at Bhubaneswar with facility of authentication & encashment at Burla/ Sambalpur branch otherwise the quotation will be rejected. After completion of quotation process, the security deposit will be refunded to the un-successful bidders.
5. The details are available in office of the Superintending Engineer, Additional Spillway Division, Burla during office hours and also in the websites https://dowr.odisha.gov.in, https://odisha.gov.in, https://sambalpur.nic.in and dogcsam.od@nic.in.
6. The Quotation Calling Authority reserves the absolute right to accept or reject any or all Quotations without assigning any reason thereof.

Sd/- Superintending Engineer
Additional Spillway Division, Burla

OIPR-32001/32414/1/25-26/0002

**ODISHA HYDRO POWER CORPORATION LTD.**
**O/o. Sr. GENERAL MANAGER, HIRAKUD HYDRO ELECTRIC PROJECT**

POST BOX. NO.5, BURLA-768017, DISTRICT:SAMBALPUR (ODISHA), INDIA
PHONE: 0663-2950721 (O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/WK-101/15, Vol-VII/1847, Date:23.03.2026

NOTICE INVITING TENDER No. HHEP-28/2026

No.4001/89/2526: Sealed tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed manufacturers/ authorized dealers/ channel partners/ reputed suppliers for supply of the following material as mentioned below.

| Description of Material | Cost of tender specification (Non-refundable) | EMD in shape of DD/ Banker's Cheque (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial Bid |
| --- | --- | --- | --- | --- | --- |
| Supply of Guide Vane Breaking links for Unit No. 1 & 2 of Burla Power House | Rs.7080/- (Rs.6000/- + GST @ 18%) | 27,380/- | 25.03.2026 (11.00 AM) to 08.04.2026 03.00 PM | 08.04.2026 Upto 03.30 PM | 08.04.2026 at 04.00 PM |

For details of the tender documents, terms and conditions please visit our website www.ohpcltd.com

OIPR-4001/4007/1/25-26/0010

Sd/- C & P Head, HHEP, Burla

**OFFICE OF THE SR. GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**

DIST: KALAHANDI-766026, E-mail: sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel : 91-0674-2542983, 2542802, 2545526, 2542826, Fax : 2542102, E-Mail : ohpc.co@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

NOTICE INVITING TENDER No. UIHEP-61/2025-26 DATED. 23.03.2026

No.32001/248/2526 : Sealed tenders are invited in two part i.e. (i) Techno Commercial bid & (ii) Price bid in separate sealed envelopes from Registered contractors / Registered Firms / Registered agency meeting eligibility criteria only for execution of the following work.

| Description of work | Cost of tender paper (Non-refundable) in Rs. | EMD in shape of DD/ Banker's Cheque only (Refundable) in Rs. | Period of sale / download of tender document | Last date & time of receipt of tender | Date & time of opening of Techno commercial Bid |
| --- | --- | --- | --- | --- | --- |
| Operation and maintenance of Water Supply System on job contract basis at Sector-I, II and III of Power House Colony, UIHEP, Mukhiguda for the year 2025-26 | 7,080/- (inclusive of GST) | 18,800/- (Rupees Eighteen Thousand Eight Hundred only) | From 30.03.2026 to 09.04.2026 up to 12:30 Hrs. | 09.04.2026 (up to 13:00 Hrs) | 09.04.2026 at 16:30 Hrs. |

For details of the tender documents, terms and conditions please visit our website www.ohpcltd.com

OIPR-32001/32136/1/25-26/0049

Sd/- C&P Head
UIHEP, Mukhiguda

**ODISHA HYDRO POWER CORPORATION LTD.**
**O/o. Sr. GENERAL MANAGER, HIRAKUD HYDRO ELECTRIC PROJECT**

POST BOX. NO.5, BURLA-768017, DISTRICT:SAMBALPUR (ODISHA), INDIA
PHONE: 0663-2950721 (O), 2950765, E-Mail: srgmhps_burla@yahoo.co.in
CIN: U40101OR1995SGC003963

No. HHEP/WK-54/1840, Date:23.03.2026

OPEN TENDER CALL NOTICE No. HHEP-29/2026

No.4001/90/2526: Sealed tenders are invited in two part bids (i) Technical bid & (ii) Price bid in separate sealed envelopes from the reputed manufacturers/ authorized dealers/ channel partners/ reputed suppliers for following 60 HP pump motor including installation, testing & commissioning as mentioned below.

| Description of Material | Qty. | Cost of tender specification (Non-refundable) | EMD in Rs. | Period of Sale | Date of Receipt | Date & time of opening |
| --- | --- | --- | --- | --- | --- | --- |
| Supply, Installation, Testing and Commissioning of 1 set of 60 HP pump for Burla Power House | 01 Set | Rs.4720/- (Rs.4000/- + GST @ 18%) | 8,190/- | 25.03.2026 (11.00 AM) to 08.04.2026 03.00 PM | 08.04.2026 Upto 03.30 PM | 08.04.2026 at 04.30 PM |

For details of the tender documents, terms and conditions please visit our website www.ohpcltd.com

OIPR-4001/4007/1/25-26/0011

Sd/- C & P Head, HHEP, Burla

**GOVT. OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**RENGALI RIGHT CANAL DIVISION NO-VI, JAGATPUR, CUTTACK**

e mail Id : eerrcd6jagatpur@gmail.com

**'e' Procurement Notice**

No.32001/250/2526 : The Superintending Engineer, Rengali Right Canal Division No-VI, Jagatpur Cuttack on behalf of the Governor of Odisha invites online percentage basis bids in single cover system for construction of the work as detailed below: 1. Name of the work : Construction of 02 Nos. Cause way at RD 9580 mt. and 9880 mt. of Darpani Branch Canal of RBC of Rengali Right Irrigation Project, 2. Tender Cost : 39.68 lakh, 3. Bid Document Cost : 6,000.00 (on line), 4. Bid Security : 40,000.00, 5. Class of Contractor : 'B' & 'C' Class, 6. Period of Completion : 03 Calendar months (90 days), 7. Other details are as follows :

| Procurement Officer | Bid Identification No. | Availability of Tender On-line for bidding From | To | Date of Opening of Bid |
| --- | --- | --- | --- | --- |
| Superintending Engineer, Rengali Right Canal Division No.VI, Jagatpur, Cuttack | SERRCDVI-04/2025-26 | 25.03.2026 10.00 A.M. | 04.04.2026 5.30 P.M. | 06.04.2026 11.00 A.M. |

8. Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in.

Sd/- Superintending Engineer
Rengali Right Canal Division No-VI, Jagatpur, Cuttack

OIPR-32001/32527/1/25-26/0001

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମାଓବାଦୀ ସାମ୍ରାଜ୍ୟର ପତନ

# ମୁଖ୍ୟଧାରାକୁ ଫେରିଲେ ଶୁକ୍ରୁ, ୪ ସହଯୋଗୀ



ଆତ୍ମସମର୍ପଣ କରିଥିବା ଶୁକ୍ରୁ ଏବଂ ତାଙ୍କ ୪ ସହଯୋଗୀଙ୍କୁ ପୋଲିସ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମାଜର ମୁଖ୍ୟସ୍ରୋତକୁ ସ୍ୱାଗତ କରାଯାଉଛି।

**ଫୁଲବାଣୀ,୨୫।୩(ରାକେଶ କୁମାର ରାଉତ)**

ରାଜ୍ୟ ପୋଲିସର ହିଟ୍ ଲିଷ୍ଟରେ ଥିବା ମାଓବାଦୀ ଶୁକ୍ରୁ ଗତ ମଙ୍ଗଳବାର ପୋଲିସ ଆଗରେ ଅସ୍ତ୍ର ସହ ଆତ୍ମସମର୍ପଣ କରିବା ପରେ କନ୍ଧମାଳ ଜିଲାରେ ମାଓବାଦୀ ସଙ୍ଗଠନର ପତନ ହୋଇଛି। ଅନ୍ୟ ଯେଉଁମାନେ ଅଛନ୍ତି ସେମାନେ ଖୁବ୍‌ଶୀଘ୍ର ଆତ୍ମସମର୍ପଣ କରନ୍ତୁ ବୋଲି ପୋଲିସ ଚେତାବନୀ ଦେଇଛି। ବୁଧବାର ଫୁଲବାଣୀ ରିଜର୍ଭ ପୋଲିସ ପଡ଼ିଆରେ ଶୁକ୍ରୁ ଏବଂ ତାଙ୍କର ଅନ୍ୟ ୪ ସହଯୋଗୀ ଅସ୍ତ୍ର ତ୍ୟାଗ କରି ସମାଜର ମୁଖ୍ୟଧାରାରେ ସାମିଲ ହୋଇଛନ୍ତି। ପ୍ରତ୍ୟେକଙ୍କୁ ୨୫ ହଜାର ଟଙ୍କାର ଅନ୍ତରୀଣ ସହାୟତା ରାଶି ପ୍ରଦାନ କରାଯାଇଛି। ଶୁକ୍ରୁଙ୍କୁ ତାଙ୍କ ମୁଣ୍ଡ ପାଇଁ ଥିବା ୫୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଅତିରିକ୍ତ ୧୦ ଲକ୍ଷ ଏବଂ ଅସ୍ତ୍ରଶସ୍ତ୍ର ପାଇଁ ପ୍ରାୟ ୭ଲକ୍ଷ ଟଙ୍କା ମିଳିବ। ସେମାନଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯିବ। ବୃତ୍ତିଗତ ତାଲିମ ପାଇଁ ପ୍ରତି ମାସରେ ୧୦ ହଜାର ଲେଖାଏ ୩ ବର୍ଷ ପର୍ଯ୍ୟନ୍ତ ଷ୍ଟାଇପେଣ୍ଡ ଦିଆଯିବ। ସମସ୍ତଙ୍କୁ ସରକାରୀ ସ୍ୱାସ୍ଥ୍ୟ କାର୍ଡ ଏବଂ ରାଶନ ମିଳିବ। ବିବାହ ପାଇଁ ମଧ୍ୟ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ। ତେଣୁ ଅନ୍ୟ ମାଓବାଦୀମାନେ ତୁରନ୍ତ ଅସ୍ତ୍ର ଛାଡି ଆତ୍ମସମର୍ପଣ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଅନୁରୋଧ କରୁଛୁ ବୋଲି ଏଡିଜି ସଞ୍ଜୀବ ପଣ୍ଡା ପ୍ରକାଶ କରିଛନ୍ତି।

କୋସା ସୋଡ଼ି ଓରଫ ଶୁକ୍ରୁ ୧୯୯୭ରୁ ମାଓବାଦୀ ସଙ୍ଗଠନରେ ସାମିଲ ଥିଲେ। ସେ କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ନୟାଗଡ (କେକେବିଏନ୍)ଡିଭିଜନରେ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ଓଡ଼ିଶା ଏବଂ ଛତିଶଗଡରେ ଶତାଧିକ ମାମଲା ରହିଛି। ସେହିପରି ଆତ୍ମସମର୍ପଣ କରିଥିବା ଶୁକ୍ରୁଙ୍କ ସହଯୋଗୀମାନେ ହେଲେ ଛତିଶଗଡ଼ ସୁକୁମା ଜିଲାର ସଞ୍ଜୟ ରାୱା, ବିଜାପୁର ଜିଲାର ରୋନି ପାଟାମି, କଳାହାଣ୍ଡି ଜିଲାର କୁନି ମାଝି ଓ ଦଶମତୀ ଓରଫ ଫୁଲମତୀ। ଏମାନେ ସମସ୍ତେ ସଙ୍ଗଠନରେ ରହି ବିଭିନ୍ନ ହିଂସା ଭିଆଉଥିଲେ। ପୋଲିସ ଆଗରେ ଗୋଟିଏ ଏକେ-୪୭ ରାଇଫଲ, ଗୋଟିଏ ଏସ୍‌ଏଲଆର, ୨ଟି ୩୦୩ ରାଇଫଲ, ଗୋଟିଏ ସିଙ୍ଗଲ ବନ୍ଧୁକ ସହ ବହୁ ପରିମାଣର ଗୁଳିଗୋଳା ରଖି ସମସ୍ତେ ଆତ୍ମ ସମର୍ପଣ କରିଥିଲେ। ଗତ ଡିସେମ୍ବରରେ କନ୍ଧମାଳରେ କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୃତ୍ୟୁ ପରେ ମାଓବାଦୀ ସଙ୍ଗଠନ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପଡିଛି। ଏସ୍‌ଓଜି, ଡିଭିଏଫ, ସିଆରପିଏଫ, ବିଏସ୍‌ଏଫର ଜୋରଦାର ଅଭିଯାନ ଯୋଗୁ ମାଓବାଦୀ କୋଣଠେସା ହୋଇ ପଡିଛନ୍ତି। ବର୍ତ୍ତମାନ ସେମାନଙ୍କ ସଂଖ୍ୟା ୮ରୁ ୯ ମଧ୍ୟରେ ରହିଛି। ଫୁଲବାଣୀ ରିଜର୍ଭ ପୋଲିସ ପଡିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଜି ଅପରେଶନ ଡ. ଦୀପକ କୁମାର, ଏସ୍‌ଆଇଡବ୍ଲ୍ୟୁ ଡିଆଇଜି ଅଖିଳେଶ୍ୱର ସିଂ, ସିଆରପିଏଫ ଡିଆଇଜି ଦିଲୀପ ଅମ୍ରେଶ, ଦକ୍ଷିଣାଞ୍ଚଳ ଆଇଜି ନୀତିଶେଖର, କନ୍ଧମାଳ ଏସ୍‌ପି ହରିଶ ବିଶି, ଅତିରିକ୍ତ ଏସ୍‌ପି ରମେନ୍ଦ୍ର ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ।

## ମାଓବାଦୀ ଦମନ ଅପରେଶନରେ ୨୩୯ ସୁରକ୍ଷା କର୍ମୀ ଶହୀଦ

**ଫୁଲବାଣୀ,୨୫।୩ (ରାକେଶ କୁମାର ରାଉତ)**

ଓଡ଼ିଶାକୁ ମାଓବାଦୀ ମୁକ୍ତ କରିବା ପାଇଁ ଚାଲିଥିବା କୋମ୍ବିଂ ଅପରେଶନ ଚୂଡ଼ାନ୍ତ ସ୍ଥିତିରେ ପହଞ୍ଚିଛି। ରାଜ୍ୟରେ ସକ୍ରିୟ ମାଓବାଦୀଙ୍କ ସଂଖ୍ୟା ୧ଅଙ୍କକୁ ଖସି ଆସିଛି। ମାଓବାଦୀ ନିପାତ ଅଭିଯାନରେ ୨୩୯ଜଣ ସୁରକ୍ଷା କର୍ମୀ ଶହୀଦ ହୋଇଛନ୍ତି। ମାର୍ଚ୍ଚ ୩୧ ମାଓବାଦୀ ମୁକ୍ତ ଡେଡ୍‌ଲାଇନକୁ ଆଉ ଅଳ୍ପ ଦିନ ବାକି ଥିବାରୁ ଅନ୍ୟ ମାଓବାଦୀମାନେ ମଧ୍ୟ ପୋଲିସ ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ ବୋଲି ମାଓବାଦୀ ନିରୋଧୀ ଏଡିଜି ସଞ୍ଜୀବ ପଣ୍ଡା କହିଛନ୍ତି। ଟପ୍ ମାଓବାଦୀ କମାଣ୍ଡର ଶୁକ୍ରୁ ଓରଫ କଷା ସୋଡ଼ି ଏବଂ ତାଙ୍କ ୪ଜଣ ସହଯୋଗୀ କୁନି, ରୁନି, ଅନିଲା ଏବଂ ସଞ୍ଜୟ କନ୍ଧମାଳ ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ସମାଜର ମୁଖ୍ୟ ସ୍ରୋତକୁ ଫେରିଥିବାରୁ ସେମାନଙ୍କୁ ଫୁଲ ତୋଡ଼ା ଦେଇ ବୁଧବାର ସ୍ୱାଗତ କରାଯାଇଛି।

## ପିଲାଙ୍କୁ ତରକାରିରେ ବିଷ ଦେଇ ମାରିବାକୁ ଉଦ୍ୟମ

- ଥାନାରେ ଅଭିଯୋଗ
- ଅଭିଯୁକ୍ତ ବଡ଼ବାପାଙ୍କୁ ଖୋଜୁଛି ପୋଲିସ

**ବାଲିଶଙ୍କରା,୨୫।୩(ହୃଦାନନ୍ଦ ବାରିକ)**

ସୁନ୍ଦରଗଡ଼ ଜିଲା ତଳସରା ଥାନା ଅନ୍ତର୍ଗତ ବନଡେଗା ପଞ୍ଚାୟତ କିଲକିଲା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ବ୍ୟକ୍ତି ନିଜ ପୁଅ ସହ ସାନଭାଇଙ୍କ ୨ ପିଲାଙ୍କୁ ବିଷ ଦେଇ ମାରିବାକୁ ଉଦ୍ୟମ କରିଥିଲେ। ହେଲେ ସୌଭାଗ୍ୟବଶତଃ ସେମାନେ ବଞ୍ଚିଯାଇଛନ୍ତି। ଗତ ୨୦ ତାରିଖରେ ଏପରି ଘଟଣା ଘଟିଥିଲେ ମଧ୍ୟ ବୁଧବାର ଏନେଇ ତଳସରା ଥାନାରେ ସାନଭାଇ ଅନିଲ ମିଞ୍ଜ୍‌ଙ୍କ ଅଭିଯୋଗ ପରେ କଥା ସାମ୍ନାକୁ ଆସିଛି। ପୋଲିସ ଏକ ମାମଲା (ନଂ.୧୮/୨୬) ରୁଜୁକରି ତନାଘନା ଚଳାଇଛି। ଅଭିଯୋଗ ପରେ ଏଭଳି କାଣ୍ଡ ଘଟାଇଥିବା ଫିଲିପ ମିଞ୍ଜ୍ ଫେରାର ହୋଇଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଅନିଲ, ତାଙ୍କ ସ୍ତ୍ରୀ ଲିଲିମା ମିଞ୍ଜ ଓ ଭାଉଜ ବିବିଆନା ମିଞ୍ଜ ବଡ଼ଭାଇ ଫିଲିପ୍‌ଙ୍କ ପାଖରେ ଛୁଆଙ୍କୁ ଛାଡି କାମ କରିବାକୁ ଯାଇଥିଲେ। ମଧ୍ୟାହ୍ନଭୋଜନ ବେଳେ ଫିଲିପ୍ ତାଙ୍କ ନିଜ ପୁଅ ସାହିଲ (୧୮) ଓ ଭାଇ ଅନିଲଙ୍କ ପୁଅ ଆଶିଷ (୧୫) ଓ ଝିଅ ଅନନ୍ୟା(୧୨)ଙ୍କ ତରକାରିରେ ବିଷ ମିଶାଇ ଖାଇବାକୁ ଦେଇଥିଲେ। ଖାଦ୍ୟ ଖାଇ ୩ ଭଉଣୀଭାଇ ଅସୁସ୍ଥ ହୋଇପଡ଼ିଥିଲେ। ଫିଲିପଙ୍କ ବଡ଼ଝିଅ ମାରିଆତା(୨୧) ମହୁଲ ସଂଗ୍ରହକରି ଘରକୁ ଫେରି ୩ ଜଣ ଅସୁସ୍ଥ ହୋଇପଡ଼ିଥିବା ଦେଖିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାରେ ମାରିଆତା ସମସ୍ତଙ୍କୁ ସୁନ୍ଦରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ବୁଧବାର ପିଲାମାନେ ସୁସ୍ଥ ହେବାପରେ ଡାକ୍ତରଖାନାରୁ ଫେରିଥିଲେ। ଏନେଇ ଅନିଲ ତଳସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## କୋମ୍ବିଂ ବେଳେ ଏସ୍‌ଓଜି ଯବାନ ଗୁରୁତର



ଆସିକା ମେଡ଼ିକାଲରେ ଗୁରୁତର ଯବାନ ସୁକାନ୍ତ ମାଝୀ।

**ଆସିକା,୨୫।୩(ସୁରେନ୍ଦ୍ର ନାଥ ସାହୁ)**


କନ୍ଧମାଳ ଜିଲା ରାଇକିଆ ଥାନା ଅଧୀନ କରଡ଼ା ଜଙ୍ଗଲରେ ମାଓବାଦୀ ଦମନ ପାଇଁ ବୁଧବାର ଅପରାହ୍ନରେ କୋମ୍ବିଂ ଅପରେଶନ ଚାଲିଥିବା ବେଳେ ଜଣେ ଏସ୍‌ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୁକାନ୍ତ ମାଝୀ (୨୭) ଓ ତାଙ୍କ ଘର କେନ୍ଦୁଝର ଜିଲା ହରିପୁର ଗ୍ରାମରେ ବୋଲି ଜଣାପଡିଛି। ତାଙ୍କ ଛାତିର ବାମପାର୍ଶ୍ୱରେ ଗୁଳି ବାଜିଛି। ଚିକିତ୍ସା ଲାଗି ସୁକାନ୍ତଙ୍କୁ ପ୍ରଥମେ ସୋରଡ଼ା ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ମାଓବାଦୀଙ୍କ ସହ ଗୁଳି ବିନିମୟ ବେଳେ ସୁକାନ୍ତ ଆହତ ହୋଇଥିବା କୁହାଯାଉଥିଲେ ମଧ୍ୟ କେଉଁ ପରିସ୍ଥିତିରେ ତାଙ୍କ ଶରୀରରେ ଗୁଳି ବାଜିଛି ତାହା ସ୍ପଷ୍ଟ ହୋଇନାହିଁ। ଆସିକା ମେଡିକାଲରେ ଭଞ୍ଜନଗର ଓ ଆସିକା ଏସ୍‌ଡିପିଓ, ବଡ଼ଗଡ଼, ସୋରଡ଼ା ଓ ଆସିକା ଥାନା ଅଧିକାରୀ ଗୁରୁତର ଯବାନଙ୍କୁ ଭେଟିଥିଲେ।

## କୋଟିଏ ଟଙ୍କାର ସୁନା ଅଳଙ୍କାର ଚୋରି ଅଭିଯୋଗ

### ବ୍ୟବସାୟୀଙ୍କ ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ବ୍ରହ୍ମପୁର,୨୫।୩(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲା ବଡ଼ବଜାର ଥାନା ଅନ୍ତର୍ଗତ ପ୍ରେମନଗର ୭ ଲାଇନରେ ରହୁଥିବା ବ୍ୟବସାୟୀ ପି. ରାଜପ୍ରଭାକର ରାଓଙ୍କ ଘରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ଗ୍ରୀଲ ତାଲା ଭାଙ୍ଗି ସେମାନେ ଘରେ ଥିବା ୨ଟି ଆଲମିରାରୁ ପ୍ରାୟ କୋଟିଏ ଟଙ୍କାର ସୁନା ଅଳଙ୍କାର, ନଗଦ ୧ ଲକ୍ଷ ୩୦ ହଜାର ଟଙ୍କା ନେଇଯାଇଥିବା ଗୃହକର୍ତ୍ତା ବୁଧବାର ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୦୨/୨୬ରେ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚିବା ସହ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ କରୁଛି। ଲୁଟେରା ଗ୍ୟାଙ୍ଗକୁ ଧରିବା ପାଇଁ ସିସିଟିଭି ଫୁଟେଜ୍ ସଂଗ୍ରହ କରାଯାଇଛି।



ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ ଚାଲିଛି।

ରାଜ୍ ପ୍ରଭାକର ରାଓ ସପ୍ତାହେ ହେଲା ଘରେ ଏକାକୀ ରହୁଥିଲେ। ପରିବାର ଲୋକେ କୌଣସି କାମରେ ବାହାରକୁ ଯାଇଥିଲେ। ପ୍ରତିଦିନ ଭଳି ପ୍ରଭାକର ବୁଧବାର ପ୍ରାତଃଭ୍ରମଣରେ ଯାଇ ପୂର୍ବାହ୍ନ ୧୦ଟାରେ ଘରକୁ ଆସିବାରେ କେହି ତାଙ୍କ ଗ୍ରୀଲ ତାଲା ଭାଙ୍ଗି ଅନ୍ୟ ଏକ ତାଲା ପକାଇ ଚାଲିଯାଇଥିବା ଦେଖିଥିଲେ। ପ୍ରଭାକର ଉକ୍ତ ତାଲା ଭାଙ୍ଗି ଘର ଭିତରକୁ ଯିବା ପରେ ୨ଟି ଆଲମିରା ଭଙ୍ଗା ଯାଇଥିବା ଦେଖି ୧୧୨କୁ ଫୋନ କରିଥିଲେ। ପରେ ବଡବଜାର ଥାନା ପୋଲିସ ସେଠାରେ ପହଞ୍ଚିଥିଲା। ଘର ଭିତରକୁ ଯାଇ ଦେଖିବାରୁ ଆଲମୀରା ଭିତରେ ଥିବା ପ୍ରାୟ ୧ କେଜିର ସୁନା ଗହଣା, ଲକ୍ଷାଧିକ ଟଙ୍କା ଗାୟବ ଥିବା ଜଣାପଡିଥିଲା। ଏନେଇ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍.ଙ୍କୁ ପଚାରିବାରୁ ସେ କହିଛନ୍ତି, ଜଣେ ବ୍ୟବସାୟୀଙ୍କ ଘରୁ ବଡ ଧରଣର ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ସବୁ ଦିଗକୁ ନେଇ ତଦନ୍ତ କରୁଛି। ଖୁବଶୀଘ୍ର ଲୁଟେରା ଦଳକୁ ଧରାପଡ଼ିବେ ବୋଲି ଏସ୍‌ପି କହିଛନ୍ତି।

## ନାବାଳିକାଙ୍କୁ ବଳାତ୍କାର, ଯୁବକ ଗିରଫ

**ଯୋଡ଼ା,୨୫।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ମୁରୁଦା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିରିକଲା ଧୁବୁଲାବେଡ଼ା ଅଞ୍ଚଳର ଚିତ୍ରସେନ ନାଏକ। ଅଭିଯୋଗ ଅନୁଯାୟୀ, ନାବାଳିକା ଜଣକ ଗତ ୨୨ ତାରିଖ ଅପରାହ୍ନରେ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଚିତ୍ରସେନ ନାଏକଙ୍କ ସହିତ ବଡ଼ବିଲ ଷ୍ଟେଶନରୁ ତାଙ୍କୁ ଉଦ୍ଧାର କରିଥିଲେ। ତେବେ ନାବାଳିକା ଚିତ୍ରସେନଙ୍କ ସହିତ ଦୀର୍ଘ ଏକ ବର୍ଷ ହେବ ସମ୍ପର୍କରେ ରଖିଥିଲେ। ଯୁବକ ଜଣକ ନାବାଳିକାଙ୍କୁ ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହିତ ଶାରିରୀକ ସମ୍ପର୍କ ରଖିବା ଖବର ପରିବାର ଲୋକେ ଜାଣିବା ପରେ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଯୋଡ଼ା ପୋଲିସ ମାମଲା(ନଂ.୧୨୧/୨୦୨୬) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ଦେଇଛି।

## ଟାଙ୍ଗୀ ଥାନାରେ ପୋଲିସ ଉପରକୁ ପଥର ମାଡ଼

**ଟାଙ୍ଗୀ,୨୫।୩(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ପରିସରରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କୁଞ୍ଜୁରି ପଞ୍ଚାୟତ ଆଡ଼ିଆପଡ଼ା ଗ୍ରାମର ବସନ୍ତ ମହାରଥୀଙ୍କ ଗିରଫ ପ୍ରତିବାଦରେ ଉକ୍ତ ଗ୍ରାମର କେତେଜଣ ମହିଳା ଥାନା ପରିସରରେ ପହଞ୍ଚି ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ଫଳରେ କେତେଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ଏହାପରେ ପୋଲିସ ଉତ୍ତ୍ୟକ୍ତ ମହିଳାଙ୍କୁ ଘଉଡ଼ାଇବାକୁ ଯାଇ ଲାଠି ଚାଳନା କରିଥିଲା। ଏଥିରେ ୧୨ଜଣ ଆହତ ହୋଇଥିବା ବେଳେ ଜଣେ ମହିଳା ଗୁରୁତର ଥିବା ଜଣାପଡ଼ିଛି।


# Classified Everyday

0674-2580101, 9692975378



REAL ESTATE

**SALE**

Limited CDA and RERA (RP/07/2023/01069) Approved Plot Available Near K.V-3 & CISF Munduli with All Infrastructure Development. Contact-7008513309. D-3746

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅରୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649

**LOST**

ଏତଦ୍ୱାରା ମୁଁ, ଶ୍ରୀ ଅଭିରାମ ପାତ୍ର, ପିତା- ବାବାଜୀ ପାତ୍ର, ସା/ପୋ- କରଙ୍ଗାମାଳ, ଥାନା- ବୋଡେନ୍, ଜିଲ୍ଲା- ନୂଆପଡ଼ା, ବର୍ତ୍ତମାନର ଠିକଣା: ସା- କୁନ୍ଦପୁର, ପୋ- ମଦନପୁର, ଥାନା- ପଟ୍ଟାମୁଣ୍ଡାଇ ସଦର, ଜିଲ୍ଲା- କେନ୍ଦ୍ରାପଡ଼ା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଉ ଅଛି କି ଯେ ମୋ ନାମରେ ଖର୍ଦ୍ଦି କବଲା ନଂ.- ୧୦୯୭୧୯୦୦୫୨୯ ତା.୨୦।୦୫।୨୦୧୯ରିଖ ଯାହାକି ମୌଜା- ସଂସାରଫଳ, ଖାତା ନଂ.- ୬୬୭/୯୩, ପ୍ଲଟ୍ ନଂ.- ୨୦୭୦/୨୦୦୦ ଏ୦.୦୫୦ ସମ୍ପର୍କିତ, ଉକ୍ତ କବଲାଟି ମୌଜା- କୁନ୍ଦପୁର ଓ ସଂସାରଫଳ ବଜାର ମଧ୍ୟରେ ହଜି ଯାଇଅଛି ଏବଂ ଆମ୍ଭେ ତାହା ଖୋଜି ପାଉନାହୁଁ। ଉକ୍ତ କବଲାକୁ ଆମ୍ଭେ କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ନିକଟରେ ବନ୍ଧା ରଖି ଋଣ ଆଣିନାହୁଁ। ଯଦି ତାହା କୌଣସି ବ୍ୟାଙ୍କ୍ ବା ବ୍ୟକ୍ତିବିଶେଷଙ୍କ ପାଖରେ ମହଜୁଦ୍ ଥାଏ ତେବେ ଏହି ପ୍ରକାଶନର ୩୦ ଦିନ ମଧ୍ୟରେ ଆମ୍ଭେ ଆବେଦନ କରିଥିବା ସେଣ୍ଟ୍ରାଲ ବ୍ୟାଙ୍କ୍, ସାନବଡ଼ ଗୋପାଳପୁର ଶାଖା, ରାଜନଗରଙ୍କୁ ଜଣାଇବେ, ଅନ୍ୟଥା ଆମ୍ଭେ ଉକ୍ତ କବଲାର ସହିମୋହର ଦଖଲ ବନ୍ଧକ ରଖି ଋଣ ଗ୍ରହଣ କରିବୁ। ଧ-୩୭୪୨

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**AFFIDAVIT**

I, Laxman Pradhan, R/o. At- Sarapal, P.O.- Bansajal, P.S.- Charmal, Dist.- Sambalpur, Odisha have changed my minor daughter's name from Teasty Pradhan to Tanvika Pradhan for all future purposes vide affidavit dated 20.03.2026 sworn before Sri S.K. Purohit, Notary Public, Rairakhol. I have complied with all legal requirements in this regard. D-3745

By virtue an affidavit sworn before Executive Magistrate, Dhenkanal dtd.- 19.3.2026, I, Jaykrushna Sahoo, S/o.- Late Hadibandhu Sahoo, At/P.O.- Kakudibhag, P.S.- Sadar, Dist.- Dhenkanal, PIN-759015, Odisha declare that I have changed my minor son's name from Prakash Prasad Sahoo to Rakesh Prasad Sahoo. Henceforth, he shall be known as Rakesh Prasad Sahoo for all purposes.
Jaykrushna Sahoo. D-3747

By virtue of an affidavit sworn before Notary Public, Borigumma, dated 23.02.2026, I, SONIA PANI, Address: At- K. Jhalarsing, P.O.- Khajuripada, P.S.- Serang, Dist.- Gajapati Odisha- 761214 declare that I have changed my name from SANYA PANI to SONIA PANI. Henceforth, I shall be known as SONIA PANI for all purposes. D-3743

By virtue of an affidavit sworn before Notary Public, Borigumma, dated 20.03.2026, I, CHHITA MAHALI, Address: At- Borigumma, P.O.- Borigumma, P.S.- Borigumma, Dist.- Koraput, Odisha-764056 declare that I have changed my name from CHITA BASKE to CHHITA MAHALI. Henceforth, I shall be known as CHHITA MAHALI for all purposes. D-3744

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

Letter No.- 3011, dtd.- 16.12.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ ନ୪ମ୍ବର,
ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା,
ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୧୮୬୦/୨୦୧୪
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ରାମକୃଷ୍ଣ ମିଶ୍ର ........ବାଦୀ/ଦରଖାସ୍ତକାରୀ

ବନାମ

ଓଡ଼ିଶା ସରକାର ତରଫ ସେଟେଲମେଣ୍ଟ ଅଫିସର, ଯୋବ୍ରା, କଟକ ଓ ଅନ୍ୟମାନେ ........ ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ.୨. ସୁପ୍ରିୟା ରାଣୀ ପାତ୍ର, ପିତା- ୰ କେ. ଅରକ୍ଷିତ ପାତ୍ର, ସା- କବିସୂର୍ଯ୍ୟନଗର, ଜିଲ୍ଲା- ଗଞ୍ଜାମ, ବର୍ତ୍ତମାନ ଠିକଣା: ଘର ନ. ଯେ.ଏ.-୩୦ମ୍ବର, ଶକ୍ତି ନଗର, ରାଉରକେଲା, ପିନ୍- ୭୬୯୦୧୪, ଓଡ଼ିଶା। ପ୍ରତିବାଦୀ ନଂ.୫- ମଙ୍ଗଳା ମାଝି, ପିତା- ୰ ମନ୍ଧୁ ମାଝି, ଠିକଣା: ସା- ପ୍ଲଟ୍ ନ୭ମ୍ବର, ପଟିଆ, ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪, ଓଡ଼ିଶା।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଏହି ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା.୨୭।୦୪।୨୦୨୬ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଥାନା ନଂ.୪୦, ମୌଜା: ପଥରଗାଡ଼ିଆ

ସାବକ: ଖାତା ନଂ.- ୨୩୭, ପ୍ଲଟ୍ ନଂ. ୬୪୫ (ଅଂଶ), କିସମ- ବଗାୟତ- ୨, ରକବା- ଏ.୩.୪୭୦ ଡେସିମିଲ ସ୍ୱଧରୁ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ହାଲ୍: ଖାତା ନଂ.- ୨୦୮୫, ପ୍ଲଟ୍ ନଂ.- ୩୧୩୬, କିସମ- ପତିତ, ରକବା- ଏ.୦.୦୮୫ ଡେସିମିଲକୁ ବର୍ଦ୍ଧିତ ମତେ ଏ.୦.୧୦୦ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା./- କୋର୍ଟ ଅଫିସର
ଧ-୩୭୩୫

ଅପେରା ହାଲ୍‌ଚାଲ୍

## ଲକ୍ଷ୍ମୀଧର ଯାହା ଭାବୁଥିଲେ...

ଆସନ୍ତା ଯାତ୍ରା ସିଜନ ପାଇଁ ଏକ ଭିନ୍ନ ସ୍ୱାଦର ନାଟକ 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ' ପ୍ରସ୍ତୁତି ଚାଲୁ ରହିଛି। ଏଭଳି କାମରେ ଏବେ ବ୍ୟସ୍ତ ଅଛନ୍ତି ଅଧ୍ୟାପକ-କମ୍-ନାଟ୍ୟକାର ଲକ୍ଷ୍ମୀଧର ସେଠୀ। ଅନ୍ୟତମ ଆଗଧାଡିର ଅପେରା


ଲକ୍ଷ୍ମୀଧର

ସଂସ୍ଥା 'ଯାତ୍ରା ସ୍ୱର୍ଣ୍ଣମହଲ' ଦ୍ୱାରା ଏହା ପରିବେଷିତ ହେବ। ଉକ୍ତ ନାଟକର ନିର୍ଦ୍ଦେଶନା ଦେବେ ଆଗଧାଡିର ନିର୍ଦ୍ଦେଶକ ପ୍ରଦୀପ ବେହେରା। ଏ ବିଷୟରେ ବାଲିପାଟଣାସ୍ଥିତ ଶିଶୁଅନନ୍ତ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଅଧ୍ୟାପକ ଭାବରେ କାର୍ଯ୍ୟରତ ଲକ୍ଷ୍ମୀଧର କହନ୍ତି, ''ପିଲାଟି ଦିନରୁ ନାଟକ ରଚନା ପ୍ରତି ଆଗ୍ରହ ଥିଲା। ଅନେକ ଡ୍ରାମା ନାଟକ ଲେଖିବା ପରେ ମୋତେ ଜଲିଉଡ୍‌ରେ ସୁଯୋଗ ମିଳିଲା। ଧଉଳି ଗଣନାଟ୍ୟର 'ପୀରତି ହାଟରେ ପ୍ରେମ ମାଗଣା'ର ସଫଳତା ମୋର ନାଟ୍ୟକାର ହେବାର ନିଶାକୁ ନୂଆମୋଡ ଦେଇଥିଲା। 'ତୋ ସ୍ତ୍ରୀ ରାଣ ମୋତେ ସିନ୍ଦୂର ଦବୁ'ର କାହାଣୀ ଯେଉଁଭଳି ରହିଛି ତାହା ଦର୍ଶକଙ୍କୁ ଏକ ଭିନ୍ନ ଧରଣର ମନୋରଞ୍ଜନ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ନାଟକରେ ସାମ୍ପ୍ରତିକ ଘଟଣାର ପ୍ରତିଫଳନ ରହିବା ଦରକାର। ନାଟକ ରଚନା ବେଳେ ମୁଁ ସବୁଦିଗ ପ୍ରତି ଦୃଷ୍ଟି ଦେଇଥାଏ। ''

ରିଲିଜ ଅପେକ୍ଷାରେ...

## ପୁୟୋଦକମ୍

ଯେତେବେଳେ ସମାଜରେ ପାପର ଭାର ଅଧିକ ହୁଏ ସେତେବେଳେ ମା' ଶାରଳା କିପରି ତାହାକୁ ଲାଘବ କରୁଛନ୍ତି ତାହା 'ପୁୟୋଦକମ୍' ଫିଲ୍ମରେ ଦେଖିବାକୁ ମିଳିବ। ଏହି ଶବ୍ଦଟି ଗରୁଡ ପୁରାଣରୁ ଉଦ୍ଧୃତ। ପାପ ବିରୋଧରେ ସବୁବେଳେ ପୁଣ୍ୟର ଜୟ ହୋଇଛି। ତେବେ ମା' ଶାରଳାଙ୍କ କୃପାରୁ ଏହା କିପରି ସମ୍ଭବ ହୋଇଛି ତାହାର ଝଲକ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତା ମାସ ୩ ତାରିଖରେ ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


'ପୁୟୋଦକମ୍' ଫିଲ୍ମର ପୋଷ୍ଟର

ଚଳଚ୍ଚିତ୍ରର ଗୀତଗୁଡ଼ିକରେ କାରୁଣ୍ୟମୟ ପାରିବାରିକ ନିର୍ଯ୍ୟାତନା ଓ ମା' ଶାରଳାଙ୍କ ଘଟଯାତ୍ରାର ଆଧ୍ୟାତ୍ମିକ ଦୃଶ୍ୟ ସ୍ଥାନ ପାଇଛି। ଚିତ୍ରଟିର ପ୍ରଯୋଜନା କରିଛନ୍ତି ଗୁନୁଗୁନ୍ ଏବଂ ରୀନା ଜେନା। ଏହାର କାହାଣୀ ଏବଂ ଚିତ୍ରନାଟ୍ୟ ରଚନା କରିବା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ଶିବ ପ୍ରସାଦ ମହାନ୍ତି। ଗୀତଗୁଡିକୁ ରଚନା କରିଛନ୍ତି ଡା. ନିର୍ମଳ ନାୟକ ଏବଂ ଡ. ପଞ୍ଚାନନ ନାୟକ। ସ୍ୱର ଦେଇଛନ୍ତି ବିପିନ ବାରିକ ଏବଂ ଗୌରବ ଆନନ୍ଦ। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ଅସୀମା ପାଣ୍ଡା, ସତ୍ୟଜିତ ପ୍ରଧାନ, ରୂପକ ପରିଡା ଓ ରାମକୃଷ୍ଣ ବେହେରା। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଗୁନଗୁନ୍, ଅଭିଷେକ ଗିରି, ଶ୍ରୀତମ ଦାସ ଏବଂ ଶୁଭ୍ରାଂଶୁ ନାୟକ ଅଭିନୟ କରିଛନ୍ତି।

# ଯେତେବେଳେ ଅବସର ମିଳେ...


ସଲମାନ

ବଲିଉଡ୍‌ରେ ସଲମାନ ଖାନ୍ ଓରଫ ସଲ୍ଲୁ ମିଆଁ ଏବେ ମଧ୍ୟ ଅଭିନୟ ଜାରି ରଖିଛନ୍ତି। ତାଙ୍କ ଅଭିନୀତ 'ମାତୃଭୂମି'ର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ସଲମାନଙ୍କର ଏକ ଭଲ ଅଭ୍ୟାସ ରହିଛି। ତାଙ୍କୁ ଯେତେବେଳେ ଅବସର ମିଳେ ସେ ଗୋଟିଏ କାମ କରିବାକୁ ବସି ପଡନ୍ତି। ଏପରିକି ଶୁଟିଂ ସେଟ୍‌ରେ ଟିକେ ଫୁରସତ ମିଳିଲେ ସେ ଏଥିପ୍ରତି ଦୃଷ୍ଟି ଦେଇଥାଆନ୍ତି। ତେବେ ତାହା କ'ଣ ଜାଣିବେନି? ସଲମାନଙ୍କୁ ଅବସର ମିଳିଲେ ସେ ଚିତ୍ର ଆଙ୍କିବାକୁ ଭଲ ପାଆନ୍ତି। ''ଚିତ୍ର ଆଙ୍କିବା ମୋର ଏକ ଅଭ୍ୟାସ। ଏବେ ମଧ୍ୟ ସମୟ ମିଳିଲେ ମୁଁ ନିଜକୁ ଏଥିରେ ନିୟୋଜିତ ରଖିଥାଏ। ମୋ ମନକୁ ଯଦି କୌଣସି ନୂଆ କନସେପ୍ଟ ଆସେ ତେବେ ତାହାକୁ କିପରି ଚିତ୍ରର ରୂପ ଦେବି ସେ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନିଏ।'' ତାଙ୍କର ଆଉ ଏକ ଭଲ ଅଭ୍ୟାସ ମଧ୍ୟ ରହିଛି। ନବାଗତମାନଙ୍କୁ ବଲିଉଡ୍‌ରେ ସୁଯୋଗ ଦେବା ପଛରେ ତାଙ୍କର ଅନେକ ଅବଦାନ ରହିଛି। ତା'ସହ ସେମାନେ କିପରି ଆକ୍ଟିଂ ବିଷୟରେ ଅଧିକ ଜାଣିପାରିବେ ସେ ନେଇ ନିଜ ପକ୍ଷରୁ ଯେତେ ସମ୍ଭବ ସହଯୋଗ କରିଥାଆନ୍ତି। ୧୯୯୩ରେ ତାଙ୍କୁ ଏକ ଭଲ ଅଫରଟିଏ ମିଳିଥିଲା। ଗଣେଶ ଜୈନଙ୍କ ପ୍ରଯୋଜିତ ଏବଂ ଆବାସ-ମସ୍ତାନଙ୍କ ନିର୍ଦ୍ଦେଶିତ 'ବାଜିଗର'ର ମୁଖ୍ୟ ଭୂମିକାରେ ଅଭିନୟ କରିବାକୁ ତାଙ୍କୁ ପ୍ରଥମେ ଅଫର ଦିଆଯାଇଥିଲା। କିନ୍ତୁ କେତେକ କାରଣରୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ପରେ ଶାହରୁଖ ବାଜି ମାରିନେଇଥିଲେ ଏବଂ ଫିଲ୍ମଟି ତାଙ୍କ କ୍ୟାରିୟର ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

# ମଡେଲିଂରୁ ଅଭିନୟ

ଯାମି ଗୌତମ ଇତିମଧ୍ୟରେ ଘର ସଂସାର କରିସାରିଛନ୍ତି। ବିଶିଷ୍ଟ ନିର୍ଦ୍ଦେଶକ ଆଦିତ୍ୟ ଧରଙ୍କର ଏହି ଧର୍ମପତ୍ନୀ ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ପ୍ରଥମେ ମଡେଲିଂ ସହ ଜଡିତ ଥିଲେ। ୨୦୧୨ରେ ତାଙ୍କୁ ପ୍ରଥମେ ହିନ୍ଦୀ ସିନେମାରେ ବ୍ରେକ୍ ମିଳିଥିଲା, ଆଉ ତାଙ୍କର ଡେବ୍ୟୁ ଫିଲ୍ମଟିର ଟାଇଟଲ ଥିଲା 'ଭିକି ଡୋନର'। ଏଥିରେ ତାଙ୍କର ନାୟକ ସାଜିଥିଲେ ଆୟୁଷ୍ମାନ ଖୁରାନା। ମାତ୍ର ଚାରିକୋଟି ବଜେଟ୍‌ରେ ପ୍ରସ୍ତୁତ ଏହି ଫିଲ୍ମଟିର ବକ୍ସ ଅଫିସରେ ୬୮କୋଟି ଆୟ କରିବାରେ ସଫଳ ହୋଇଥିଲା। କିନ୍ତୁ ୨୦୧୦ରେ ସେ ପ୍ରଥମେ ବଡ ପରଦା କ୍ୟାରିୟର ଆରମ୍ଭ କରିଥିଲେ। 'ଉଲ୍ଲାସ ଉତ୍ସାହ' ଟାଇଟଲବିଶିଷ୍ଟ ଏକ କନ୍ନଡ ଫିଲ୍ମ ତାଙ୍କୁ ଏହି ସୁଯୋଗ ଦେଇଥିଲା। ଗତ ବର୍ଷ ତାଙ୍କ ଅଭିନୀତ 'ହକ୍' ବେଶ୍ ଦର୍ଶକାଦୃତ ହୋଇଥିଲା। ନିକଟରେ ରିଲିଜ ହୋଇଥିବା ତଥା ତାଙ୍କ ସ୍ୱାମୀ ଆଦିତ୍ୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ଧୁରନ୍ଧର-ଦ ରିଭେଞ୍ଜ'ରେ ଯାମି ଏକ କେମିଓ ରୋଲ୍‌ରେ ଅଭିନୟ କରିଛନ୍ତି। ନିଜ କ୍ୟାରିୟର ବିଷୟରେ ଯାମି କହନ୍ତି, ''ମୋ ବାପା ମୁକେଶ ଗୌତମ ଜଣେ ନିର୍ଦ୍ଦେଶକ। ତେଣୁ ଜଣେ ଅଭିନେତ୍ରୀ ହେବାର ଆଶା ମୋର ପିଲାଟି ଦିନରୁ ଥିଲା। ପୁଣି ଏପରି ସଂଯୋଗ ଜଣେ ନିର୍ଦ୍ଦେଶକଙ୍କ ସହ ମୁଁ ମଧ୍ୟ ଘର ସଂସାର କରିଛି।''


ଯାମି

# ଦୋଛକିରେ ପୂଜା

ପୂଜା ହେଗଡେ ଏବେ ଦୋଛକିରେ ପଡିଛନ୍ତି। ଗୋଟିଏ ବିଷୟରେ ନେଇ ସେ କି ନିଷ୍ପତ୍ତି ନେବେ ତାହା ଜାଣିପାରୁନାହାନ୍ତି। କଥା କ'ଣ କି ପୂଜାଙ୍କୁ ନିକଟରେ ଏକ ନୂଆ ଅଫର ମିଳିଛି। ଏଥିରେ ତାଙ୍କୁ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେବେ ଏନେଇ ସେ ଟିକେ ଦ୍ୱନ୍ଦ୍ୱରେ ପଡିଛନ୍ତି। କାରଣ ତାଙ୍କୁ ଏ ବିଷୟରେ ଶୀଘ୍ର ପ୍ରାକ୍-ପ୍ରସ୍ତୁତି ହେବାକୁ ପଡିବ। ''ମୋତେ ନିକଟରେ ଏକ ଭଲ ଅଫର ମିଳିଛି। ଏଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ହେବ। ସେ ନେଇ ମୁଁ ଟେନ୍‌ସନ୍‌ରେ ଅଛି। ଏହି ନୂଆ ପ୍ରୋଜେକ୍ଟରେ ମୋତେ ଘୋଡା ଉପରେ ବସି ଫାଇଟ୍ କରିବାକୁ ପଡିବ। ହେଲେ ଅସଲ କଥା ହେଲା ଘୋଡା ଚଢ଼ିବାକୁ ମୋତେ ଟିକେ ଡର ଲାଗେ। କାରଣ ପିଲାଦିନେ ମୁଁ ଏକଦା ଘୋଡା ଉପରେ ବସୁ ବସୁ ପଡିଯାଇଥିଲି। ସୌଭାଗ୍ୟ ବଶତଃ ମୋର କିଛି କ୍ଷତି ହୋଇ ନ ଥିଲା। ତେଣୁ ବର୍ତ୍ତମାନ ମୋର ବଡ ଟେନସନ ହେଉଛି ଘୋଡା ଚଢ଼ିବା। କିନ୍ତୁ ଆଶା ରଖିଛି ଦୃଢ଼ ମନରେ ଘୋଡା ଚଢ଼ି ଶଟ୍‌ଟି ଦେବି। ଏ ନେଇ ମୋତେ ଟିକେ ଅଭ୍ୟାସ କରିବାକୁ ପଡିବ। ଏ କ୍ଷେତ୍ରରେ ସବୁ ପ୍ରକାର ସହଯୋଗ କରିବାକୁ ଆମର ଆକ୍ସନ ମାଷ୍ଟର ମୋତେ କହିଛନ୍ତି।'' ତେବେ ପୂଜାଙ୍କର ଏହି ନୂଆ ଫିଲ୍ମର ଟାଇଟଲ ଫାଇନାଲ ହୋଇନାହିଁ। କେବଳ ସେତିକି ନୁହେଁ, ଏଥିରେ ତାଙ୍କ ଅପୋଜିଟ୍‌ରେ କିଏ ନାୟକ ସାଜିବ ତାହା ଆସନ୍ତା ସପ୍ତାହରେ ଫାଇନାଲ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।


ପୂଜା

# ଗୋଟିଏ ଫୁଲ କୋଟିଏ କଥା


ରାଜଗୋପାଳ ସିଂ


ଦିଲୀପ ହାଲି

ଫୁଲ ଭିତରେ ମଧ୍ୟ ଅନେକ କଥା ଲୁଚି ରହିଛି। ପୁଣି ସେହି କଥାଗୁଡିକ ସାମାଜିକ ବାର୍ତ୍ତା ବହନ କରିଥାଏ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ଦ୍ୱିଭାଷୀ (ଓଡ଼ିଆ-ଇଂଲିଶ) କ୍ଷୁଦ୍ର ଚଳଚ୍ଚିତ୍ର 'ଗୋଟିଏ ଫୁଲ କୋଟିଏ କଥା'। ଓଡ଼ିଆ ସିନେମା ଜଗତର ବରିଷ୍ଠ କ୍ରିଟିକ ଦିଲୀପ ହାଲି ଏହାର ପ୍ରଯୋଜନା କରିଛନ୍ତି। ଖାସ୍ କଥା ହେଲା ଚିତ୍ରଟି ନିକଟରେ ଷଷ୍ଠ ଶ୍ରୀଲଙ୍କା ଅନ୍ତର୍ଜାତୀୟ କ୍ଷୁଦ୍ର ଚଳଚ୍ଚିତ୍ର ଉତ୍ସବର କେତେକ କାଟେଗୋରିରେ ପୁରସ୍କାର ହାସଲ କରିବାରେ ସକ୍ଷମ ହୋଇଛି। ଫିଲ୍ମଟିକୁ ଶ୍ରେଷ୍ଠ ପ୍ରଯୋଜକ, ଶ୍ରେଷ୍ଠ ନିର୍ଦ୍ଦେଶକ ଏବଂ ଶ୍ରେଷ୍ଠ କାହାଣୀ, ଚିତ୍ରନାଟ୍ୟ ବିଭାଗରେ ପୁରସ୍କାର ମିଳିଛି। ଫିଲ୍ମ ବିଷୟରେ ଦିଲୀପ କହନ୍ତି, ''ଏଭଳି ଏକ କଥାବସ୍ତୁକୁ ନେଇ ଶର୍ଟ ଫିଲ୍ମଟିଏ ନିର୍ମାଣ କରିବାକୁ ଚିନ୍ତା କଲି। ତା'ପରେ ତାହାକୁ କିପରି ଠିକ୍ ଭାବରେ ଦୃଶ୍ୟାୟନ କରାଯାଇପାରିବ ସେ ବିଷୟରେ ଏହାର ନିର୍ଦ୍ଦେଶକ ଏବଂ ସିନେମାଟୋଗ୍ରାଫର ରାଜଗୋପାଳ ସିଂ (ମଣ୍ଟୁ ଦା')ଙ୍କ ସହ ଆଲୋଚନା କଲି। ମୋର ଦୃଢ଼ ବିଶ୍ୱାସ ଥିଲା ଯେ ଫିଲ୍ମଟି ନିଶ୍ଚୟ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ପୁରସ୍କାର ହାସଲ କରିବ। ଯାହାହେଉ ଏହା ସତରେ ପରିଣତ ହୋଇଛି। ଏହି ଫିଲ୍ମରେ ସାମ୍ପ୍ରତିକ ସମାଜ ପାଇଁ ଅନେକ ବାର୍ତ୍ତା ରହିଛି। '' ଏହି ଶର୍ଟ ଫିଲ୍ମର ଅବଧି ରହିଛି ମାତ୍ର ୧୦ ମିନିଟ୍। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିଶିଷ୍ଟ ସ୍ୱରକାର ବିକାଶ ଦାସ । ଦିଲୀପ ହାଲିଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା କରିଛନ୍ତି ଶୁଭେନ୍ଦୁ ମହାନ୍ତି। ଏହାର ବ୍ୟାକ୍‌ରାଉଣ୍ଡ ଭଏସ ଇଂଲିଶରେ ସୁଲଗ୍ନା ଦେଇଥିବା ବେଳେ ଓଡ଼ିଆ ଦାୟିତ୍ୱ ତୁଲାଇଛନ୍ତି ସରିତା ସାହୁ। ସୂଚନାଯୋଗ୍ୟ ଏହି ଫିଲ୍ମଟି ମଧ୍ୟ ଗୋଆ ଏବଂ କେରଳରେ ଆୟୋଜିତ ଚଳଚ୍ଚିତ୍ର ମହୋତ୍ସବରେ ମଧ୍ୟ ପୁରସ୍କୃତ ହୋଇଛି।

# ବ୍ୟସ୍ତ ଅଛନ୍ତି ପ୍ରିୟଙ୍କା

ପ୍ରିୟଙ୍କା ଚୋପ୍ରା ଏବେ ବ୍ୟସ୍ତ ଅଛନ୍ତି। କେହି କେହି ହୁଏତ ଭାବୁଥିବେ ଯେ, ସେ କୌଣସି ସିନେମାର ଶୁଟିଂକୁ ନେଇ ବ୍ୟସ୍ତ ଥିବେ। ହେଲେ ଅସଲ କଥା ସେଇଆ ନୁହେଁ। ଏବେ ସେ ନିଜକୁ ଏକ ନୂଆ କାମରେ ନିୟୋଜିତ ରଖିଛନ୍ତି। ତାହା ହେଲା କାହାଣୀ ଖୋଜିବା। ଶୁଣିବାକୁ ମିଳୁଛି ଯେ ବଲିଉଡ୍‌ର ଏକ ବଡ ବ୍ୟାନର ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତା'ସହ ସେ ଏହାର ଲିଡ୍ ରୋଲ୍‌ରେ ମଧ୍ୟ ଅଭିନୟ କରିବେ। ଏ ବିଷୟରେ ପ୍ରିୟଙ୍କା କହନ୍ତି, ''ଏକଥା ସତ ଯେ ମୁଁ ଏବେ ଏକ କାହାଣୀ ସନ୍ଧାନରେ ରହିଛି। ଅସଲ କଥା ହେଲା, ବର୍ତ୍ତମାନ ସମାଜରେ ଏକ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏଥିରେ ଜଣେ ମହିଳାଙ୍କର ଭୂମିକା କ'ଣ ରହୁଛି ତାହା କଥାବସ୍ତୁର ମୁଖ୍ୟ ପ୍ରସଙ୍ଗ ରହିବ। ତେବେ ସେଭଳି ବିଷୟକୁ ନେଇ କାହାଣୀଟିଏ ଖୋଜୁଛି। ଆଶା ରଖିଛି ମୋର ଏହି ମିଶନ ଖୁବ୍ ଶୀଘ୍ର ଶେଷ ହେବ। ହେଲେ ଏ ବିଷୟରେ ସବିଶେଷ କଥା ଜାଣିବାକୁ ଆଉ କିଛି ସପ୍ତାହ ଅପେକ୍ଷା କରିବାକୁ ପଡିବ। ଏହାକୁ ନେଇ ଏଣୁତେଣୁ ଅନେକ କଥା ଆଲୋଚନା ହେଉଛି। ହେଲେ ତା'ପଛରେ ଟିକିଏ ହେଲେ ସତ୍ୟତା ନାହିଁ। ଏହା ସିନେମାର ରୂପ ନେଲେ ମୁଁ ମୁଖ୍ୟ ଭୂମିକାରେ ଅଭିନୟ କରିବି।'' ତେବେ ପ୍ରିୟଙ୍କା କିପରି କାହାଣୀଟିଏ ଚୟନ କରୁଛନ୍ତି ଆଉ ତାହା ସିନେମାର ରୂପ ନେବା ପରେ ଦର୍ଶକ କେତେ ପ୍ରଭାବିତ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।


ପ୍ରିୟଙ୍କା

# ଧରିତ୍ରୀ
DHARITRI


ଧରିତ୍ରୀ 52 Years

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୨୬/୨୦୨୬ Bhubaneswar, Thursday, March 26/ 2026









ମହିଳା ହାଇଜମ୍ପ ଇଭେଣ୍ଟର ପଦକ ବିଜେତା।



ମହିଳା ୪୦୦ ମିଟର ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ସୁଖୀ ବାସ୍କି (ବାମରୁ ତୃତୀୟ)।

# ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଉଦ୍‌ଯାପିତ

**ଭୁବନେଶ୍ୱର,୨୫।୩ (ଅନାଦି କର)**

ଆଇକନିକ୍ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାର ଅନ୍ତିମ ଦିନରେ ଓଡ଼ିଶାର ଆଥଲେଟ୍‌ମାନେ ୨ ସ୍ୱର୍ଣ୍ଣ ଓ ୫ ରୌପ୍ୟ ସହ ମୋଟ ୯ ପଦକ ଜିତିଛନ୍ତି। ଏଥିଯୋଗୁ ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ଓଡ଼ିଶାର ପଦକ ସଂଖ୍ୟା ୧୫ରେ ପହଞ୍ଚିଛି। ପଦକ ତାଲିକାରେ ୪ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୩ ବ୍ରୋଞ୍ଜ ରହିଛି। ପ୍ରତିଯୋଗିତାରେ ମୋଟ ୩୬ ଇଭେଣ୍ଟରେ ୨୭୮ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଓଡ଼ିଶାରୁ ୧୩ ମହିଳାଙ୍କ ସମେତ ୩୩ ଆଥଲେଟ୍ ଭାଗ ନେଇଥିଲେ।



୪୦୦ ମିଟର ଦୌଡ଼ ବିଜେତା ମହମ୍ମଦ ସିନାନ।

ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ସମରକଳା ଓ ପାରମ୍ପରିକ ନୃତ୍ୟ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୱାର୍ଲ୍ଡ ଆଥଲେଟିକ୍ସ ଉପ ସଭାପତି ଆଡିଲ ସୁମାରିୱାଲା, କ୍ରୀଡ଼ା ନିର୍ଦ୍ଦେଶକ ୟେଦୁଲା ବିଜୟ ପ୍ରମୁଖ ଉପସ୍ଥିତ ଥିଲେ।

## ପୁରୁଷ ଟ୍ରିପଲ ଜମ୍ପ: ନରେଶଙ୍କୁ ବ୍ରୋଞ୍ଜ୍

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ଅନୁଷ୍ଠିତ ପୁରୁଷ ଟ୍ରିପଲ ଜମ୍ପ ଇଭେଣ୍ଟରେ ଓଡ଼ିଶାର ନରେଶ ରୋହିଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ବୁଧବାର ଅନୁଷ୍ଠିତ ଫାଇନାଲରେ ୧୩.୯୨ ମିଟର ଦୂରତା ହାସଲକରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ନେଭିର ବିମଲ ମୁକେଶ ଥାମିଝ ୧୫.୪୧ ମି. ଦୂରତା ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ତାମିଲନାଡୁର ରବିନସନ ଏସ୍ (୧୪.୬୭ ମି.) ରୌପ୍ୟ ପଦକ ଅକ୍ତିଆର କରିଥିଲେ।



ପୁରୁଷ ଟ୍ରିପଲ ଜମ୍ପରେ ବ୍ରୋଞ୍ଜ ପଦକ ପାଇଥିବା ଓଡ଼ିଶାର ନରେଶ ରୋହିଦାସ (ବାମରୁ ତୃତୀୟ)।

## ମହିଳା ୪୦୦ ମି.: ସୁଖୀଙ୍କୁ ରୌପ୍ୟ

ଓଡ଼ିଶାର ସୁଖୀ ବାସ୍କି ମହିଳା ୪୦୦ ମି. ଦୌଡ଼ ଇଭେଣ୍ଟରେ ରୌପ୍ୟ ପଦକ ଜିତିଛନ୍ତି। ସେ ୫୫.୬୭ ସେ. ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଉତ୍ତର ପ୍ରଦେଶର କୁମାରୀ ସଲୋନି ଏନ୍(୫୩.୭୩ ସେ.) ସ୍ୱର୍ଣ୍ଣ ପଦକ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷରେ ପୁରୁଷ ୪୦୦ ମି. ଦୌଡ଼ରେ ଆର୍ଯ୍ୟନ ଏକ୍କା (୪୯.୮୫) ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିଭଳି ୨୦ ବର୍ଷରୁ କମ୍ ମହିଳା ୪୦୦ ମି. ଇଭେଣ୍ଟରେ ଅର୍ପିତା ପ୍ରିୟଦର୍ଶିନୀ (୧:୦୦.୪୮ ସେ.) ରୌପ୍ୟ ପଦକ ହାତେଇଛନ୍ତି।

## ସ୍ୱାଧୀନଙ୍କୁ ହାଇଜମ୍ପ ଟାଇଟଲ

ପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନରେ ଓଡ଼ିଶାର ସ୍ୱାଧୀନ କୁମାର ମାଝୀ ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ପୁରୁଷ ହାଇଜମ୍ପ ଇଭେଣ୍ଟରେ ୨.୧୮ ମି. ଉଚ୍ଚତା କ୍ଲିୟର କରିଥିଲେ। ୨.୨୦ ମି. ଉଚ୍ଚତା କ୍ଲିୟର କରିବାରେ ବିଫଳ ହେବା ସତ୍ତ୍ୱେ ସେ ସ୍ୱର୍ଣ୍ଣ ପଦକ ହାତେଇଛନ୍ତି। ଫେଭରାଇଟ ସର୍ବେଶ କୁଶାରେ(୨.୧୫ ମି.) ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

**୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼**

## ଓଡ଼ିଶାକୁ ସ୍ୱର୍ଣ୍ଣ ସହ ଦୁଇ ପଦକ

ଚଳିତ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିନ ତଥା ବୁଧବାର ଅନୁଷ୍ଠିତ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ ଇଭେଣ୍ଟରେ ଓଡ଼ିଶାକୁ ଦୁଇଟି ପଦକ ମିଳିଛି। ଓଡ଼ିଶାର ମଳୟ ବାରିକ ସ୍ୱର୍ଣ୍ଣ ଓ ବାପି ହାଂସ୍‌ଦା ବ୍ରୋଞ୍ଜ୍ ପଦକ ଅକ୍ତିଆର କରିଛନ୍ତି। ମଳୟ ୪୮.୯୮ ସେକେଣ୍ଡ ଟାଇମିଂ ସହ ପୋଡିୟମରେ ଶୀର୍ଷରେ ରହିଥିବା ବେଳେ ବାପି ୪୯.୨୭ ସେ.ରେ ରେସ୍ ଶେଷକରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ଇଞ୍ଜୁରିରୁ ପ୍ରତ୍ୟାବର୍ତ୍ତନ କରିବା ପରେ ଏହା ବାପିଙ୍କ ଲାଗି କୌଣସି ଜାତୀୟସ୍ତରର ଇଭେଣ୍ଟରେ ପ୍ରଥମ ପଦକ। ଏହାପରେ ସେ ୨୦ ବର୍ଷରୁ କମ୍ ପୁରୁଷ ୪୦୦ ମି. ଦୌଡ଼ରେ ୪୯.୨୭ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଛନ୍ତି।

## ୨୦ ବର୍ଷରୁ କମ୍ ୩୦୦୦ ମି: ସ୍ୱର୍ଣ୍ଣ ଜିତିଲେ ଦୋଳମଣି

ଓଡ଼ିଶାର ଦୋଳମଣି ଚିରଗୁନ ୨୦ ବର୍ଷରୁ କମ୍ ପୁରୁଷ ୩୦୦୦ ମି. ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ଏହି ଇଭେଣ୍ଟକୁ ୮:୩୯.୧୩ ସେ. ଟାଇମିଂ ସହ ଫିନିଶ୍ କରି ପୋଡିୟମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ କେରଳର ବିଟୋ ଯୋଶେଫ୍(୮:୪୦.୩୨ ସେ.) ରୌପ୍ୟ ପଦକ ଜିତିଛନ୍ତି।

## ନିରାଶ କଲେ ଅନିମେଶ, ଲାଲୁଙ୍କୁ ରେକର୍ଡ ସହ ରୌପ୍ୟ

**ପୁରୁଷ ୬୦ ମି. ଫାଇନାଲରେ ହାଇଡ୍ରାମା**

ଜାତୀୟ ଇନଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୁରୁଷ ୬୦ ମିଟର ଦୌଡ଼ ଇଭେଣ୍ଟ ଫାଇନାଲରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ହୁଟର ବାଜିବା ପୂର୍ବରୁ ଦୌଡ଼ିବା ପାଇଁ ୩ ଧାବକଙ୍କୁ ଡିସକ୍ୱାଲିଫାଏ କରାଯାଇଥିଲା। ଡିସକ୍ୱାଲିଫାଏ ହୋଇଥିବା ଧାବକଙ୍କ ମଧ୍ୟରେ ଜାତୀୟ ରେକର୍ଡଧାରୀ ତଥା ହୋମ ଫେଭରାଇଟ୍ ଅନିମେଶ କୁଜୁର ମଧ୍ୟ ରହିଥିଲେ। ୩ ଧାବକ ଡିସକ୍ୱାଲିଫାଏ ହେବାରୁ ୩ ପଦକ ଲାଗି ୪ ଧାବକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଓଡ଼ିଶାର ଲାଲୁ ପ୍ରସାଦ ୬.୬୫ ସେ. ଟାଇମିଂ ସହ ରୌପ୍ୟ ପଦକ ଜିତିଥିବା ବେଳେ ରିଲାଏନ୍ସର ଗୁରିନ୍ଦରବୀର ସିଂ (୬.୬୦ ସେ.) ସ୍ୱର୍ଣ୍ଣ ପଦକ ହାତେଇଥିଲେ। ଦୁହେଁ ଜାତୀୟ ରେକର୍ଡ ଭଙ୍ଗ କରିଥିଲେ। ପୂର୍ବରୁ ଏହି ରେକର୍ଡ କାଜଲ ହିରାବାଇ (୬.୬୭ ସେ.)ଙ୍କ ନାମରେ ଥିଲା।

## ଏଲ୍‌ଏଲ୍‌ସିସି ବିଜୟୀ

**ଭୁବନେଶ୍ୱର,୨୫।୩(ଅନାଦି କର)**

ସ୍ଥାନୀୟ ଆଇଆର୍‌ସିରେ ଚାଲିଥିବା ୧୪ ବର୍ଷରୁ କମ୍ ୫ମ ଏଲ୍‌ଏଲ୍‌ସିସି କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ଏଲ୍‌ଏଲ୍‌ସିସି ୨୧ ରନ୍‌ରେ ସୋଲାର କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଏଲ୍‌ଏଲ୍‌ସିସି ୩୫ ଓଭରରେ ୧୯୪ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପାଇଁ ପୁପୁନ ବେହେରା ୬୪ ଓ ରୋହିତ ବିଭାର ୫୦ ରନ୍ କରିଥିଲେ। ବୋଲିଂରେ ବୀରଭଦ୍ର ସାହୁ ୪ ଓ ଆକାଶ ଗୁଡୁ ୨ ଉଇକେଟ ନେଇଥିଲେ। ଜବାବରେ ସୋଲାର କ୍ରିକେଟ କ୍ଲବ୍ ୩୧.୨ ଓଭରରେ ୧୭୩ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ଦଳ ପକ୍ଷରୁ ଆୟୁଷ ରାଉତ ୪୦ ଓ ଶାଶ୍ୱର ଗିରି ୩୨ ରନ୍ କରିଥିଲେ। ବିଜୟୀ ଦଳ ପାଇଁ ଆର୍ଯ୍ୟନ ପାଢଶାଣୀ ଓ ମୋହିତ ପଙ୍କଜ ସାହୁ ୩ଟି ଲେଖାଏ ଉଇକେଟ ନେଇଥିଲେ। ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ ପାଇଁ ମୋହିତ ପଙ୍କଜ ସାହୁଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।




ପ୍ଲେୟର ଅଫ୍ ଦି ମ୍ୟାଚ୍ ମୋହିତ ପଙ୍କଜ ସାହୁଙ୍କୁ ପୁରସ୍କୃତ କରାଯାଉଛି।

## ଭାରତ କ୍ୟାମ୍ପରେ ନେପାଳ ଡିଫେଣ୍ଡର ଅବନୀତ

**ନୂଆଦିଲ୍ଲୀ, ୨୫।୩ (ପି.ଟି.):** ହଂକଂ ବିପକ୍ଷ ଏଏଫ୍‌ସି ଏସିଆନ କପ୍ କ୍ୱାଲିଫାୟର ପୂର୍ବରୁ କୋଚିଠାରେ ଭାରତୀୟ ସିନିୟର ପୁରୁଷ ଫୁଟ୍‌ବଲ ଦଳର ଏକ କୋଚିଂ କ୍ୟାମ୍ପ ଆୟୋଜନ କରାଯାଇଛି। ଏଥିରେ ନେପାଳଜନ୍ମିତ ଡିଫେଣ୍ଡର ଅବନୀତ ଭାରତୀ ଯୋଗଦାନ କରିଥିବା ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ବୁଧବାର ସୂଚନା ଦିଆଯାଇଛି। ର୍ୟାନ୍ ୱିଲିୟମ୍ସଙ୍କୁ ଦଳରେ ସାମିଲ କରିବାର ଦିନକ ପରେ ଏକଥା ନଜରକୁ ଆସିଛି। ବର୍ତ୍ତମାନ ପ୍ରଥମଥର ଭାରତୀୟ ଦଳରେ ଦୁଇ ବିଦେଶଭିତ୍ତିକ ଖେଳାଳି ସ୍ଥାନ ପାଇଛନ୍ତି। ୨୭ ବର୍ଷୀୟ ଡିଫେଣ୍ଡର ଅବନୀତ ଏବଂ ୩୨ ବର୍ଷୀୟ ୱିଙ୍ଗର ୱିଲିୟମ୍ସ ନିକଟରେ ଭାରତୀୟ ପାସ୍‌ପୋର୍ଟ ହାସଲ କରିଛନ୍ତି। ଫିଫା କ୍ଲିୟରାନ୍ସ ହାସଲରେ ବିଳମ୍ବ ଯୋଗୁ ୱିଲିୟମ୍ସ ବାଂଲାଦେଶ ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ବେଙ୍ଗାଲୁରୁ ଏଫ୍‌ସିର ଏହି ଖେଳାଳି ମାର୍ଚ୍ଚ ୩୧ରେ ହଂକଂ ବିପକ୍ଷରେ ଭାରତ ତରଫରୁ ତାଙ୍କର ପ୍ରଥମ ପଦାର୍ପଣ ମ୍ୟାଚ୍ ଖେଳିବେ। ମାତ୍ର ସାଉଦି ଆରବରେ ହେବାକୁଥିବା ୨୦୨୭ ଏଫ୍‌ସି ଏସିଆନ୍ କପ୍ ଦୌଡ଼ରୁ ଭାରତ ବାଦ୍ ପଡ଼ିସାରିଛି।

## ନିଶାନ୍ତଙ୍କ ଶତକ; ରୟାଲ କ୍ଲବ୍ ବିଜୟୀ

**କଟକ,୨୫।୩(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ ଆୟୋଜିତ କ୍ଲବ ଲିଗ୍‌ରେ ବୁଧବାର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରୟାଲ କ୍ଲବ ୮ ଉଇକେଟରେ ମଙ୍ଗଳା କ୍ଲବକୁ ପରାସ୍ତ କରିଛି। ଟସ୍ ହାରିଥିବା ମଙ୍ଗଳା କ୍ଲବ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇଥିଲା। ଗୁରୁଦୀପନ ଜେନାଙ୍କ ୬୦ ରନ୍ ସହାୟତାରେ ଦଳ ସମସ୍ତ ଉଇକେଟ ହରାଇ ୨୨୩ ରନ୍ ସଂଗ୍ରହ କରିଥିଲା। ରୟାଲ ପକ୍ଷରୁ ଶାନ୍ତନୁ ମିଶ୍ର ସର୍ବାଧିକ ୩ ଉଇକେଟ ଦଖଲ କରିଥିଲେ। ତେବେ ୨୩.୩ ଓଭରରେ ୨ ଉଇକେଟ ହରାଇ ରୟାଲ କ୍ଲବ ବିଜୟଲକ୍ଷ୍ୟ ହାସଲ କରିନେଇଥିଲା। ନିଶାନ୍ତ କୁଶ୍‌ୱା ୫୯ ବଲ୍‌ରୁ ୧୪୪ ରନ୍‌ର ମ୍ୟାଚ୍ ବିଜୟୀ ଶତକୀୟ ଇନିଂସ୍ ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଶାନ୍ତନୁ ୫୦ ରନ୍‌ର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସନ୍‌ସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ଜୁଭେନାଇଲ କ୍ଲବ ୯ ଉଇକେଟରେ ରାଇଜିଂ ଷ୍ଟାର୍‌କୁ ପରାସ୍ତ କରିଥିଲା। ରାଇଜିଂ ଷ୍ଟାର୍‌ର ଇନିଂସ୍ ୧୪୭ ରନ୍‌ରେ ସୀମିତ ରହିଥିଲା। ଜୁଭେନାଇଲ ପକ୍ଷରୁ ତରଣୀ ସ' ଏବଂ ସୁମିତ ଶର୍ମା ୩ଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାକେଶ ପଟ୍ଟନାୟକ ୩୬ ବଲ୍‌ରୁ ୮୯ ରନ୍ ସଂଗ୍ରହକରି ଜୁଭେନାଇଲକୁ ସହଜ ବିଜୟ ପ୍ରଦାନ କରିଥିଲେ। ଡ୍ରିମ୍ସ ଗ୍ରାଉଣ୍ଡରେ ବାରବାଟୀ କଲ୍‌ଚରାଲ ୟୁନିୟନ ୮ ଉଇକେଟରେ ଟାଉନ କ୍ଲବ୍‌କୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ କ୍ଲବ ୧୭୬ ରନ୍‌ରେ ଅଲ୍‌ଆଉଟ ହୋଇଯାଇଥିଲା। ଶୁଭମ୍ ସାସ୍‌ମଲ ସର୍ବାଧିକ ୪୯ ରନ୍ କରିଥିଲେ। ବାରବାଟୀ କଲ୍‌ଚରାଲ ୟୁନିୟନ୍‌ର ଅନିରୁଦ୍ଧ ଶ୍ରୀବାସ୍ତବ ୨୨ ରନ୍ ବ୍ୟୟକରି ୫ଟି ଉଇକେଟ ଅକ୍ତିଆର କରିଥିଲେ। ମରୋଜୁ ପ୍ରଶାନ୍ତ(୩୭ ବଲ୍‌ରୁ ୮୭ ରନ୍) ଏବଂ ଜସ୍‌ମିତ ନୈନ(୨୦ବଲ୍, ୫୮ ରନ୍) ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ୧୨.୫ ଓଭରରେ ବାରବାଟୀ କଲ୍‌ଚରାଲ ୟୁନିୟନ୍‌କୁ ଜିତାଇଥିଲେ। ୫ ଉଇକେଟ ସଫଳତା ପାଇଥିବା ଅନିରୁଦ୍ଧ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ବୁଧବାର ଖେଳାଯାଇଥିବା ଅନ୍ୟ ଏକ ଲିଗ୍ ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୬ ଉଇକେଟରେ କିଶୋର କ୍ଲବ୍‌କୁ ହରାଇ ଦେଇଛି।




ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁମିତ କୁମାରଙ୍କୁ ପୁରସ୍କୃତ କରାଯାଉଛି।

**ଓସିଏ କ୍ଲବ ଲିଗ୍**


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ